# ଧରିତ୍ରୀ
# DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୯/୨୦୨୦ (୨୦ ପୃଷ୍ଠା) | Bhubaneswar, Thursday, March 19/2020 | ★★★★

୪୬ଶ ଭାଗ ୧୧୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-










ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ଏମ୍‌ପି ସୁରେଶ ପ୍ରଭୁ ହୋମ୍ କ୍ୱାରାଣ୍ଟାଇନରେ ଅଛନ୍ତି। ମାର୍ଚ୍ଚ ୧୦ରେ ସେ ସୌଦି ଆରବରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇ ଫେରିଥିଲେ। ଫେରିବା ପରେ ସେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ନିଜ ଘରେ କ୍ୱାରାଣ୍ଟାଇନରେ ଅଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଭି. ମୁରଲୀଧରନ୍ କରୋନା ସଂକ୍ରମିତ ଥିବା ଏକ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ ଗସ୍ତକରି ଫେରିବା ପରେ ଦିଲ୍ଲୀସ୍ଥିତ ବାସଭବନରେ କ୍ୱାରାଣ୍ଟାଇନରେ ଅଛନ୍ତି। ପରୀକ୍ଷାରେ ତାଙ୍କର ନେଗେଟିଭ୍ ବାହାରିଛି।

# କ୍ଷମତା ପାଇଁ ରିସର୍ଟ ରାଜନୀତି

ରାଜ୍ୟଗୁଡ଼ିକରେ ଖଣ୍ଡିତ ଜନାଦେଶ ଯୋଗୁ ସୃଷ୍ଟି ହେଉଥିବା ଝୁଲା ବିଧାନସଭାର ପରବର୍ତ୍ତୀ ସ୍ଥିତି ହେଉଛି ଯୋଗାଡ଼ିଆ ସରକାର, ଯାହାକୁ କ୍ଷମତା ରାଜନୀତିରେ ମେଣ୍ଟ ବା ମହାମେଣ୍ଟ ସରକାର ବୋଲି କୁହାଯାଉଛି। ପରସ୍ପର ବିରୋଧାଭାସୀ ବିଚାରଧାରାର ଦଳଗୁଡ଼ିକକୁ ନେଇ ଗଠନ ହେଉଥିବା ଏପରି ସରକାର ପୂରା ୫ ବର୍ଷ ତିଷ୍ଠି ପାରୁନାହିଁ। ସରକାର ଗଠନର କିଛି ମାସ ପରେ ଦେଖାଦେଉଛି ଅଚଳାବସ୍ଥା। ଅନେକ ସମୟରେ କ୍ଷମତା ପାଇଁ ବ୍ୟଗ୍ର ବିରୋଧୀ ଆପଣାଉଛନ୍ତି ଅସାଧୁ ଉପାୟ। ସଂଖ୍ୟାଗରିଷ୍ଠତା ନ ପାଇ କ୍ଷମତା ଦଖଲ କରିଥିବା ବଡ଼ ଦଳ ଓ ବିରୋଧୀ ଦଳ ମଧ୍ୟରେ ଦେଖିବାକୁ ମିଳୁଛି ଛକାପଞ୍ଝା। ବିଧାୟକମାନେ ବସ୍ ଓ ଚାର୍ଟାର୍ଡ ପ୍ଲେନ୍‌ରେ ବୁହାହୋଇ ଅନ୍ୟ ରାଜ୍ୟର ରିସର୍ଟଗୁଡ଼ିକୁ ଯିବାର ଲଜ୍ଜାକର ଦୃଶ୍ୟ ବିଭିନ୍ନ ସମୟରେ ଟିଭି ପରଦାରେ ଦେଖିବାକୁ ମିଳିଥାଏ। କ୍ଷମତା ହାତେଇବା ପାଇଁ ଏହା ଏବେ ପାଲଟିଛି ଘୋଡ଼ାବେପାର ବା ବିଧାୟକ ଶିକାରର ଏକ ନୂଆ ଟ୍ରେଣ୍ଡ।



ମଧ୍ୟପ୍ରଦେଶର କଂଗ୍ରେସ ବିଧାୟକମାନେ ଥିବା ବେଙ୍ଗାଲୁରୁସ୍ଥିତ ରାମାଦା ହୋଟେଲ।

## କର୍ଣ୍ଣାଟକ ପାଲଟିଛି ରାଜନୈତିକ ପର୍ଯ୍ୟଟନସ୍ଥଳୀ

ବେଙ୍ଗାଲୁରୁ,୧୮।୩

ମଧ୍ୟପ୍ରଦେଶ କଂଗ୍ରେସର ବିଦ୍ରୋହୀ ବିଧାୟକମାନଙ୍କୁ ବେଙ୍ଗାଲୁରୁସ୍ଥିତ ଏକ ରିସର୍ଟରେ ରଖାଯାଇଛି। ବିଧାୟକମାନଙ୍କୁ ବିଭିନ୍ନ ରାଜ୍ୟର ରିସର୍ଟଗୁଡ଼ିକରେ ମେଳିକରି ରଖିବା କିଛି ଦଶନ୍ଧି ମଧ୍ୟରେ ଦେଖିବାକୁ ମିଳିଥିଲେ ହେଁ କର୍ଣ୍ଣାଟକ ରାଜନୈତିକ ପର୍ଯ୍ୟଟନର ଏପିସେଣ୍ଟର ବା କେନ୍ଦ୍ରସ୍ଥଳ ପାଲଟିଛି। ୧୯୮୩ରେ ରାମକୃଷ୍ଣ ହେଗ୍‌ଡେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଥିବାବେଳେ ଏହି ଧାରା ଆରମ୍ଭ ହୋଇଥିଲା। ତତ୍କାଳୀନ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ବିଧାୟକମାନଙ୍କୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କଠାରୁ ସୁରକ୍ଷା ଦେବା ପାଇଁ ସେ ଦାବି କରିଥିଲେ। ୧୯୮୪ରେ ହେଗ୍‌ଡେଙ୍କ ଘନିଷ୍ଠ ବନ୍ଧୁ ରାମାରାଓ ଆସ୍ଥାଭୋଟର ସମ୍ମୁଖୀନ ହେବା ପୂର୍ବରୁ ନିଜ ବିଧାୟକମାନଙ୍କୁ ବେଙ୍ଗାଲୁରୁକୁ ନେଇଥିଲେ। ସେମାନଙ୍କୁ ନନ୍ଦୀ ହିଲ୍ସ ରିସର୍ଟରେ ପ୍ରାୟ ମାସେ ଧରି ରଖାଯାଇଥିଲା। ଏହା ପରେ ୨୦୦୨ରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ


୨୦୧୯ରେ ଜେଡିଏସ୍ ବିଧାୟକମାନଙ୍କୁ ବସ୍‌ରେ ନିଆଯାଇଥିଲା।

ବିଳାସରାଓ ଦେଶମୁଖ ଶକ୍ତିପରୀକ୍ଷାରେ ପାସ୍ କରିବା ଲାଗି ତାଙ୍କ ବିଧାୟକମାନଙ୍କୁ ବେଙ୍ଗାଲୁରୁର ଏକ ହୋଟେଲରେ ରଖିଥିଲେ। ୨୦୦୬ରୁ ୨୦୧୩ ମଧ୍ୟରେ ବି.ଏସ୍. ୟେଦୁରପ୍ପା ଏବଂ ଏଚ୍. ଡି. କୁମାରସ୍ୱାମୀଙ୍କ ସମୟରେ ରିସର୍ଟ ପଲିଟିକ୍ସ ଜୋର୍ ଧରିଥିଲା। ୨୦୦୯ରୁ ୨୦୧୩ ମଧ୍ୟରେ କର୍ଣ୍ଣାଟକରେ ଭାଜପା ପ୍ରଥମଥର ପାଇଁ କ୍ଷମତାସୀନ ହୋଇଥିବାବେଳେ ସର୍ବାଧିକ ରିସର୍ଟ ରାଜନୀତି ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ୨୦୦୮ରେ ଭାଜପା ନିକଟରେ ସଂଖ୍ୟାଗରିଷ୍ଠତା ପାଇଁ ସଂଖ୍ୟାବଳ ନ ଥିବାରୁ ସ୍ୱାଧୀନ ବିଧାୟକଙ୍କ ସମେତ କଂଗ୍ରେସ ଏବଂ ଜେଡିଏସ୍ ସଦସ୍ୟମାନଙ୍କୁ ପ୍ରଲୋଭିତ କରି ନିଜ ସପକ୍ଷକୁ ଆଣିଥିଲା। ମାଇନିଂ ବାରୋନ୍ ଜି. ଜନାର୍ଦ୍ଦନ ରେଡ୍ଡୀ ଓ ଅରବିନ୍ଦ ଲିମ୍ବାଭଲିଙ୍କ ସହଯୋଗରେ ୟେଦୁରପ୍ପା ବିଦ୍ରୋହୀ ଓ ନିଜ ବିଧାୟକମାନଙ୍କୁ ରିସର୍ଟକୁ ନେଇଥିଲେ। ଏହାର ୨ ବର୍ଷ ପରେ ବଲ୍ଲାରି ରେଡ୍ଡୀ ବ୍ରଦର୍ସ ୟେଦୁରପ୍ପାଙ୍କ ଉପରେ ଅସନ୍ତୁଷ୍ଟ ହୋଇ ୧୮ ଭାଜପା ବିଧାୟକଙ୍କୁ ଏକ ହୋଟେଲକୁ ନେଇଯାଇଥିଲେ। ଏହା ୟେଦୁରପ୍ପା ସରକାରଙ୍କୁ ପତନର ଦ୍ୱାରଦେଶରେ ପହଞ୍ଚାଇଥିଲା। କଂଗ୍ରେସ ଏବଂ ଜେଡିଏସ୍ ମଧ୍ୟ ଘୋଡ଼ାବେପାର ଭୟରେ ନିଜ ବିଧାୟକମାନଙ୍କୁ ଅନ୍ୟ ଏକ ରିସର୍ଟରେ ରଖିଥିଲେ। ୟେଦୁରପ୍ପାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ସେ କ୍ଷମତାଚ୍ୟୁତ ହୋଇଥିଲେ। ତେବେ ସେ ନିଜ ଅନୁଗତ ବିଧାୟକମାନଙ୍କୁ ଏକ ରିସର୍ଟରେ ରଖି ଜଗଦୀଶ ଶେଟ୍ଟାରଙ୍କ ପରିବର୍ତ୍ତେ ସଦାନନ୍ଦ ଗୌଡ଼ାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଉ ବୋଲି ଦାବି କରିଥିଲେ। ୨୦୧୨ରେ ଏହି ସ୍ଥିତି ବଦଳିଯାଇଥିଲା, ଯେତେବେବେଳେ ୟେଦୁରପ୍ପା ପୁଣିଥରେ ନିଜ ଅନୁଗତଙ୍କୁ ରିସର୍ଟରେ ରଖି ସଦାନନ୍ଦ ଗୌଡ଼ାଙ୍କୁ ହଟାଇ ଶେଟ୍ଟାରଙ୍କୁ ମୁଖ୍ୟମନ୍ତ୍ରୀ କରାଇଥିଲେ। ଏହି ପଦକ୍ଷେପଗୁଡ଼ିକ କର୍ଣ୍ଣାଟକକୁ ଘୋଡ଼ାବେପାର ଓ ନିର୍ବାଚିତ ସରକାରକୁ ହଟାଇବା ଲାଗି ପ୍ରମୁଖ କେନ୍ଦ୍ରରେ ପରିଣତ କରିଥିଲା। ଏପରି ଭାବେ କ୍ଷମତା ରାଜନୀତିରେ କର୍ଣ୍ଣାଟକ ଅଦ୍ୟାବଧି ସବୁଠୁ ବଡ଼ ଟୁରିଜମ୍ ଡେଷ୍ଟିନେଶନ ବା ପର୍ଯ୍ୟଟନସ୍ଥଳୀ ପାଲଟିଛି। ୧୯୮୮ରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଆର୍. ବୋମାଇ ତାଙ୍କ ସରକାରକୁ ବରଖାସ୍ତ କରିବା ନେଇ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୧୯୯୪ରେ ଏହି ଐତିହାସିକ ମାମଲାର ରାୟ ଆସିଥିଲା। ଆଧୁନିକ ସମୟର ରିସର୍ଟ ରାଜନୀତି ପାଇଁ ଏହା ଥିଲା ଏକ ନିର୍ଣ୍ଣାୟକ ମାମଲା। ସେତେବେଳେ ସର୍ବୋଚ୍ଚ ଅଦାଲତ କହିଥିଲେ, ମନ୍ତ୍ରୀ ପରିଷଦ ଗୃହର ଆସ୍ଥା ହରାଇଛନ୍ତି କି ନାହିଁ ତାହା ରାଜ୍ୟପାଳ ସ୍ଥିର କରିପାରିବେ ନାହିଁ। ଅର୍ଥାତ୍ ଏକ ରାଜ୍ୟର ନିର୍ବାଚିତ ସରକାରଙ୍କୁ ବରଖାସ୍ତ କରିବା ପାଇଁ ରାଜ୍ୟପାଳଙ୍କ ଅଫିସକୁ କେନ୍ଦ୍ର ବ୍ୟବହାର କରିପାରିବ ନାହିଁ। ଇତିମଧ୍ୟରେ ଭାଜପା ଅନୁରୂପ ଭାବେ ହୋଟେଲ ରାଜନୀତିର ଆଶ୍ରୟ ନେଇ ଏଚ୍.ଡି. କୁମାରସ୍ୱାମୀ ସରକାରର ପତନ ଘଟାଇବାରେ ସକ୍ଷମ ହୋଇଥିଲା। ସେଠାରେ ଏବେ ୟେଦୁରପ୍ପାଙ୍କ ସରକାର ଚାଲିଥିବାବେଳେ ଏସ୍.ଆର୍. ବୋମାଇଙ୍କ ପୁଅ ବାସବରାଜ ବୋମାଇ ଗୃହମନ୍ତ୍ରୀ ଅଛନ୍ତି। ଗତ ୧୯ ତାରିଖରେ ମଧ୍ୟପ୍ରଦେଶର ୧୯ ବିଦ୍ରୋହୀ ବିଧାୟକଙ୍କୁ ବେଙ୍ଗାଲୁରୁ ନିଆଯାଇଥିବାବେଳେ ବାସବରାଜ ସେମାନଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେବା ଏକ ବିଡ଼ମ୍ବନା ବୋଲି କୁହାଯାଉଛି।

## ବସ୍‌ରେ ବୁହାହୋଇ ହୋଟେଲକୁ ଯାଆନ୍ତି ବିଧାୟକ

### ହରିୟାଣା

୧୯୮୨ରେ ହରିୟାଣାରେ କଂଗ୍ରେସକୁ ଚ୍ୟାଲେଞ୍ଜ ଦେଇ ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି) ଉପରକୁ ଉଠିଥିଲା। ନିର୍ବାଚନ ପରେ କଂଗ୍ରେସ ନିକଟରେ ପର୍ଯ୍ୟାପ୍ତ ଆସନ ନ ଥିବା ସତ୍ତ୍ୱେ ତତ୍କାଳୀନ ରାଜ୍ୟପାଳ ଜି.ଡି. ତାପସେ ଆଇଏନ୍‌ଏଲ୍‌ଡି-ଭାଜପା ମେଣ୍ଟକୁ ଅଣଦେଖା କରି ସରକାର ଗଠନ ପାଇଁ ନିମନ୍ତ୍ରଣ କରିଥିଲେ। ଆଇଏନ୍‌ଏଲ୍‌ଡି ମୁଖ୍ୟ ଦେବୀଲାଲ ନିଜ ୪୮ ବିଧାୟକଙ୍କୁ ନେଇ ନୂଆଦିଲ୍ଲୀସ୍ଥିତ ଏକ ହୋଟେଲରେ ରଖିଥିଲେ। ଏହାସତ୍ତ୍ୱେ ଅସନ୍ତୁଷ୍ଟ ବିଧାୟକମାନେ ତାଙ୍କ ନିକଟରୁ ଖସିଯାଇଥିଲେ। ଶେଷରେ କୌଣସି ପ୍ରକାରେ ସରକାର ଗଠନରେ ସଫଳ ହୋଇଥିଲା କଂଗ୍ରେସ।

### ଗୁଜରାଟ

୧୯୯୫ରେ ଶଙ୍କରସିଂ ବାଘେଲା ଭାଜପା ନେତୃତ୍ୱ ବିରୋଧରେ ବିଦ୍ରୋହ କରିଥିଲେ। ସେ ନିଜ ସପକ୍ଷରେ ଥିବା ୪୭ ବିଧାୟକଙ୍କୁ ମଧ୍ୟପ୍ରଦେଶର ଏକ ହୋଟେଲକୁ ନେଇ ୭ ଦିନ ରଖିଥିଲେ। ଶେଷରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ କେଶୁଭାଇ ପଟେଲ ଓ ବାଘେଲାଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। କେଶୁଭାଇଙ୍କୁ ହଟାଯାଇ ବାଘେଲାଙ୍କ ସମର୍ଥକ ସୁରେଶ ମେହେଟ୍ଟାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା।

### ଉତ୍ତରପ୍ରଦେଶ



୧୯୯୮ ଲୋକ ସଭା ନିର୍ବାଚନ ବେଳେ ୟୁପି ରାଜ୍ୟପାଳ ରମେଶ ଭଣ୍ଡାରୀ ସେତେବେଳର କଲ୍ୟାଣ ସିଂ ସରକାରକୁ ବରଖାସ୍ତ କରି କଂଗ୍ରେସର ଜଗଦମ୍ବିକା ପାଲଙ୍କୁ ମୁଖ୍ୟମନ୍ତ୍ରୀ କରାଇଥିଲେ। ଜଗଦମ୍ବିକା ୪୮ ଦିନ ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ତିଷ୍ଠି ପାରିଥିଲେ। ଫ୍ଲୋର ଟେଷ୍ଟ ହେବାକୁ ଥିବାବେଳେ ଭାଜପା ନିଜ ବିଧାୟକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲା। ଆସ୍ଥାଭୋଟରେ କଲ୍ୟାଣ ସିଂ ଜିତିବା ପରେ ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ।

### ବିହାର

୨୦୦୦ରେ ବିହାରରେ ନୀତୀଶ କୁମାରଙ୍କ ଭୟରେ କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନିଜ ବିଧାୟକମାନଙ୍କୁ ପାଟନାର ଏକ ହୋଟେଲରେ ରଖିଥିଲେ। ନୀତୀଶ ମାତ୍ର ୭ ଦିନ ପାଇଁ ମୁଖ୍ୟମନ୍ତ୍ରୀ ପଦରେ ରହି ଆସ୍ଥାଭୋଟରେ ହାରିଯାଇଥିଲେ। ୨୦୦୫ରେ ଲୋକ ଜନଶକ୍ତି ପାର୍ଟି ନୀତୀଶଙ୍କୁ ଭାଜପା ସହ ମିଶି ସମର୍ଥନ ଦେବା ପାଇଁ ବିଧାୟକମାନଙ୍କୁ ଜାମସେଦପୁରର ଏକ ହୋଟେଲରେ ରଖିଥିଲା।

### ଉତ୍ତରାଖଣ୍ଡ

୨୦୧୬ରେ ଉତ୍ତରାଖଣ୍ଡର କଂଗ୍ରେସ ବିଧାୟକମାନେ ମୁଖ୍ୟମନ୍ତ୍ରୀ ହରିଶ ରାୱତଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ଆସ୍ଥାଭୋଟ ପୂର୍ବରୁ ଭାଜପା ନିଜ ବିଧାୟକମାନଙ୍କୁ ଜୟପୁର ନେଇଯାଇଥିଲା। ଉଭୟ ଭାଜପା ଓ କଂଗ୍ରେସ ପରସ୍ପର ବିରୋଧରେ ଘୋଡ଼ାବେପାର ଅଭିଯୋଗ ଆଣିଥିଲେ। ରାଷ୍ଟ୍ରପତି ଶାସନ ଜାରି ହୋଇଥିବାବେଳେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ହାଇକୋର୍ଟ ପଲଟାଇଦେଇଥିଲେ।

### ତାମିଲନାଡୁ

୨୦୧୭ରେ ଓ. ପନ୍ନିରସେଲ୍‌ଭମ୍ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏଆଇଏଡିଏମ୍‌କେ ନେତା ଭି.କେ. ଶଶିକଳା ଇସ୍ତଫା ପାଇଁ ତାଙ୍କୁ ବାଧ କରିଥିବା ସେ ଅଭିଯୋଗ ଆଣିଥିଲେ। ଶଶିକଳା ନିଜ ଅନୁଗତମାନଙ୍କୁ ଚେନ୍ନାଇ ନିକଟସ୍ଥ ଏକ ହୋଟେଲକୁ ନେଇଯାଇଥିଲେ। ଶଶିକଳା ଆୟ ବହିର୍ଭୂତ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯିବା ପରେ ପନ୍ନିରସେଲଭମ୍‌ଙ୍କ ନେତୃତ୍ୱରେ ବିଦ୍ରୋହୀ ବିଧାୟକମାନେ ଓ ଶଶିକଳାଙ୍କ ନେତୃତ୍ୱାଧୀନ ଇ.କେ. ପାଲାନିସ୍ୱାମୀଙ୍କ ଗୋଷ୍ଠୀ ଶେଷରେ ହାତ ମିଳାଇ ସରକାର ଗଠନ କରିଥିଲେ।




## ବିଦ୍ରୋହୀ ସାଜିଥିଲେ ଚନ୍ଦ୍ରାବାବୁ

୧୯୮୪ରେ ଓପନ ହାର୍ଟ ସର୍ଜରି ପାଇଁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓ ଆମେରିକା ଗସ୍ତ କରିଥିଲେ। ତାଙ୍କ ଅନୁପସ୍ଥିତିରେ ରାଜ୍ୟପାଳ ଠାକୁର ରାମଲାଲ ଏନ୍. ଭାସ୍କର ରାଓଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ କରାଇଥିଲେ। ଅଭିନେତାରୁ ରାଜନେତା ସାଜିଥିବା ରାମାରାଓ ଟିଡିପି ବିଧାୟକମାନଙ୍କୁ ପ୍ରଥମେ ବେଙ୍ଗାଲୁରୁ ଓ ପରେ ଦିଲ୍ଲୀ ନେଇଯାଇଥିଲେ। ସରକାର ଭାଙ୍ଗିଯିବାର ୨ ମାସ ମଧ୍ୟରେ ଏନ୍‌ଟିଆର୍ ରଥଯାତ୍ରା କରି ପୁଣି କ୍ଷମତାକୁ ଫେରିଥିଲେ। ତାଙ୍କ ଜ୍ୱାଇଁ ଏନ୍. ଚନ୍ଦ୍ରାବାବୁ ନାଇଡୁ ୧୯୯୫ରେ ବିଦ୍ରୋହ କରି ଟିଡିପି ବିଧାୟକମାନଙ୍କୁ ହାଇଦ୍ରାବାଦର ଭାଇସ୍‌ରୟ ହୋଟେଲରେ ରଖିଥିଲେ। ପରେ ସେ ଦଳର ନେତୃତ୍ୱ ନେଇ ମୁଖ୍ୟମନ୍ତ୍ରୀ ହୋଇଥିଲେ।




## ମହାରାଷ୍ଟ୍ର ପାୱାର ଗେମ୍

୨୦୧୯ ନଭେମ୍ବରରେ ମହାରାଷ୍ଟ୍ରରେ ଜୋର୍ ଧରିଥିଲା ରିସର୍ଟ ପଲିଟିକ୍ସ। ଶାସକ ଭାଜପା-ଶିବସେନା ମେଣ୍ଟକୁ ପୁଣିଥରେ ସରକାର ଗଠନ ପାଇଁ ସ୍ପଷ୍ଟ ଜନାଦେଶ ମିଳିଥିଲା। ହେଲେ ପୂର୍ବ ରାଜିନାମା ଅନୁସାରେ ୫୦-୫୦ ସୂତ୍ରରେ ସରକାର ଗଠନ କରାଯିବ ବୋଲି ଶିବସେନା ଅଡ଼ିବସିଥିଲା। ସେତେବେଳେ କଂଗ୍ରେସ ବିଧାୟକମାନେ ଜୟପୁର ଚାଲିଯାଇଥିବାବେଳେ ଶିବସେନା-ଏନ୍‌ସିପି ନିଜ ନିଜ ବିଧାୟକମାନଙ୍କୁ ଘୋଡ଼ାବେପାରରୁ ବଞ୍ଚାଇବା ପାଇଁ ମୁମ୍ବାଇର ଏକ ହୋଟେଲରେ ରଖିଥିଲେ। ଶେଷରେ ଏନ୍‌ସିପିର ୫୪ ଓ କଂଗ୍ରେସର ୪୪ ବିଧାୟକଙ୍କ ସମର୍ଥନରେ ମହା ବିକାଶ ଅଘାଡ଼ି ମେଣ୍ଟ ଗଠନ କରାଯାଇଥିଲା। ଏହି ରାଜନୈତିକ ଘଟଣାକ୍ରମର ସୂତ୍ରଧର ଥିଲେ ଏନ୍‌ସିପି ମୁଖ୍ୟ ଶରଦ ପାୱାର।


ମୁମ୍ବାଇର ହୋଟେଲ ଗ୍ରାଣ୍ଡ ହୟାତ୍

## ୮୦୦୦ ଟପିଲା କରୋନା ମୃତ୍ୟୁସଂଖ୍ୟା

ନୂଆଦିଲ୍ଲୀ/ପ୍ୟାରିସ,୧୮।୩

ସାରା ବିଶ୍ୱରେ କରୋନା ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ବୁଧବାର ୮୦୦୦ ଅତିକ୍ରମ କରିଛି। ୱାର୍ଲ୍ଡୋମିଟର୍ସ ଡଟ୍ ଇନ୍‌ଫୋ ଅନୁଯାୟୀ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨ ଲକ୍ଷ ୪ ହଜାର ୬୬୯ ହୋଇଥିବାବେଳେ ଏହି ରୋଗରେ ୮,୨୭୦ ଜଣ ପ୍ରାଣ ହରାଇଲେଣି। ସଂକ୍ରମିତଙ୍କ ମଧ୍ୟରୁ ୮୨,୮୭୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଲେଣି।

### ଏସିଆଠାରୁ ୟୁରୋପରେ ଅଧିକ

କରୋନା ଜନିତ ମୃତ୍ୟୁରେ ଏସିଆକୁ ଟପିଲାଣି ୟୁରୋପ। ଏସିଆରେ ମୃତ୍ୟୁସଂଖ୍ୟା ବୁଧବାର ସୁଦ୍ଧା ୩୩୮୪ ହୋଇଥିବାବେଳେ ୟୁରୋପରେ ୩୪୨୧ରେ ପହଞ୍ଚିଛି। ୟୁରୋପ ମହାଦେଶରେ ଇଟାଲୀ ସର୍ବାଧିକ ସଂକ୍ରମିତ ହୋଇଛି, ଯେଉଁଠି ମୃତ୍ୟୁସଂଖ୍ୟା ୨୫୦୩ରେ ପହଞ୍ଚିଥିବା ଜଣାପଡିଛି।

## ଇତିହାସର ଆଇନାରେ ମାର୍ଚ୍ଚ ୧୯ର ପ୍ରମୁଖ ଘଟଣା

୧ ୧୯୯୮ ମାର୍ଚ୍ଚ ୧୯ରେ ଆଫଗାନିସ୍ତାନର କାବୁଲ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଏକ ବିମାନ ପାହାଡ଼ରେ ଧକ୍କା ଖାଇ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ଥିବା ସମସ୍ତ ୪୫ ଯାତ୍ରୀ ପ୍ରାଣ ହରାଇଥିଲେ। ବିସ୍ଫୋରଣ ପଛରେ ଅଲ୍ କାଏଦା କିମ୍ବା ତାଲିବାନ ଆତଙ୍କବାଦୀଙ୍କ ହାତ ଥିବା ସନ୍ଦେହ କରାଯାଇଥିଲା।

୨ ୨୦୧୩ ମାର୍ଚ୍ଚ ୧୯ରେ ଇରାକର ରାଜଧାନୀ ବାଗ୍‌ଦାଦ ସମେତ ବିଭିନ୍ନ ପ୍ରାନ୍ତରେ ସିରିଜ ବୋମା ବିସ୍ଫୋରଣ ସହ ଗୁଳିମାଡ଼ କରାଯିବାରୁ ପ୍ରାୟ ୧୦୦ ଲୋକ ପ୍ରାଣ ହରାଇଥିଲେ। ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆକ୍ରମଣରେ ଇରାକୀ ସେନା ଓ ସିଆ ସମ୍ପ୍ରଦାୟର ଲୋକଙ୍କୁ ଟାର୍ଗେଟ କରାଯାଇଥିଲା।

## 'ବିଦ୍ରୋହୀ ବିଧାୟକଙ୍କୁ ଅଟକ ରଖାଯାଇପାରିବନି'

ନୂଆଦିଲ୍ଲୀ,୧୮।୩(ପି.ଟି.)

- ମଧ୍ୟପ୍ରଦେଶରେ ରାଜନୈତିକ ଅଚଳାବସ୍ଥା
- ଉପନିର୍ବାଚନ ଯାଏ ଆସ୍ଥାଭୋଟ ଘୁଞ୍ଚାଇବାକୁ କଂଗ୍ରେସର ଦାବି
- ସୁପ୍ରିମକୋର୍ଟରେ ଶୁଣାଣି ଆଜି

ମଧ୍ୟପ୍ରଦେଶରେ ରାଜନୈତିକ ଅଚଳାବସ୍ଥା ଲାଗି ରହିଥିବାବେଳେ ବିଦ୍ରୋହୀ ୧୬ ବିଧାୟକଙ୍କୁ ଚାମ୍ବରରେ ହାଜର ପାଇ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଇସ୍ତଫା ଦେଇଥିବା ବିଧାୟକମାନେ ବିଧାନସଭାରେ ଯୋଗ ଦିଅନ୍ତୁ କି ନ ଦିଅନ୍ତୁ, ସେମାନଙ୍କୁ ଆବଦ୍ଧ କରି ରଖାଯାଇ ପାରିବ ନାହିଁ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ମତ ଦେଇଛନ୍ତି। ବିଦ୍ରୋହୀ ବିଧାୟକମାନେ ବିଚାରପତିଙ୍କ ଚାମ୍ବରରେ ହାଜର ହୋଇ ମତ ରଖିବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଅଗ୍ରାହ୍ୟ କରି ଖଣ୍ଡପୀଠ କହିଥିଲେ, ଏହା ଠିକ୍ ନୁହେଁ। ଏପରିକି ବିଧାୟକମାନଙ୍କ ପାଖକୁ ରେଜିଷ୍ଟ୍ରାର ଜେନେରାଲଙ୍କୁ ପଠାଇବାକୁ ମଧ୍ୟ ଖଣ୍ଡପୀଠ ମନା କରିଦେଇଥିଲେ। ଆସ୍ଥାଭୋଟ କାହା ସପକ୍ଷରେ ଯାଉଛି, ବିଧାନସଭା ତାହା ନିର୍ଣ୍ଣୟ କରିବାରେ ଅଦାଲତ ପ୍ରତିବନ୍ଧକ ହେଉନାହାନ୍ତି। ବିଧାୟକମାନଙ୍କର ସ୍ୱାଧୀନ ମତବ୍ୟକ୍ତ ଅଧିକାରକୁ ସୁନିଶ୍ଚିତ କରିବା ଅଦାଲତଙ୍କ କାମ ବୋଲି ବିଚାରପତି କହିଥିଲେ।

ରାଜ୍ୟପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମଧ୍ୟପ୍ରଦେଶ ବିଧାନସଭାରେ ଆସ୍ଥାଭୋଟ ନ କରାଇ ବାଚସ୍ପତି କରୋନା ଭୂତାଣୁ ସଂକ୍ରମଣ ଆଳରେ ଗୃହକୁ ୨୬ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶିବରାଜଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଉପସ୍ଥିତ ରହି ୧୬ ବିଧାୟକଙ୍କୁ ବିଚାରପତିଙ୍କ ଚାମ୍ବରରେ ହାଜର କରାଇବାକୁ ସେ ପ୍ରସ୍ତାବ ଦେଇଥିଲେ। ବିକଳ୍ପ ଭାବରେ କର୍ଣ୍ଣାଟକ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ସମ୍ପୃକ୍ତ ବିଧାୟକମାନଙ୍କ ପାଖକୁ ପଠାଇ ଭିଡିଓ ରେକର୍ଡିଂ କରାଇବାକୁ ମଧ୍ୟ ରୋହତଗୀ ଅନୁରୋଧ କରିଥିଲେ। ବାଚସ୍ପତି ସେମାନଙ୍କ ଇସ୍ତଫାକୁ ଅଟକାଇପାରିବେ ନାହିଁ ବୋଲି ବିଦ୍ରୋହୀ ବିଧାୟକମାନଙ୍କ ପକ୍ଷରୁ କୁହାଯାଇଥିଲା।

ଅନ୍ୟପକ୍ଷରେ ୨୨ ବିଦ୍ରୋହୀ ବିଧାୟକଙ୍କ ଇସ୍ତଫା ପରେ ରାଜ୍ୟରେ ରାଜନୈତିକ ସଙ୍କଟକୁ ନେଇ କଂଗ୍ରେସ ପକ୍ଷରୁ ମଧ୍ୟ ସର୍ବୋଚ୍ଚ ଅଦାଲତରେ ଏକ ପିଟିଶନ ଦାଏର ହୋଇଥିଲା। ଆସ୍ଥାଭୋଟକୁ ଉପନିର୍ବାଚନ ପର୍ଯ୍ୟନ୍ତ ଘୁଞ୍ଚାଇଦେବାକୁ ମଧ୍ୟପ୍ରଦେଶ କଂଗ୍ରେସ ବିଧାୟକ ଦଳ (ଏମ୍‌ପିସିଏଲ୍‌ପି) ପକ୍ଷରୁ ଏଥିରେ ଆବେଦନ କରାଯାଇଥିଲା। କମଲନାଥଙ୍କ ନେତୃତ୍ୱାଧୀନ ସରକାର ସେପର୍ଯ୍ୟନ୍ତ କ୍ଷମତାରେ ରହିଲେ ଆକାଶ ଖସିପଡ଼ିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ କହିଥିଲେ। ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଭାଜପା ଏବଂ କଂଗ୍ରେସର ପିଟିଶନର ଶୁଣାଣିକୁ ଗୁରୁବାର ପୂର୍ବାହ୍ଣ ୧୦ଟା ୩୦ରେ କରିବା ପାଇଁ ଧାର୍ଯ୍ୟ କରିଛନ୍ତି।

## ଦିଗ୍‌ବିଜୟଙ୍କ ପିଟିଶନ ଖାରଜ

### ଅଟକ ରଖିଲା କର୍ଣ୍ଣାଟକ ପୋଲିସ

**ବେଙ୍ଗାଲୁରୁ,୧୮।୩:** ବେଙ୍ଗାଲୁରୁରେ ଥିବା ମଧ୍ୟପ୍ରଦେଶର ବିଦ୍ରୋହୀ କଂଗ୍ରେସ ବିଧାୟକମାନଙ୍କୁ ଭେଟିବା ଲାଗି ଅନୁମତି ଦେବାକୁ ବରିଷ୍ଠ ନେତା ଦିଗ୍‌ବିଜୟ ସିଂଙ୍କ ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଇସ୍ତଫା ଦେଇଥିବା ୨୨ ବିଧାୟକ ବେଙ୍ଗାଲୁରୁର ଏକ ରିସର୍ଟରେ ରହିଥିବାବେଳେ ସେମାନଙ୍କୁ ଭେଟିବା ଲାଗି ବୁଧବାର ଦିଗ୍‌ବିଜୟ ସେଠାକୁ ଯାଇଥିଲେ। ଉକ୍ତ ବିଧାୟକମାନଙ୍କ ଅନୁରୋଧ କ୍ରମେ ସେମାନଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେଉଥିବାରୁ ଦିଗ୍‌ବିଜୟଙ୍କୁ ଅଟକ ରଖିଥିଲା। ସେ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହୋଇଥିବାରୁ ଭୋଟ ପାଇଁ ବିଧାୟକମାନଙ୍କୁ ଭେଟିବା ଅଧିକାର ତାଙ୍କର ରହିଛି ବୋଲି ଦିଗ୍‌ବିଜୟ କହିଥିଲେ। ତେବେ ପୋଲିସ ଓ କର୍ଣ୍ଣାଟକ ଭାଜପା ତାଙ୍କୁ ଭେଟିବାକୁ ଦେଇ ନ ଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପୂର୍ବରୁ ସେ କର୍ଣ୍ଣାଟକ ପୋଲିସ ଡିଜି ପ୍ରବୀଣ ସୁଦ୍ ଏବଂ କଂଗ୍ରେସ ରାଜ୍ୟ ସଭାପତି ଡି.କେ. ଶିବକୁମାରଙ୍କୁ ଭେଟିଥିଲେ।



# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୯/୨୦୨୦ | Bhubaneswar, Thursday, March 19/2020 | ପୃଷ୍ଠା-୧




## କୋଚ୍ ପଦ ଛାଡ଼ିଲେ ଗମ୍ବାଉ

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫସିର କୋଚ୍ ପଦ ଛାଡ଼ିଲେ ସ୍ପେନର ଜୋସେପ ଗମ୍ବାଉ ।

**୧୬** | **୦୮**

## କରୀନାଙ୍କୁ କରୋନା ଭୟ

କରୋନା ଭୟରେ କରୀନା କପୁର ଆଉ ବାହାରକୁ ନ ବାହାରି ଘରେ ରହି ଗାଜର ହାଲୱା ଖାଉଥିବାର ଏକ ଫଟୋ ନିଜ ଇନ୍ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।



# ‘ହାଡ଼ଫୁଟି ଭଳି ୧୪ ଦିନ ଅଲଗା ରୁହନ୍ତୁ’



ବୁଧବାର ରାତି ୭ଟା ୪୫ରେ ପୁରୀ ଶ୍ରୀମନ୍ଦିର ପହୁଡ଼ ପଡ଼ିଯାଇଛି। (ରିପୋର୍ଟ: ପୃଷ୍ଠା-୯)

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ମହାମାରୀ କରୋନା(କୋଭିଡ-୧୯) ଭୂତାଣୁ କବଳରୁ ସୁରକ୍ଷିତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବରୁ ହାଡ଼ଫୁଟି ପରି ଭୟାନକ ରୋଗ ହେଉଥିଲା। ସେତେବେଳେ ସବୁ ଘରେ ଜଣା ଅଧିକେ ସମସ୍ତେ ଏହି ରୋଗରେ ପୀଡିତ ହେଉଥିଲେ। ହାଡ଼ଫୁଟି ଭଳି ଆଜି କରୋନା ରୋଗ ଆସିଛି। ହାଡ଼ଫୁଟି ଭଳି କରୋନା ପାଇଁ କୌଣସି ଔଷଧ ନାହିଁ। ଏହି ରୋଗ ଅତ୍ୟନ୍ତ ମାରାତ୍ମକ।

**କରୋନା ସଚେତନତା: ମୁଖ୍ୟମନ୍ତ୍ରୀଙ୍କ ନିବେଦନ**

- ବିଦେଶାଗତଙ୍କୁ ନିଜ ଘରେ ରହିବାକୁ ସଚେତନ କରିବେ ପଞ୍ଚାୟତ ପ୍ରତିନିଧି
- ପ୍ରତ୍ୟେକ ଗ୍ରାମରେ ଭତ୍ତା ଦିଆଯିବ
- ଘରେ ମିଳିବ ଅଙ୍ଗନୱାଡ଼ି ଖାଦ୍ୟ

ସଂକ୍ରମଣଠାରୁ ନିଜକୁ ଦୂରେଇ ରଖିବା ହେଉଛି ସବୁଠାରୁ ବଡ଼ ସୁରକ୍ଷା। ମା’ମାନେ ଯେପରି ହାଡ଼ଫୁଟି ପାଇଁ ଆମ ସମସ୍ତଙ୍କୁ ୧୪ ଦିନ ପୃଷ୍ଠା-୨

## ଧର୍ମାନୁଷ୍ଠାନ ପାଇଁ ଆଡ୍‌ଭାଇଜରି

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

କରୋନା ଭୂତାଣୁ ରୋଗ (କୋଭିଡ୍-୧୯)କୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ସମସ୍ତ ଧର୍ମାନୁଷ୍ଠାନ ପାଇଁ ବୁଧବାର ଉପଦେଶନାମା ବା ଆଡ୍‌ଭାଇଜରି ଜାରି କରିଛନ୍ତି। ମନ୍ଦିର, ମସ୍‌ଜିଦ ଓ ଗିର୍ଜାର ସେବାୟତ, କର୍ମଚାରୀ ଏହି ଆଡଭାଇଜାରିକୁ ମାନି ଚଳିବେ। ଏଠାରେ ସମସ୍ତେ ସାମାଜିକ ଦୂରତ୍ୱ ରକ୍ଷା କରିବେ। ତୀର୍ଥ ଯାତ୍ରୀ, ପୂଜକ, ସେବାୟତ ଏବଂ ଅନ୍ୟାନ୍ୟ ସ୍ଥାନ ଯେଉଁଠାରେ ନିରାପତ୍ତା ରକ୍ଷୀମାନେ ସମ୍ପୃକ୍ତ ରହୁଛନ୍ତି, ସେମାନଙ୍କୁ ସୁରକ୍ଷା ଦିଆଯିବ। ଏଜେନ୍ସି ବୋର୍ଡ ଟ୍ରଷ୍ଟ ଓ ସରକାରୀ ପରିଚାଳନାଧୀନ ସଂସ୍ଥା ଯେଉଁଠାରେ ସେମାନେ କାର୍ଯ୍ୟ କରୁଛନ୍ତି, ସେମାନେ ଏଥିପ୍ରତି ଯଥେଷ୍ଟ ଦୃଷ୍ଟି ଦେବେ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନ କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗୀତ ଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଗ୍‌ଚୀ ଏହା କହିଛନ୍ତି।

- ବିଦେଶ ଫେରନ୍ତା ୨୧୩୧ କଲେଣି ପଞ୍ଜୀକୃତ
- ୟୁଏଇରୁ ଆସିଛନ୍ତି ସର୍ବାଧିକ ୨୦%
- ଖୋର୍ଦ୍ଧା ଜିଲାରେ ସର୍ବାଧିକ ୩୭% ପଞ୍ଜୀକୃତ

ଅନ୍ୟପକ୍ଷରେ ବିଦେଶ ଫେରନ୍ତାଙ୍କ ପାଇଁ ଜାରି ହୋଇଥିବା ଫୋନ୍ ନମ୍ବର ଓ ୱେବ୍ ପୋର୍ଟାଲରେ ପ୍ରତି ଘଣ୍ଟାରେ ପ୍ରାୟ ୮୦ଜଣ ପଞ୍ଜୀକରଣ କରୁଛନ୍ତି। ଏପର୍ଯ୍ୟନ୍ତ ୨,୧୩୧ ଜଣ ନାମ ପଞ୍ଜୀକୃତ କରିସାରିଲେଣି। ଏଥିମଧ୍ୟରୁ ସଂଯୁକ୍ତ ଆରବ ଏମିରେଟ୍‌ସ(ୟୁଏଇ)ରୁ ସର୍ବାଧିକ ୨୦% ଆସିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍ଏ)ରୁ ୯%, ସାଉଦି ଆରବରୁ ୫%, ବ୍ରିଟେନ୍(ୟୁକେ)ରୁ ୪%, ମାଲେସିଆରୁ ପୃଷ୍ଠା-୨


## ସିବିଏସ୍‌ଇ ବୋର୍ଡ ପରୀକ୍ଷା ସ୍ଥଗିତ

**ନୂଆଦିଲ୍ଲୀ,୧୮।୩**

କରୋନା ସଂକ୍ରମଣ ରୋକିବା ଦିଗରେ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଭାରତ ସରକାରଙ୍କ ଉଚ୍ଚଶିକ୍ଷା/ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବଙ୍କ ପରାମର୍ଶକ୍ରମେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) କର୍ତ୍ତୃପକ୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ବୁଧବାର ସନ୍ଧ୍ୟାରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୧୯ରୁ ୩୧ ପର୍ଯ୍ୟନ୍ତ ହେବାକୁ ଥିବା ସିବିଏସ୍‌ଇ ବୋର୍ଡ ପରୀକ୍ଷା ବନ୍ଦ ରହିବ। ୩୧ ତାରିଖ ପରେ ନୂଆ ପରୀକ୍ଷା କାର୍ଯ୍ୟସୂଚୀ ସ୍ଥିର ହେବ। ସେହିପରି ଉତ୍ତରପୂର୍ବ ଦିଲ୍ଲୀରେ ପୁନର୍ବାର ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ବନ୍ଦ ରଖାଯାଇଛି। ପରୀକ୍ଷାର ନୂଆ କାର୍ଯ୍ୟସୂଚୀ ସମ୍ପର୍କରେ ୩୧ ସୁଦ୍ଧା ଜଣାଇ ଦିଆଯିବ।

### ପରୀକ୍ଷା ବନ୍ଦ କଲା ଓପିଏସ୍‌ସି

କଟକ ଅଫିସ,୧୮।୩: କରୋନା ଯୋଗୁ ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଓପିଏସ୍‌ସି ଆନୁକୂଲ୍ୟରେ ହେବାକୁ ଥିବା ସମସ୍ତ ପରୀକ୍ଷାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏନେଇ ଓପିଏସ୍‌ସି କାର୍ଯ୍ୟାଳୟ ବୁଧବାର ଏକ ନୋଟିସ ନଂ. ୧୯୯୪/୧୮।୩।୨୦୨୦ ଜାରି କରିଛି। ସରକାର ରାଜ୍ୟ କରୋନା ଭୂତାଣୁକୁ ବିପତ୍ତି ଭାବେ ଘୋଷଣା କରିଛନ୍ତି। ତେଣୁ ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଓପିଏସ୍‌ସି ପକ୍ଷରୁ କୌଣସି ଲିଖିତ କିମ୍ବା ମୌଖିକ ପରୀକ୍ଷା ହେବ ନାହିଁ ବୋଲି କୁହାଯାଇଛି।



## ବିଜେଡିର ୪ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ରାଜ୍ୟ ସଭା ନିର୍ବାଚନ**

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ବିଜୁ ଜନତା ଦଳ(ବିଜେଡି)ର ୪ ଜଣ ପ୍ରାର୍ଥୀ ବୁଧବାର ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ସୁବାସ ଚନ୍ଦ୍ର ସିଂ, ମୁଜିବୁଲ୍ଲା ଖାଁ, ସୁଜିତ କୁମାର ଏବଂ ମମତା ମହାନ୍ତ। ବିଧାନସଭା ସଚିବ ତଥା ରାଜ୍ୟ ସଭା ନିର୍ବାଚନ ରିଟର୍ନିଂ ଅଫିସର ଦାଶରଥି ଶତପଥୀ ଏହି ପ୍ରାର୍ଥୀମାନଙ୍କୁ ନିର୍ବାଚିତ ଘୋଷଣା କରିବା ସହ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ମାର୍ଚ୍ଚ ୧୮ ଅପରାହ୍ନ ୩ଟା ଯାଏ ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପାଇଁ ଶେଷ ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ କୌଣସି ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇ ନ ଥିଲା। ଭାଜପା କିମ୍ବା କଂଗ୍ରେସ ପକ୍ଷରୁ କୌଣସି ପ୍ରାର୍ଥୀ ଦିଆଯାଇ ନ ଥିବାରୁ ବିଜେଡି ସଦସ୍ୟମାନେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଛନ୍ତି। ଆସନ୍ତା ଏପ୍ରିଲ ୨ରେ ବିଜେଡି ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ କଂଗ୍ରେସ ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ଶେଷ ହେଉଛି। ବିଜେଡି ଏମ୍‌ପି ଅନୁଭବ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ ହୋଇ ନ ଥିଲେ ମଧ୍ୟ ସେ ୨୦୧୯ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ବିଜୟୀ ହେବା ପରେ ଇସ୍ତଫା ଦେଇଥିଲେ। ଏହି ୪ଟି ଆସନରେ ଉପରୋକ୍ତ ୪ ଜଣ ନିର୍ବାଚିତ ହୋଇଛନ୍ତି।

## ଆଜି ଫେରିବ ମହାପ୍ରଭୁଙ୍କ ଟଙ୍କା

**ପୁରୀ ଅଫିସ,୧୮।୩**

ଘରୋଇ ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଜମା ରଖାଯିବାକୁ ନେଇ ଗତ କିଛିଦିନ ଧରି ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ଗୁରୁବାର ଏହି ଟଙ୍କା ୟେସ୍ ବ୍ୟାଙ୍କରୁ ଉଠାଯାଇ ଜାତୀୟକରଣ ବ୍ୟାଙ୍କରେ ଜମା କରାଯିବ। ଇ-ଟ୍ରାନ୍ସଫର ମାଧ୍ୟମରେ ଏହି ଟଙ୍କା ଉଠାଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।



- ଇ-ଟ୍ରାନ୍ସଫର ମାଧ୍ୟମରେ ଉଠାଯିବ ୫୪୫ କୋଟି ଟଙ୍କା
- ୟେସ୍ ବ୍ୟାଙ୍କରୁ ଉଠାଯାଇ ଜାତୀୟକରଣ ବ୍ୟାଙ୍କରେ ରଖାଯିବ

ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି, ଗତବର୍ଷ ମାର୍ଚ୍ଚ ୧୯ ଏବଂ ଏହାପରେ ପର୍ଯ୍ୟାୟକ୍ରମେ ୫୪୫ କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ଜମା କରାଯାଇଥିଲା। ସେଥିମଧ୍ୟରୁ ଗୁରୁବାର ୩୮୯ କୋଟି ଏବଂ ଆସନ୍ତା ୩୦ ତାରିଖରେ ୧୫୬ କୋଟି ଟଙ୍କା ମାଚ୍ୟୁରିଟି ହେଉଛି। କିନ୍ତୁ ଗୁରୁବାର ସମସ୍ତ ୫୪୫ କୋଟି ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରାଇ ଅଣାଯିବ। ବର୍ତ୍ତମାନ ଶ୍ରୀମନ୍ଦିରର ଆକାଉଣ୍ଟ ଥିବା ଏସ୍‌ବିଆଇ କିମ୍ବା ୟୁକୋ ବ୍ୟାଙ୍କକୁ ଏହି ଟଙ୍କା ଟ୍ରାନ୍ସଫର ହେବ। ପରବର୍ତ୍ତୀ ସମୟରେ କେଉଁ ବ୍ୟାଙ୍କରେ ଏହା ଜମା ରଖାଯିବ ତାହା ନିଷ୍ପତ୍ତି ନିଆଯିବ। ଶ୍ରୀମନ୍ଦିରର ଫାଉଣ୍ଡେଶନ ଫଣ୍ଡ, କର୍ପସ ଫଣ୍ଡ ଏବଂ ଟେମ୍ପୁଲ ଫଣ୍ଡ କେଉଁଠି କିପରି ରହିବ ସେ ନେଇ ପରିଚାଳନା କମିଟି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏ ସଂକ୍ରାନ୍ତରେ ସରକାରଙ୍କ ପାଖକୁ ଚିଠି କରାଯାଇଛି। ଅନୁମତି ମିଳିବା ପରେ ଏହି ଟଙ୍କା କେଉଁଠି ଜମା ରଖାଯିବ ତାହା ସ୍ପଷ୍ଟ ହେବ ବୋଲି ଉନ୍ନୟନ ପ୍ରଶାସକ ପ୍ରକାଶ କରିଛନ୍ତି। ମହାପ୍ରଭୁଙ୍କ ଟଙ୍କା କେଉଁ ସବୁ ବ୍ୟାଙ୍କରେ ସୁରକ୍ଷିତ ଭାବେ ରଖାଯାଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

ଗତ ୫ ତାରିଖରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଥିଲା। ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ିଥିବାରୁ ଆର୍‌ବିଆଇ ଏଭଳି ପଦକ୍ଷେପ ନେଇଥିଲା। ୟେସ୍ ବ୍ୟାଙ୍କର ଏଭଳି ସ୍ଥିତି ଜଣାପଡ଼ିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କାକୁ ନେଇ ଆଶଙ୍କା ଉପୁଜିଥିଲା। ଏହି ଘରୋଇ ବ୍ୟାଙ୍କରୁ ଏତେଗୁଡ଼ିଏ ଟଙ୍କା କିପରି ଫେରସ୍ତ ଅଣାଯିବ ତାକୁ ନେଇ ସନ୍ଦେହରେ ରହିଥିଲେ ବୁଦ୍ଧିଜୀବୀ, ସେବାୟତ ଏବଂ ଜଗନ୍ନାଥପ୍ରେମୀ। ଯେଉଁମାନେ ଚକ୍ଷୁକତା ପୂର୍ବକ ଏତେ ପରିମାଣର ଟଙ୍କା ୟେସ୍ ବ୍ୟାଙ୍କରେ ଜମା ଦେଇଥିଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ। ଏନେଇ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିଥିଲେ ବିରୋଧୀ।

## ଭୁବନେଶ୍ୱରରେ ୩ ହୋଟେଲରେ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା

**ଦିନକୁ ୨୫ ଶହ ଟଙ୍କା, ମିଳିବ ସବୁ ସୁବିଧା**

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

କରୋନା ମୁକାବିଲା ପାଇଁ ସବୁ ସ୍ତରରୁ ଉଦ୍ୟମ ଚାଲିଛି। ଏବେ ଭୁବନେଶ୍ୱରର ୩ ଘରୋଇ ହୋଟେଲରେ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କରାଯାଇଛି। ସେଗୁଡ଼ିକ ହେଲା ଜୟଦେବବିହାରସ୍ଥିତ ଜିଞ୍ଜର ହୋଟେଲ, ଶହୀଦନଗରର ଏମ୍ପାୟାର୍ସ ହୋଟେଲ ଓ କଳ୍ପନାସ୍ଥିତ କଳିଙ୍ଗ ଅଶୋକ ହୋଟେଲ। ଯେକୌଣସି ଲୋକ ନିଜକୁ କରୋନାଠାରୁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ ସେମାନେ ଏଠାରେ ରହିପାରିବେ ବୋଲି ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନ ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ କ୍ୱାରାଣ୍ଟାଇନ୍ ସେଣ୍ଟରର ବ୍ୟବସ୍ଥା କରାଯାଇଛି। ଯେଉଁମାନେ ହୋଟେଲ କ୍ୱାରାଣ୍ଟାଇନରେ ରହିବାକୁ ଚାହିଁବେ ସେମାନଙ୍କୁ ଦିନକୁ ୨୫ଶହ ଟଙ୍କା ସହ ନିର୍ଦ୍ଧାରିତ ଟ୍ୟାକ୍ସ ଦେବାକୁ ପଡ଼ିବ। କରୋନା ସଂକ୍ରମଣ ଏଡ଼ାଇବା ସହ ନାଗରିକଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ୨୦୦୩ର ଧାରା ୫୮୩ରୁ ୫୯୯ ଅନୁଯାୟୀ ଏହି କ୍ୱାରେଣ୍ଟାଇନ୍ ସେଣ୍ଟର ଖୋଲାଯାଇଥିବା କମିଶନର ଚୌଧାରୀ କହିଛନ୍ତି।

ଉକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ସମସ୍ତ ସୁବିଧା ରହିଛି। ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ରାତ୍ରି ଭୋଜନ ସହ ଦୁଇଟି ପିଇବା ପାଣି ବୋତଲ ଦିଆଯିବ। ୧୪ ଦିନ ଯାଏ ବ୍ୟକ୍ତି ଜଣକ ଉକ୍ତ ହୋଟେଲର ସେହି ନିର୍ଦ୍ଦିଷ୍ଟ ରୁମ୍‌ରେ ରହିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିର୍ଦ୍ଦେଶନାମାକୁ ସମ୍ପୃକ୍ତ ବ୍ୟକ୍ତି ଓ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ରାସାୟନିକ ରଙ୍ଗ ଓ କୁକୁଡ଼ା ଅଣ୍ଡା**


Vencobb FRESH CHICKEN — Taste the difference!

18.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers





**ଆଜିର ମନ୍ତବ୍ୟ**

ପାକିସ୍ତାନ ସପକ୍ଷରେ ସବୁବେଳେ ଛିଡ଼ାହୋଇ ରହିବ ଚାଇନା।
–ଜି ଜିନ୍‌ପିଙ୍ଗ, ଚାଇନା ରାଷ୍ଟ୍ରପତି

**କିଛି ତଥ୍ୟ**

ଗତ ୫ ମାସ ମଧ୍ୟରେ ସବ୍‌ସିଡି ଯୁକ୍ତ ଏଲ୍‌ପିଜି ଦର ସିଲିଣ୍ଡର ପିଛା ୩୫.୫୫ ଟଙ୍କା ବୃଦ୍ଧି ଘଟିଛି।
– ପେଟ୍ରୋଲିୟମ ମନ୍ତ୍ରଣାଳୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...........................


ସୁରଦୀପ୍
ପରିବାରବର୍ଗ


ଡୁଗୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପୌରାଞ୍ଚଳ ପାଇଁ ନିଯୁକ୍ତ ହେଲେ ୨୦ ଓଏସ୍‌ଡି

**କୋଭିଡ-୧୯ ସତର୍କତା**

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

କରୋନା(କୋଭିଡ-୧୯)କୁ ମୁକାବିଲା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓଡିଶା ପୌର ପ୍ରଶାସନିକ ସେବା (ଓଏମ୍‌ଏଏସ) ଏବଂ ଓଡିଶା ପୌର ଯୋଜନା ସେବା (ଓଏମ୍‌ପିଏସ)ର ୨୦ ଜଣ ଅଧିକାରୀଙ୍କୁ ପୌର ପରିଷଦ ଓ ମହାନଗର ନିଗମ ପାଇଁ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ନିଯୁକ୍ତି ଦେଇଛି। ଓଏମ୍‌ଏଏସ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ରାଉରକେଲା ମହାନଗର ନିଗମ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୌମ୍ୟରଞ୍ଜନ ମିଶ୍ରଙ୍କୁ ସମ୍ବଲପୁର ମହାନଗର ନିଗମ, ଅବିନାଶ ମହାନ୍ତିଙ୍କୁ ପୁରୀ, ଅକ୍ରିତି ଗୋଏଙ୍କାଙ୍କୁ କଟକ ମହାନଗର ନିଗମ, ଏନ. ଗଣେଶ ବାବୁଙ୍କୁ ବ୍ରହ୍ମପୁର ମହାନଗର ନିଗମ, ଆଶାଲତା ରଚାମାଲାଙ୍କୁ ବ୍ରହ୍ମପୁର ମହାନଗର ନିଗମ, ମନୋଜ କୁମାର ଡେଣ୍ଡି ଓ ବାଳୟ ଦେହୁରୀଙ୍କୁ ସମ୍ବଲପୁର ମହାନଗର ନିଗମ, ତ୍ରିଶୂଳ ମାର୍ଡିଙ୍କୁ କଟକ ମହାନଗର ନିଗମ ଏବଂ ଲକ୍ଷ୍ମଣ କୁମାର ମୁର୍ମୁଙ୍କୁ ରାଉରକେଲା ମହାନଗର ନିଗମ ଓଏସଡି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଓଏମ୍‌ପିଏସ ଅଧିକାରୀ ସିଥିତି ଦାଶଙ୍କୁ ସମ୍ବଲପୁର ମହାନଗର ନିଗମ, ସିଦ୍ଦିକ ଖାନଙ୍କୁ କଟକ ମହାନଗର ନିଗମ, ସୌରଭ ମହାପାତ୍ରଙ୍କୁ ସମ୍ବଲପୁର ମହାନଗର ନିଗମ, ସସ୍ମିତା ଗୁରୁଙ୍କୁ ପୁରୀ ପୌର ସଂସ୍ଥା, ସାରଙ୍ଗ ଶୋଭନ ପଟେଲଙ୍କୁ ରାଉରକୋଲ ମହାନଗର ନିଗମ, ରଶ୍ମିତା ପ୍ରିୟଦର୍ଶିନୀଙ୍କୁ କଟକ ମହାନଗର ନିଗମ, ଦୀପକ କୁମାର ହାଁସଦାଙ୍କୁ ବ୍ରହ୍ମପୁର ମହାନଗର ନିଗମ, ଶୁଭଲକ୍ଷ୍ମୀ କୁମାରଶ୍ରୀଙ୍କୁ ସମ୍ବଲପୁର ମହାନଗର ନିଗମ, ଯୋଗେଶ ଛତ୍ରିଆଙ୍କୁ ରାଉରକେଲା ମହାନଗର ନିଗମ, ମାଧୁରୀ କାଲାଙ୍କୁ ବ୍ରହ୍ମପୁର ମହାନଗର ନିଗମ ଓଏସଡି ଭାବେ ଭାବେ ନିଯୁକ୍ତି ଦିଆଯାଇଛି। ଏହି ଅଧିକାରୀମାନେ ସମ୍ପୃକ୍ତ ମ୍ୟୁନିସିପାଲ କମିଶନର ଓ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ନେଇ ତୁରନ୍ତ ରିପୋର୍ଟ କରିବାକୁ କୁହାଯାଇଛି।

# ଡିଜିପି ଅଭୟଙ୍କ କାର୍ଯ୍ୟକାଳ ବୃଦ୍ଧି

ଭୁବନେଶ୍ୱର,୧୮।୩ (ବ୍ୟୁରୋ)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟଙ୍କ କାର୍ଯ୍ୟକାଳକୁ ସରକାର ବୃଦ୍ଧି କରିଛନ୍ତି। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ନଂ.୧୩୨୨୯ ପ୍ରକାଶ ପାଇଛି। ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଅଭୟ ୨୦୧୯ ଡିସେମ୍ବର ୯ରେ ଓଡ଼ିଶାର ନୂଆ ଡିଜିପି ଭାବେ ନିଯୁକ୍ତ ହୋଇଥିଲେ। ୨୦୨୧ ଜୁନ୍ ୩୦ରେ ତାଙ୍କର ଚାକିରି କାର୍ଯ୍ୟକାଳ ଶେଷ ହେବାର ଥିଲା। ତେବେ ପୋଲିସ ମହାନିର୍ଦ୍ଦେଶ ଭାବେ ତାଙ୍କ କାର୍ଯ୍ୟକାଳକୁ ୨ବର୍ଷ କରିବାକୁ ଗୃହ ବିଭାଗ ପକ୍ଷରୁ ଗତ ନଭେମ୍ବର ୨୦ତାରିଖରେ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଥିଲା। ଏହାକୁ ବିଚାର କରି ସରକାର ଅଭୟଙ୍କ ଅବସର ସମୟକୁ ୨୦୨୧ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

## ଭୁବନେଶ୍ୱରରେ ୩ ହୋଟେଲରେ ...

ହୋଟେଲ କର୍ତ୍ତୃପକ୍ଷ ପାଳନ କରିବେ। ଉକ୍ତ ସମୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଫୋନ୍ ମାଧ୍ୟମରେ ନିୟମିତ ଯୋଗାଯୋଗ କରାଯିବ ଓ ଆବଶ୍ୟକ ପଡ଼ିଲେ ଡାକ୍ତର ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବାକୁ ଯିବେ। ବ୍ୟକ୍ତିଙ୍କ ସମସ୍ତ ତଥ୍ୟ ହୋଟେଲ କର୍ତ୍ତୃପକ୍ଷ ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗକୁ ଦେବେ ବୋଲି କମିଶନର ଚୌଧାରୀ କହିଛନ୍ତି। ତେବେ କ୍ୱାରାଣ୍ଟାଇନ୍ ଖୋଲିଥିବା ୩ଟି ହୋଟେଲ କର୍ତ୍ତୃପକ୍ଷଙ୍କୁ ବିଏମ୍‌ସି ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରିଛି। ସିଙ୍ଗଲ୍ ରୁମ୍ ସହ ଶୌଚାଳୟ ଥିବା ରୁମ୍‌ରେ ହିଁ କ୍ୱାରାଣ୍ଟାଇନ୍ ସୁବିଧା ଦେବା, କ'ଣ କରିହେବ ଓ କ'ଣ ନାହିଁ ସେନେଇ ହୋର୍ଡିଂ ଦ୍ୱାରା ସୂଚନା ଦେବା, କ୍ଲିନିଂ ଦ୍ୱାରା ସଫେଇ, ବ୍ୟବହୃତ କପଡ଼ା ଖରାରେ ଶୁଖାଇବା, ୱାଶ୍ ବେଶିନ, ସୋଫା ଓ ଅନ୍ୟ ସାମଗ୍ରୀକୁ ନିୟମିତ କ୍ଲିନ୍ ଦ୍ୱାରା ସଫା କରିବା, ଦିନରେ ଝରକା ଖୋଲା ରଖିବା, ନଷ୍ଟ ହୋଇପାରୁଥିବା ପ୍ଲେଟ୍‌ରେ ଖାଇବାକୁ ଦେବା, ହାଉସ୍ କିପିଂ କର୍ମଚାରୀ ମାସ୍କ ପିନ୍ଧି ସଫେଇ କରିବା, ଡାକ୍ତର ଓ ଅନ୍ୟ ଅଧିକାରୀଙ୍କ ବ୍ୟତୀତ କୌଣସି ବନ୍ଧୁ ତାଙ୍କୁ ଦେଖା ନ କରିବା, ସିସିଟିଭିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଗତିବିଧି ଉପରେ ନଜର ରଖିବା ସହ କୌଣସି ସମସ୍ୟା ଥିଲେ ବିଏମ୍‌ସିକୁ ଅବଗତ କରାଇବାକୁ ସମ୍ପୃକ୍ତ ହୋଟେଲ କର୍ତ୍ତୃପକ୍ଷଙ୍କୁ ବିଏମ୍‌ସି ନିର୍ଦ୍ଦେଶ ଦେଇଛି।

## 'ହାଡ଼ଫୁଟି ଭଳି ୧୪ ଦିନ ...

ପର୍ଯ୍ୟନ୍ତ ଅଲଗା ଘରେ ରଖି ଯତ୍ନ ନେଉଥିଲେ, କରୋନା ପାଇଁ ଆମକୁ ସେଭଳି ବ୍ୟବସ୍ଥା କରିବାକୁ ପଡ଼ିବ। ଘରେ ଅଲଗା ରହିବା ହିଁ ସବୁଠାରୁ ଉପଯୁକ୍ତ ଉପଚାର। ଏହାକୁ ଭୟ କରନ୍ତୁ ନାହିଁ। ନିଜେ ସତର୍କ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ନିବେଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଅନେକ ଆଗୁଆ ପଦକ୍ଷେପ ନେଇଛନ୍ତି। ହିତାଧିକାରୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନାରେ ଦିଆଯାଉଥିବା ମାସିକ ଭତ୍ତା ଆସନ୍ତା ୪ ମାସ ପାଇଁ ପ୍ରଦାନ କରାଯିବ। ଜନସମାବେଶକୁ ସୀମିତ ରଖିବା ପାଇଁ ହିତାଧିକାରୀଙ୍କୁ ଏହି ଭତ୍ତା ନିଜ ଗ୍ରାମରେ ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଚଳିତ ମାସ ୧୯ ତାରିଖରେ ହେବାକୁ ଥିବା ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସଭାରେ ଗ୍ରାମୱାରି ଭତ୍ତା ବଣ୍ଟନ ତାରିଖ ଓ କାର୍ଯ୍ୟକ୍ରମ ସ୍ଥିର କରାଯିବ।

ସେହିପରି ଆସନ୍ତା ଏପ୍ରିଲ ପହିଲାରୁ ମେ ୧୫ ମଧ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ୩ ମାସ ପାଇଁ ଚାଉଳ, ଗହମ ଓ କିରୋସିନ ଯୋଗାଇ ଦିଆଯିବ। ସରକାରୀ ଖୁଚୁରା ଦୋକାନରେ ଗହଳି କମାଇବାକୁ ଏଭଳି ପଦକ୍ଷେପ ନିଆଯାଇଛି। କୋଭିଡ-୧୯ ଏକ ସଂକ୍ରାମକ ରୋଗ ହୋଇଥିବାରୁ ପିଓଏସ୍, ବାୟୋମେଟ୍ରିକ ଏବଂ ଆଇରିସ ମେଶିନ ବ୍ୟବହାରକୁ ନିଷେଧ କରାଯାଇଛି।

ବିଦେଶରୁ ଓଡ଼ିଶାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି

## ପ୍ରଥମ ପୃଷ୍ଠାରୁ...

ରେଜିଷ୍ଟ୍ରେଶନ ରେଗୁଲେଶନ ଅନୁଯାୟୀ ନିଜକୁ ପଞ୍ଜୀକୃତ କରାଇବା ସହିତ ନିଜକୁ ନିଜ ଘରେ ୧୪ ଦିନ ଅଲଗା ରହିବାକୁ ଚେଷ୍ଟା କରିବେ। ଯେଉଁ ବ୍ୟକ୍ତିମାନେ ଏହି ସମୟକୁ ସଫଳତାର ସହ ଶେଷ କରିଥିବେ ସେମାନଙ୍କୁ ପ୍ରୋତ୍ସାହନ ରାଶି ସ୍ୱରୂପ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ଗ୍ରାମ ପଞ୍ଚାୟତର ସଭ୍ୟମାନେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦେଶ ବାହାରୁ ଆସିଥିବା ବ୍ୟକ୍ତିଙ୍କର ନାମ ପଞ୍ଜୀକରଣ କରିବା ପାଇଁ ସୂଚନା ଦେବେ। ଓଡ଼ିଶା ବାହାରୁ ଆସୁଥିବା ଲୋକମାନେ ଯେପରି ସ୍ୱଇଚ୍ଛାରେ ୧୪ ଦିନ ପର୍ଯ୍ୟନ୍ତ ନିଜ ଘରେ ଅଲଗା ରହିବେ, ସେଥିପାଇଁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଛନ୍ତି। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ବ୍ୟକ୍ତିମାନେ ଯଥାସମ୍ଭବ ଘରେ ରହିବାକୁ ପରାମର୍ଶ ଦିଆଯାଇଛି।

ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ସହାୟିକାମାନେ ସକାଳ ଜଳଖିଆ, ଗରମ ରନ୍ଧାଖାଦ୍ୟ ଓ ଶୁଖିଲା ରାଶନ ହିତାଧିକାରୀଙ୍କ ଘରେ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରତ୍ୟେକ ଏଏନଏମ୍ ଏବଂ ଆଶାକର୍ମୀଙ୍କ ପାଖରେ ଔଷଧ ଏବଂ ଓଆରଏସ୍ ପାଉଡର ଉପଲବ୍ଧ କରାଯିବ। ଏହାଛଡ଼ା ଅତ୍ୟାବଶ୍ୟକ ଏବଂ ଜୀବନ ରକ୍ଷାକାରୀ ଔଷଧ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ନିରାମୟ କାଉଣ୍ଟରରେ ଉପଲବ୍ଧ କରାଯିବାର ବ୍ୟବସ୍ଥା ହୋଇଛି।

ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବିଜୁଳି, ପାଣି , ଶୌଚାଳୟ ଏବଂ ପାୱାର ବ୍ୟାକ୍‌ଅପ ସୁବିଧା ଥିବା ଏକ ନିର୍ଦ୍ଦିଷ୍ଟ ଘରକୁ ପ୍ରସ୍ତୁତ ରଖାଯିବ। ଆବଶ୍ୟକ ପଡ଼ିଲେ ଏହାକୁ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଭାବେ ବ୍ୟବହାର କରାଯିବ। ଏଥିପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି।

## ଧର୍ମାନୁଷ୍ଠାନ ପାଇଁ ...

୪%, ଦକ୍ଷିଣ କୋରିଆ, ଇଟାଲୀ, ଫ୍ରାନ୍ସରୁ ୧% ଲେଖାଏ ଆସିଛନ୍ତି। ବାକି ୫୫% ଅନ୍ୟ ଦେଶରୁ ଆସିଛନ୍ତି। ପଞ୍ଜୀକରଣ କରିଥିବା ବ୍ୟକ୍ତିମାନେ ମୋଟ ୮୦ଟି ଦେଶରୁ ଆସିଛନ୍ତି। ଓଡ଼ିଶାର ଖୋର୍ଦ୍ଧା ଜିଲାରେ ସର୍ବାଧିକ ୩୭% ପଞ୍ଜୀକରଣ କରିଛନ୍ତି। କଟକରୁ ୧୧%, ଗଞ୍ଜାମ ୯%, କେନ୍ଦ୍ରାପଡ଼ା ୬%, ବାଲେଶ୍ୱର ୫% ଏବଂ ବାକି ସବୁ ଅନ୍ୟ ଜିଲାର ଅଟନ୍ତି। ତେବେ ଓଡ଼ିଶାର ମାଲାକାନଗିରିକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରୁ ବିଦେଶ ଫେରନ୍ତାମାନେ ପଞ୍ଜୀକରଣ କରିଛନ୍ତି। ପଞ୍ଜୀକରଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ବାଧିକ ୨୦ରୁ ୪୦ ବୟସ୍କ ରହିଛନ୍ତି। ଏମାନଙ୍କ ସଂଖ୍ୟା ୧୨୫୯ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୦୪ ହେଲ୍ପଲାଇନ୍‌କୁ ୧୩,୬୨୭ କଲ୍ ଆସିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏଟିଏମ୍ କାଉଣ୍ଟରଗୁଡ଼ିକରେ ସ୍ୱଚ୍ଛତା ରକ୍ଷା ପାଇଁ ବ୍ୟାଙ୍କ ଦ୍ୱାରା ନିୟୋଜିତ ସାନିଟାରି ଅପରେଟରମାନଙ୍କ କାର୍ଯ୍ୟ ଯାଞ୍ଚ କରିବା ପାଇଁ ଓସ୍‌ଡମା ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ଦିଆଯାଇଛି। ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ୍ କଲେଜ ହସ୍ପିଟାଲ୍‌ଗୁଡ଼ିକରେ ଆଇସୋଲେଶନ୍ ସୁବିଧା ଉପଲବ୍ଧ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାଗୁଡ଼ିକରେ ୫୪୦ଟି ଆଇସୋଲେଶନ୍ ବେଡ୍ ପ୍ରସ୍ତୁତ ଅଛି। ତେବେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଦ୍ୟାବଧି ୬୩୨୩ଟି କୋଠାଗୃହକୁ ସାମୟିକ ଚିକିତ୍ସା ଶିବିର ପାଇଁ ଚିହ୍ନଟ କରାଯାଇଛି। ସେହିପରି ସହରାଞ୍ଚଳରେ ୨୬୧ଟି କୋଠାଘରକୁ ମଧ୍ୟ ଏହି ଉଦ୍ଦେଶ୍ୟରେ ଚିହ୍ନଟ କରାଯାଇଛି। ମାସ୍କ ବ୍ୟବହାର ଉପରେ ମଧ୍ୟ ବାଗ୍‌ଚୀ ଗୁରୁତ୍ୱ ଦେଇଛନ୍ତି। ଯାହାର ସଂକ୍ରମଣର ସନ୍ଦେହ ରହିଛି ଏବଂ ସ୍ୱାସ୍ଥ୍ୟ କର୍ମୀମାନେ ମାସ୍କ ବ୍ୟବହାର କରିବେ। ଅନ୍ୟମାନେ ମାସ୍କ ବ୍ୟବହାର କରିବାର ଆବଶ୍ୟକତା ନାହିଁ ବୋଲି ବାଗ୍‌ଚୀ କହିଛନ୍ତି। ସେପଟେ ଭୁବନେଶ୍ୱରରେ ବିଭିନ୍ନ ହାଟକୁ ସ୍ୱଳ୍ପ ସମୟ ପାଇଁ ବନ୍ଦ କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହାଟ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବୁଧବାର ପଠାଯାଇଛି ୬ ନମୁନା

ଅଦ୍ୟାବଧି ଓଡ଼ିଶାରେ କୋଭିଡ୍-୧୯ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୧୮ ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ଡାକ୍ତରଖାନାରେ ଆଇସୋଲେଶନ୍‌ରେ ରଖାଯାଇଛି। ମଙ୍ଗଳବାର ୧୨ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା ସେସବୁ ନେଗେଟିଭ୍ ଆସିଛି। ବୁଧବାର ଆଉ ୬ଜଣଙ୍କ ନମୁନା ପଠାଯାଇଛି। ସେମାନଙ୍କ ରିପୋର୍ଟ ନେଗେଟିଭ୍ ଆସୁ ବୋଲି ବାଗ୍‌ଚୀ ଆଶାବ୍ୟକ୍ତ କରିଛନ୍ତି। ତେବେ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୪୭ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ସେମାନଙ୍କ ମଧ୍ୟରୁ ୪୬ଜଣଙ୍କର ନେଗେଟିଭ୍ ଆସିଥିବା ବେଳେ ଜଣଙ୍କର ପଜିଟିଭ୍ ଆସିଛି।

## ସୁସ୍ଥ ହେଉଛନ୍ତି କରୋନା ଆକ୍ରାନ୍ତ

ଇଟାଲୀରୁ ଫେରିଥିବା ଭୁବନେଶ୍ୱରର ୩୩ବର୍ଷୀୟ ଯୁବକ କରୋନା ଭୂତାଣୁରେ ଆକ୍ରାନ୍ତ ହେବା ପରେ ସବୁଠି ଏବେ ତାଙ୍କ ଉପରେ ନଜର ରହୁଛି। ବର୍ତ୍ତମାନ କିନ୍ତୁ ତାଙ୍କୁ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ବୁଧବାର ସକାଳେ ସେ ଉପମା, ବିସ୍କୁଟ୍, ଆଳୁ ମଟର ତରକାରି ଖାଇଥିଲେ। ସେହିପରି ଅପରାହ୍ନରେ ତାଙ୍କୁ ଭାତ, ଡାଲମା, ମିକ୍ସ ଭେଜ୍ ଓ ଦୁଇଟି ରୁଟି ଖାଇବାକୁ ଦିଆଯାଇଥିଲା। ଏ ସବୁକୁ ସେ ଖାଇଛନ୍ତି ଓ ଧୀରେ ଧୀରେ ଭଲ ହେଉଛନ୍ତି ବୋଲି ବାଗ୍‌ଚୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କର୍ମକ୍ଷେତ୍ରରେ ଶନି ସହ ଚନ୍ଦ୍ର ଯୋଗ ଆପଣଙ୍କୁ କର୍ମଦକ୍ଷତା, ଉଚ୍ଚ ସମ୍ମାନ, ବନ୍ଧୁଗହଣରେ ପ୍ରଶଂସିତ କରାଇବ। ପାରିବାରିକ ଶାନ୍ତି, ସାମାଜିକ ସମ୍ମାନ, ଯାନବାହନ ଲାଭ ସହ ଆଇନ ଅଦାଲତରେ ବିଜୟୀ ହେବେ। ଶିଳ୍ପ, ପରିବହନ, ବ୍ୟବସାୟ, ନିର୍ମାଣ, ବିବାଦୀୟ ଘଟଣା ଓ ସଭାସମିତି ତଥା ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ**
ଶନି କ୍ଷେତ୍ରସ୍ଥ ଚନ୍ଦ୍ର ହେତୁ ଆତ୍ମୀୟସ୍ୱଜନ ଓ ହିତାକାଂକ୍ଷୀଙ୍କ ଆଦର, ଗୌରବରୁ ଆତ୍ମତୃପ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଆକସ୍ମିକ ସୁଯୋଗ ଆପଣା ଛାଏଁ ଆସିବ, ଅବଶ୍ୟ ତାହାର ସଦୁପଯୋଗ କରି ପାରିଲେ ଉପକୃତ ହେବେ। କିନ୍ତୁ ପ୍ରସ୍ତୁତି ପଥରେ ଥିବା କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ।

**ମିଥୁନ**
ରବି ଓ ବୁଧ ନିଜ ନିଜ ଭାବରୁ ଦୁଃସ୍ଥାନସ୍ଥ ଯୋଗୁ ପାରିବାରିକ ସମସ୍ୟା ଓ ଅର୍ଥର ବୋଝ ମନକୁ ବିଚଳିତ କରିପାରେ। ଶୁକ୍ରଙ୍କ ଶୁଭ ସଂସ୍ଥାନରୁ କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଏହାସାଙ୍ଗକୁ ଆଇନ, ଅଦାଲତ, ଇଲେକ୍‌ଟ୍ରୋନିକ୍ସ, ମେଡିକାଲ୍ ସାଇନ୍ସ, ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବନାହିଁ।

**କର୍କଟ**
ଶୁକ୍ରଙ୍କ ଶୁଭଦୃଷ୍ଟିରେ ସାମାଜିକ ସମ୍ମାନ, ପାରିବାରିକ ଶାନ୍ତି, ବିଳାସବ୍ୟସନ, ଯାନବାହନାଦି ପ୍ରାପ୍ତି ହୋଇପାରେ। ଭାଇ, ବନ୍ଧୁ, ସହକର୍ମୀ, ଅଂଶୀଦାର ବ୍ୟବସାୟୀମାନଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପ୍ରଶାସନ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଆନୁଷ୍ଠାନିକ କାମ ତଥା ସଭା ସମିତିରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ**
ଆଜି ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ଅର୍ଥାଭାବ ପାରିବାରିକ ଅସ୍ଥିରତା ସୃଷ୍ଟି କରିବାର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା କାରଣରୁ ଅହେତୁକ ଭୟ ଓ ଆଶଙ୍କାଜନିତ କୌଣସି କାର୍ଯ୍ୟ କରିବାରେ ଦ୍ୱନ୍ଦ୍ୱଯୁକ୍ତ ହେବେ। ନିଜ ଲୋକମାନଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହୋଇପଡ଼ିବ।

**କନ୍ୟା**
ବନ୍ଧୁ ଓ ସମ୍ପର୍କୀୟଙ୍କ ବେଖାତିର ମନୋଭାବ ଏବଂ ଅପପ୍ରଚାର ମାନସିକ ସ୍ଥିତିକୁ ଅସ୍ଥିର କରିପାରେ। ଶୁକ୍ର ପ୍ରଭାବରୁ ଅପୂରଣୀୟ ଆଶା ଓ ଅର୍ଥର ଅଭାବ ହେତୁ ସ୍ଥଗିତ କାର୍ଯ୍ୟ ଓ ମାନସିକ ସ୍ଥିତିରେ ଆଶାର ଝଲକ ପରିଲକ୍ଷିତ ହେବ। ପରିସ୍ଥିତି ଯାହାହେଉନା କାହିଁକି, ଆପଣ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ତୁଳା**
ସ୍ୱାସ୍ଥ୍ୟ ଭଲ ରହିବା ସହ ଖୁସୀ ମନରେ କାମ କରିବାରେ ଆଜି କୌଣସି ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ର, ସଭାସମିତି, କଚେରି ମାମଲା ତଥା ସାମାଜିକସ୍ତରରେ ସମ୍ମାନ ଲାଭର ଯୋଗ ରହିଛି। ନୂତନ ଗୃହ ନିର୍ମାଣ, ଯାନବାହନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇ ପାରନ୍ତି।

**ବିଛା**
ଭାଗ୍ୟସ୍ଥାନକୁ ଭାଗ୍ୟାଧିପତିଙ୍କ ସହ ଶନିଙ୍କ ଦୃଷ୍ଟି ଯୋଗୁ ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ବ୍ୟତିକ୍ରମ ଭିତରେ ସଫଳ ହେବ। ବନ୍ଧୁମାନଙ୍କ ସାହାଯ୍ୟରୁ ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ।

**ଧନୁ**
ଆର୍ଥିକ ଅଭିବୃଦ୍ଧି ସହ ଆପଣଙ୍କ ସୁନ୍ଦର ବିଚାରଧାରା ବନ୍ଧୁଗହଣରେ ପ୍ରଶଂସିତ ହେବା ସହ ଜନାଦୃତ ହେବ। କୋଣଭାବସ୍ଥ ଶୁକ୍ର ଯୋଗୁ ଶିକ୍ଷା, ସନ୍ତାନ, ପରୀକ୍ଷା ଓ ଇଣ୍ଟରଭ୍ୟୁ କ୍ଷେତ୍ରରେ ସଫଳତା ପାଇବେ। ସଭାସମିତି, ବିବାଦୀୟ କ୍ଷେତ୍ର ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ବ୍ୟବସାୟରେ ଭଲ କାରବାର ହେବ।

**ମକର**
ଶ୍ରବଣା ନକ୍ଷତ୍ର ସକାଶେ ଚନ୍ଦ୍ର ଓ ଶନିଙ୍କ ରାଶ୍ୟାବସ୍ଥାନ ଆପଣଙ୍କୁ ଥଣ୍ଡା ରୋଗରେ ପୀଡ଼ିତ କରାଇପାରେ। ବିଭିନ୍ନ ବିଷୟ ଚିନ୍ତାକରି ମାନସିକ ସ୍ଥିତି ସନ୍ତୁଳିତ ମଧ୍ୟ ରହିବ ନାହିଁ। ଯେତେ ପ୍ରକାର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହେବା ଅସମ୍ଭବ ହୋଇପଡିବ। ଧନିଷ୍ଠା ବନ୍ଧୁମାନଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**କୁମ୍ଭ**
ରବି ଧନସ୍ଥାନସ୍ଥ ଯୋଗୁ ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ଅର୍ଥଲାଭ ଓ ସମସ୍ୟା ସମାଧାନ ହୋଇଯିବ। ରାଜନୈତିକ ସ୍ଥିତିରେ ଉନ୍ନତ ଫଳ ପାଇବେ। ସ୍ୱଗୃହାଭିମୁଖୀ ଶୁକ୍ର ପ୍ରଭାବରେ ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। କିନ୍ତୁ ଈର୍ଷାପରାୟଣ କିମ୍ବା ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି।

**ମୀନ**
ଆଜି ଉଚ୍ଚ ଆଶା ସଫଳ ହେବ। ପଦସ୍ଥ ବ୍ୟକ୍ତିଙ୍କ ସହାୟତା ପାଇବେ ଏବଂ ନୂତନ ବନ୍ଧୁସମ୍ପର୍କ ସ୍ଥାପନ ହେବ। ଆଜିର ପ୍ରତ୍ୟୁଷ ଯାତ୍ରା ଆପଣଙ୍କ ପାଇଁ ସଫଳତା ଆଣିଦେବ। ବାଣିଜ୍ୟ, ପରିବହନ ଓ ସଭାସମିତି ପ୍ରତ୍ୟେକ କ୍ଷେତ୍ରରେ ବିଜୟ ଏବଂ ଗୌରବାର୍ଜନ ନିଶ୍ଚିତ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

ଆଜି ଚୈତ୍ର କୃଷ୍ଣପକ୍ଷ ଏକାଦଶୀ, ଗୁରୁବାର, ମାର୍ଚ୍ଚ ୧୯ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଦିବା ଘ୨।୪୯ମି. ଗତେ ଶ୍ରବଣା, ତୁଳା ଓ କୁମ୍ଭ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାତ୍ର ଘ୨।୪୨ମି. ଗତେ ଘ୩।୩୦ମି. ମଧ୍ୟେ ଅମୃତବେଳା। ସକାଳ ଘ୫।୫୫ମି. ଗତେ ଘ୭।୩୦ମି. ମଧ୍ୟେ, ଦିବା ଘ୧୦।୪୨ମି. ଗତେ ଘ୧୧।୦୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୪ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Tata ACE mega 2016 model in excellent condition. 9439778849. D-17153

Tata Indigo ECS private reg. personal use, Maruti Wagnor in excellent condition. 9439778849. D-17154




**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/-(installment/ outrightରେ) ମିଳୁଅଛି। 9937025614, 7008390130.** D-68480

**2BHK ready to move flat sale at Patrapada Market, Bhubaneswar. 6370292040.** D-69109

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/-** ବିକ୍ରିହେବ। **9439270333.** D-69108

Demarcated plots under CMC, 800 mtr from NH Balikuda-8658182243. D-68076

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68797

New Bhubaneswar Railway Station ପାଖରେ Dhawa ମୌଜାରେ ଘରବାରି ପ୍ଲଟ୍ ମିଳୁଛି। 9583430150. D-69305

ଭୁବନେଶ୍ୱରର ପଟିଆ ରଘୁନାଥପୁର, ଫୁଲନଖରା ପାଖରେ **1,2,3,4BHK flat, simplex, duplex** ଅଛି। **8327785834, 9658122456.** D-69114




Relaxing body massage by trend lady, gents therapist. 9861193818. D-60879

Relaxing body massage by trend lady, gents therapist. 8018656899. D-60880

Ayurvedic full body massage ladies and gents. Contact-9861064981. D-68796

Monalisa massage: All types body massage with hiprofile smart lady air condition rooms available. 9708545108. D-17180

Full body herbal massage with refreshment expert therapist. 7381239385, 06742540855. D-69253

Experience full body massage with us (expert). Call: 7377048581, 06742597822. D-69254

Herbal full body massage by smart / expert therapist. Contact: 8338067247. D-69255

Experience winter therapeutic Abhyanga massage feeling refreshing energetic: Appointment-9668374480. D-69256

Rejuvenate and Ayurvedic full body massage by smart therapist. 9114402304. D-69257

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69258




A reputed running Hospital in heart of the city in Bhubaneswar with all ammenities. Finance facility also available. 9439778849. D-17152

**AFFIDAVIT**

By virtue of an affidavit I Laxmi Prasad Nayak father of Ajad Nayak declare that in my son's real name is Ajad Nayak as per Aadhaar Card & other documents. But in my son's Passport No. M7799420 (Issued in Gujrat) it's mentioned as Ajad Laxmiprasad Nayak. Hence I declare that Ajad Nayak & Ajad Laxmiprasad Nayak is one and same person. D-17185

By virtue of an affidavit I Sanghamitra Nayak declare that my real name is Sanghamitra Nayak as per my Aadhaar Card. But in my Passport No. H9456723 (Issued in Gujrat) it's mentioned as Sanghamitra Laxmiprasad Nayak. Hence I declare that Sanghamitra Nayak & Sanghamitra Laxmiprasad Nayak is one and same person. D-17186

By virtue of an affidavit I Manoj Kumar Nahak declare that my real name is Manoj Kumar Nahak as per my all documents. But in my Passport No. H9454185 (Issued in Gujrat) it's mentioned as Manojkumar Bijayakumar Nahak. Hence I declare that Manoj Kumar Nahak & Manojkumar Bijayakumar Nahak is one and same person. D-17187

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

By virtue of an affidavit I Laxmi Prasad Nayak father of Mohan Nayak declare that in my son's real name is Mohan Nayak as per Aadhaar Card & other documents. But in my son's Passport No. M7799419 (Issued in Gujrat) it's mentioned as Mohan Laxmiprasad Nayak. Hence I declare that Mohan Nayak & Mohan Laxmiprasad Nayak is one and same person. D-17188

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଭୁବନେଶ୍ୱରରେ ସନ୍ଧ୍ୟା ୬ ପରେ ହାଟ, ବଜାର ବନ୍ଦ

**■ ୩୧ ତାରିଖ ଯାଏ ବଳବତ୍ତର ରହିବ ନିର୍ଦ୍ଦେଶ**

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ସବୁଆଡେ କଟକଣା ଲାଗୁ ହେବା ପରେ ଲୋକେ ହାଟ ଓ ବଜାର ଉପରେ ଅଧିକ ନିର୍ଭରଶୀଳ ହୋଇପଡିଛନ୍ତି। ଏସବୁ ସ୍ଥାନରେ ବିଶେଷକରି ସନ୍ଧ୍ୟାରେ ଅଧିକ ଗହଳି ହେଉଛି। ତେଣୁ ସଂକ୍ରମଣ ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଭିଡ଼ ହ୍ରାସ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ବୁଧବାର ଆଉ ଏକ କଟକଣା ଜାରି କରାଯାଇଛି। ସହରରେ ଥିବା ସମସ୍ତ ହାଟ ଓ ବଜାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ସନ୍ଧ୍ୟା ୬ଟାରୁ ଏସବୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାରଠାରୁ ଆସନ୍ତା ୩୧ ତାରିଖ ଯାଏ ଏହି ନିର୍ଦ୍ଦେଶ ବଳବତ୍ତର ରହିବ ବୋଲି ବିଏମ୍ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।




# କୋଷ୍ଟଗାର୍ଡରେ ସାମିଲ ହେଲା 'ଭରଦ୍'

ପାରାଦୀପ, ୧୮।୩ (ସ୍ୱ.ପ୍ର.)

ଉତ୍ତର-ପୂର୍ବ ଉପକୂଳ ସମୁଦ୍ର ସୀମାରେ ପାଟ୍ରୋଲିଂ ପାଇଁ ବୁଧବାର ଭାରତୀୟ ତଟରକ୍ଷୀ ବାହିନୀ(କୋଷ୍ଟଗାର୍ଡ)ରେ ଅତ୍ୟାଧୁନିକ ଯୁଦ୍ଧଜାହାଜ 'ଭରଦ' ସାମିଲ ହୋଇଛି। ବୁଧବାରଠାରୁ ଏହା ପାରାଦୀପସ୍ଥିତ ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ-୭ରୁ ପାଟ୍ରୋଲିଂ ଆରମ୍ଭ କରିଛି ବୋଲି କୋଷ୍ଟଗାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଜାହାଜରେ ୩୦ ଏମ୍.ଏମ୍. ଗନ୍, ୧୨.୭ ଏମ୍.ଏମ୍. ଗନ୍ ସହ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ରହିଛି। ୯୮ମିଟର ଲମ୍ବ ଓ ୨୧୦୦ ଟନ୍ ବିଶିଷ୍ଟ ଓଜନର ଏହି ଜାହାଜରେ କେତେକ ସ୍ୱୟଂ ସୁବିଧା ରହିଛି। ବର୍ଥରେ ଲାଗିବା ବେଳେ ଏହା ପୋଲ ଭଳି ସ୍ୱୟଂ ଶିଡ଼ି କରିବ ଏବଂ ଏଥିରେ ପ୍ଲାଟଫର୍ମର ସୁବିଧା ମଧ୍ୟ ରହିଛି। ସ୍ୱୟଂ ବିଦ୍ୟୁତ୍ ପ୍ରକ୍ରିୟାକରଣ ବ୍ୟବସ୍ଥା ସହ ଉନ୍ନତମାନର ଅଗ୍ନି ନିର୍ବାପକ ବ୍ୟବସ୍ଥା, ଦୁଇଟି ହେଲିକପ୍ଟର ଉଡ଼ାଣ ଭରିବା ଭଳି ବ୍ୟବସ୍ଥା, ୪ ହାଇସ୍ପିଡ ବୋଟ୍, ଦୁଇଟି ଅଗ୍ନି ନିର୍ବାପକ ଫାଇବର ବୋଟ୍, 'ଲ' ଇନ୍‌ଫୋର୍ସମେଣ୍ଟ, ମେରିଟାଇମ୍ ପାଟ୍ରୋଲିଂ ଅପରେଶନ କାମ ଆଦି କାମ କରିବାର କ୍ଷମତା 'ଭରଦ' ପାଖରେ ରହିଛି। ଏହା ଘଣ୍ଟା ପ୍ରତି ୪୬.୮ କିମି ବା ୨୬ ନଟିକାଲ ମାଇଲ ବେଗରେ ଗତି କରିପାରିବ। ଏହାର ୨ଟି ଡିଜେଲ ଇଞ୍ଜିନ୍ ରହିଛି। ଏକାଥରେ ୫ହଜାର ନଟିକାଲ ମାଇଲ (୯ହଜାର) କିମି ଯାଇପାରିବ। ଏଥିରେ କୋଷ୍ଟଗାର୍ଡ କମାଣ୍ଡାଣ୍ଟ ପିଣ୍ଟୁ ବାଗ୍‌ଙ୍କ ସମେତ ୧୧ ଅଫିସର ଓ ୯୧ ଜଣ ଜବାନ ଅଛନ୍ତି। ଏଲ୍ ଆଣ୍ଡ ଟି କମ୍ପାନୀ ପକ୍ଷରୁ ନିର୍ମିତ ଏହି ଜାହାଜ ଉତ୍ତର-ପୂର୍ବ ମୁଖ୍ୟାଳୟ କଲିକତାଠାରେ ଗତ ଫେବୃୟାରୀ ୨୮ରେ (କମିଶନିଂ) କୋଷ୍ଟଗାର୍ଡରେ ସାମିଲ ହୋଇଥିଲା। ବୁଧବାରଠାରୁ ଏହା ପାରାଦୀପରେ ସେବା ଆରମ୍ଭ କରିଛି। ଏହାକୁ ମିଶାଇ ପୂର୍ବ ଉପକୂଳରେ କୋଷ୍ଟଗାର୍ଡର ୭ଟି ଜାହାଜ ପାଟ୍ରୋଲିଂ ପାଇଁ ନିୟୋଜିତ ହୋଇଛି। ଉପକୂଳ ସୁରକ୍ଷା, ଶତ୍ରୁପକ୍ଷ ମୁକାବିଲା, ବିପର୍ଯ୍ୟୟ ବେଳେ ଉଦ୍ଧାର କାର୍ଯ୍ୟ, ସାମୁଦ୍ରିକ ପ୍ରଦୂଷଣ ରୋକିବା, ପାଣିରେ ତେଲ ଆସ୍ତରଣକୁ ନଷ୍ଟ କରିବା, ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ବିପଦ ବେଳେ ରକ୍ଷା କରିବା, ଜଳଯାନରେ ଅଗ୍ନିକାଣ୍ଡ ବେଳେ ଉଦ୍ଧାର କାମ କରିବା ପାଇଁ ପାଟ୍ରୋଲିଂ ଜାହାଜ କାର୍ଯ୍ୟ କରୁଛି।



ପାରାଦୀପ ତଟରେ ଅତ୍ୟାଧୁନିକ ଯୁଦ୍ଧଜାହାଜ 'ଭରଦ'।




# ଆଖି ବୁଜିଲା କଲରାପତରିଆ ବାଘ ସୂରଜ



ବାରଙ୍ଗ,୧୮।୩(ଡି.ଏନ.ଏ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗତ କିଛିଦିନ ହେବ ବନ୍ୟପ୍ରାଣୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଇତି ମଧ୍ୟରେ ନନ୍ଦନକାନନରେ ଅନ୍ୟତମ ଆକର୍ଷଣ ସାଜିଥିବା ୧୬ବର୍ଷିୟା କଲରାପତାରିଆ ବାଘ ସୂରଜ ମଙ୍ଗଳବାର ରାତିରେ ଆଖି ବୁଜିଛି। ଗତ ଦେଢ଼ ମାସହେବ ସେ ଅସୁସ୍ଥ ରହି ନନ୍ଦନକାନନର ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲା। ସ୍ୱାସ୍ଥ୍ୟରେ ତା'ର ଉନ୍ନତି ନ ହେବାରୁ ଓୟୁଏଟିରୁ ଡାକ୍ତରମାନେ ଆସି ସ୍ୱାସ୍ଥ୍ୟାବସ୍ଥାକୁ ଅନୁଧ୍ୟାନ କରି ଏଠାକାର ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ମଙ୍ଗଳବାର ଅପରାହ୍ନରେ ହଠାତ୍ ସୂରଜର ଅସୁସ୍ଥତା ପରିମାଣ ବଢ଼ିଯାଇଥିଲା। ସଙ୍ଗେ ସଙ୍ଗେ ତାକୁ ସ୍ୱତନ୍ତ୍ର ୱାର୍ଡରେ ରଖି ଚିକିତ୍ସା କରାଯାଇଥିଲେ ମଧ୍ୟ ରାତି ୧୧ଟାରେ ମୃତ୍ୟୁ ଘଟିଥିଲା। ସାଧାରଣତଃ କଲରାପତାରିଆ ବାଘମାନେ ୧୨ରୁ ୧୭ବର୍ଷ ବଞ୍ଚୁଥିବାବେଳେ ନନ୍ଦନକାନନରେ ସୂରଜ ୧୬ବର୍ଷ ବଞ୍ଚିପାରିଥିଲା। ରକ୍ତ ସଂକ୍ରାମଣ ରୋଗରେ ପୀଡ଼ିତ ହେବା ସହ ତା'ର ଯକୃତ ନଷ୍ଟ ହୋଇଯାଇଥିଲା। ଅଧିକ ଆଭ୍ୟନ୍ତରୀଣ ରକ୍ତସ୍ରାବ ଯୋଗୁ ତାର ମୃତ୍ୟୁ ଘଟିଲା ବୋଲି ପ୍ରାଥମିକ ପର୍ଯ୍ୟାୟରେ ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ସୂରଜର ମୃତ୍ୟୁ ପରେ କଲରାପତାରିଆ ବାଘସଂଖ୍ୟା ହ୍ରାସପାଇ ୫ରେ ପହଞ୍ଚିଛି। ସେଥିମଧ୍ୟରେ ୩ଅଣ୍ଡିରା, ୨ ମାଈଥିବାର ଜଣାପଡିଛି। ସୂଚନାଯୋଗ୍ୟ, ସୂରଜ ୩/୪ମାସର ହୋଇଥିବାବେଳେ ଭଞ୍ଜନଗରରୁ ଜୁଲାଇ ୨୦୦୪ରେ ନନ୍ଦନକାନନକୁ ଆସିଥିଲା।

# ନନ୍ଦନକାନନକୁ ଆସିଲେ ୬ ନୂଆ ଅତିଥି





ବାରଙ୍ଗ,୧୮।୩(ଡି.ଏନ.ଏ) ; ଗୋଟିଏପଟେ ନନ୍ଦନକାନନର ମୁଖ୍ୟ ଆକର୍ଷକ କଲରପତରିଆ ବାଘ ସୂରଜକୁ ହରାଇ ଦୁଃଖରେ ଥିବାବେଳେ ଅନ୍ୟପଟେ ଏକାସଙ୍ଗେ ୬ଟି ନୂଆ ଅତିଥି ଆସି ଖୁସି ଆଣିଦେଇଛି। ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ୪ଟି ଏସିୟ ଅଣ୍ଡିରା ସିଂହ ସହ ହଳେ କୋକିଶିଆଳି ଆସିଛନ୍ତି। ଏହି ସିଂହ ଆସିବା ପରେ ସିଂହସଫାରିରେ ଛଡ଼ାଯିବାର ଯୋଜନା କରିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଏଣିକି ପର୍ଯ୍ୟଟକମାନେ ସିଂହ ସଫାରିରେ ଅଧିକ ସିଂହ ଦେଖିବାର ସୁଯୋଗ ପାଇପାରିବେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ମୁତାବକ ଛତିଶଗଡ଼ ରାଜ୍ୟ ବିଳାସପୁରସ୍ଥିତ କାନନପେଣ୍ଡାରୀ ଚିଡିଆଖାନାରୁ ୪ ଅଣ୍ଡିରା ଏସିୟ ସିଂହ ଓ ହଳେ କୋକିଶିଆଳି ମଙ୍ଗଳବାର ରାତିରେ ନନ୍ଦନକାନନରେ ଆସି ପହଞ୍ଚିଛି। ଏମାନଙ୍କ ସ୍ୱାସ୍ଥ୍ୟ ଭଲଥିବାବେଳେ କିଛିଦିନ ପାଇଁ ଡାକ୍ତରଙ୍କ ନଜରବନ୍ଦିରେ ରଖାଯିବ ବୋଲି ଜଣାପଡିଛି। ଏହାଫଳରେ ନନ୍ଦନକାନନରେ ସିଂହ ସଂଖ୍ୟା ବୃଦ୍ଧିପାଇ ୧୫ରେ ପହଞ୍ଚିଛି। ସେଥିମଧ୍ୟରେ ୮ ଅଣ୍ଡିରା, ୭ ମାଈ ଅଛନ୍ତି। ସେହିଭଳି ଭାବେ କୋକିଶିଆଳି ସଂଖ୍ୟା ବୃଦ୍ଧିପାଇ ୫ରେ ପହଞ୍ଚିଛି। ସେଥିମଧ୍ୟରେ ୨ ମାଈ, ୨ ଅଣ୍ଡିରା ଓ ଗୋଟକର ଲିଙ୍ଗନିରୂପଣ ହୋଇନାହିଁ ବୋଲି ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି ।

**Job Opportunity**
For Well Reputed South based spices company deals in wide range of Spices, Dhoop Agarbatti (Sambrani), Pickles, Pasta, Soyabari
Capable & Experienced M/F for the post of ASM, SO & SR.
**Business Opportunity**
Interested & Genuine Parties may contact for
SS & Distributors.
Sales Office
Mama™ Pure Spices
MAMAH AGRO INDUSTRIES PVT. LTD.
C 13/18, Anand Cinema Build., Teliabagh, Varanasi-221002 UP
Mob. : 7311187295, 7510099112 | Web. : www.masalabymama.com
email : marketing.masalabymama@gmail.com I masalabymama@gmail.com
Madurai Office : Narayanapuram, Madurai, Tamil Nadu



ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।
-ଶ୍ରୀମା



# ରାସାୟନିକ ରଙ୍ଗ ଓ କୁକୁଡ଼ା ଅଣ୍ଡା



ପରିବେଶ ପରିଚିନ୍ତା
ମାନେକା ଗାନ୍ଧୀ

ବହୁ ବର୍ଷ ଧରି ଆମେ କେତେକ ଜିନିଷକୁ ପସନ୍ଦ କରିବା ଓ ଅନ୍ୟଗୁଡ଼ିକୁ ନାପସନ୍ଦ କରିବାରେ ଅଭ୍ୟସ୍ତ ହୋଇଆସିଛୁ। ବେଳେବେଳେ ଏହି ପସନ୍ଦ ବା ନାପସନ୍ଦ କଥାଟା ଆଧୁନିକତା ଓ ଫ୍ୟାଶନ ନାମରେ ତରଙ୍ଗ ଭଳି ମାଡିଆସେ ଏବଂ କିଛିଦିନ ପରେ ସେଥିରେ ଭଟ୍ଟା ପଡ଼ିଯାଏ। କିନ୍ତୁ ଅନ୍ୟଗୁଡ଼ିକ ଶତାବ୍ଦୀ ଶତାବ୍ଦୀ ଧରି ସ୍ଥାୟୀଭାବେ ଆମ ଭିତରେ ବସାବାନ୍ଧି ରହିଯାଏ। କଳାଠାରୁ ଗୋରା ରଙ୍ଗ ଭଲ ବୋଲି ରହିଥିବା ଆମର ବିଶ୍ୱାସ ସ୍ୱାଧୀନତାର ୭୦ ବର୍ଷ ପରେ ମଧ ବଦଳିନାହିଁ। ଏମିତି ବିଶ୍ୱାସ ଅଣ୍ଡା ସହିତ ବି ଯୋଡି ହୋଇରହିଛି। ଅଣ୍ଡା ଖାଉଥିବା ଅଧିକାଂଶ ବ୍ୟକ୍ତି ବିଶ୍ୱାସ କରିନ୍ତି ଯେ, ଅଣ୍ଡାଟି ଯେତେ ହଳଦିଆ ହେବ ସେତେ ଭଲ। କିନ୍ତୁ ବାସ୍ତବରେ ଯଦି କେଶରର ରଙ୍ଗ ରକ୍ତାଭ ନାରଙ୍ଗୀ ହୋଇଥାଏ, ତେବେ ଏଥିରେ ବେଶି ଭିଟାମିନ୍ ଓ ଓମେଗା-୩ ଏବଂ ସବୁଠୁ କମ୍ କୋଲେଷ୍ଟରଲ ଥାଏ। ଖୋଲା ଜାଗାରେ, ଖରାରେ ବୁଲି କୀଟନାଶକମୁକ୍ତ ଘାସରେ ଥିବା ପୋକଜୋକ ଖାଉଥିବା କୁକୁଡ଼ାର ଅଣ୍ଡା ଯଦି ଆମେ ଖାଉଥାନ୍ତେ ତେବେ ଏହା ସତ ହୋଇଥାନ୍ତା। କିନ୍ତୁ ବହୁ ଦିନରୁ ସେ ସମୟ ଚାଲିଗଲାଣି। ଏବେ ଆପଣ ଯେଉଁ ଅଣ୍ଡା ଖାଉଛନ୍ତି ତାହା କୁକୁଡ଼ା ଫାର୍ମରୁ ଏବଂ କେବେ ବି ସବୁଜ କ୍ଷେତ ଦେଖି ନ ଥିବା କୁକୁଡ଼ାଙ୍କଠାରୁ ଆସୁଛି। ଏକ 'ଫ୍ରି ରେଞ୍ଜ' ଅଣ୍ଡା ବା ଦେଶୀ ଅଣ୍ଡା କହିଲେ ଫାର୍ମର ତାରଜାଲି ମଧ୍ୟରେ ବନ୍ଦୀ କିମ୍ବା ସିମେଣ୍ଟ ଚଟାଣ ଉପରେ ବହୁଳ ସଂଖ୍ୟାରେ ବଢୁଥିବା କୁକୁଡ଼ାଙ୍କ ଅଣ୍ଡାକୁ ବୁଝାଏ ନାହିଁ। କେବଳ ସୂର୍ଯ୍ୟାଲୋକରେ ବୁଲି ପ୍ରାକୃତିକ ଖାଦ୍ୟ ଖାଉଥିବା କୁକୁଡ଼ା ଅଣ୍ଡାର କେଶର ହଳଦିଆ ହୋଇପାରେ। ଶାଗ ତଥା ପଶୁମାନେ ଖାଉଥିବା ଘାସ ଭଳି ଉଚ୍ଚ କାରୋଟିନଏଡ୍‌ଯୁକ୍ତ ଖାଦ୍ୟ କେଶରକୁ ଗାଢ଼ ନାରଙ୍ଗୀ କରେ। ନଚେତ୍ କେଶର ଫିକା ହଳଦିଆ ହୋଇଥାଏ ଏବଂ ଖାଉଟି ବିଶ୍ୱାସ କରେ ଯେ, ସେ ଗୋଟିଏ ଖରାପ ଅଣ୍ଡା ଖାଉଛି। ଏଣୁ ବିଶ୍ୱ ସାରା କୁକୁଡ଼ା ଫାର୍ମଗୁଡ଼ିକ କେଶରର ରଙ୍ଗ ବଢ଼ାଇବା ଲାଗି ରାସାୟନିକ ଦ୍ରବ୍ୟ ବ୍ୟବହାର କରୁଛନ୍ତି। ଚାହୁଁଥିବା ହଳଦିଆ ବା ଗାଢ଼ ନାରଙ୍ଗୀ ରଙ୍ଗ ପାଇବା ପାଇଁ ଏହି କସ୍‌ମେଟିକ ଖାଦ୍ୟ ରଙ୍ଗଗୁଡ଼ିକୁ କୁକୁଡ଼ା ଖାଦ୍ୟରେ ଠିକ୍ ପରିମାଣରେ ମିଶାଇ କୁକୁଡ଼ାଙ୍କୁ ଦିଆଯାଏ।

'ଫ୍ରି ରେଞ୍ଜ' ଏବଂ 'ଅର୍ଗାନିକ' କୁକୁଡ଼ା ରଙ୍ଗଗୁଡିକ ତୁମ ମନରେ ବିଶ୍ୱାସ ଜନ୍ମାଇବ ଯେ, ଏହା କ୍ୟାପ୍ସିକମ୍, ଗେଣ୍ଡୁଫୁଲ କିମ୍ବା ନାଲି ଶିମ୍‌ଲା ଲଙ୍କାରୁ ପ୍ରସ୍ତୁତ କରାଯାଇଛି। ତଟକା ମକା ଓ ହଳଦୀ କେଶରକୁ ଅଧିକ ହଳଦିଆ କରିପାରେ। ଗୋଲମରିଚ ଏହାକୁ ବେଶି ଲାଲ୍ କରେ। ସ୍ୱାସ୍ଥ୍ୟ ସମ୍ପର୍କରେ ତଥା କୁକୁଡ଼ା କେଉଁ ପରିସ୍ଥିତିରେ ରହୁଛି ସେ ସମ୍ବନ୍ଧରେ କେଶରର ରଙ୍ଗ ଆମକୁ ସୂଚନା ଦେଇପାରିବ ବୋଲି ଆମେ ବିଶ୍ୱାସ କରୁ। ଗାଢ଼ କମଳା ରଙ୍ଗର କେଶର ଆମକୁ ଜଣାଇଦିଏ ଯେ, କୁକୁଡା ଖୋଲା ଜାଗାରେ ବୁଲି କାରୋଟିନଏଡ୍‌ରେ ଭରପୂର ଘାସ, ପୋକଜୋକ, ମଞ୍ଜି, ପରିବା ଏବଂ ଫୁଲ ଖାଉଛି ଏବଂ ଏଥିପାଇଁ ଗଛର ପ୍ରାକୃତିକ ଉପାଦାନରୁ ଅଧିକ ଭିଟାମିନ ଓ କାରୋଟିନଏଡ୍ ପାଇପାରୁଛି। କିନ୍ତୁ ଏହା ସତ ନୁହେଁ। ପ୍ରାକୃତିକ ରଙ୍ଗ ବଦଳରେ ସେମାନଙ୍କୁ କେମିକାଲ୍ ଖାଇବାକୁ ଦିଆଯାଉଛି। କେଶରର ରଙ୍ଗ ସହ ଅଣ୍ଡାର ଗୁଣବତ୍ତା ଓ ପୌଷ୍ଟିକ ମାନର କୌଣସି ସମ୍ପର୍କ ନାହିଁ। କୁକୁଡ଼ା ଫାର୍ମଗୁଡିକରେ ସମସ୍ତ କୁକୁଡାଙ୍କୁ ମୁଖ୍ୟତଃ ଶସ୍ତା , ପୁଷ୍ଟିହୀନ ଶସ୍ୟ ଖାଇବାକୁ ଦିଆଯାଏ ଏବଂ ଏହା କେଶରର ରଙ୍ଗକୁ ଫିକା ହଳଦିଆ କିମ୍ବା ଧଳା ରଙ୍ଗ କରିଦିଏ।

୬୦ ବର୍ଷ ତଳୁ କୁକୁଡା ଫାର୍ମ ମାଲିକମାନେ ଅଣ୍ଡା କେଶରର ରଙ୍ଗକୁ ନିୟନ୍ତ୍ରଣ କରିବାର ପଦ୍ଧତି ଆବିଷ୍କାର କରିଥିଲେ। ଖାଦ୍ୟରେ ଗାଜର ଏବଂ ସ୍କ୍ୱାସ୍ ଭଳି ହଳଦିଆ ପରିବା ଦେଇ କାରୋଟିନଏଡ ଏବଂ ଜାନ୍ଥୋଫିଲ୍ସ ବୃଦ୍ଧି କରି କେଶରର ରଙ୍ଗ ଗାଢ଼ ଓ ଅଧିକ ପୌଷ୍ଟିକ କରୁଥିଲେ। ଏହାଦ୍ୱାରା ଉଭୟ କୁକୁଡ଼ା ଓ ଅଣ୍ଡାକୁ ଲାଭ ହୋଇଥାଏ। କିନ୍ତୁ କୁକୁଡ଼ା ଫାର୍ମ ଶସ୍ତାରେ ଅଣ୍ଡା ବିକ୍ରି କରିବା ପାଇଁ ଚାହୁଁଥିବାବେଳେ ପ୍ରାକୃତିକ ଖାଦ୍ୟର ଦାମ୍ ଅଧିକ ହୋଇଯାଏ। ଏଣୁ ସେମାନେ ରାସାୟନିକ ରଙ୍ଗ ବ୍ୟବହାର କରନ୍ତି। ଏହାର ଦୁଇଟି କାରଣ ରହିଛି। ସେମାନେ ରୁଗ୍‌ଣ, ପୁଷ୍ଟିହୀନ କୁକୁଡାକୁ ଶୀଘ୍ର ମୋଟା ବା ଓଜନିଆ କରିବାକୁ ଅନୁପଯୁକ୍ତ ଶସ୍ୟ ଏବଂ ଅଣ୍ଡାର କେଶରକୁ ଅଧିକ ହଳଦିଆ କରିବାକୁ ରାସାୟନିକ ପଦାର୍ଥ ଖାଦ୍ୟ ଭାବେ ଦେଇଥାନ୍ତି। କାରଣ ଲୋକମାନେ ବେଳେବେଳେ ଫିକା ହଳଦିଆ ରଙ୍ଗବିଶିଷ୍ଟ କୁକୁଡ଼ା ଅଣ୍ଡା କିଣିବାକୁ ମନା କରିଦିଅନ୍ତି।


ନେଟ୍‌ରେ ଏବେ ନକଲି ଖାଦ୍ୟରଙ୍ଗର ହଜାର ହଜାର ବିକ୍ରେତା ଅଛନ୍ତି। କେତେକ ଗେଣ୍ଡୁଫୁଲ ନିର୍ଯ୍ୟାସ ତରଳ ଓ ଗୁଣ୍ଡ ଆକାରରେ ବିକ୍ରି କରିଥାନ୍ତି। ଏଭଳି ବିକ୍ରେତାଙ୍କ ତାଲିକାରେ ଭାରତ ସବୁଠୁ ଆଗରେ। ଅଧିକାଂଶ ଶସ୍ତା ଓ ସିନ୍ଥେଟିକ କାର୍ଟୋନଏଡ୍ ଡାଇ ଚାଇନାରେ ତିଆରି କରାଯାଇଥାଏ। ବୈଜ୍ଞାନିକମାନେ ୧୬ଟି ରଙ୍ଗକୁ ସୁରକ୍ଷିତ ବୋଲି କହିଛନ୍ତି, ଯେଉଁଥିରେ ରହିଛି ଫିକା ହଳଦିଆଠାରୁ ଆରମ୍ଭ କରି ଗାଢ କମଳା ରଙ୍ଗ ପର୍ଯ୍ୟନ୍ତ। ଖାଉଟିଙ୍କ ଚାହିଦାକୁ ଲକ୍ଷ୍ୟ କରି ସେମାନେ ବିଭିନ୍ନ ଦେଶରେ ଏଗୁଡ଼ିକୁ ବିକ୍ରି କରୁଛନ୍ତି।

ବଜାରରେ ଶହ ଶହ ରାସାୟନିକ ରଙ୍ଗ ମିଳୁଛି। ଏହାର ସବୁଠୁ ବଡ ବିକ୍ରେତା ହେଉଛି ବିଏଏସ୍‌ଏଫ୍। କୁକୁଡା ନିଜେ କାରୋଟିନଏଡ୍ ସୃଷ୍ଟି କରିପାରୁ ନ ଥିବାରୁ ଏହା ସେମାନଙ୍କୁ ଖାଇବାକୁ ଦିଆଯାଉଛି ବୋଲି କୁହାଯାଉଛି। କେମିକାଲଗୁଡିକୁ ଉପଯୋଗ କରିବା ଖରାପ, କିନ୍ତୁ ନିଷିଦ୍ଧ କେମିକାଲ ବ୍ୟବହାର କରିବା ସବୁଠୁ ବିପଜ୍ଜନକ। ଆଜୋ ଡାଇ ଶ୍ରେଣୀର ଅରେଞ୍ଜ-୨ କିମ୍ବା ଏସିଡ୍ ଅରେଞ୍ଜ-୭ ଡାଇ ବ୍ୟବହାର ଉପରେ କଟକଣା ଲଗାଯାଇଛି। ଏହି ଆଜୋ ଡାଇ କ୍ୟାନ୍‌ସରର କାରଣ ପାଲଟେ। ଖାଦ୍ୟରେ ଆଜୋ ଡାଇର ଉପଯୋଗ ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଥିଲେ ବି ଏବେ ଅନେକ ଦେଶ ଖାଦ୍ୟ ଉତ୍ପାଦରେ ଏହାକୁ ବ୍ୟବହାର କରୁଛନ୍ତି। ଭାରତରେ ଖୋଲାଖୋଲି ଭାବେ ଏହା ବ୍ୟବହାର କରାଯାଉଛି। ଅରେଞ୍ଜ-୨ କାଳି, ପେପର୍, ପେଣ୍ଟ୍ କୋଟିଂ ଏବଂ ପ୍ଲାଷ୍ଟିକ୍‌ରେ ବ୍ୟବହାର କରାଯାଏ। ଏହି କେମିକାଲ ଶସ୍ତା ଓ ସୁବିଧାରେ ମିଳୁଥିବାରୁ ଏବଂ ଅଣ୍ଡା ଓ କୁକୁଡାର ରଙ୍ଗ ଗାଢ ହଳଦିଆ କିମ୍ବା କମଳା କରୁଥିବା ଯୋଗୁ ଏହାକୁ ଚାଇନା ସମେତ ପୂରା ଉପମହାଦେଶରେ କୁକୁଡ଼ା ଫାର୍ମ ମାଲିକମାନେ ଦାୟିତ୍ୱହୀନ ଭାବେ ବ୍ୟବହାର କରୁଛନ୍ତି। ଗବେଷଣାରୁ ଜଣାପଡିଛି ଯେ, ପ୍ରାକୃତିକ ଲୁଟିନ ରଙ୍ଗର ସବୁଠୁ ଭଲ ପ୍ରଭାବ ରହିଛି। କିନ୍ତୁ ଏହାର ଦାମ୍ ଅଧିକ। ଲ୍ୟୁଟିନର କୁକୁଡା ଉପରେ କୌଣସି ନକାରାତ୍ମକ ପ୍ରଭାବ ନ ଥିବାବେଳେ ଅରେଞ୍ଜ-୨ କୁକୁଡ଼ାଙ୍କଠାରେ ବ୍ରେଷ୍ଟ୍ ମସ୍‌ଲ ଫାଇବ୍ରୋସିସ୍ ସୃଷ୍ଟି କରେ। ଏହି ରୋଗ ପକ୍ଷୀମାନଙ୍କ ପାଇଁ କେବଳ ଯନ୍ତ୍ରଣାଦାୟକ ନୁହେଁ ବରଂ ମାଂସକୁ କଡାଳିଆ କରିଦିଏ। କାନ୍ଥାକ୍ସାନ୍ଥିନ ହେଉଛି ଦ୍ୱିତୀୟ ବିକଳ୍ପ। ତାହା ମଧ୍ୟ କୁକୁଡାଠାରେ ଫାଇବ୍ରୋସିସ୍‌ର କାରଣ ହୋଇଥାଏ, କିନ୍ତୁ ଏହାର ପ୍ରକୋପ କମ୍ ରହେ। ତେବେ ଅନୁମୋଦିତ ରଙ୍ଗଗୁଡ଼ିକର ପ୍ରଭାବ ସମ୍ବନ୍ଧରେ ଜାଣିବା ଲାଗି ଅଧିକ ଗବେଷଣାର ଆବଶ୍ୟକତା ଅଛି ବୋଲି ଏକ ଅନୁଧ୍ୟାନ ପରେ ସୁପାରିସ କରାଯାଇଛି।

ଏହି ରଙ୍ଗକାରକ ପଦାର୍ଥଗୁଡ଼ିକ ପ୍ରକୃତରେ କ'ଣ କରେ? ଏହା କୁକୁଡା ଫାର୍ମ ମାଲିକମାନଙ୍କୁ କୁକୁଡାଙ୍କୁ ଖରାପ ଖାଦ୍ୟ ଖାଇବାକୁ ଦେବା ଲାଗି ସୁଯୋଗ ଦିଏ। ଏହା ପୁଷ୍ଟିହୀନ କୁକୁଡ଼ାଙ୍କୁ କୃତ୍ରିମ ଉପାୟରେ ମୋଟା କରିବା ଏବଂ ସେମାନଙ୍କ ଚମଡା ଓ ଅଣ୍ଡାକୁ ରଙ୍ଗିନ କରି ସ୍ୱାସ୍ଥ୍ୟକର ବୋଲି ପ୍ରଦର୍ଶିତ କରିବାରେ ସାହାଯ୍ୟ କରେ। ପ୍ରକୃତରେ ଯଦି କୁକୁଡାଗୁଡିକ ଖୋଲା ଜାଗାରେ ବିଚରଣ କରି ଖାଦ୍ୟ ସଂଗ୍ରହ କରନ୍ତେ ତେବେ ଅଧିକ ପୁଷ୍ଟିକର ଖାଦ୍ୟ ପାଇପାରନ୍ତେ। କିନ୍ତୁ ଆପଣ ଯେତେବେଳେ ତଥାକଥିତ ଗାଢ ହଳଦିଆ କେଶର ଯୁକ୍ତ ଅଣ୍ଡା ଖାଉଛନ୍ତି ସେତେବେଳେ ନିଶ୍ଚୟ ଜାଣିବେ ଯେ ଆପଣ ହୁଏତ କ୍ୟାନ୍‌ସର ଆଡ଼କୁ ଗତି କରୁଛନ୍ତି।

Email: gandhim@nic.in

# ପରୀକ୍ଷାକବଳିତ ଶିକ୍ଷା



ଡ. ସୁବାସ ଚନ୍ଦ୍ର ପାତ୍ର

ପ୍ରଖ୍ୟାତ ଦିବଂଗତ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ନାଟକ 'ଶଁବାଳୁଆ'ରେ ଜଣେ ସ୍କୁଲ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଥିବା ଛୁଟି ଦରଖାସ୍ତରେ ଛୁଟିର କାରଣ ସ୍ୱରୂପ ଲେଖିଥିଲେ- ମୋ ସ୍ତ୍ରୀକୁ ଅପହରଣ କରାଯାଇଛି। ଦରଖାସ୍ତର ସ୍ୱରରେ ସ୍ୱର ମିଳାଇ ପ୍ରଧାନ ଶିକ୍ଷକ ପଚାରିଥିଲେ ତୁମ ସ୍ତ୍ରୀ କ'ଣ ଉଡ଼ାଜାହାଜ କି ତାଙ୍କୁ ହାଇଜାକ୍ କରାଯାଇଛି ?

ବର୍ତ୍ତମାନ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ପରୀକ୍ଷା ହାଇଜାକ୍ କରିନେଇଛି। ଅର୍ଥାତ୍ ପରୀକ୍ଷା କବଳରେ 'ଶିକ୍ଷା ବ୍ୟବସ୍ଥା'। ରାତିଦିନ ସେହି ଗୋଟିଏ କଥା। ଠିକ୍ ସମୟରେ କିପରି ପରୀକ୍ଷା ହେବ, ଫଳ ବାହାରିବ। ନିକଟରେ କୁଳପତି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମଧ୍ୟ ସେ କଥା ପୁନରାବୃତ୍ତି କରି ପାଦେ ଆଗେଇ କହିଲେ, ଆଗାମୀ ବର୍ଷ ପରୀକ୍ଷା କରିବା ଓ ଫଳ ବାହାରିବାକୁ ନେଇ କୌଣସି ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ।

କୌଣସି ଶିକ୍ଷା ବ୍ୟବସ୍ଥାରେ ପରୀକ୍ଷା ହେଉଛି ଶେଷ ପାହାଚ। ପ୍ରଥମେ ଶିକ୍ଷାନୀତି, ତା'ପରେ ସିଲାବସ, ତହିଁ ସନ୍ନିବେଶିତ ପାଠ୍ୟକ୍ରମକୁ ରୂପାୟିତ କରିବା ପାଇଁ ପାଠ୍ୟପୁସ୍ତକ, ତାକୁ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ପଢ଼ାଇବା ପାଇଁ ଶିକ୍ଷକ ନିୟୋଜନ, ପାଠ କେମିତି ପଢ଼ାହେଲା, ଛାତ୍ରୀଛାତ୍ରମାନେ ତାକୁ କେତେ ଆତ୍ମସ୍ଥ କରି ଶ୍ରେଣୀଭିତ୍ତିକ ଦକ୍ଷତା ହାସଲ କଲେ ତାକୁ ଜାଣିବା ପାଇଁ ପରୀକ୍ଷା ଏବଂ ସର୍ବସାଧାରଣଙ୍କୁ ଏ ସବୁର ସଫଳତା ଜଣାଇବା ପାଇଁ ପରୀକ୍ଷା ଫଳ ପ୍ରକାଶନ। ଦୁଃଖର କଥା ଓଡ଼ିଶାରେ ସବାଶେଷ ପାହାଚକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ଅର୍ଥାତ୍ ଘୋଡ଼ା ଆଗରେ ଘୋଡ଼ାଗାଡ଼ି ଥୋଇବା ଭଳି କାମ।

ଶିକ୍ଷା ବ୍ୟବସ୍ଥା ଯେତେବେଳେ ପରୀକ୍ଷାସର୍ବସ୍ୱ ହୋଇଯାଏ ସେତେବେଳେ ଶିକ୍ଷାଦାନ, ଶିକ୍ଷାଗ୍ରହଣ, ଛାତ୍ରୀଛାତ୍ରଙ୍କ ଶ୍ରେଣୀଭିତ୍ତିକ ଦକ୍ଷତା ମାପ, ପାଠ୍ୟପୁସ୍ତକର ଗୁଣବତ୍ତା, ଶିକ୍ଷାଦାନ ପ୍ରଣାଳୀ- ଏ ସବୁ ବିଚାର ଗୌଣ ହୋଇପଡ଼େ। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ସବୁ ସ୍ତରରେ ଛାତ୍ରୀଛାତ୍ରଙ୍କର ପ୍ରତ୍ୟାଶିତ ଦକ୍ଷତା ଓ ପ୍ରକୃତ ଦକ୍ଷତା ମଧ୍ୟରେ ଆକାଶ ପାତାଳ ଫରକ। ଅଷ୍ଟମ ଶ୍ରେଣୀ ପିଲାଙ୍କର ପଞ୍ଚମ ଶ୍ରେଣୀର ଦକ୍ଷତା ନ ଥିଲା ବେଳେ କଲେଜରେ ପଢୁଥିବା ଅନେକ ପିଲାଙ୍କର ନବମ ବା ଦଶମ ଶ୍ରେଣୀର ଦକ୍ଷତା ନାହିଁ।

ତେବେ ସରକାର କ'ଣ ଏ କଥା ଜାଣନ୍ତି ନାହିଁ? ବରଂ ସରକାର ଏ କଥା ଭଲକରି ଜାଣି ସର୍ବସାଧାରଣଙ୍କ ଧ୍ୟାନବିଚ୍ୟୁତ କରିବାକୁ ଆପାତ ଦୃଷ୍ଟିରୁ ଗମ୍ଭୀର ଲାଗୁଥିବା ଏକ ପ୍ରସଙ୍ଗ ନେଇ କେତେ ଚିନ୍ତାମଗ୍ନ ତାହା ପ୍ରକାଶ କରିବାକୁ ଚେଷ୍ଟା କରନ୍ତି। ଆଗରୁ ପରୀକ୍ଷା ଏକ ଋତୁକାଳୀନ ବିଷୟ ଥିଲା। ଅର୍ଥାତ୍ ମାର୍ଚ୍ଚ/ଏପ୍ରିଲ ଆସିଲେ ପରୀକ୍ଷା ଆସିଲା ବୋଲି ଜଣାପଡ଼େ ଏବଂ ତାହା ମୂଳତଃ ଏକ ଶୈକ୍ଷିକ ବିଷୟ ଥିଲା। ଶିକ୍ଷାନୁଷ୍ଠାନ, ପରୀକ୍ଷା ପରିଚାଳନା କର୍ତ୍ତୃପକ୍ଷ, ଛାତ୍ରୀଛାତ୍ର, ଅଭିଭାବକମାନଙ୍କର ଏଥିରେ ସମ୍ପୃକ୍ତି ଥିଲା। ସରକାର ଏଥିପାଇଁ ବ୍ୟସ୍ତ ନ ଥିଲେ। ବିଶେଷତଃ ବିଶ୍ୱବିଦ୍ୟାଳୟସ୍ତରୀୟ ପରୀକ୍ଷା କେବେ ହେଉଥିଲା ସେ ଖବର ସରକାରଙ୍କ ପାଖରେ ନଥାଏ। ଏବେ ପରୀକ୍ଷା ଏକ 'ମହାଜାଗତିକ ଘଟଣା', ଯାହାର କିଛି ଋତୁ ନାହିଁ। ଆଡମିଶନ ସରୁ ନ ସରୁଣୁ ଆରମ୍ଭ ହୋଇଯାଏ ଚର୍ଚ୍ଚା। ପରୀକ୍ଷା କେନ୍ଦ୍ର କେଉଁଠି ହେବ, ସେଠି ସିସିଟିଭି ଲାଗିଛି କି ନାହିଁ ତା'ର ତଦାରଖ, ପ୍ରଶ୍ନପତ୍ର କେଉଁ ପ୍ରକାରେ ପ୍ରେରଣ କରାଯିବ, ଜିଲା ପ୍ରଶାସନ କେଉଁ କେଉଁ ସ୍ତରରେ ନିୟୋଜିତ ହେବେ ଏବଂ ଶେଷରେ ବିଭାଗୀୟ ସଚିବ ନୁହେଁ ସ୍ୱୟଂ ମୁଖ୍ୟ ସଚିବ ରାଜଧାନୀରେ ବୈଠକ କରି ଯୁଦ୍ଧ ମୁକାବିଲା କଲାଭଳି ତାଙ୍କର ସମସ୍ତ ସୈନ୍ୟବାହିନୀକୁ ମୁତୟନ କରିବାକୁ ସିଦ୍ଧାନ୍ତ ନିଅନ୍ତି। ଯେଉଁ ପ୍ରକାର ତତ୍ପରତା ପ୍ରକାଶ କରାଯାଏ ସେଥିରୁ ପ୍ରତୀୟମାନ ହୁଏ, ପାଠପଢ଼ା ନୁହେଁ ପରୀକ୍ଷା ସୁପରିଚାଳନା ଉପରେ ଏ ପ୍ରଦେଶର ଭାଗ୍ୟ ନିର୍ଭର କରେ। ଏହି ତଥାକଥିତ 'ସୁପରିଚାଳନା'ର ନିର୍ଯାସ କ'ଣ ? କିଛି ସକାରାତ୍ମକ, ଗଠନମୂଳକ କାମ କରିବା ନୁହେଁ ବରଂ କିଛି ଅନୈତିକ କାର୍ଯ୍ୟ ଯଥା ପ୍ରଶ୍ନପତ୍ର ଭାଇରାଲ ଓ କପି ରୋକିବା। ଅର୍ଥାତ୍ ଏବେ ଶିକ୍ଷା କହିଲେ ପାଠପଢ଼ା ନୁହେଁ, ପ୍ରଶ୍ନପତ୍ର ଭାଇରାଲ ହେବା ବା କପିକୁ ରୋକିବା।



କପିକରିବାର ପ୍ରବଣତା ଏବଂ ତାକୁ ରୋକିବାର ତତ୍ପରତା ପରୋକ୍ଷରେ ସୂଚାଏ ଶିକ୍ଷାଦାନ ଠିକ୍ ଚାଲୁନାହିଁ। ଭିତରେ କିଛି ନାହିଁ ବୋଲି ବାହାରେ କୋଳାହଳ। ଏହାହିଁ ଶିକ୍ଷାର ବାହ୍ୟକରଣ। ଅର୍ଥାତ୍ ଶ୍ରେଣୀ ବାହାରେ ବା ସ୍କୁଲ ବାହାରେ କ'ଣ ଘଟୁଛି ସେଥିକି ସମସ୍ତଙ୍କ ନଜର। କିନ୍ତୁ ଶ୍ରେଣୀକକ୍ଷର ଚାରିକାନ୍ଥ ଭିତରେ ପିଲାଏ କ'ଣ ପଢୁଛନ୍ତି, ଶିକ୍ଷକ କ'ଣ ପଢ଼ାଉଛନ୍ତି, ପିଲାମାନଙ୍କର ଆନୁଷ୍ଠାନିକ ଶ୍ରେଣୀଭିତ୍ତିକ ଦକ୍ଷତା ଅଛି କି ନାହିଁ, ପାଠ୍ୟପୁସ୍ତକଗୁଡ଼ିକ ଶ୍ରେଣୀ ଉପଯୋଗୀ କି ନୁହେଁ, ଶିକ୍ଷାଦାନ ପ୍ରଣାଳୀ ଓ ପାଠ୍ୟପୁସ୍ତକ ପିଲାମାନଙ୍କୁ ସ୍ୱାଧୀନ ଓ ସୃଜନଶୀଳ କରୁଛି ନା ଟ୍ୟୁଶନ-ନିର୍ଭରଶୀଳ କରୁଛି ତା'ର ଅନୁଶୀଳନ କରିବାକୁ କେହି ନାହାନ୍ତି। ଯେତିକି ମାନବସମ୍ବଳ, ଶକ୍ତି, ଅର୍ଥ, ଧ୍ୟାନ ପରୀକ୍ଷାରେ ଘଟୁଥିବା ଅନୈତିକ କାର୍ଯ୍ୟକୁ ବନ୍ଦକରିବା ପାଇଁ ନିୟୋଜିତ ହୁଏ ତାହା ଯଦି ଆରମ୍ଭରୁ ସକାରାତ୍ମକ ଭାବରେ ଶିକ୍ଷାର ବିଭିନ୍ନ ଦିଗକୁ ଏକାଡେମିକ ଅଡିଟ୍ ମାଧ୍ୟମରେ ଉପଯୋଗ କରାଯାନ୍ତା, ହୁଏ ତ ତାହା ଶିକ୍ଷାକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରନ୍ତା।

ଜେଲରୋଡ୍, ବାଲେଶ୍ୱର, ମୋ:୯୪୩୭୩୭୬୨୧୯

## ଏଇ ଭାରତରେ

ବିନା ମାଟିରେ ଚାଷ ହେବା କଥା ଶୁଣିଛନ୍ତି କି? ଯଦି ନା, ତେବେ ଦିଲ୍ଲୀର ୟଶ୍ ବ୍ୟାସଙ୍କଠାରୁ ଶିଖନ୍ତୁ। ରାସାୟନିକ ସାର ତଥା କୀଟନାଶକ ବ୍ୟବହାର ନ କରି କେବଳ ପାଣିରେ ସ୍ମାର୍ଟ ବଗିଚାରେ ସେ ଚାଷ ଆରମ୍ଭ କରିଛନ୍ତି। ବ୍ୟସ୍ତଜୀବନରେ କମ୍ ସମୟ ଓ କମ୍ ଜାଗାରେ ବିନା ମାଟିରେ କିପରି ଘରେ ଚାଷ କରାଯାଇପାରିବ ସେଥିଲାଗି ପ୍ରୟାସ ଜାରି ରଖିଛନ୍ତି ୟଶ୍। ଏବେ ଦିଲ୍ଲୀରେ ଲୋକମାନେ ଏହାକୁ ଆପଣାଇବାରେ ଲାଗିଛନ୍ତି। ଏହି ଉପାୟରେ ଘରେ ଶାଗ ଓ ପରିବା ଚାଷ କରାଯାଉଛି। କେତେକ ଔଷଧୀୟ ତଥା ଅର୍ଥକରୀ ଗଛ ବି ଲଗାଯାଇପାରୁଛି ଏହି ପ୍ରଣାଳୀରେ। ପାରମ୍ପରିକ ଉପାୟରେ ଚାଷକରିବା ଲାଗି ଯେତିକି ପାଣି ଲାଗେ ତାହା ଅପେକ୍ଷା ଏଥିରେ ୯୦ ପ୍ରତିଶତ କମ୍ ପାଣି ଲାଗୁଛି। ୨୦୧୮ରେ 'ଆର୍ଗୋ-୨୦' ନାମକ ଷ୍ଟାର୍ଟଅପ୍ ମାଧ୍ୟମରେ ସେ ଏହି ଚାଷକୁ ଲୋକାଭିମୁଖୀ କରିବାରେ ଲାଗିଛନ୍ତି। ଏଭଳି ଚାଷ ଲାଗି ସେ ଲୋକମାନଙ୍କୁ ଅକ୍ଟ୍ୟୁଏଟର, ମାଇକ୍ରୋ କଣ୍ଟ୍ରୋଲର ଏବଂ ସେନ୍‌ସର ଆଦି ଉପକରଣ ଯୋଗାଇ ଦେଉଛନ୍ତି। କେମିତି ଚାଷ କରାଯିବ, କେତେ ପାଣି ଓ ଆଲୋକ ଆବଶ୍ୟକ ତଥା କି ପ୍ରକାର ପୋଷକତତ୍ତ୍ୱ ଦରକାର ସେ ସମ୍ପର୍କରେ ଲୋକମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏହି ସବୁ ଆବଶ୍ୟକତା ସମ୍ପର୍କରେ ମୋବାଇଲ ଆପ୍ ମାଧ୍ୟମରେ ବି ଜାଣିପାରୁଛନ୍ତି ଗୃହକର୍ତ୍ତା। ଘର ବାହାରେ ଥିଲେ ବି ଚାଷ ସମ୍ପର୍କରେ ଜାଣିବାକୁ କୌଣସି ସମସ୍ୟା ରହୁନାହିଁ ବୋଲି କହିଛନ୍ତି ଆର୍ଗୋ-୨୦ର କାର୍ଯ୍ୟନିର୍ବାହୀ ବ୍ୟାସ। ଏହି ପଦ୍ଧତିରେ ଦୁଇ ପ୍ରକାର ସ୍ମାର୍ଟ ବଗିଚା କରାଯାଉଛି। ଗୋଟିଏ ପ୍ରକାର ଛୋଟ ବଗିଚାରେ ଏକାଥରକେ ୪ଟି ଓ ଆଉ ଗୋଟିକରେ ଏକାଥରକେ ୧୨ଟି ଗଛ ଲଗାଯାଇ ପାରୁଛି। ସେ ଦୁବାଇରେ ଚାକିରି ସମୟରେ ସେଠାରେ ରହୁଥିବା ଘରେ ପ୍ରଥମେ ଏହି ଚାଷ ଆରମ୍ଭ କରିବା ପରେ ସଫଳତା ପାଇଥିଲେ। ପରେ ସେ ଭାରତ ଫେରି ଆର୍ଗୋ-୨୦ ମାଧ୍ୟମରେ ଲୋକମାନଙ୍କୁ ସାମିଲ କରିବାରେ ଲାଗିଛନ୍ତି। ବର୍ତ୍ତମାନ ଅନ୍ୟ ସହରର ଲୋକମାନେ ତାଙ୍କଠାରୁ ଏହି ଚାଷ ସମ୍ପର୍କିତ ଜ୍ଞାନକୌଶଳ ଓ ଉପକରଣ ନେବା ଲାଗି ଅର୍ଡର କରୁଛନ୍ତି।

# କରୋନା ସଂକ୍ରମଣ ଓ ସହରାଞ୍ଚଳ ପରିଚାଳନା

ଅମିତାଭ କାନ୍ତ
ରିଚା ରଶ୍ମି

ନୋଭେଲ କରୋନା ଭାଇରସ୍ (କୋଭିଡ-୧୯) ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏବେ ଏହା ବିଶ୍ୱର ୧୦୦ରୁ ଅଧିକ ରାଷ୍ଟ୍ରକୁ ପ୍ରଭାବିତ କରିସାରିଲାଣି। ଏହି ମହାମାରୀର ମୂଳୋତ୍ପାଟନ ନିମନ୍ତେ ସହରାଞ୍ଚଳରେ ବସବାସ କରୁଥିବା ଲୋକମାନେ ସଚେତନ ହେବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହାର ପ୍ରତିଷେଧକ ଏବଂ ଉପଯୁକ୍ତ ଚିକିତ୍ସା ଉପାୟ ସୁନିଶ୍ଚିତ କରାଯିବା ଜରୁରୀ। ସୁଦୃଢ଼ ସହର ପରିଚାଳନା ଦ୍ୱାରା ଭାରତ ଏହି ରୋଗ ବିରୋଧରେ ଲଢ଼ିବା ଲାଗି ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ।

ସହରୀ ଯୋଜନା ଏବଂ ମହାମାରୀ ମଧ୍ୟରେ ଥିବା ସମ୍ପର୍କର ପ୍ରମାଣ ଇତିହାସରୁ ମିଳିଥାଏ। ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବିଶ୍ୱର କେତେକ ଆଧୁନିକ ନଗର ବ୍ୟବସ୍ଥାରେ ଜଳଯୋଗାଣ ଓ ସ୍ୱଚ୍ଛତା ଉପରେ ଆଧାରିତ ସମ୍ବଳ ବିକଶିତ କରାଯାଇଥିଲା, ଯଦ୍ୱାରା ମ୍ୟାଲେରିଆ ଓ ହଇଜା ଭଳି ମହାମାରୀର ସଫଳ ମୁକାବିଲା କରାଯାଇପାରିଥିଲା। ସେହିପରି ବିଂଶ ଶତାବ୍ଦୀରେ ସ୍ପାନିସ ଫ୍ଲୁ'ର ମୁକାବିଲା ନିମନ୍ତେ ସହରାଞ୍ଚଳ ଆଧାରିତ ପ୍ରଶାସନିକ ଭିତ୍ତିଭୂମି ଓ ସଂସ୍ଥାଗତ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ସ୍ପାନିସ ଫ୍ଲୁ ମହାମାରୀରେ ସମଗ୍ର ବିଶ୍ୱରେ ପ୍ରାୟ ୫ କୋଟି ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ।

ବର୍ତ୍ତମାନର ଦୁନିଆ ପୂର୍ବାପେକ୍ଷା ଭିନ୍ନ। ଏବେ ଆଧୁନିକ ଚିକିତ୍ସା ବିଜ୍ଞାନର ଢେର ପ୍ରଗତି ଘଟିଛି। ତେଣୁ କୋଭିଡ-୧୯ ମହାମାରୀର ସାମ୍ନା କରିବା ଲାଗି ଡିଜିଟାଲ ସମ୍ବଳର ଉପଯୋଗ କରାଯାଇପାରିବ। ବିଶ୍ୱ ଜନସଂଖ୍ୟାରେ ଇତିମଧ୍ୟରେ ପ୍ରାୟ ୪ଗୁଣ ବୃଦ୍ଧି ଘଟିଛି। ସେଥିମଧ୍ୟରୁ ପ୍ରାୟ ଅର୍ଦ୍ଧେକ ଲୋକ ସହରାଞ୍ଚଳରେ ବାସ କରୁଛନ୍ତି। ଜଗତୀକରଣ କାରଣରୁ ବିଭିନ୍ନ ରାଷ୍ଟ୍ରର ଅର୍ଥବ୍ୟବସ୍ଥା ପରସ୍ପର ସହ ଜଡ଼ିତ। ଦିନକୁ ଦିନ ଦେଖାଯାଉଥିବା ନୂଆ ନୂଆ ସଂକ୍ରାମକ ରୋଗ ସହ ଲଢ଼ିବାର କୌଶଳ ଏବଂ ନୂଆ ପଦ୍ଧତିର ବିକାଶ ଦିଗରେ ସହରାଞ୍ଚଳ ପ୍ରଶାସନର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି।

ଜଳଯୋଗାଣ ଓ ସ୍ୱଚ୍ଛତା କର୍ତ୍ତୃପକ୍ଷ ସହରାଞ୍ଚଳରେ ସ୍ୱଚ୍ଛତା ରକ୍ଷାକୁ ସୁନିଶ୍ଚିତ କରିବା ବାଞ୍ଛନୀୟ। ରୋଗବାହୀ ଭୂତାଣୁ ସଂକ୍ରମଣର ନିରାକରଣ ଲାଗି ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛତା ରକ୍ଷା ଏକାନ୍ତ ଜରୁରୀ। ସମସ୍ତ ସର୍ବସାଧାରଣ ଓ ଗୋଷ୍ଠୀ ଶୌଚାଳୟଗୁଡ଼ିକୁ ନିୟମିତ ଭାବେ ସଫାସୁତୁରା କରାଯିବା ଦରକାର। ଏହିସବୁ ଶୌଚାଳୟରେ ହ୍ୟାଣ୍ଡୱାଶ୍ ଏବଂ ହ୍ୟାଣ୍ଡ ଟିସ୍ୟୁପେପର ଉପଲବ୍ଧ କରାଯିବା ଆବଶ୍ୟକ। ପାର୍କ, ବଜାର ଏବଂ ବିଭିନ୍ନ ଅନୁଷ୍ଠାନ ଭଳି ସାର୍ବଜନୀନ ସ୍ଥାନରେ କୌଣସି ପ୍ରକାର ଆବର୍ଜନା ନ ପକାଇବା ଏବଂ ସେସବୁର ସଫେଇ ବ୍ୟବସ୍ଥାରେ ସୁଧାର ଆଣିବା ଦରକାର। ସ୍ୱଚ୍ଛ ଭାରତ ଅଭିଯାନ ଏବଂ ଅମୃତ ଭଳି ଯୋଜନାରେ ନିଆଯାଇଥିବା ପଦକ୍ଷେପ ଯୋଗୁ ଅନେକ ଭାରତୀୟ ସହର ଏଭଳି ସ୍ଥିତିର ସଫଳତାପୂର୍ବକ ମୁକାବିଲା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି।

କେରଳ କରୋନା ଭୂତାଣୁ ମାମଲାକୁ ସଫଳତାପୂର୍ବକ ଚିହ୍ନଟ କରିବା ସହ ଏହାର ମୁକାବିଲା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଚିହ୍ନଟ ରୋଗୀଙ୍କ ସଫଳ ଉପଚାର ନିମନ୍ତେ ନିଜର ଡିଜିଟାଲ ସ୍ୱାସ୍ଥ୍ୟ ସୁବିଧାର ସୁବିନିଯୋଗ କରିଚାଲିଛି। ବ୍ୟାପକ ଅଭିଯାନର ଏକ ଅଂଶ ସ୍ୱରୂପ ପାଥନମଥିଟ୍ଟା ଜିଲା ପ୍ରଶାସନ ପକ୍ଷରୁ ପୃଥକ୍ ହୋଇ ରହିଥିବା ସନ୍ଦିଗ୍ଧ ରୋଗୀଙ୍କ ମୁକ୍ତ ଗତିବିଧିକୁ ନିୟନ୍ତ୍ରଣ କରିବା ଲାଗି ଜିପିଏସ୍ ସିଷ୍ଟମ୍‌ର ଉପଯୋଗ କରୁଛି। ନୀତି ଆୟୋଗର ରିପୋର୍ଟ 'ହେଲ୍‌ଥ ସିଷ୍ଟମ୍ ଫର ଏ ନ୍ୟୁ ଇଣ୍ଡିଆ-୨୦୧୦' ଏହି ବ୍ୟବସ୍ଥାକୁ ସମର୍ଥନ କରୁଛି ଯେ ନୈଦାନିକ, ପ୍ରଶାସନିକ ଏବଂ ବିତ୍ତୀୟ ଦୃଷ୍ଟିରୁ ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ରୂପାୟନ କରିବା ଲାଗି ଡିଜିଟାଲ ବ୍ୟବସ୍ଥାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅଣଫାର୍ମାସ୍ୟୁଟିକାଲ ହସ୍ତକ୍ଷେପ (ଏନ୍‌ପିଆଇ) ଦ୍ୱାରା ସଂକ୍ରାମକ ରୋଗକୁ ରୋକିବା ଦିଗରେ ସହାୟତା ମିଳିପାରୁଛି। ୧୯୧୮ ମସିହାରେ ସ୍ପାନିସ୍ ଫ୍ଲୁ ମହାମାରୀ ଘଟଣାରେ ଆମେରିକାର ସେହିସବୁ ସହରରେ କମ୍ ସଂଖ୍ୟକ ଲୋକଙ୍କ ପ୍ରାଣହାନି ଘଟିଥିଲା, ଯେଉଁଠାରେ ଲୋକଙ୍କ ମଧ୍ୟରେ ସଂକ୍ରାମକ ସଂସ୍ପର୍ଶକୁ ହ୍ରାସ କରିବା ଲାଗି ପ୍ରୟାସ କରାଯାଇଥିଲା। ଅନ୍ୟପଟେ ରୋଗପ୍ରତିରୋଧକ ନୀତିନିୟମକୁ କାର୍ଯ୍ୟକାରୀ କରିବା ଦିଗରେ ବିଳମ୍ବ ହୋଇଥିବା ଅନ୍ୟସବୁ ନଗରରେ ଯଥେଷ୍ଟ ଲୋକ ମୃତ୍ୟୁବରଣ କରିଥିଲେ।

ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସୂଚନା ପ୍ରସାରଣ କରାଯିବା ସେମାନଙ୍କ ଜୀବନରକ୍ଷା ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ। ଶିଶୁମାନଙ୍କ ମଧ୍ୟରେ କରୋନା ଭୂତାଣୁ ସମ୍ପର୍କରେ ସଚେତନତା ଜାଗ୍ରତ କରାଯିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା 'କିଡ୍‌ସ, ବାୟୁ ଏବଂ କରୋନା: ଏ ଲଢ଼େଇରେ ଜିତୁଛି କିଏ ?' ନାମକ ଏକ କମିକ୍ ପୁସ୍ତିକାର ଉନ୍ମୋଚନ କରାଯାଇଛି। ଏହିଭଳି କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଇ ଶିଶୁମାନଙ୍କ ମଧ୍ୟରେ ସଚେତନତା ଏବଂ ସତର୍କତା ମଧ୍ୟ ଉଦ୍ରେକ କରାଯାଇପାରିବ। ସାଧାରଣ ଜନତା ମଧ୍ୟ ସଚେତନ ହୋଇ ଏଭଳି ସଂକ୍ରାମକ ରୋଗରୁ ଦୂରେଇ ରହିବା ଲାଗି ଜାଗ୍ରତ ହୋଇପାରିବେ।

ଗୁରୁତର ଅସୁସ୍ଥଙ୍କ ଚିକିତ୍ସାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଯୁକ୍ତିସଙ୍ଗତ କରିବା ଏବଂ ସେହିସବୁ ସୁବିଧାର ଅସ୍ଥାୟୀ ସମ୍ପ୍ରସାରଣ କରାଯିବାର ଆବଶ୍ୟକତା ରହିଛି। କୋଭିଡ-୧୯ ଭଳି ଶ୍ୱାସକ୍ରିୟା ସମ୍ବନ୍ଧିତ ସଂକ୍ରମଣ ସ୍ଥିତିରେ ଏଭଳି ଲୋକଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ଧରଣର ଚିକିତ୍ସା ଉପଚାରର ଆବଶ୍ୟକତା ରହିଛି। ସେଥିରେ ବାୟୁ ସଞ୍ଚାର ରୂପରେ ଏହାର ଲକ୍ଷଣ ମିଳିଥାଏ ଏବଂ ଏହାପରେ ଅତିରିକ୍ତ ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ଆଣ୍ଟିବାୟୋଟିକ ଭଳି ଔଷଧର ଆବଶ୍ୟକତା ପଡ଼ିଥାଏ। କୋଭିଡ-୧୯ ସଂକ୍ରମଣ ମାମଲା ଯେଉଁଠାରେ ପ୍ରମାଣିତ ହୋଇଛି, ସେହିସବୁ ରୋଗୀଙ୍କ ଚିକିତ୍ସା ସକାଶେ କ୍ୱାରାଣ୍ଟାଇନ (ପୃଥକୀକରଣ) କେନ୍ଦ୍ର ଏବଂ ଆଇସୋଲେଶନ (ଅଲଗା ରଖି ଚିକିତ୍ସା) ସୁବିଧା ସୁଯୋଗ ଥିବା ଅସ୍ଥାୟୀ ହସ୍ପିଟାଲର ଆବଶ୍ୟକତା ରହିଛି। ଏଥିପାଇଁ ବ୍ୟବହାର କରାଯାଉଥିବା କୋଠାଘର ଏବଂ ଭବନଗୁଡ଼ିକୁ ପୂର୍ବରୁ ଚିହ୍ନଟ କରାଯିବା ଉଚିତ। ସେହିସବୁ ସ୍ଥାନଗୁଡ଼ିକର ଉପଯୁକ୍ତ କୀଟାଣୁଶୋଧନ କାର୍ଯ୍ୟ ପୂର୍ବରୁ ହିଁ ସମ୍ପାଦନ କରାଯିବା ଦରକାର।

ଆବଶ୍ୟକ ଔଷଧ ଓ ମାସ୍କ, ମେଡ଼ିକାଲ ପୋଷାକ, ହ୍ୟାଣ୍ଡୱାଶ ଏବଂ ଆଲକହଲ ଯୁକ୍ତ କୀଟାଣୁ ଶୋଧକ (ସାନିଟାଇଜର) ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଆମଦାନି ଓ ସଂରକ୍ଷଣ ନିୟମିତ ଭାବେ କରାଯିବା ଆବଶ୍ୟକ। ସରକାର ମାର୍ଚ୍ଚ ୧୩ ତାରିଖରେ ଆବଶ୍ୟକ ବସ୍ତୁ ଅଧିନିୟମ ଅଧୀନରେ ହ୍ୟାଣ୍ଡ ସାନିଟାଇଜର ଏବଂ ମାସ୍କକୁ ଜୁନ୍ ୩୦, ୨୦୨୦ ପର୍ଯ୍ୟନ୍ତ 'ଅତ୍ୟାବଶ୍ୟକ ସାମଗ୍ରୀ' ଭାବେ ଘୋଷଣା କରିଛନ୍ତି। ପ୍ରତ୍ୟେକ ଜିଲାରେ ସେହିସବୁ ସାମଗ୍ରୀ ଗଚ୍ଛିତ ରଖାଯିବା ଆବଶ୍ୟକ ଏବଂ ଏ କଥା ସୁନିଶ୍ଚିତ କରାଯିବା ଦରକାର ଯେ ଔଷଧାଳୟଗୁଡ଼ିକ ଯେପରି ପୂର୍ବବର୍ତ୍ତିତ ଅସାଧୁ ପନ୍ଥା ଅବଲମ୍ବନ ନ କରନ୍ତି। ସର୍ବସାଧାରଣ ପରିବହନ ସଂସ୍ଥାଗୁଡ଼ିକର ନିୟମିତ ଭାବେ ସଫାସୁତୁରା କରାଯିବା କାର୍ଯ୍ୟରେ କ୍ଷିପ୍ରତା ଅଣାଯିବା ଆବଶ୍ୟକ ଏବଂ ଏହିଭଳି ସଫେଇ ଅଣମୋଟରଚାଳିତ ବାହନ, ବସ୍, ରେଲୱେ, ଜାହାଜ ଭଳି ଅନ୍ୟ ସେବାରେ ମଧ୍ୟ କରାଯିବା ଆବଶ୍ୟକ। ଉତ୍ତମ ଭାବେ ପ୍ରଣୀତ ଏବଂ ପ୍ରବର୍ତ୍ତିତ ସହରାଞ୍ଚଳ ବ୍ୟବସ୍ଥା କୋଭିଡ-୧୯ ଭଳି ମହାମାରୀର ମୂଳୋତ୍ପାଟନ କରିପାରିବ।

(ଅମିତାଭ କାନ୍ତ ସମ୍ପ୍ରତି ନୀତି ଆୟୋଗର ସିଇଓ ଭାବେ କାର୍ଯ୍ୟରତ ଏବଂ ରିଚା ରଶ୍ମି ନୀତି ଆୟୋଗର ଜଣେ ଯୁବ ଅଧିକାରୀ। ଏହି ନିବନ୍ଧରେ ବ୍ୟକ୍ତ ମତାମତ ଲେଖକଙ୍କର ନିଜସ୍ୱ)

## ଚିରନ୍ତନୀ

ଧ୍ରୁବତାରାସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି
ବସନ୍ତ-ଫୁଲ କାନନୁ ତାହାର
ବହିଆସେ ସ୍ନେହ ପ୍ରୀତି
ସ୍ନିଗ୍ଧ ସୁନୀଳ ମୁକ୍ତ କବରୀ
ରହେ ଚିର ଦିନ ଗଗନ ଆବୋରି
ଗତିରେ ତାହାର ବାଜି ଉଠେ ଧୀରେ
ମୁଗ୍ଧ ବେହାଗ ଗୀତି
ଧ୍ରୁବତାରା ସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି। (ମଧୁ-ବିବାହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | | | | | 6 | | A | | | | 5 | 1 | 9 |
| B | 4 | | 5 | | | | | | 6 | | | | | |
| | | | 3 | | | 4 | | | | | | | | E |
| | C | | 8 | | | | | | 5 | 7 | | | | |
| | | 9 | | | D | | | B | | 3 | | 0 | C | |
| | | | | | | | | | | | 5 | 7 | | 1 |
| 6 | | E | | 9 | | C | 4 | | | B | | | | |
| | | 1 | | 2 | A | 3 | | | | 0 | E | C | 4 | 6 |
| | | | | 0 | | A | 5 | | 8 | | 3 | | | |
| | D | | 4 | | 5 | E | | | | C | | 2 | | |
| | | | 9 | | | | 8 | 1 | 7 | | | | | |
| | | | | 8 | | 0 | 7 | | | | | E | 3 | D |
| | 6 | | 2 | | 7 | | E | 5 | | | 1 | 8 | 0 | |
| | | | | | | 2 | | | 0 | 4 | | | | |
| 2 | | | 1 | A | | | | | B | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | E | 7 | 4 | 8 | 9 | 5 | 3 | 6 | A | 1 | C | B | D |
| A | 6 | 5 | B | 0 | 2 | D | 8 | C | 7 | 3 | 4 | 1 | E | 9 |
| 9 | 7 | 8 | 1 | D | C | 6 | 0 | 4 | B | 5 | E | 2 | 3 | A |
| B | 4 | C | 5 | 3 | A | 2 | E | 1 | D | 8 | 9 | 7 | 6 | 0 |
| D | 1 | 3 | E | 9 | 6 | A | 7 | B | 2 | C | 0 | 8 | 4 | 5 |
| E | 0 | 7 | 2 | 8 | 1 | B | 9 | 5 | 3 | 4 | D | A | C | 6 |
| 6 | 9 | D | 4 | 5 | E | 8 | C | A | 0 | 2 | B | 3 | 7 | 1 |
| 3 | A | 1 | 0 | 6 | B | 7 | D | 2 | E | 9 | C | 5 | 8 | 4 |
| 8 | C | B | 9 | 7 | 3 | E | 4 | 6 | A | 1 | 5 | 0 | D | 2 |
| 4 | 5 | 2 | C | A | D | 1 | 3 | 0 | 8 | 6 | 7 | B | 9 | E |
| 2 | D | A | 8 | B | 5 | 0 | 6 | 7 | 9 | E | 3 | 4 | 1 | C |
| C | B | 0 | D | 2 | 4 | 3 | 1 | E | 5 | 7 | 6 | 9 | A | 8 |
| 5 | 3 | 9 | 6 | 1 | 0 | 4 | B | 8 | C | D | A | E | 2 | 7 |
| 7 | 8 | 4 | 3 | E | 9 | C | A | D | 1 | 0 | 2 | 6 | 5 | B |
| 1 | E | 6 | A | C | 7 | 5 | 2 | 9 | 4 | B | 8 | D | 0 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଜବ ଶୁଣନ୍ତୁ ନାହିଁ

ମହାଶୟ,

ଦିନକୁ ଦିନ ବୃଦ୍ଧି ପାଉଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଏହାର ଚିକିତ୍ସା ପାଇଁ ଏ ପର୍ଯ୍ୟନ୍ତ କୌଣସି ଉପଯୁକ୍ତ ଔଷଧ ବାହାରି ନ ଥିବାବେଳେ କରୋନାରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଗୁଜବ ସୃଷ୍ଟି କରାଯାଉଛି। କରୋନା ଭାଇରସ ଆକ୍ରମଣ ନ କରିବା ପାଇଁ ଲୋକମାନେ ସ୍ୱଚ୍ଛତା ଅବଲମ୍ବନ କରନ୍ତୁ ଓ ପ୍ରଚାରିତ ହେଉଥିବା ଗୁଜବକୁ କାନ ନ ଦିଅନ୍ତୁ। କେବଳ ସରକାରୀ ସଚେତନତା ବିଜ୍ଞାପନକୁ ବିଶ୍ୱାସ କରନ୍ତୁ।

ଡଲଫିନ ପ୍ରଧାନ, ସାମ୍ବାଦିକତା ଗଣମାଧ୍ୟମ ଛାତ୍ରୀ,
ଅମିତ କଲେଜ, ଭୁବନେଶ୍ୱର

### ଓବିସିଙ୍କୁ ନେଇ ରାଜନୀତି ନ ହେଉ

ଓଡ଼ିଶାରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଏବେ ବିରୋଧୀ ଦଳ ତରଫରୁ ଦାବି ଜୋର୍ ଧରିଛି। ବର୍ତ୍ତମାନ ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସେମାନଙ୍କ ସଂଖ୍ୟା ଆଧାରରେ ୩୮.୭୫% ସଂରକ୍ଷଣ ସୁବିଧା ମିଳୁଥିବା ବେଳେ ଓବିସିଙ୍କ ପାଇଁ ୧୧.୨୫% ସଂରକ୍ଷଣ ସୁବିଧା ମିଳୁଛି। ଅବଶ୍ୟ ପୂର୍ବରୁ ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ସୁବିଧା ମିଳୁଥିଲା। ମାତ୍ର ଓଡ଼ିଶା ହାଇକୋର୍ଟଙ୍କ ରାୟ ଆଧାରରେ ଏହାକୁ ୧୧.୨୫%କୁ ହ୍ରାସ କରାଯାଇଛି। ଏହାଛଡ଼ା ସମସ୍ତ ପ୍ରକାର ସଂରକ୍ଷଣ ବ୍ୟବସ୍ଥାକୁ ୫୦ ପ୍ରତିଶତରେ ସୀମିତ ରଖିବାକୁ ପୂର୍ବରୁ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏଣୁ ଓଡ଼ିଶା ସରକାର ଓବିସିଙ୍କ ପାଇଁ ଦେଉଥିବା ୧୧.୨୫% ସଂରକ୍ଷଣ ସୁବିଧା ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଯଥାର୍ଥ ଓ ବୈଧ। ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ଯେଉଁ ଦାବି ହେଉଛି ତାହା ବିଚାରଯୋଗ୍ୟ ହୋଇପାରିବ କେବଳ ଏହା ସପକ୍ଷରେ ସୁପ୍ରିମକୋର୍ଟଙ୍କ ସବୁଜ ସଙ୍କେତ ମିଳିଲେ। ଏଣୁ ଓଡ଼ିଶା ପରିପ୍ରେକ୍ଷୀରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଦାବି ଅନ୍ତତଃ ବର୍ତ୍ତମାନ ପାଇଁ ଯଥାର୍ଥ ନୁହେଁ। ଓବିସିଙ୍କୁ ନେଇ ରାଜନୀତି ନ ହେବା ଉଚିତ।


ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଳାତ୍କାରୀଙ୍କୁ ୭ ବର୍ଷ ଜେଲ

ତାଳଚେର,୧୮।୩(ନି.ପ୍ର.)

ଏକ ବଳାତ୍କାର ମାମଲାର ବିଚାର କରି ତାଳଚେର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ମଙ୍ଗଳବାର ଖମାର ଉପଖଣ୍ଡ ବଡ଼ଗୁଣ୍ଡୁ ଗ୍ରାମର ସାଲୁକା ବାଇପେଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି। ଜରିମାନା ଅନାଦାୟେ ସ୍ଥଳେ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲା ବିବରଣୀରୁ ପ୍ରକାଶ, ୧୭।୩।୨୦୧୬ରେ ସାଲୁକାଙ୍କ ନାମରେ ଏକ ବଳାତ୍କାର ଅଭିଯୋଗ ହୋଇଥିଲା। ଏ ନେଇ ଖମାର ଥାନାରେ ନଂ. ୨୦/୧୬ରେ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ତରଫରୁ ଏହି ମାମଲାକୁ ନିର୍ମଳ କୁମାର ତ୍ରିପାଠୀ ଓ ନରେଶଚନ୍ଦ୍ର ନାଏକ ପରିଚାଳନା କରିଥିଲେ।



# ଜିଲ୍ଲା ଚିଠି
## ସମ୍ବଲପୁର

### ହକି ଟର୍ଫ

ରାଜ୍ୟ ସରକାର ହକି ଖେଳାଳିମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଗ୍ରାମାଞ୍ଚଳରେ ମିନି ଷ୍ଟାଡିୟମ ଓ ଖେଳ ପଡିଆ ଉନ୍ନତୀକରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାରେ ଏକ ମିନି ଷ୍ଟାଡିୟମ ନିର୍ମାଣ କରାଯାଇ ସେଠାରେ ହକି ଟର୍ଫ ପକାଇବାକୁ ସ୍ଥିର କରାଯାଇଥିଲା। ଯାହା ଜିଲ୍ଲାରେ ହକି ଖେଳାଳିଙ୍କ ପାଇଁ ଖୁସିର ଖବର ଥିଲା। ଜିଲ୍ଲାର ଅଧିକାଂଶ ହକି ଖେଳାଳି ଯୁଯୁମୁରା ବ୍ଲକରୁ ଆସିଛନ୍ତି। ସେଠାରେ ପଡିଆ ଓ ଗମନାଗମନ ସୁବିଧା ରହିଛି। ଆବଶ୍ୟକ ପଡିଲେ ଆଗାମୀ ଦିନରେ ସେଠାରେ ଟୁର୍ନାମେଣ୍ଟର ଆୟୋଜନ କରିହେବ। ସେଥିପାଇଁ ଯୁଯୁମୁରା ହାଇସ୍କୁଲ ପଡିଆରେ ଏକ ମିନିଷ୍ଟାଡିୟମ ନିର୍ମାଣ କରି ଟର୍ଫ ପକାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମା ଓ ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ ଏଥିପାଇଁ ଉଦ୍ୟମ କରିଥିଲେ। ୨୦୧୮ରେ ହକି ବିଶ୍ୱ କପ୍ ରାଜ୍ୟରେ ଆୟୋଜନ କରାଯାଇଥିଲା। ସେତେବେଳେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଗୋଟିଏ ହକି ଟର୍ଫ ସମ୍ବଲପୁର ଜିଲ୍ଲାକୁ ଅଣାଯାଇଥିଲା। ହେଲେ ପ୍ରାୟ ୧ ବର୍ଷ ହେଲା ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ତାହା ପଡିରହିଛି। ଖରା,ବର୍ଷାରେ ଏହି ଟର୍ଫ ନଷ୍ଟ ହେବାକୁ ବସିଲାଣି। ଏଣେ ସ୍କୁଲ ପଡ଼ିଆରେ ମିନି ଷ୍ଟାଡିୟମ କାମ ଧୀମେଇ ଚାଲିଛି। ସରକାରଙ୍କ ପକ୍ଷରୁ ଏହି ଷ୍ଟାଡିୟମ ପାଇଁ ୪ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ସେହି ଟଙ୍କାରେ ସ୍କୁଲ ପଡିଆରେ ମାଟି ପକାଯାଇ ସମତୁଲ କରାଯିବା ସହ ଚାରିପାଖରେ ପ୍ରାଚୀର ନିର୍ମାଣ ହେବ। ଗ୍ୟାଲେରି ନିର୍ମାଣ ସହିତ ଲାଇଟ ବ୍ୟବସ୍ଥା କରାଯିବା ପରେ ହକି ଟର୍ଫ ପକାଯିବ। ଜିଲ୍ଲା ପ୍ରଶାସନ ଏ ସଂକ୍ରାନ୍ତରେ ଗୁରୁତ୍ୱ ଦେବାକୁ କ୍ରୀଡାପ୍ରେମୀମାନେ ଦାବି କରିଛନ୍ତି। ସମ୍ବଲପୁର ଜିଲ୍ଲାରୁ ଅନେକ ହକି ଖେଳାଳି ଭଲ ପ୍ରଦର୍ଶନ କରିଛନ୍ତି। ନୂଆ ପ୍ରତିଭାଙ୍କୁ ସୁଯୋଗ ଦେବାକୁ ଏଠାରେ ମଧ୍ୟ ଏକ ଉନ୍ନତ ହକି ଷ୍ଟାଡିୟମ ନିର୍ମାଣ ଉପରେ ସମସ୍ତ ଗୁରୁତ୍ୱାରୋପ କରିଛନ୍ତି।

– ଶୁଭାଶିଷ ପାଢ଼ୀ

# ନିର୍ଜୀବ ନନ୍ଦନକାନନ

- ଲୋକଙ୍କ ମନରେ ସୃଷ୍ଟି କରୁଛି ଜୀବେ ଦୟା ଭାବ
- କୁକୁଡ଼ାଙ୍ଗ ଗ୍ରାମବାସୀଙ୍କ ଅଭିନବ ପ୍ରଚେଷ୍ଟା
- ରହିଛି ଶତାଧିକ ବନ୍ୟଜନ୍ତୁଙ୍କ ସିମେଣ୍ଟ ମୂର୍ତ୍ତି

ଉପେନ୍ଦ୍ର ରାଉତ
ବଣ୍ଟାପାଳ,୧୮।୩

ହ୍ରାସ ପାଉଛି ଜଙ୍ଗଲ। ଲୋପ ପାଉଛନ୍ତି ବିଭିନ୍ନ ଜୀବଜନ୍ତୁ, ସରୀସୃପ। ତେଣୁ ଜୀବ ପ୍ରତି ଦୟାଭାବ ଓ ବିରଳ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନୁଗୋଳ ଜିଲ୍ଲା ବଣ୍ଟାପାଳ ବ୍ଲକ କୁକୁଡାଙ୍ଗ ଗ୍ରାମରେ ରହିଛି ନିର୍ଜୀବ ନନ୍ଦନକାନନ। ଦୀର୍ଘ ୩୬ ବର୍ଷ ତଳେ ଗ୍ରାମବାସୀ ନେଇଥିବା ଏହି ଅଭିନବ ପଦକ୍ଷେପ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

୧୯୮୪ ମସିହାରେ ବଣ୍ଟାପାଳ ବ୍ଲକ କୁକୁଡାଙ୍ଗ ଗ୍ରାମର ଯେଉଁଠାରେ ଏହି ନିର୍ଜୀବ ନନ୍ଦନକାନନ ନିର୍ମାଣ କରାଯାଇଥିଲା ପୂର୍ବରୁ ତାହା ଏକ ପରିତ୍ୟକ୍ତ ପାହାଡ଼ ଥିଲା। ବଡ଼ ବଡ଼ ପଥର ସହ ଲଟାବୁଦାରେ ପରିପୂର୍ଣ୍ଣ ଯୋଗୁ ଦିନରେ ବି ଉକ୍ତ ସ୍ଥାନ ଲୋକଙ୍କ ପାଇଁ ଅଗମ୍ୟ ଥିଲା। ତେବେ ନିକଟରେ ମା’ ମଙ୍ଗଳାଙ୍କ ପୀଠସ୍ଥଳୀ ଥିବାରୁ ଉକ୍ତ ପାହାଡ଼ର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଦିଷ୍ଟ ଯୋଜନା କରିବା ପରେ ଉକ୍ତ ପାହାଡ଼ରେ ତେନ୍ତୁଳି, କରଞ୍ଜ ଓ ଆଙ୍କୁଲା ଆଦି ବିଭିନ୍ନ ଔଷଧୀୟ ଚାରା ରୋପଣ କରିଥିଲେ। ପରେ ଧୀରେ ଧୀରେ ଲୋପ ପାଇଯାଉଥିବା ବନ୍ୟଜନ୍ତୁଙ୍କ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ସେଠାରେ ଏକ ନିର୍ଜୀବ ନନ୍ଦନକାନନ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ଗ୍ରାମର ଯୁବଗୋଷ୍ଠୀଙ୍କ ସହାୟତାରେ ଶିଳ୍ପୀ ରାମଚନ୍ଦ୍ର ସାହୁ (୪୨) ବିନା ପାରିଶ୍ରମିକରେ ଉକ୍ତ ପାହାଡ଼ର ବଡ଼ ବଡ଼ ପଥର ଉପରେ ଡାଇନୋସର, ଜିରାଫ୍, ବଣମଣିଷ, ବାଘ, ହାତୀ, ଘୋଡ଼ା, ଭାଲୁ, ଗୟଳ, ଓଟ,ସିଂହ, ମାଙ୍କଡ଼, ସରୀସୃପ ଓ ବିଭିନ୍ନ ଜାତିର ପକ୍ଷୀଙ୍କ ଆକର୍ଷଣୀୟ ମୂର୍ତ୍ତି ନିର୍ମାଣ କରିଥିଲେ। ଅଧିକ ପ୍ରଚାର ପ୍ରସାର ହୋଇପାରି ନ ଥିଲେ ମଧ୍ୟ ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଅନେକ ଲୋକ ଉକ୍ତ ନିର୍ଜୀବ ନନ୍ଦନକାନନ ଦେଖିବାକୁ ଆସୁଥିବା ଗ୍ରାମବାସୀ କହିଛନ୍ତି। ତେବେ ଅର୍ଥ ଅଭାବରୁ ଉକ୍ତ ସ୍ଥାନର ଉନ୍ନତୀକରଣ ହୋଇପାରୁ ନାହିଁ। ବିଶେଷକରି ଆଗନ୍ତୁକଙ୍କ ପାଇଁ ପାନୀୟ ଜଳ, ରାତିରେ ଆଲୋକ ବ୍ୟବସ୍ଥା ଓ ଗମନାଗମନର ଭଲ ସୁବିଧା ନାହିଁ। କୁକୁଡ଼ାଙ୍ଗ ଗ୍ରାମବାସୀ ବିନୋଦ ଶତପଥୀ କହିଛନ୍ତି ଯେ, ନିର୍ଜୀବ ନନ୍ଦନକାନନ ଗ୍ରାମବାସୀଙ୍କ ସଚେତନତାର ପରିଚୟ ଦେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ, ନାଲ୍‌କୋ, ଏମ୍‌ସିଏଲ୍ ଓ ଏଫ୍‌ସିଆଇ କର୍ତ୍ତୃପକ୍ଷ ଯଦି ସାହାଯ୍ୟ ଓ ସହଯୋଗର ହାତ ବଢ଼ାନ୍ତେ ତା’ହେଲେ ଏହା ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଗଣିତ ହୋଇପାରନ୍ତା।


ପଥରରେ ନିର୍ମିତ ବଣମଣିଷ, ଡାଇନୋସର।


ବିଭିନ୍ନ ସରୀସୃପ, ପକ୍ଷୀ।

### ଉନ୍ନତୀକରଣ ଆବଶ୍ୟକ



“ଉକ୍ତ ସ୍ଥାନର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। କିନ୍ତୁ ଏଠାରେ ବିଦ୍ୟୁତ୍, ପାନୀୟଜଳ ସହ ଭଲ ଗମନାଗମନ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହାର ଉନ୍ନତୀକରଣ ସହ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବା ଦରକାର। ପ୍ରଶାସନ ନିକଟରେ ଏଥିପାଇଁ ଖୁବ୍‌ଶୀଘ୍ର ଦାବି କରାଯିବା।

-ପ୍ରତାପ ସେନାପତି, ସରପଞ୍ଚ, କୁକୁଡ଼ାଙ୍ଗ

# ମଧ୍ୟାହ୍ନଭୋଜନ ସଂକ୍ରାନ୍ତରେ ସପ୍ତାହ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୩(ବ୍ୟୁରୋ)

କରୋନା(କୋଭିଡ-୧୯) ଭୂତାଣୁ ଯେପରି ସଂକ୍ରମଣ ନ ହେବ ପ୍ରତିକାର ସ୍ୱରୂପ ରାଜ୍ୟ ସରକାର ରାଜ୍ୟର ସମସ୍ତ ସ୍କୁଲଗୁଡ଼ିକୁ ବନ୍ଦ ଘୋଷଣା କରିଛନ୍ତି। ତେବେ ଏହି ସମୟରେ ସ୍କୁଲ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ମିଳୁ ନାହିଁ। ବନ୍ଦ ହୋଇଥିବା ସ୍କୁଲଗୁଡିକର ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଦେବାକୁ ରାଜ୍ୟ ସରକାର କି ବ୍ୟବସ୍ଥା କରିଛନ୍ତି, ସେ ନେଇ ଆସନ୍ତା ସପ୍ତାହକ ମଧ୍ୟରେ ଜଣାଇବାକୁ ସୁପ୍ରିମକୋର୍ଟ ଓଡ଼ିଶା ସମେତ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଶରଦ ଅରବିନ୍ଦ ବୋବଡେଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଜଆଡୁ ପିଲାମାନଙ୍କ ମଧ୍ୟାହ୍ନଭୋଜନ ମାମଲା ଉପରେ ବିଚାର କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ମାମଲା ଲଢୁଥିବା ଆଇନଜୀବୀ ଶିବଶଙ୍କର ମିଶ୍ର ସୁପ୍ରିମକୋର୍ଟଙ୍କ ନୋଟିସ ଗ୍ରହଣ କରିବା ସହ ଆସନ୍ତା ସପ୍ତାହରେ ଏ ନେଇ ଜବାବ ଦାଖଲ କରିବେ ବୋଲି ଜଣାପଡିଛି। ଏହି ରୋଗ ଯେପରି ନ ବ୍ୟାପିବ ସେ ନେଇ ରାଜ୍ୟ ସରକାର ସମସ୍ତ ସ୍କୁଲକୁ ମାର୍ଚ୍ଚ ୩୧ ତାରିଖ ଯାଏ ବନ୍ଦ ଘୋଷଣା କରିଛନ୍ତି।

### କରୋନା ପାଇଁ ସ୍କୁଲ ବନ୍ଦ

କେରଳ ସରକାର ମଧ୍ୟାହ୍ନଭୋଜନ ପିଲାମାନଙ୍କ ଘରେ ଦେବାର ବ୍ୟବସ୍ଥା କରିଛନ୍ତି। ଗରିବ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଜରିଆରେ ପୁଷ୍ଟିକର ଖାଦ୍ୟ ଦିଆଯାଉଛି। ସ୍କୁଲ ବନ୍ଦ ସତ୍ତ୍ୱେ ମଧ୍ୟାହ୍ନ ଭୋଜନ ଘରେ ଯୋଗାଇ ଦିଆଯିବ ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଘୋଷଣା କରିଛନ୍ତି।


माझगांव डॉक शिपबिल्डर्स लिमिटेड
(भारत सरकार का उपक्रम)
ମାଝଗାଓଁ ଡକ୍ ଶିପ୍‌ବିଲ୍ଡର୍ସ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଯୋଗାଯୋଗ ନଂ.: ୦୨୨୨୩୭୬୪୧୦୮/୪୧୬୪
ରାଷ୍ଟ୍ରର ଜାହାଜ ନିର୍ମାତା

ସହକାରୀ ପରିଚାଳକ ଏବଂ ବରିଷ୍ଠ ଇଞ୍ଜିନିୟର

ମାଝଗାଓଁ ଡକ୍ ଶିପ୍‌ବିଲ୍ଡର୍ସ ଲିମିଟେଡ୍ (ଏମ୍‌ଡିଏଲ୍) ହେଉଛି ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଦେଶର ଏକ ପ୍ରମୁଖ ଓ ଅଗ୍ରଣୀ ଯୁଦ୍ଧଜାହାଜ ନିର୍ମାଣକାରୀ ସଙ୍ଗଠନ, ଯାହା ଅତ୍ୟାଧୁନିକ ବିଶ୍ୱସ୍ତରୀୟ ଯୁଦ୍ଧଜାହାଜ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ପୋତ ନିର୍ମାଣରେ ସଂଶ୍ଳିଷ୍ଟ। ଏମ୍‌ଡିଏଲ୍ ମୁଖ୍ୟତଃ ଭାରତୀୟ ନୌସେନା ପାଇଁ ବିଶ୍ୱସ୍ତରୀୟ ଷ୍ଟିଲ୍‌ଥ ଫ୍ରିଗେଟ୍, ବିଧ୍ୱଂସକ ଏବଂ ବୁଡ଼ାଜାହାଜ ନିର୍ମାଣ କ୍ଷେତ୍ରରେ ଜଡ଼ିତ।
ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ପେସାଦାରଙ୍କଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି:

| ପଦବୀ | ଗ୍ରେଡ୍ | ଶୃଙ୍ଖଳା | ଖାଲିସ୍ଥାନ | ଯୋଗ୍ୟତା ପରବର୍ତ୍ତୀ ଅଭିଜ୍ଞତା | ସର୍ବାଧିକ ବୟସ |
|---|---|---|---|---|---|
| ସହାୟକ ପରିଚାଳକ | ଇ-୨ | କମ୍ପାନୀ ସେକ୍ରେଟାରୀ | ୦୧ | ୦୩ ବର୍ଷ | ୩୪ ବର୍ଷ |
| ବରିଷ୍ଠ ଇଞ୍ଜିନିୟର/ ବରିଷ୍ଠ ଅଧିକାରୀ (ଠିକା ଭିତ୍ତିରେ) | ଇ-୧ | ମେକାନିକାଲ/ମେରାଇନ୍ | ୦୨ | ୦୧ ବର୍ଷ | ୩୦ ବର୍ଷ |
| | | ମେଡିକାଲ | ୦୧ | | |

ଆଗ୍ରହୀ ପ୍ରାର୍ଥୀମାନେ ଏମ୍‌ଡିଏଲ୍ ୱେବ୍‌ସାଇଟ୍ www.mazagondock.in ମାଧ୍ୟମରେ "ଅନ୍‌ଲାଇନ୍ ନିଯୁକ୍ତି" ଅଧୀନରେ ଅନ୍‌ଲାଇନ୍ ଆବେଦନ କରିବା ଆବଶ୍ୟକ।
ଏମ୍‌ଡିଏଲ୍ ଅନ୍‌ଲାଇନ୍ ଆବେଦନ ୧୮ ମାର୍ଚ୍ଚ ୨୦୨୦ରେ ଖୋଲିବ ଏବଂ ୧୬ ଏପ୍ରିଲ ୨୦୨୦ ଦିନ ବନ୍ଦ ହେବ। ବିବରଣୀ ଏମ୍‌ଡିଏଲ୍ ୱେବ୍‌ସାଇଟ୍‌ରେ "କ୍ୟାରିୟର୍->ଏକ୍‌ଜିକ୍ୟୁଟିଭ୍‌ସ" ଅଧୀନରେ ଉପଲବ୍ଧ। ଅଧିକ ସୂଚନା/ଶୁଦ୍ଧିପତ୍ର/ଯୋଗପତ୍ର କେବଳ ଏମ୍‌ଡିଏଲ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ।
ବିଜ୍ଞାପନ ସନ୍ଦର୍ଭ ସଂଖ୍ୟା: ଏମ୍‌ଡିଏଲ୍/ଏଚ୍‌ଆର୍-ସିଆର୍/ଆର୍‌ଇସି/୬୯/୨୦୨୦
davp 10206/11/0017/1920



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର
Help us to help you

ନୋଭେଲ କରୋନାଭାଇରସ୍ (COVID-19)



ସାମାଜିକ ଦୂରତା ବଜାୟ ରଖନ୍ତୁ...
ସୁରକ୍ଷା ସର୍ବପ୍ରଥମ !

କ’ଣ କରିବେ
- ଚିକିତ୍ସାଳୟ, ମଲ୍, ବଜାର, ରେସ୍ତୋରାଁ ସର୍ବସାଧାରଣ ପରିବହନ ଆଦି ସ୍ଥାନରେ ଅତି କମ୍‌ରେ ୧ ମିଟର ଦୂରତା ବଜାୟ ରଖନ୍ତୁ
- ଘରୁ କାମ କରନ୍ତୁ ଏବଂ ସଭା, ଶ୍ରେଣୀଗୃହ, ଟ୍ୟୁଟୋରିଆଲ୍, କର୍ମଶାଳା ଇତ୍ୟାଦିକୁ ଯଥାସମ୍ଭବ ଏଡ଼ାନ୍ତୁ
- ଯଦି ସାମାଜିକ କାର୍ଯ୍ୟକ୍ରମକୁ ସ୍ଥଗିତ କରାଯାଇପାରିବନାହିଁ ତେବେ ଅତିଥିଙ୍କ ସଂଖ୍ୟା ନ୍ୟୁନତମ ରଖନ୍ତୁ

କ’ଣ କରିବେ ନାହିଁ
- ଜନଗହଳିପୂର୍ଣ୍ଣ ବା ସର୍ବସାଧାରଣ ସ୍ଥାନ ଭ୍ରମଣ
- ଅଣ-ଅତ୍ୟାବଶ୍ୟକ ସାମାଜିକ, ବ୍ୟବସାୟିକ, ଧାର୍ମିକ, ସାଂସ୍କୃତିକ, କ୍ରୀଡ଼ା କାର୍ଯ୍ୟକ୍ରମ ଇତ୍ୟାଦି
- ଅଭିବାଦନ ଭାବେ କରମର୍ଦ୍ଦନ ଓ ଆଲିଙ୍ଗନ
- ଅଣ-ଅତ୍ୟାବଶ୍ୟକ ଭ୍ରମଣ
- ପର୍ଯ୍ୟଟନ ଯାତ୍ରା

ମିଳିମିଶି ଆମେ COVID-19 ସହ ଲଢ଼ିପାରିବା !

ଯଦି ଆପଣ ଅସୁସ୍ଥ ଅନୁଭବ କରୁଥାନ୍ତି (କାଶ, ଜ୍ୱର କିମ୍ବା ଶ୍ୱାସକ୍ରିୟାରେ କଷ୍ଟ), ତେବେ ଅନ୍ୟମାନଙ୍କ ସହ ସଂସ୍ପର୍ଶକୁ ଏଡ଼ାନ୍ତୁ ଓ ତୁରନ୍ତ ହେଲ୍‌ପଲାଇନ୍ ନମ୍ବରରେ କଲ୍ କରନ୍ତୁ

ଅଧିକ ସୂଚନା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ 24x7 କଣ୍ଟ୍ରୋଲ ରୁମ୍ ନମ୍ବରକୁ କଲ୍ କରନ୍ତୁ
1075 (ଟୋଲ୍ ଫ୍ରି) | +91-11-2397 8046
ଇମେଲ୍ କରନ୍ତୁ: ncov2019@gov.in, ncov2019@gmail.com
mohfw.gov.in @MoHFWIndia @MoHFW_INDIA mohfwindia
davp 17102/13/0025/1920

# କରୋନାକୁ ନେଇ ଶଙ୍କା ବଢୁଛି

ଜଗତ୍‌ସିଂହପୁର ଅଫିସ, ୧୮।୩

କରୋନା ଭୂତାଣୁ (କୋଭିଡ୍-୧୯) ସଂକ୍ରମଣ ଚାରିଆଡେ ଭୟର ବାତାବରଣ ସୃଷ୍ଟି କରିଛି। ଏ ପରିସ୍ଥିତିରେ ପ୍ରତ୍ୟହ ବିଦେଶ ଓ ରାଜ୍ୟ ବାହାରୁ ଲୋକଙ୍କ ଆଗମନ ଚିନ୍ତାର କାରଣ ହେଉଛି। ଏହା ମଧ୍ୟରେ ଜଗତ୍‌ସିଂହପୁର ଜିଲାର ୨୮ ଜଣ ବିଦେଶରୁ ଫେରିଥିବା ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୮ ଜଣ ଦୁବାଇରୁ ଫେରିଛନ୍ତି। ଅନ୍ୟଦେଶ ଯଥା କାନାଡ଼ାରୁ ୧, ଜାକର୍ତ୍ତା ୨, ଭାରେନ ୧, ଜର୍ମାନୀ ୧, ସିଓଲ ୩, ସାଉଦୀ ଆରବ ୩, ବାଙ୍ଗଲାଦେଶ ୨, ସାଉଥକୋରିଆ ୧ ଓ ପାରିସ୍‌ରୁ ଜଣେ ଫେରିଛନ୍ତି। ଅନ୍ୟ ୪ ଜଣଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ଅନ୍ୟ ୨ ଜଣଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ସମ୍ଭବ ହୋଇନାହିଁ।

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ,

## ହୋମ୍ ଆଇସୋଲେଶନରେ ୨୮ ସନ୍ଦିଗ୍ଧ

ରଘୁନାଥପୁର ବ୍ଲକ ଅଧୀନ ବାଲିକୁଦାର ଜଣେ ଯୁବକ କାନାଡ଼ାରୁ ଆମେରିକା ଓ ସିଙ୍ଗାପୁର ଦେଇ ଭାରତରେ ପହଞ୍ଚିଥିଲେ। ତାଙ୍କୁ ଗତ ୨୮ ତାରିଖରୁ ହୋମ୍ ଆଇସୋଲେଶନରେ ରଖାଯାଇଛି। ସେହିପରି ରଘୁନାଥପୁରର ଅନ୍ୟ ଜଣେ ଯୁବକ ଦୁବାଇରୁ ଫେରିଲା ପରେ ଗତ ୫ ତାରିଖରୁ ହୋମ୍ ଆଇସୋଲେଶନରେ ଅଛନ୍ତି। ଏହି ବ୍ଲକ ଅନ୍ତର୍ଗତ ବରୀ, ପାଟେଣିଗାଁ ଓ ଧନୀପୁରର ୩ ଜଣ ଯୁବକ ପୃଥକ୍ ଭାବେ ଯଥାକ୍ରମେ ଦୁବାଇ ଓ ପାରିସ୍‌ରୁ ଫେରିଛନ୍ତି। ସେମାନେ ଯଥାକ୍ରମେ ଗତ ୬, ୭ ଓ ୧୪ ତାରିଖରୁ ଅଲଗା ଭାବେ ହୋମ୍ ଆଇସୋଲେଶନରେ ରହିଛନ୍ତି। ବାଲିକୁଦା ବ୍ଲକ ଗାଡେଇଗିରି ଅଞ୍ଚଳର ଏକ ଧାର୍ମିକ ଅନୁଷ୍ଠାନର ୨ ଜଣ ଯୁବକ ଜାକର୍ତ୍ତାରୁ ଫେରି ଗତ ୧୧ ତାରିଖରୁ ହୋମ୍ ଆଇସୋଲେଶନରେ ରହିଛନ୍ତି। ବାଲିକୁଦା ଅଞ୍ଚଳର ଅନ୍ୟ ୨ ଜଣ ସନ୍ଦିଗ୍ଧଙ୍କ ଠିକଣା ଗତ ୪ ତାରିଖରୁ ଚିହ୍ନଟ ହୋଇପାରିନି। ଏହି ବ୍ଲକ ଅଞ୍ଜିରାର ଜଣେ ଓ କୋସିଦାର ଜଣେ ପୃଥକ ଭାବେ ସାଉଥ କୋରିଆ ଓ ଦୁବାଇରୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗତ ୭ ଓ ଅନ୍ୟଜଣକ ୧୦ ତାରିଖରୁ ହୋମ୍ ଆଇସୋଲେଶନ ରହିଛନ୍ତି। ବାଇଶିମଉଜାର ଜଣେ ଦୁବାଇରୁ ଫେରି ହୋମ୍ ଆଇସୋଲେଶନ ରହିଥିଲେ ସୁଦ୍ଧା ତାଙ୍କ ସମ୍ପର୍କରେ ସୂଚନା ମିଳିପାରିନାହିଁ। ଜଗତ୍‌ସିଂହପୁର ମଣ୍ଡାସାହିର ଜଣେ ଯୁବତୀ ଗତ ଜାନୁୟାରୀ ୪ ତାରିଖରୁ ଆଇସୋଲେଶନରେ ଥିବା କୁହାଯାଉଥିଲେ ସୁଦ୍ଧା ବାସ୍ତବରେ ସେ କେଉଁଠୁ ଫେରିଥିଲେ ତାହା ଜଣାପଡ଼ିନାହିଁ। ମଣ୍ଡାସାହି ଜାହାନପୁରର ଜଣେ ମହିଳା, ପୁରୁଷ ଓ ଶିଶୁକନ୍ୟା ସିଓଲରୁ ଫେରି ଗତମାସ ୨୯ ତାରିଖରୁ ଆଇସୋଲେଶନ୍‌ରେ ରହିଛନ୍ତି। ସେହିପରି ମଣ୍ଡାସାହି ମୁଣ୍ଡିଲୋର ଜଣେ ମହିଳା ଓ ଶିଶୁପୁତ୍ର ସାଉଦୀ ଆରବରୁ ଫେରି ଗତ ୧୪ ତାରିଖରୁ ହୋମ୍ ଆଇସୋଲେଶନରେ ଅଛନ୍ତି। କୁଜଙ୍ଗ ମଲ୍ଲାସାହି ଓ ପୋତାନଈର ୨ ଯୁବକ ଭାରେନରୁ ଫେରି ଗତ ୪ ତାରିଖରୁ ହୋମ୍ ଆଇସୋଲେଶନରେ ରହିଛନ୍ତି। ଏହି ବ୍ଲକ ମୁସାଡିଆର ୨ ଜଣ ମହିଳା ବଙ୍ଗଳାଦେଶରୁ ଫେରି ଗତ ୧୪ ତାରିଖରୁ ନିଜ ଘରେ ଅଲଗା ଭାବେ ରହୁଛନ୍ତି। ନାଉଗାଁ ବେଣାପଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ଜର୍ମାନୀରୁ ଫେରି ଗତମାସ ୫ ତାରିଖରୁ ହୋମ୍ ଆଇସୋଲେଶନ ରହିଥିଲେ। ସେ ଗତ ୧୪ ତାରିଖରେ ପୁଣି ବାଙ୍ଗାଲୋର ଯାଇଥିବା ସୂଚନା ମିଳିଛି। ଜଗତ୍‌ସିଂହପୁର ସଭାମୂଳ ଅଞ୍ଚଳର ଜଣେ ବ୍ୟକ୍ତି ଦୁବାଇରୁ ଫେରି ଗତ ୪ ତାରିଖରୁ ହୋମ୍ ଆଇସୋଲେଶନରେ ରହିଛନ୍ତି। ଅନ୍ୟ ୨ ଜଣ ଦୁବାଇରୁ ଫେରି ହୋମ୍ ଆଇସୋଲେଶନରେ ରହିଛନ୍ତି। ତେବେ ଆଇସୋଲେଶନରେ ଥିବା ସମସ୍ତେ ସୁସ୍ଥ ଥିବା ସୂଚନା ମିଳିଛି। ଆଇସୋଲେଶନ ସମୟ ଅତିକ୍ରାନ୍ତ ହୋଇଗଲେ ସେମାନେ ସ୍ୱାଭାବିକ ଭାବେ ବୁଲାଚଲା କରିପାରିବେ। ତେଣୁ କେହି ଭୟଭୀତ ହେବାର ନାହିଁ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି। ସନ୍ଦିଗ୍ଧମାନଙ୍କ ମଧ୍ୟରୁ ୪ ଜଣ ୨୦ ଦିନ ହୋମ୍ ଆଇସୋଲେଶନରେ ରହି ସାରିଲେଣି। କିନ୍ତୁ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଜିଲାବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଆବଶ୍ୟକ ନ ଥିଲେ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି।

## ପାର୍କ ଖାଁ ଖାଁ



ଜଗତ୍‌ସିଂହପୁର ସହରରେ ଥିବା ୨ଟି ପାର୍କ ଯଥା ଶିଶୁ ଉଦ୍ୟାନ ଓ ରାଜୀବ ଗାନ୍ଧି ପାର୍କ ଏବେ ଖାଁ ଖାଁ। ସରକାରୀ ନିର୍ଦ୍ଦେଶ ମୁତାବକ ଏହା ସକାଳ ୬ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହୁଥିଲେ ସୁଦ୍ଧା ଲୋକେ କରୋନା ଭୟରେ ଏଠାକୁ ଆସୁନ ଥିବା ଦେଖାଯାଉଛି। ବିଶେଷକରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଶିଶୁ ଉଦ୍ୟାନରେ ପିଲାଙ୍କ ଭିଡ଼ ହେଉଥିଲେ ବି ଏବେ ଏହା ଖାଲି ପଡ଼ିଛି। ଅନ୍ୟପଟେ ସରକାରୀ, ବେସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅନ୍ୟମାନେ ଅପରାହ୍ନରେ ପାର୍କ ଯାଉଥିଲେ। କିନ୍ତୁ କରୋନା ଭୟ ସାଙ୍ଗକୁ ଖରା ଯୋଗୁ ଲୋକେ ପାର୍କକୁ ଆସୁ ନ ଥିବା ଦେଖାଯାଉଛି।

## ପିଲାଙ୍କ ପାଇଁ ଚିନ୍ତାରେ ଅଭିଭାବକ

ବିଶ୍ୱବ୍ୟାପୀ କରୋନା ସଂକ୍ରମିତଙ୍କ ସଂଖ୍ୟା ବ୍ୟାପୁଥିବାରୁ ରାଜ୍ୟ ସରକାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଛନ୍ତି। ଅଧିକାଂଶ ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ଆରମ୍ଭ ହୋଇନି। ଏ ପରିସ୍ଥିତିରେ ଛୁଟି ହୋଇଯାଇଥିବାରୁ ପିଲାମାନେ ଘରେ ରହିବାକୁ ବାଧ ହୋଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଛାତ୍ରାଭିଭାବକ ବିପ୍ଳବ ଚୌଧୁରୀ କହିଛନ୍ତି, ସରକାର ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ କରିବା ଜରୁରୀ ଥିଲା ଏବଂ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ପରୀକ୍ଷା ପୂର୍ବରୁ ବନ୍ଦ ହୋଇ ଯାଇଥିବାରୁ ପିଲାମାନେ ଆଉ ପଢୁନାହାନ୍ତି। ଯାହା ପ୍ରସ୍ତୁତ ହୋଇଥିଲେ ଏବେ ଖେଳକୁଦ କରି ଭୁଲିବା ଆରମ୍ଭ କଲେଣି। ବହୁତ୍ କମ୍ ପିଲାଙ୍କୁ ବାଦଦେଲେ ଅଧିକାଂଶ ଛୁଟି ଯୋଗୁ ଖୁସି ମନାଉଛନ୍ତି। ପରୀକ୍ଷା ସରିଥିଲେ ପିଲାମାନେ ବନ୍ଧୁବାନ୍ଧବ କିମ୍ବା ବାହାରେ ବୁଲାବୁଲି କରିବା ସୁଯୋଗ ପାଇଥାନ୍ତେ । ଏବେ ସେ ପରିସ୍ଥିତି ନ ଥିବାରୁ ଘରେ ମା'ମାନଙ୍କ ଉପରେ ଚାପ ବଢ଼ିଯାଇଛି। ଯେଉଁ ପିଲାମାନେ ବଡ ହୋଇଗଲେଣି ସେମାନଙ୍କୁ ନିୟନ୍ତ୍ରଣ କରିବା ସମ୍ଭବ ହେଉଛି ବୋଲି ଚୌଧୁରୀ କହିଛନ୍ତି। ସେହିପରି ଛାତ୍ରାଭିଭାବକ ଲୋକନାଥ ସାହୁ କହିଛନ୍ତି, ଶିଶୁ ମନ୍ଦିରରେ ପରୀକ୍ଷା ଚାଲିଥିବାବେଳେ ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା ହୋଇଥିଲା। ପରୀକ୍ଷା ଅଧାରୁ ଅଟକିଛି। ମେଧାବୃତ୍ତି ପାଇଁ ଆସନ୍ତା ୨୬ ଓ ୨୭ ରେ ପରୀକ୍ଷା ହେବାର ଥିଲା। ତାହା ବି ବନ୍ଦ ହୋଇଯାଇଛି। ପିଲାମାନେ ଘରେ ରହି ଖେଳକୁଦ କରିବା ଓ ଟିଭି ଦେଖିବାରେ ସମୟ କାଟୁଛନ୍ତି। ତଥାପି ପିଲାମାନଙ୍କ ପଛରେ ଲାଗିବାକୁ ପଡିବ ବୋଲି ସେ କହିଛନ୍ତି।

## ଜଗତ୍‌ସିଂହପୁର ପୌରପରିଷଦ ପକ୍ଷରୁ ତତ୍ପରତା

କରୋନା ଭାଇରସ୍ ସଂକ୍ରମଣ ଭୟରେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସଚେତନତା ଓ ପରିମଳ ବ୍ୟବସ୍ଥାରେ ସୁଧାର ପାଇଁ କେତେକ ପଦକ୍ଷେପ ଗ୍ରହଣ ଗ୍ରହଣ କରାଯାଇଛି। ସଚେତନତା ପାଇଁ ସହରର ୨୧ଟି ୱାର୍ଡରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଉଛି। ସହରର ୨୧ଟି ୱାର୍ଡରେ ୨୧ଟି ଫ୍ଲେକ୍ସ, ବ୍ୟାନର ଲଗାଯାଇଛି। ସମସ୍ତ ୱାର୍ଡରେ ସଚେତନତା ପୋଷ୍ଟର ମରାଯାଇଛି। ସହସ୍ରାଧିକ ଲିଫଲେଟ୍ ବଣ୍ଟନ କରାଯାଇଛି। ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଚେତନତା ଷ୍ଟଲ ଖୋଲାଯାଇ ଲୋକଙ୍କୁ ସୂଚନା ଦିଆଯାଉଛି। ସ୍ୱଚ୍ଛସାଥୀ, ସୁପରଭାଇଜର, ୱାର୍ଡ ଅଧିକାରୀମାନେ ୱାର୍ଡରେ ସଚେତନତା କାମରେ ନିୟୋଜିତ ହୋଇଛନ୍ତି। ବାହାରୁ ଆସୁଥିବା ଲୋକଙ୍କ ସମ୍ପର୍କରେ ସୂଚନା ଦେବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ୧୦ ନମ୍ବର କେନାଲକୁ ପରିଷ୍କାର କରାଯାଇଛି। ସରଳାଦେବୀ କଲ୍ୟାଣ ମଣ୍ଡପ, ସାନବଜାର ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ କଲ୍ୟାଣ ମଣ୍ଡପକୁ ଅସ୍ଥାୟୀ ସଙ୍ଗରୋଧ ଆଶ୍ରୟସ୍ଥଳ ଭାବେ



ପୌର ପରିଷଦ କାର୍ଯ୍ୟାଳୟ ଆଗରେ ଖୋଲିଥିବା ସଚେତନତା ଷ୍ଟଲ।

ଘୋଷଣା କରାଯାଇଛି। ସହରରେ ଥିବା ସପିଂ ମଲ୍, ଜିମ୍ ଆଦିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହୋମିଓପ୍ୟାଥିକ ମେଡିକାଲ ଅଫିସରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ପୌରାଞ୍ଚଳରେ କି ପ୍ରକାର ପ୍ରତିଷେଧକାତ୍ମକ ବ୍ୟବସ୍ଥା ଗ୍ରହଣ କରାଯିବ ସେ ସମ୍ପର୍କରେ ଏହି ଟିମ୍ ପଦକ୍ଷେପ ଗ୍ରହଣ କରିବ। ପରିଷଦ କାର୍ଯ୍ୟାଳୟ ୨୪ ଘଣ୍ଟା ଖୋଲା ରଖାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିମଳ କୁମାର ଲେଙ୍କା ସୂଚନା ଦେଇଛନ୍ତି।

## ଦିନକରେ ରେଳବାଇ ରାଜସ୍ୱ ୮୫୫ ଟଙ୍କା

କରୋନା ଯୋଗୁ ରେଳବାଇ ରାଜସ୍ୱ ଆଶାତୀତ ଭାବେ ହ୍ରାସ ପାଉଛି। ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ରେଳ ଟିକେଟ୍ କାଉଣ୍ଟରୁ ପ୍ରତ୍ୟହ ଅନ୍ୟୁନ ୪୦ ହଜାର ଟଙ୍କା ରାଜସ୍ୱ ଆଦାୟ ହେଉଥିବା ବେଳେ ବୁଧବାର ୮୫୫ ଟଙ୍କା ଆଦାୟ ହୋଇଥିବା ଜଣାପଡ଼ିଛି। ଗତ ମଙ୍ଗଳବାର ତହା ୬୫୦ ଟଙ୍କା ଥିଲା। ପ୍ରତ୍ୟହ ବହୁ ସଂଖ୍ୟକ ଲୋକ ଟିକେଟ୍ ବାତିଲ କରୁଛନ୍ତି। ପୂର୍ବରୁ ତତ୍କାଳ ପ୍ରତ୍ୟହ ୭/୮ଟି ଟିକେଟ୍ ରହୁଥିବା ବେଳେ ଏବେ ତାହା ୧ରୁ ୨ଟି ରହୁଥିବା ଜଣାପଡିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସର, ବରଗଛ ମୂଳେ ଘର;**
**ଯେ ନା ସେ ପଶିବ,**
**କାହାକୁ କରିବ ପର ।**

ବରଗଛ ମୂଳେ ସମସ୍ତେ ବିଶ୍ରାମ କରିବାକୁ ଆସନ୍ତି। ସେଠି ଘର ଖଣ୍ଡେ ଥିଲେ ସେଠିକି ବିଶ୍ରାମ ନେବାକୁ, ବସାଉଠା କରିବାକୁ ପାଣି ଟୋପାଏ ପିଇବାକୁ ଅନେକ ବାଟୋଇ ପହଞ୍ଚିଯାଇଥାନ୍ତି। ବିବେକ ଦୃଷ୍ଟିରୁ ତାଙ୍କୁ ମନା କରି ହୋଇ ନ ଥାଏ। ଏପରିସ୍ଥଳେ ପଛରେ ଏନେଇ ଯେ କଥା ନ ବାହାରିବ ସେ କଥା କିଏ କହିବ । ତେଣୁ ଏସବୁ ଭାରି ଅସୁବିଧା କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସକାଳ ପଖାଳ ଭଲ,**
**ଯଦି ଭଜାଭଜି ଥାଏ**
**ସକାଳ ଗାଧୁଆ ଭଲ**
**ଯେବେ ଦେହରେ ଯାଏ ।**

ଭଜାଭଜି ଥିଲେ ପଖାଳ ଖାଇବା ମଜା ଦ୍ୱିଗୁଣିତ ହୋଇଯାଇଥାଏ। ସେହିପରି ଦେହ ଖରାପ ହେଉ ନ ଥିଲେ ବଡ଼ି ସକାଳୁ ଗାଧୋଇବା ଶୁଭଙ୍କର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କରୋନା ସନ୍ଦିଗ୍ଧଙ୍କୁ ଠାବ କରିପାରୁନି ପୋଲିସ

କୁଜଙ୍ଗ, ୧୮।୩ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲାର ଜଣେ ବ୍ୟକ୍ତି ମହାରାଷ୍ଟ୍ରରେ କିଛି ଦିନ ରହି ନିକଟରେ ଘରକୁ ଫେରିବା ପରେ ଥଣ୍ଡା, ଜ୍ୱର ଆକ୍ରାନ୍ତ ହୋଇଥିଲେ। ତେବେ ସେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କୁଜଙ୍ଗସ୍ଥିତ ଏକ ଘରୋଇ କ୍ଲିନିକକୁ ବୁଧବାର ଅପରାହ୍ନରେ ଆସିଥିଲେ ହେଁ ସେଠାକାର ଡା. କୁଳମଣି ସାମଲ ତାଙ୍କୁ କଟକ ବଡ଼ ମେଡିକାଲ ବା କ୍ୟାପିଟାଲ ହସ୍ପିଟାଲ ଯିବାକୁ ପରାମର୍ଶ ଦେଇଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତି ଜଣକ ବଡ଼ ମେଡିକାଲ ବା କ୍ୟାପିଟାଲ ହସ୍ପିଟାଲ ଯିବା ପରିବର୍ତ୍ତେ ପାରାଦୀପ ଓ କୁଜଙ୍ଗ ଅଞ୍ଚଳର କେତେଜଣ ଡାକ୍ତରଙ୍କ ପାଖକୁ ଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଡା. ସାମଲ କୁଜଙ୍ଗ ଥାନାଧିକାରୀଙ୍କୁ ଅବଗତ କରାଇଥିଲେ ବି ପୋଲିସ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ସୂଚନା ପାଇ ନାହିଁ।

ସୂଚନାଥାଉ କି, ସମ୍ପୃକ୍ତ ବ୍ୟକ୍ତି ଜଣକ ଡା. ସାମଲଙ୍କ କ୍ଲିନିକକୁ

### ଚିନ୍ତାରେ ପ୍ରଶାସନ, ଲୋକେ ଭୟଭୀତ

ଆସିଥିବା ବେଳେ ଅନ୍ୟ ରୋଗୀମାନଙ୍କ ଗହଣରେ କିଛି ସମୟ ବସିଥିଲେ। ଯଦି ସେ କରୋନା ସଂକ୍ରମିତ ହୋଇଥାନ୍ତି, ତାହେଲେ ଉକ୍ତ କ୍ଲିନିକର ସମସ୍ତ ଡାକ୍ତର ଓ ସେଠାକୁ ଆସିଥିବା ରୋଗୀଙ୍କ ଦେହରେ କରୋନା ଭୂତାଣୁ ସଂକ୍ରମିତ ହେବାର ଆଶଙ୍କା ରହିଛି। ଏ ସମ୍ପର୍କିତ ଖବର ପ୍ରଚାରିତ ହେବା ପରେ ପୋଲିସ, ମେଡିକାଲ ଓ ପ୍ରଶାସନିକ ଅଧିକାରୀଙ୍କ ଚିନ୍ତା ବଢ଼ି ଯାଇଥିବା ବେଳେ ସ୍ଥାନୀୟ ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ପ୍ରଶାସନ ମିଳିତ ଉଦ୍ୟମରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଠାବ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଆଇସୋଲେଶନରେ ରଖାଇବା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

## ୩ ବିଦେଶାଗତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

ଏରସମା, ୧୮।୩ (ସ୍ୱ.ପ୍ର.)

ଦିନକୁ ଦିନ କରୋନା ଭୟ ଲୋକଙ୍କ ମନରେ ବଢ଼ିବାକୁ ଲାଗିଥିବା ବେଳେ ବିଦେଶାଗତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଲୋକଙ୍କ ମନରେ ସଚେତନତା ସୃଷ୍ଟି କରିବା ଓ ଉପଯୁକ୍ତ ସେବା ଯୋଗାଇ ଦେବା ସକାଶେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ନିକଟରେ ରାଜ୍ୟ ବା ଦେଶ ବାହାରେ ରହି ଘରକୁ ଫେରିଥିବା ଏରସମା ଅଞ୍ଚଳର ୩୩ ଜଣଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱତନ୍ତ୍ର ଚିକିତ୍ସା କରାଯାଉଥିବା ବେଳେ ଏବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଅମିୟ ସ୍ୱାଇଁଙ୍କଠାରୁ ସୂଚନା ମିଳିଛି।

## ବିଦେଶାଗତଙ୍କ ଉପରେ ନଜର ରଖିବାକୁ ଗୁରୁତ୍ୱ

ଏରସମା, ୧୮।୩ (ସ୍ୱ.ପ୍ର.)

ବିଦେଶାଗତଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ସହିତ ସ୍ଥାନୀୟ ଲୋକଙ୍କ ମନରୁ କରୋନା ଆତଙ୍କ ଦୂର କରିବା ଓ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରଶାସନ ପକ୍ଷରୁ କାର୍ଯ୍ୟଧାରାକୁ କଡ଼ାକଡ଼ି କରାଯାଇଛି। ଏହି କ୍ରମରେ ବୁଧବାର ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଭିଡିଓ କନ୍‌ଫରେନ୍ସି ଯୋଗେ କରୋନା ସତର୍କତା ପାଇଁ ପ୍ରଶାସନ ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏରସମା ବ୍ଲକ ସଭାଗୃହରେ ଆୟୋଜିତ ବୈଠକରେ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ବିଭିନ୍ନ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା, ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ସଂକ୍ରମଣ ରୋକିବା ପାଇଁ ବିଦେଶାଗତଙ୍କ ନାମ ପଞ୍ଜୀକରଣ, ସେମାନଙ୍କୁ ପରିବାରଠାରୁ ଦୂରେଇ ରଖିବା, ଅବମାନନା କଲେ ସରକାରୀ ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା।

### କରୋନା ମୁକାବିଲା: ମୁଖ୍ୟ ଶାସନ ସଚିବ, ୫-ଟି ସଚିବଙ୍କ ସମୀକ୍ଷା

## ହୋମ୍ ଆଇସୋଲେଶନରେ ରହିଲେ ୩ ଜଣ

ବିରିଡ଼ି, ୧୮।୩ (ଡି.ଏନ୍.ଏ.): ବିରିଡ଼ି ବ୍ଲକ ଅଧୀନ ବେତମାଳିଆ ମୁସଲିମ ସାହିର ୨ଜଣ ଗତ ୧୩ତାରିଖରେ ସୌଦିଆରବରୁ ତୀର୍ଥ ସାରି ଫେରିଥିବା ବେଳେ ଉଭୟେ ବୁଧବାର ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନାମ ପଞ୍ଜୀକରଣ କରାଇଛନ୍ତି। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଡାକ୍ତର ସେମାନଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ ପରାମର୍ଶ ଦେଇଛନ୍ତି। ଅଡ଼ଙ୍ଗଗଡ଼ର ଜଣେ ଯୁବକଙ୍କ ଘରେ ମେଡିକାଲ ଟିମ୍ ପହଞ୍ଚି ତାଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ ପରାମର୍ଶ ଦେଇଛନ୍ତି।

## ଚେନ୍ନାଇରୁ ଆସିଥିବା ୫ ଜଣଙ୍କ ନାମ ପଞ୍ଜୀକୃତ

କୁଜଙ୍ଗ, ୧୮।୩ (ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ଅଧୀନ ଜିଲାନାସୀ ପଞ୍ଚାୟତ ଅଞ୍ଚଳର ୫ଜଣ ବ୍ୟକ୍ତି ନିକଟରେ ଚେନ୍ନାଇରୁ ଫେରିଥିବା ବେଳେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରାଯାଇଛି। ସେମାନଙ୍କ ସମ୍ପର୍କରେ ସରପଞ୍ଚ ପ୍ରମୋଦ ସ୍ୱାଇଁ ବ୍ଲକ ପ୍ରଶାସନ ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ ଶତପଥୀଙ୍କୁ ପଚାରିବାରେ ସମ୍ପୃକ୍ତ ୫ଜଣ ବ୍ୟକ୍ତି ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେମାନଙ୍କଠାରେ ଥଣ୍ଡା, କାଶ, ଜ୍ୱର ଆଦି ଲକ୍ଷଣ ନ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୁବ୍ ଶୀଘ୍ର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

FINANCE FINANCE

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ASTROLOGY ASTROLOGY

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାମ୍ପିନ, ଭୁବନେଶ୍ୱର
9773820765

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଚଣ୍ଡିଖୋଲ, ୧୮।୩ (ଡ଼ି.ଏନ.ଏ):** ଚଣ୍ଡିଖୋଲ - ଡୁବରୀ ୫୩ ନମ୍ବର ଜାତୀୟ ରାଜପଥର ବଡ଼ଚଣା ଥାନା ଚଣ୍ଡିଖୋଲ ବଙ୍ଗଳା ଛକ ନିକଟରେ ବୁଧବାର ଏକ ଟ୍ରାକ୍ଟର ସହିତ ସ୍କୁଟି ଧକ୍କା ହୋଇଥିଲା। ଫଳରେ ଧାନମଣ୍ଡଳ ଗ୍ରାମର ପ୍ରହ୍ଲାଦ ପାତ୍ରଙ୍କ ପୁଅ ସୌମ୍ୟରଞ୍ଜନ(୨୮)ଙ୍କର ମୃତ୍ୟୁ ଘଟିଛି। ଅପରାହ୍ଣ ୪ଟାରେ ସୌମ୍ୟରଞ୍ଜନ ଏକ ସ୍କୁଟି (ଓଡି ୦୪ଜେ ୩୮୬୬) ଯୋଗେ ଜାତୀୟ ରାଜପଥକୁ ଉଠିବା ସମୟରେ ତାଙ୍କୁ ଏକ ଟ୍ରାକ୍ଟର (ଓଆର୦୫ଏଏଫ୪୦୪୩) ଧକ୍କା ଦେଇଥିଲା। ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୌମ୍ୟରଞ୍ଜନ ଚଣ୍ଡିଖୋଲ ଛକରେ ଏକ ଦୋକାନରେ କର୍ମଚାରୀଭାବେ କାର୍ଯ୍ୟ କରୁଥିଲେ।

### ରାଜ୍ୟ ବାହାରୁ ଫେରିଥିବା ୯ଜଣଙ୍କୁ ହୋମ ଆଇସୋଲେଶନରେ ରହିବାକୁ ନିର୍ଦ୍ଦେଶ

**ଧର୍ମଶାଳା,୧୮।୩(ଡିଏନଏନ):** କରୋନା ଭୟରେ ବିଦେଶ ଓ ଅନ୍ୟ ରାଜ୍ୟରେ କାମ କରୁଥିବା ଲୋକେ ଏବେ ଘରକୁ ଫେରୁଥିବାବେଳେ ସେମାନଙ୍କ ଉପରେ ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ଏପରିକି ୧୪ଦିନ ପାଇଁ ସେମାନଙ୍କୁ ହୋମ ଆଇସୋଲେଶନରେ ରଖାଯାଉଛି। ଏହି କ୍ରମରେ ୧୪ରୁ ୧୭ ତାରିଖ ମଧ୍ୟରେ ଦିଲ୍ଲୀ, ଚେନାଇ, ଉତ୍ତରପ୍ରଦେଶ, ଚେନ୍ନାଇ ଓ କେରଳରୁ ଧର୍ମଶାଳା ବ୍ଲକର ନେଉଳପୁର, କଣ୍ଟିଗଡିଆ, ନିଳକଣ୍ଠପୁର, ରଗଡିପଶି, କୁମାରୀ ଓ ଅରେଇକଣା ଆଦି ଗ୍ରାମର ୯ ଜଣ ଯୁବକଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୪ ଦିନ ଲାଗି ହୋମ ଆଇସୋଲେଶନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### କରୋନା ପାଇଁ ସଚେତନ କଲେ ତହସିଲଦାର

**ଧର୍ମଶାଳା,୧୮।୩(ଡିଏନଏନ ):** ଧର୍ମଶାଳା ତହସିଲ ପକ୍ଷରୁ କରୋନା ଭୁତାଣୁ ସଂକ୍ରମଣ ରୋକିବା ଲାଗି ଜନସାଧାରଣଙ୍କୁ ସଚେତନ କରାଯାଇ ମାଗଣାରେ ମାସ୍କ ବଣ୍ଟନ କରାଯାଇଛି। ତହସିଲଦାର ସରୋଜ କୁମାର ପଣ୍ଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ତହସିଲକୁ ଆସୁଥିବା ଲୋକଙ୍କୁ ସାନିଟାଇଜର ଓ ମାସ୍କ ପ୍ରଦାନ କରିବା ସହ ହାତ ଧୋଇବା ନେଇ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତିଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସାହାଯ୍ୟତା କରିଥିଲେ।

# ଫଳାଫଳ ଘୋଷଣା ୨୦କୁ ସ୍ଥଗିତ

## ରାଉତରାପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ମାମଲା



ବିରୋଧୀମାନେ ଫଳାଫଳକୁ ଅପେକ୍ଷା କରି ରହିଛନ୍ତି।

### ଅସନ୍ତୋଷ ପ୍ରକାଶ କଲେ ବିରୋଧୀ

**ରସୁଲପୁର,୧୮।୩(ଡିଏନଏ)**

ରସୁଲପୁର ବ୍ଲକ ରାଉତରାପୁର ସରପଞ୍ଚ ରେଣୁ ସେଠୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମାମଲା ରୋଚକ ମୋଡ଼ ନେଇଛି। ଫଳାଫଳ ଘୋଷଣା ପାଇଁ ବୁଧବାରକୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ତାହା ସମ୍ଭବପର ହୋଇପାରି ନାହିଁ। ଯାଜପୁର ଜିଲାପାଳଙ୍କ ପୂର୍ବ ନିର୍ଦ୍ଧାରିତ ନିର୍ଦ୍ଦେଶ ମୁତାବକ ନିର୍ବାଚନ ଅଧିକାରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଫଳାଫଳ ବନ୍ଦ ଥିବା ଜଉମୁଦ ଲଫାଫା ଖୋଲିବା ପରେ ଫଳାଫଳ ଜଣାପଡିଥିଲା। ସରପଞ୍ଚଙ୍କ ବିରୋଧରେ ୧୧ଟି ଭୋଟ ଯାଇଥିବାବେଳେ ବିପକ୍ଷରେ ୩ଟି ଭୋଟ ଯାଇଛି ବୋଲି ନାଏବ ସରପଞ୍ଚ କୈଳାସ ସାହୁ ସୂଚନା ଦେଇଛନ୍ତି। ଏସବୁ ପରେ କୋର୍ଟରୁ ଆସିଥିବା ବାର୍ତ୍ତା ଆଧାରରେ ଫଳକୁ ବିଧିବଦ୍ଧଭାବେ ଘୋଷଣା ହୋଇପାରି ନାହିଁ। ଏହି ଘୋଷଣାକୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଗଡ଼ାଇ ଦିଆଯାଇଛି। ପ୍ରକାଶ ଯେ, ସରପଞ୍ଚଙ୍କ ବିରୋଧରେ ଯାଜପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ଅନାସ୍ଥା ପାଇଁ ୩୦ ଅକ୍ଟୋବର,୨୦୧୯କୁ ଦିନଧାର୍ଯ୍ୟ ହୋଇଥିଲା। ଏହିଦିନ ଭୋଟ ଗ୍ରହଣ ହେବା ସହ ଗଣତି ମଧ୍ୟ କରାଯାଇଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ବଳରେ ଫଳାଫଳ ଘୋଷଣା କରାଯାଇ ନ ଥିଲା। ଏ ନେଇ ପ୍ରତିପକ୍ଷଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ରୁଜୁ ହୋଇଥିବା କେସ୍ ନଂ-୨୦୧୫୧/୨୦୧୯ରେ ପକ୍ଷ ରଖିବା ସହ ଫଳାଫଳ ଘୋଷଣା ଉପରୁ ରହିତାଦେଶ ଉଠି ଯାଇଥିଲା। ଏ ନେଇ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଯାଜପୁର ଜିଲାପାଳଙ୍କ ଚିଠି ନଂ. ୩୨୬/୬।୩।୨୦ରେ ଫଳାଫଳ ଘୋଷଣା ପାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାର୍ଚ୍ଚ ୧୮କୁ ଫଳ ଘୋଷଣା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏହି ଦିନରେ ସରପଞ୍ଚଙ୍କ ବିରୋଧୀମାନେ ଫଳ ତାଙ୍କ ସପକ୍ଷରେ ଯିବା ନେଇ ନିଶ୍ଚିତ ହୋଇଯାଇଥିଲେ। ଫଳ ବି ତାଙ୍କ ସପକ୍ଷରେ ଯାଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ଏ ନେଇ ଲିଖିତ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲା। ଫଳାଫଳ ଫର୍ଦ୍ଦରେ ସରପଞ୍ଚ, ନାଏବ ସରପଞ୍ଚ ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଦସ୍ତଖତ କରିବା ପରେ ଶେଷ ମୁହୂର୍ତ୍ତରେ ଏଭଳି ନିଷ୍ପତ୍ତି ହୋଇଥିବାରୁ ପଞ୍ଚାୟତର ଜନପ୍ରତିନିଧିମାନେ ଏହାକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। କୋର୍ଟର କୌଣସି ଲିଖିତ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଫଳାଫଳ ପ୍ରକାଶ ରୋକାଯାଇ ପାରିବ ନାହିଁ ବୋଲି ବିରୋଧୀ ଯୁକ୍ତି ରଖିବା ସହ ଏ ନେଇ ଉପଜିଲାପାଳ ଧଳଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଏ ଦିଗରେ ଉପଜିଲାପାଳ ଧଳଙ୍କୁ ପଚାରିବାରୁ, ଫଳାଫଳ ପ୍ରକାଶ ପାଇପାରି ନାହିଁ। ଏହାକୁ ଆସନ୍ତା ୨୦ତାରିଖକୁ ସ୍ଥଗିତ ରଖାଯାଇଛି। ଏ ନେଇ ଷ୍ଟାଣ୍ଡିଂ କାଉନ୍ସିଲରୁ ଟେଲିଫୋନରେ ବାର୍ତ୍ତା ଆସିଥିଲା। ଫଳାଫଳ ପ୍ରକାଶନ ପାଇଁ ୨ଦିନ ପର୍ଯ୍ୟନ୍ତ ସମୟ ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି।

### ଅନାସ୍ଥା ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ଦାବିପତ୍ର

**ଯାଜପୁର ଟାଉନ,୧୮।୩(ଡିଏନଏ):** ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ଉପଜିଲାପାଳଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ରାଉତରାପୁର ସରପଞ୍ଚ ରେଣୁ ସେଠୀଙ୍କ ବିରୋଧରେ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ନ ହେବା ଅଭିଯୋଗରେ ୱାର୍ଡ ସଭ୍ୟାସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏହା ବିରୋଧରେ ସରପଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସ୍ଥଗିତାଦେଶ ଆଣି ଫଳାଫଳକୁ ଘୋଷଣା ନ କରାଯିବାକୁ ନିର୍ଦ୍ଦେଶ ଥିଲା। ଏହି ସ୍ଥଗିତାଦେଶ ଉଠିଯିବା ପରେ ତୁରନ୍ତ ଅନାସ୍ଥା ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ୱାର୍ଡ ସଭ୍ୟାସଭ୍ୟ କୈଳାସ ସାହୁ, ବିକାଶ ସାହୁ, ବିଶ୍ୱନାଥ ସାହୁ, ରବିନ୍ଦ୍ର ସାହୁ, ଯେମାମଣୀ ମହାରଣା, ଅନ୍ନପୂର୍ଣ୍ଣା କୁଣ୍ଡୁ, ରଶ୍ମିତା ରାଉତ, ନିରୁପମା ବେହେରା, ବିନୋଦ ପୃଷ୍ଟି. ବୈକୁଣ୍ଠ ବରାଳ ପ୍ରମୁଖ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଅଶୋକ ଦାସ ଫାଉଣ୍ଡେଶନ ପକ୍ଷରୁ କରୋନା ସଚେତନତା

**ଯାଜପୁର ଅଫିସ,୧୮।୩**

ଯାଜପୁରର ଅଶୋକ ଦାସ ଫାଉଣ୍ଡେଶନ୍ ପକ୍ଷରୁ କରୋନା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ୍ ପକ୍ଷରୁ ଲୋକଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ କରାଇବା ସହ ପରିଷ୍କାର ଭାବେ ସାବୁନରେ ହାତ ଧୋଇବା, ମୁହଁରେ ମାସ୍କ ପିନ୍ଧିବା ତଥା କୌଣସି ସ୍ଥାନରେ ଅଧିକ ସଂଖ୍ୟକ ଲୋକ ଏକତ୍ରିତ ନ ହେବା ପାଇଁ ପରାମର୍ଶ ଦିଆଯାଇଛି। ଦଶରଥପୁର ବ୍ଲକର ସମସ୍ତ ପଞ୍ଚାୟତକୁ ସଚେତନ କରାଇବା ପାଇଁ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିବାବେଳେ ସେମାନେ ସାଧାରଣ ଲୋକଙ୍କୁ ସଚେତନ କରାଇବେ। ବାହାର ରାଜ୍ୟରେ ରହିଥିବା ଅଞ୍ଚଳର ଲୋକମାନେ ଏବେ ବହୁଳଭାବେ ଗାଁକୁ ଫେରୁଥିବାରୁ ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରି ତୁରନ୍ତ ପ୍ରଶାସନକୁ ଜଣାଇବା ସହିତ ସେମାନଙ୍କ ଡାକ୍ତରୀ ପରୀକ୍ଷା କରାଇବା ନିମନ୍ତେ ସାଧାରଣ ଲୋକେ ସହଯୋଗ କରିବାକୁ ଫାଉଣ୍ଡେଶନ୍ ପକ୍ଷରୁ ଲୋକଙ୍କୁ କୁହାଯାଇଛି। ଏ ସମ୍ପର୍କରେ ଫାଉଣ୍ଡେଶନ୍ ପକ୍ଷରୁ ସାମାଜିକ କର୍ମୀ କର୍ଣ୍ଣାଟ କେଶରୀ ଦାସ, ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଫାଉଣ୍ଡେଶନ୍‌ର ସମସ୍ତ ସଭ୍ୟଙ୍କୁ ସଚେତନ କରି ନୀରବଚ୍ଛିନ୍ନଭାବେ ଉଦ୍ୟମ ଜାରି ରଖିବେ ବୋଲି ଆଶା ପ୍ରକଟ କରିଛନ୍ତି।

# ଖୋଲିଲା ଦଶରଥପୁର ବ୍ଲକର ଦୁର୍ନୀତି ପେଡ଼ି

**ଦଶରଥପୁର,୧୮।୩ (ଡିଏନ୍ଏ)**

- ସଧବାଙ୍କୁ ବିଧବା ଦର୍ଶାଇ ମିଳିଥିଲା ପକ୍କାଘର
- ସ୍ୱାମୀଙ୍କ ନାମରେ ଆସିଥିବା ଟଙ୍କା ଟଲୁ
- ଲିଖିତ ଅଭିଯୋଗ, ତଦନ୍ତ ଚେତାବନୀ

ଦଶରଥପୁର ବ୍ଲକ ଅଞ୍ଚଳରେ ଦୁର୍ନୀତି କିପରି ସୀମା ଲଂଘିଛି ତାହା ବୁଧବାର ଜଣେ ବ୍ୟକ୍ତିଙ୍କ ଅଭିଯୋଗ ପରେ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ୬ବର୍ଷ ତଳେ ଖାନନଗର ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ତିଳୋତ୍ତମା ମଲ୍ଲିକ ନାମକ ଜଣେ ସଧବା ମହିଳାଙ୍କୁ ବିଧବା ଓ ଅସହାୟ ଦର୍ଶାଯାଇ ତାଙ୍କ ନାମରେ ଏକ ଇନ୍ଦିରାଆବାସ ପ୍ରଦାନ କରାଯାଇଥିବା ଘଟଣା ପଦାକୁ ଆସିଛି। ଏହାପରେ ଉକ୍ତ ମହିଳାଙ୍କ ସ୍ୱାମୀ ଦିଲୀପ ମଲ୍ଲିକଙ୍କ ନାଁରେ ୨୦୧୯ରେ ଆଉ ଏକ ଆବାସ ଯୋଗାଇ ଦିଆଯାଇଥିଲା। ମାତ୍ର ସେ ଆବାସ ଯୋଜନା ବାବଦ ଅର୍ଥ ଟଙ୍କାଟିଏ ବି ପାଇ ନ ଥିବାବେଳେ ତାଙ୍କ ନାଁରେ ଘର କାର୍ଯ୍ୟ ଶେଷ ହୋଇ ୧ଲକ୍ଷ ୩୦ ହଜାର ଟଙ୍କା ଉଠାଣ ହୋଇସାରିଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଅବଗତ ହେବା ପରେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଫଳରେ ଏଭଳି ଦୁର୍ନୀତି ଘଟଣା ଲୋକଲୋଚନକୁ ଆସିଛି।

୨୦୧୪ ମସିହାରେ ତିଳୋତ୍ତମାଙ୍କୁ ସରକାରୀ କାଗଜପତ୍ରରେ ବିଧବା ଦର୍ଶାଯାଇ ଦଶରଥପୁର ବ୍ଲକ ପ୍ରଶାସନ ପକ୍ଷରୁ ଆଇଡି ନଂ. ଓଆର-୨୦-୦୦୬୦୦୩ ୦୦୧/୧୪୧୧୩ ରେ ଇନ୍ଦିରାଆବାସ ଯୋଜନାରେ ଘର ମିଳିଥିଲା। ଗୃହ ସମ୍ପୂର୍ଣ୍ଣ କରିବା ବାବଦରେ ତାଙ୍କୁ ସେତେବେଳେ ୭୫ ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା। ତେବେ ତିଳୋତ୍ତମାଙ୍କ ସ୍ୱାମୀ ଦିଲୀପଙ୍କୁ ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆଇଡି ନଂ ଓଆର୩୦୮୬୬୫୩ ଓଆର୨୦୦୦୬/୨/୩/୮୩୦/୨୭ ଅକ୍ଟୋବର ୨୦୧୯ରେ ପକ୍କାଘର ମିଳିଥିଲା। ଦିଲୀପ ଘର କାମ ଆରମ୍ଭ କରିବାକୁ ଟଙ୍କା ପାଇଁ ବାରମ୍ବାର ବ୍ଲକ ପ୍ରଶାସନ ନିକଟକୁ ଦୌଡ଼ିଥିଲେ ମଧ୍ୟ ପ୍ରଶାସନ ତାଙ୍କର କୌଣସି କଥାକୁ କର୍ଣ୍ଣପାତ କରି ନ ଥିଲା। ଏନେଇ ଦିଲୀପ ଘଟଣାର ଖୋଳତାଡ଼ କରିବା ପରେ ତାଙ୍କ ନାମରେ ମଞ୍ଜୁର ହୋଇଥିବା ଘର ବାବଦକୁ ୧ ଲକ୍ଷ ୩୦ ହଜାର ଟଙ୍କା ଉଠା ସରିଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ବୁଧବାର ଦଶରଥପୁର ବିଡିଓ ନାରାୟଣ ନାୟକଙ୍କ ପାଖରେ ପହଞ୍ଚି ଏ ସମ୍ପର୍କରେ ଓ ତାଙ୍କ ସ୍ତ୍ରୀଙ୍କୁ କିପରି ବିଧବା ଦର୍ଶାଯାଇ ଘର ମିଳିଲା ବୋଲି ପ୍ରଶ୍ନ କରି ଲିଖିତ ଅଭିଯୋଗ କରିଛନ୍ତି। ଏପରି କାର୍ଯ୍ୟ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ଦଶରଥପୁର ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କୁ ପଚାରିବାରେ, ଏକ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ହୋଇଥିବାର ଅଭିଯୋଗ ଆସିଛି। ଖୁବ୍‌ଶୀଘ୍ର ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି।

# ଅଭିଯୋଗ ପରେ ବି ରାସ୍ତାକଡ଼ରୁ ହଟୁନି ପଥର

### ରାସ୍ତା କଡ଼ରେ ପଥର ଜମା କରିଛନ୍ତି ୱାର୍ଡସଭ୍ୟ

**ବିଞ୍ଝାରପୁର,୧୮।୩(ଡି.ଏନ.ଏ):** ବିଞ୍ଝାରପୁର ତହସିଲ କଏଣା-ରଘୁନାଥପୁର ପଞ୍ଚାୟତର ନରୁଆ ଗ୍ରାମ ତଥା ୧୪ ନମ୍ବର ୱାର୍ଡସଭ୍ୟ ଅମୂଲ୍ୟ ନାୟକ ମୁଖ୍ୟ ରାସ୍ତା ବେଲମାଳ ପଡିଆ ନିକଟରେ ୩ମାସ ହେଲା ପଥର ଜମାକରି ରଖିଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ଗ୍ରାମବାସୀ ଓ ଗାଡି ମୋଟର ଯିବା ଆସିବା କରୁଥିବାବେଳେ ପଥର ଜମାହେବା କାରଣରୁ ପ୍ରତିଦିନ ରାସ୍ତାରେ ଯାଉଥିବା ଛାତ୍ରୀଛାତ୍ର ଦୁର୍ଘଟଣାର ଶିକାର ହେଉଛନ୍ତି। କିଛିଦିନ ପୂର୍ବେ ଗ୍ରାମର ପଙ୍କଜ ସାମଲ ଓ ଦଶରଥ ସାମଲ ଏହି ପଥର ଉପରେ ପଡିଯିବାରୁ ଉଭୟଙ୍କର ଗୋଡ ଭାଙ୍ଗିଯାଇଥିଲା। ଏନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ହେଁ ସପ୍ତାହେ ପରେ ବି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ତହସିଲଦାର ଅସ୍ମିତା ଦାଶଙ୍କୁ ପଚାରିବାରୁ, ସେ ଆରଆଇଙ୍କୁ ପଠାଇଥିଲେ। ହେଲେ କେହି ଦେଖାଦେଲେ ନାହିଁ। ଗୁରୁବାର ସେ ନିଜେ ଯାଇ ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି।

# ସ୍କୁଲ ମିଶ୍ରଣକୁ ଗାଁ ଲୋକଙ୍କ ବିରୋଧ



ସ୍କୁଲର ମିଶ୍ରଣ ପ୍ରକ୍ରିୟାକୁ ଗାଁ ଲୋକେ ବିରୋଧ କରୁଛନ୍ତି।

**ଡୁବୁରୀ,୧୮।୩(ଡିଏନଏ)**

ସିଆରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ନିକଟସ୍ଥ ଡୁବୁରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ପାଇଁ ନିଷ୍ପତ୍ତି ହୋଇଛି। ତେବେ ଏହି ମିଶ୍ରଣ ପ୍ରକ୍ରିୟାକୁ ତୀବ୍ର ବିରୋଧ କରିଛନ୍ତି ସିଆରିଆ ଗାଁଲୋକେ। ଏ ନେଇ ବୁଧବାର ଏକ ବଡ଼ ଧରଣର ପ୍ରତିବାଦ କରି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଗାଁ ଲୋକେ ଦାବି କରିଛନ୍ତି। ସରକାରୀ ନିୟମ ଅନୁଯାୟୀ, ଯେଉଁ ପ୍ରାଥମିକ ବିଦ୍ୟାଳୟରେ ୪୦ରୁ କମ୍ ପିଲାଙ୍କ ଉପସ୍ଥାନ ରହିଛି, ସେହି ସବୁ ସ୍କୁଲକୁ ସ୍ଥାନାନ୍ତର କରାଯାଇ ନିକଟସ୍ଥ ସ୍କୁଲରେ ମିଶାଯିବାକୁ ସରକାରୀ ନିଷ୍ପତ୍ତି ହୋଇଥିଲେ ମଧ୍ୟ ନଦୀ, ପାହାଡ ଓ ରାଜପଥ କଡ଼ରେ ଥିବା ସ୍କୁଲ କ୍ଷେତ୍ରରେ ଏହି ନିୟମ ଲାଗୁହେବ ନାହିଁ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଛି। ୧୯୮୬ ମସିହାରୁ ସ୍ଥାପିତ ଏହି ଶିକ୍ଷାନୁଷ୍ଠାନରେ ୩୪ ଜଣ ପିଲା ପାଠ ପଢୁଛନ୍ତି। ଏହି ସଂଖ୍ୟା ୪୦ରୁ କମ୍ ହୋଇଥିବାରୁ ସ୍ଥାନାନ୍ତର ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହି ସ୍କୁଲଟି ଡୁବୁରୀ-ସୁକିନ୍ଦା ୫୩ ନମ୍ବର ଜାତୀୟ ରାଜପଥ କଡରେ ଥିବାରୁ ସ୍କୁଲଟିକୁ ଅନ୍ୟତ୍ର ଉଠାଇ ଦେବା ନିଷ୍ପତ୍ତି ତ୍ରୁଟିପୂର୍ଣ୍ଣ ବୋଲି ଗାଁ ଲୋକେ ଓ ଡୁବୁରୀ ସରପଞ୍ଚ କହିଛନ୍ତି। ଏନେଇ ସୁକିନ୍ଦା ବ୍ଲକ ସିଆରସି ସୁରେଶ ବେହେରାଙ୍କୁ ପଚାରିବାରେ, ଯେହେତୁ ସ୍କୁଲଟି ରାଜପଥ କଡ଼ରେ ରହିଛି ଓ ଅନ୍ୟ ସ୍କୁଲକୁ ଯିବା ପାଇଁ ରାଜପଥ ଅତିକ୍ରମ କରିବାକୁ ପଡିବ, ସେ କ୍ଷେତ୍ରରେ ସ୍କୁଲ ଉଠିବା ଉଚିତ ନୁହଁ ବୋଲି ସରକାରଙ୍କୁ ଜଣାଯିବ। ଏହାପରେ ନିଷ୍ପତ୍ତି ନିଆଯିବ ବୋଲି ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।


**SBI** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ / भारतीय स्टेट बैंक / State Bank of India

ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ, ନକଟିଗୁଡ଼ା, ଭବାନୀପାଟଣା, କଳାହାଣ୍ଡି-୭୬୬୦୦୧
क्षेत्रीय व्यवसाय कार्यालय, नकटिगुडा, भवानीपाटना, कलाहाण्डि-७६६००१
REGIONAL BUSINESS OFFICE, NAKTIGUDA, BHAWANIPATNA, KALAHANDI-766001

| ଫୋନ୍ ଫାକ୍ସ/दुरभाष फेक्स/Tel Fax | କୋଡ୍ ନଂ./कोड नं/Code No. | ଇ-ମେଲ/ई.मेल/E-mail |
|---|---|---|
| 06670-232992, 231975 | 9528 | agmr4.zober@sbi.co.in |

**ପ୍ରାପ୍ତେଷୁ,**

ଶ୍ରୀ ରତ୍ନାକର ପ୍ରଧାନ, PF ID-6847811
ପିତା- ବୀର ପ୍ରଧାନ
ଗ୍ରାମ- ବୋଡ଼ିମୁଣ୍ଡି, ଭାୟା- ଟିକାବାଲି, ଜିଲ୍ଲା- କନ୍ଧମାଳ-୭୬୨୦୧୦

**ମହାଶୟ,**

ଆପଣ ତା୦୪।୦୭।୨୦୧୮ରିଖଠାରୁ ଅଦ୍ୟାବଧି (୯୦ ଦିନରୁ ଅଧିକ ସମୟ) ନିଜ ଦାୟିତ୍ୱରେ ଛୁଟି ଅନୁମୋଦନ ବିନା ଅନୁପସ୍ଥିତ ଥିବା ଆମ କ୍ଷେତ୍ରୀୟ କାର୍ଯ୍ୟାଳୟର ଦୃଷ୍ଟିଗୋଚର ହୋଇଅଛି। କ୍ଷେତ୍ରୀୟ କାର୍ଯ୍ୟାଳୟ ଏ ବିଷୟରେ Eighth Bipartite Settlement (୦୨।୦୬।୨୦୦୫) ଧାରା ୩୩ ଅଧୀନରେ ଚିଠି ସଂଖ୍ୟା- ୨୧୮ ଦିନାଙ୍କ ୨୫।୧୧।୨୦୧୯ ଓ ଚିଠି ସଂଖ୍ୟା-୨୩୫ ଦିନାଙ୍କ ୨୮।୦୧।୨୦୨୦ରେ ଆପଣଙ୍କୁ ପତ୍ର ବିନିମୟରେ ଉକ୍ତ ବିଷୟରେ ଅବଗତ କରିଛନ୍ତି। ଏହା ସତ୍ତ୍ୱେ ଆପଣ ଚିଠି ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରିନାହାନ୍ତି।

Eighth Bipartite Settlement (୦୨।୦୬।୨୦୦୫) ଧାରା ୩୩ ଅଧୀନରେ ଆପଣ ଉକ୍ତ ପତ୍ରର ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟରେ ଯୋଗ ଦେଇନଥିବାରୁ ଆପଣ ଦିନାଙ୍କ ୨୯।୦୨।୨୦୨୦ରୁ ସ୍ୱେଚ୍ଛାକୃତ ଭାବେ ନିଜ ପଦ ଛାଡ଼ିଥିବା ବୋଲି ବିଚାର କରାଯିବା ସହ ବ୍ୟାଙ୍କ ପଞ୍ଜିକାରୁ ଆପଣଙ୍କ ନାମକୁ ହଟାଇ ଦିଆଯାଇଅଛି।

ଏହି ପତ୍ର ପ୍ରାପ୍ତିର ୧୫ ଦିନ ମଧ୍ୟରେ ଆପଣ ନିଜର ୩୦ ଦିନର ଦରମା ତଥା ଭତ୍ତା (allowance) ବ୍ୟାଙ୍କରେ ଜମା କରିବାକୁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ଏଥିରୁ ବିଚ୍ୟୁତ ହେଲେ ବ୍ୟାଙ୍କ ଆପଣଙ୍କ ବିରୁଦ୍ଧରେ କେସ୍ ଫାଇଲ୍ କରିବା ସହ ରାଇଟ୍ ଟୁ ସେଟ୍ ଅଫ୍ (right to set off) ଆଇନ୍ ଅଧୀନରେ ଆପଣଙ୍କ ବକେୟା ପାଉଣାରୁ ଏହି ରାଶି ସିଧାସଳଖ କାଟିବା ପାଇଁ ବାଧ୍ୟ ହେବ।

ସ୍ୱା./- (Appointing Authority), ଭବଦୀୟ, କ୍ଷେତ୍ରୀୟ ପ୍ରବନ୍ଧକ



**OFFICE OF THE DISTRICT MAGISTRATE AND COLLECTOR, SAMBALPUR**

No.2680 /Estt. Dt.17.03.2020

**ADVERTISEMENT FOR RE-ENGAGEMENT OF THE RETIRED REVENUE INSPECTOR/AMIN**

Applications in prescribed form are invited from eligible retired Revenue Inspector/ Amins for contractual re-engagement for filling up of the vacant Revenue Inspector/Amin in Minor Mineral Enforcement Cells in Sambalpur District. The detailed information regarding the recruitment process are available in the Sambalpur District Official Website **www.sambalpur.nic.in** vide Advertisement No.2669 /Estt. Dated 17.03.2020

**By order of the Collector**



**ଏସ୍.ଇ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନମ୍ବର, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ ଓ ଇ.ଏମ୍.ଡି.: (୧) ଏମ୍‌ଇସିଏଚ୍‌ସିକେପି-୧୯-୨୦-୫୦, ତାରିଖ:** ୧୬।୦୩।୨୦୨୦। ସିଡିଓ/ଆରଓୟୁଙ୍କ ବ୍ୟବହାର ଲାଗି ୦୨ ବର୍ଷ ଅବଧି ପାଇଁ ଗୋଟିଏ ସଡ଼କ ବାହନ (ଟାଟା ସୁମୋ ଗ୍ରାଣ୍ଡେ, ସ୍କର୍ପିଓ କିମ୍ବା ସମାନଧରଣ) ଭଡ଼ା ସୂତ୍ରରେ ନେବା। ₹୯,୨୯,୦୬୮/-, ₹୧୮,୬୦୦/- **(୨) ଏମ୍‌ଇସିଏଚ୍‌ସିକେପି-୧୯-୨୦-୪୯, ତାରିଖ:** ୧୧।୦୩।୨୦୨୦। ଦୁଇବର୍ଷ ପାଇଁ ଆରଓୟୁଠାରେ ପ୍ଲାଟଫର୍ମ ରିଟର୍ନ/ଷ୍ଟାବଲ୍/ଟର୍ମିନେଟିଂ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ, ପ୍ୟାଡ୍‌ଲକିଂ/ଅନ୍‌ଲକିଂ ଓ ୱାଟରିଂ। ₹୧୨,୫୩,୧୬୨/-, ₹୨୫,୧୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୨,୦୦୦/-। **ଟେଣ୍ଡର ଖୋଲାଯିବାର ସ୍ଥାନ:** ପ୍ରତ୍ୟେକ ପାଇଁ ସିନିୟର୍ ଡିଏମ୍‌ଇ/ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** କ୍ର.ସଂ. ୧ ପାଇଁ ତା୦୭।୦୪।୨୦୨୦ରିଖ ୧୫.୦୦ ଘଟିକା ଏବଂ କ୍ର.ସଂ. ୨ ପାଇଁ ତା୦୩।୦୪।୨୦୨୦ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** କ୍ର.ସଂ. ୧ ପାଇଁ ତା୦୭।୦୪।୨୦୨୦ରିଖ ୧୫.୧୫ ଘଟିକା ଏବଂ କ୍ର.ସଂ. ୨ ପାଇଁ ତା୦୩।୦୪।୨୦୨୦ରିଖ ୧୫.୧୫ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-1470)



**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-29-19

**କାର୍ଯ୍ୟର ବିବରଣୀ:** ଦୁଇ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ପୁରୀ ଡିପୋ ଠାରେ ନନ୍ କୋର୍ (Non Core) କାର୍ଯ୍ୟକଳାପ ନିମନ୍ତେ ଚୁକ୍ତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 2,49,86,794.46, EMD (ଟଙ୍କାରେ): 2,74,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-30-19

**କାର୍ଯ୍ୟର ବିବରଣୀ:** ଦୁଇ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭୁବନେଶ୍ୱର ଡିପୋ ଠାରେ ନନ୍ କୋର୍ (Non Core) କାର୍ଯ୍ୟକଳାପ ନିମନ୍ତେ ଚୁକ୍ତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 1,86,65,027.52, EMD (ଟଙ୍କାରେ): 2,43,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 24 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ):** ତା.03.04.2020 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ୍

PR-795/K/19-20



**OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**

Application for the post of Assistant Managers Grade-II, Banking Assistants Grade-II & System Managers in District Central Cooperative Banks (DCCBs) functioning in the State of Odisha is hereby invited online through the link available in the website **https://ibpsonline.ibps.in/rscosocjan20** from the resident of the State of Odisha and the applicant intends to apply should indicate the names of the DCCBs in order of preference (Minimum one & Maximum three). Examination for each post shall be held separately through online test.

**Tentative Schedule of Events:**

| Sl. No. | Events | Tentative Dates |
|---|---|---|
| 1. | Online Registration | 20.03.2020 to 15.04.2020 |
| 2. | Payment of Application Fees | 20.03.2020 to 15.04.2020 |
| 3. | Download of call letters for examination | Will be intimated later |
| 4. | Online Examination | Preliminary examination during May 2020 & Main examination during May 2020 & June 2020. |

**Examination Fees/Intimation Charges :**

| Sl. No. | Category of candidates | Fees |
|---|---|---|
| 1. | Each category of post for UR & SEBC candidates | Rs.1000/- |
| 2. | Each category of post for SC/ST candidates | Rs.600/- |

The eligibility criteria for the posts for Assistant Manager Grade-II, Banking Assistant Grade-II & System Manager and all other details are available in the above website. The candidates may download the details, carefully go through the same and apply for the posts on the basis of their eligibility within the dates specified for online registration alongwith online payment of application fees shown in the portal. The links for the purpose will be available on the specified dates.

Sd./- Registrar
Cooperative Societies, Odisha




ସମ୍ପ୍ରତି ଏକ ଗବେଷଣା ରିପୋର୍ଟରେ ଦର୍ଶାଯାଇଛି ଯେ, 'ଏ' ବ୍ଲଡ୍ ଗ୍ରୁପ୍‌କୁ କେରୋନା ସଂକ୍ରମଣ ଆଶଙ୍କା ଅନ୍ୟ ବ୍ଲଡ୍ ଗ୍ରୁପ୍ ତୁଳନାରେ ଅଧିକ ରହିଛି। ସେହିପରି 'ଓ' ବ୍ଲଡ୍ ଗ୍ରୁପ୍ ଲୋକଙ୍କ ଶରୀର ସହଜରେ କରୋନା ସଂକ୍ରମଣର ମୁକାବିଲା କରିପାରିଥାଏ। ଚାଇନାରେ କରୋନା ସଂକ୍ରମିତଙ୍କ ମଧ୍ୟରେ ୩୮ ପ୍ରତିଶତ 'ଏ' ବ୍ଲଡ୍ ଗ୍ରୁପ ଲୋକେ ଥିବାବେଳେ ୨୬ ପ୍ରତିଶତ 'ଓ' ବ୍ଲଡ୍ ଗ୍ରୁପ ରହିଛନ୍ତି। ଉହାନ ନିକଟରେ ଥିବା ସେଣ୍ଟର ଫର ଏଭିଡେନ୍ସ ବେସଡ୍ ଆଣ୍ଡ ଟ୍ରାନ୍ସଲେଶନାଲ ମେଡିସିନ୍‌ଠାରେ ଏନେଇ ଅଧିକ ଗବେଷଣା ଜାରି ରହିଛି। କରୋନା ସଂକ୍ରମଣ ଯୋଗୁ ମୃତ୍ୟୁ ଘଟିଥିବା ୨୦୬ ଜଣ ଲୋକଙ୍କ ଉପରେ ଏହି ଅଧ୍ୟୟନ କରାଯାଇଛି। ସେମାନଙ୍କ ମଧ୍ୟରେ ୮୫ ଜଣ ଅର୍ଥାତ୍ ୪୧.୨୬ ପ୍ରତିଶତଙ୍କ 'ଏ' ବ୍ଲଡ୍ ଗ୍ରୁପ ରହିଛି।




# ଫ୍ଲାଇଙ୍ଗ୍ କିସ୍‌ରେ ଆନିଭର୍ସାରି

**ୱାଶିଂଟନ:** ବିଭିନ୍ନ ଦେଶରେ କରୋନା ଭାଇରସ୍ ସ୍ତ୍ରୀ ସ୍ୱାମୀଙ୍କୁ ଅଲଗା କରିବାର ମୁଖ୍ୟ କାରଣ ହୋଇଛି। ଏହି କାରଣରୁ ଏକ ଭିନ୍ନ ଢଙ୍ଗରେ ଏବେ ବିବାହ ବାର୍ଷିକୀ ପାଳନ କରି ଚର୍ଚ୍ଚାକୁ ଆସିଛନ୍ତି ଆମେରିକାର କୋଟୋଲ୍ୟାଣ୍ଡ କାଉଣ୍ଟିର ଏକ ବୃଦ୍ଧ ଦମ୍ପତି। କରୋନା ଭାଇରସ୍ ଯୋଗୁ ସେ ଏକ ଭିନ୍ନ ଢଙ୍ଗରେ ତାଙ୍କ ୬୭ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି। କରୋନା ଭାଇରସରେ ଆକ୍ରାନ୍ତ ହୋଇ ବାମ୍ବେ ସେଲାର୍ଡଙ୍କ ସ୍ତ୍ରୀ ନାନ୍ସୀ ନର୍ସିଂହୋମ୍‌ରେ ଥିଲେ। ସେଲାର୍ଡଙ୍କୁ ନର୍ସିଂ ହୋମରେ ନାନ୍ସୀଙ୍କ ସହ ଦେଖା କରିବାର ସୁଯୋଗ ମିଳି ନ ଥିଲା । ତେଣୁ ସେଲାର୍ଡ ନର୍ସିଂହୋମର ବାହାରେ ଏକ ସାଇନ୍ ବୋର୍ଡରେ ତାଙ୍କ ପତ୍ନୀଙ୍କ ପାଇଁ ବିବାହ ବାର୍ଷିକୀର ବାର୍ତ୍ତା ଲେଖି ଛିଡା ହୋଇଥିଲେ। ତାଙ୍କ ସ୍ତ୍ରୀ ନାନ୍ସୀ ମଧ୍ୟ ନର୍ସିଂହୋମର ଝରକା ବାଟ ଦେଇ ହାତ ହଲାଇବା ସହ ଫ୍ଲାଇଙ୍ଗ୍ କିସ୍ କରି ପ୍ରତ୍ୟୁତ୍ତର ଦେଇଥିଲେ। ସେଲାର୍ଡଙ୍କର ଏହି ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି ।

# ପୁଅର ପାପ ଧୋଉଛନ୍ତି ୯୭ ବର୍ଷୀୟା ମା'

**ପ୍ରୟାଗରାଜ:** ଗଙ୍ଗାଜଳ ବାଣ୍ଟିଲେ ପାପ ଦୂର ହେବ। ଏଇ ବିଶ୍ୱାସରେ ୧୫ ବର୍ଷ ହେଲାଣି ବିଭିନ୍ନ ସ୍ଥାନ ବୁଲି ବୁଲି ଗଙ୍ଗାଜଳ ବାଣ୍ଟୁଛନ୍ତି ପାର୍ବତୀ । ଅବଶ୍ୟ ପାର୍ବତୀ ନିଜ ପାପ ଦୂର କରିବା ପାଇଁ ଏଇ କାମ କରୁନାହାନ୍ତି ବରଂ ତାଙ୍କ ପୁଅର ପାପ ଧୋଇବା ପାଇଁ ସେ ସମସ୍ତଙ୍କୁ ଗଙ୍ଗାଜଳ ଦେଉଛନ୍ତି । ବିହାରର ଭୋଜପୁର ଅଞ୍ଚଳରେ ରହନ୍ତି ପାର୍ବତୀ ପାଣ୍ଡେ। ୯୭ ବର୍ଷର ଏଇ ମହିଳା ଜଣକ ପୋଲିସ୍ ଷ୍ଟେଶନ୍, ହାଇକୋର୍ଟ ତଥା ବିଭିନ୍ନ ଅନୁଷ୍ଠାନ ବୁଲି ବୁଲି ଗଙ୍ଗାଜଳ ଆଉ ପ୍ରସାଦ ବାଣ୍ଟିଥାନ୍ତି । ୧୫ ବର୍ଷ ହେଲାଣି ସେ ଏଇ କାମ କରୁଛନ୍ତି ଆରପାରିରେ ଥିବା ତାଙ୍କ ପୁଅ ପାଇଁ । ପ୍ରକୃତ କଥା ହେଉଛି, ତାଙ୍କ ପୁଅ ବହୁ ଅପରାଧ କାର୍ଯ୍ୟକଳାପ ସହିତ ଜଡ଼ିତ ଥିଲା । ସେଥିପାଇଁ ତାକୁ ପୋଲିସ୍ ଏନ୍‌କାଉଣ୍ଟର କରି ମାରି ଦେଇଥିଲା। କିନ୍ତୁ ପୁଅ ତାଙ୍କଠାରୁ ଅଲଗା ରହୁଥିବାରୁ ସେ ଏହା ଜାଣି ପାରି ନ ଥିଲେ। ପୋଲିସ୍ ତାଙ୍କୁ ଏଇ ଖବର ଦେବା ପରେ ପାର୍ବତୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଓ ଭାଙ୍ଗି ପଡ଼ିଥିଲେ। ଏହା ପରଠାରୁ ସେ ତାଙ୍କ ପୁଅ କରିଥିବା ଭୁଲ କାମର ପ୍ରାୟଶ୍ଚିତ୍ତ କରିବା ପାଇଁ ଗଙ୍ଗାଜଳ ବାଣ୍ଟିବା ଆରମ୍ଭ କରିଥିଲେ । ପାର୍ବତୀଙ୍କ ପତି ବହୁ ଆଗରୁ ମରି ଯାଇଥିଲେ । ଏକମାତ୍ର ପୁଅ ଶ୍ଳୋକଙ୍କୁ ଚାହିଁ ସେ ବଞ୍ଚି ରହିଥିଲେ। କିନ୍ତୁ ୧୯ ବର୍ଷ ହେବା ପରେ ଶ୍ଳୋକ ତାଙ୍କ ଠାରୁ ଅଲଗା ରହୁଥିଲା । ଦିନେ ହଠାତ୍ ପୋଲିସ୍‌ଠାରୁ ପୁଅର ମୃତ୍ୟୁ ସମ୍ପର୍କରେ ଖବର ପାଇଁ ସେ ପ୍ରାୟଶ୍ଚିତ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ । ସେଇ ଦିନ ଠାରୁ ସେ ପ୍ରତିଦିନ ଶିବକୁଟି ଘାଟରେ ଗଙ୍ଗାସ୍ନାନ କରି ପୁଅ ପାଇଁ ପୂଜା କରନ୍ତି ଓ ଗଙ୍ଗାଜଳ ନେଇ ବିଭିନ୍ନ କାର୍ଯ୍ୟାଳୟରେ ବାଣ୍ଟିଥାନ୍ତି ।





# ଇଟାଲିର ଭେନିସ୍ କେନାଲରେ ଡଲଫିନ୍

**ଭେନିସ୍:** ଚାଇନା ପରେ କରୋନାର ନୂଆ ଠିକଣା ପାଲଟିଛି ଇଟାଲି। ସୁରକ୍ଷା ଦୃଷ୍ଟିରୁ ସାଢ଼େ ୬ କୋଟି ଲୋକଙ୍କୁ ଘରୁ ନ ବାହାରିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାର ପ୍ରଭାବ ଯୋଗୁ ଏବେ ଭେନିସ୍ କେନାଲରେ ଆଉ ପୂର୍ବପରି ଗହଳି ଦେଖିବାକୁ ମିଳୁନି। ଏହାର ପାଣି ସ୍ୱଚ୍ଛ ହୋଇଯାଇଛି। ପାଣିରେ ଏବେ ଡଲଫିନ୍ ଖେଳୁଥିବାର ଦୃଶ୍ୟ ଲୋକେ ନିଜ ଘର ବାଲକୋନିରେ ବସି ଦେଖୁଛନ୍ତି। ଡଲଫିନ୍ ଦଳ ସମୁଦ୍ରରୁ କେନାଲ ମୁହାଁ ହୋଇଛନ୍ତି। ପୂର୍ବରୁ କେନାଲରେ ବୋଟ ଚଳାଚଳ କରୁଥିବାରୁ ଡଲଫିନ୍ ଦଳ ଆସିବାକୁ ଭୟ କରୁଥିଲେ। ତେବେ କରୋନା ଯୋଗୁ ଲାଗି ଥିବା କଟକଣା ସେମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଥିବା କୁହାଯାଉଛି। ଭେନିସ୍ କେନାଲରେ ଡଲଫିନ୍ ଖେଳୁଥିବାର ୫୫ ସେକେଣ୍ଡର ଏକ ଭିଡ଼ିଓ ଜଣେ ବ୍ୟକ୍ତି ଟୁଇଟରରେ ଶେୟାର କରିଛନ୍ତି। ଗତ ୬୦ ବର୍ଷ ମଧ୍ୟରେ ଏଭଳି ଦୃଶ୍ୟ ଭେନିସ କେନାଲରେ ଦେଖିବାକୁ ମିଳି ନ ଥିଲା ବୋଲି ସେ ଟୁଇଟ୍ କରିଛନ୍ତି। କେନାଲ ପାଣି ସ୍ୱଚ୍ଛ ହୋଇଯାଇଥିବାରୁ ଡଲଫିନ୍ ଏଠାକୁ ଆସିଥିବା କୁହାଯାଉଛି।

ଭିଡ଼ିଓ ଭାଇରାଲ



# ଟାଟୁ ମୋଟର ସାଇକେଲ

**ଲଣ୍ଡନ:** ମୋଟର ସାଇକେଲର ଦାମ ୭ କୋଟି ୪୦ ଲକ୍ଷ ଟଙ୍କା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ତେବେ ଏହା ସତ। କମ୍ପାନୀ ଗେମ୍ ଓଭର ପକ୍ଷରୁ ଏହି ମୋଟରସାଇକେଲ ନିର୍ମାଣ କରାଯାଇଛି। ଏଥିରେ ଟାଟୁ ହୋଇଛି। ଏହା ହାର୍ଲେ ଡାଭିଡ୍‌ସନ୍ ମୋଟରସାଇକେଲ ସିରିଜ୍ ଅନ୍ତର୍ଭୁକ୍ତ। ଏହାର ବାହ୍ୟ ଆବରଣକୁ

**ଦାମ ୭ କୋଟି ୪୦ ଲକ୍ଷ ଟଙ୍କା**

ଚମଡ଼ାରେ ନିର୍ମାଣ କରାଯାଇଛି। ଏହାକୁ ତିଆରି କରିବା ପାଇଁ ୩୦୦୦ ଘଣ୍ଟା ସମୟ ଲାଗିଛି। ସେଥିମଧ୍ୟରୁ ଟାଟୁ କରିବା ଲାଗି କେବଳ ୨୫୦୦ ଘଣ୍ଟା ଲାଗିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାକୁ ଇତିମଧ୍ୟରେ ବହୁ ପୁରସ୍କାର ମିଳିସାରିଛି। ଏହି ଟାଟୁ ମୋଟର ସାଇକେଲ ଏବେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

# କରୀନାଙ୍କୁ କରୋନା ଭୟ


କରୀନା କପୁର ଖାନ୍

**ମୁମ୍ବାଇ:** ସାରା ବିଶ୍ୱ ଏବେ କରୋନା ଭୟରେ। ପ୍ରଥମେ ଚାଇନାରେ କରୋନା କୋକୁଆ ଭୟ ସୃଷ୍ଟି କରି ହଜାର ହଜାର ଲୋକଙ୍କୁ ମାରିବାପରେ ଏବେ ଏହି ଭୂତାଣୁ ବିଶ୍ୱର ୧୬୫ ଦେଶକୁ ବ୍ୟାପିଲାଣି। ୭ହାଜରରୁ ଊର୍ଦ୍ଧ୍ୱ ଲୋକ କରୋନା ସଂକ୍ରମଣରେ ପ୍ରାଣ ହରାଇଥିବାବେଳେ ଭାରତରେ ୩ ଜଙ୍କ ମୃତ୍ୟୁ ଘଟିଛି। ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୧୫୧ରେ ପହଞ୍ଚିଛି। ଏଥିଲାଗି ଦେଶବ୍ୟାପି ହାଇହାଲର୍ଟ ଜାରି କରାଯିବା ସହ ବିଭିନ୍ନ କଟକଣା ଲଗାଯାଇଛି। ଶିକ୍ଷାଠାରୁ ଆରମ୍ଭ କରି ଫିଲ୍ମ ଇଣ୍ଡଷ୍ଟ୍ରି ଗୁଡିକ ଏହା ଦ୍ୱାରା ବିଶେଷ କ୍ଷତି ସହିଛନ୍ତି। କରୋନାକୁ ନେଇ ବଲିଉଡ୍ ଇଣ୍ଡଷ୍ଟ୍ରିରେ ପ୍ରାୟ ସବୁ ଫିଲ୍ମ ଶୁଟିଂ ବନ୍ଦ ହୋଇଯାଇଛି। ଏମିତିକି ଫିଲ ହଲ୍‌ଗୁଡ଼ିକୁ ମଧ୍ୟ ବନ୍ଦ କରାଯାଇଛି। କଳାକାରମାନେ ଆଉ ଘରୁ ବାହାରକୁ ବାହାରୁ ନାହାନ୍ତି। ଲୋକମାନେ ଜନସମାଗମ ସ୍ଥଳକୁ ଯାଉ ନ ଥିବାବେଳେ ଘରେ ଆବଦ୍ଧ ହୋଇ ରହିବାକୁ ବାଧ୍ୟ ହେଉଛନ୍ତି। ଅଭିନେତ୍ରୀ କରୀନା କପୁର ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। କରୋନା ଭୟରେ ସେ ଆଉ ବାହାରକୁ ନ ବାହାରି ଘରେ ଆରାମ କରୁଛନ୍ତି। ଘରେ ସେ ନିଜ ମନ ପସନ୍ଦର ଖାଦ୍ୟ ଖାଇ ସମୟ ବିତାଉଛନ୍ତି। ନିକଟରେ ଗାଜର ହାଲୱା ଖାଉଥିବାର ଏକ ଫଟୋ ସେ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଏଥିରେ କ୍ୟାପ୍‌ସନ୍ ଲେଖିଛନ୍ତି, ମିଠା ଆପଣଙ୍କ ପେଟକୁ ନୁହେଁ, ହୃଦୟକୁ ଛୁଇଁବ। ଏମିତି ମଜାଳିଆ ମନ୍ତବ୍ୟକୁ ଅଧିକ ପସନ୍ଦ କରିଥିବା ଜଣାପଡ଼ିଛି।

# 'ରେଡ୍' ଫିଲ୍ମର ମେକିଂ ଭିଡିଓ ଶେୟାର କଲେ ଅଜୟ



**ମୁମ୍ବାଇ:** ଅଜୟ ଦେବଗନଙ୍କ 'ରେଡ୍' ଫିଲ୍ମ ଦୁଇ ବର୍ଷ ତଳେ ଅର୍ଥାତ୍ ୧୬ ମାର୍ଚ୍ଚ ୨୦୧୮ରେ ମୁକ୍ତିଲାଭ କରିଥିଲା। ଫିଲ୍ମଟିକୁ ପୁଣି ମନେ ପକାଇ ଅଜୟ ଦେବଗନ ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକଙ୍କ ପାଇଁ ଫିଲ୍ମର ଭିଡିଓ ଶେୟାର କରିଛନ୍ତି। ସେ ଟ୍ୱିଟ୍ କରି କହିଛନ୍ତି 'ରେଡ୍' ଏକ ଏମିତି ଫିଲ୍ମ ଯାହା ରିଅଲ ଟାଇମ୍‌ରେ ନିର୍ମିତ ହୋଇଥିଲା। ତେଣୁ ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ। ହ୍ୟାସଟ୍ୟାଗ୍ ୨ ବର୍ଷ 'ରେଡ'। ତାଙ୍କ ଟ୍ୱିଟ୍‌ରେ ପ୍ରତିକ୍ରିୟା ପ୍ରକାଶ କରି ଜଣେ ପ୍ରଶଂସକ କହିଛନ୍ତି, ଲଭ୍ ୟୁ ସାର୍। ମୁଁ 'ରେଡ୍-୨' ପାଇଁ ଉତ୍ସାହିତ ଅଛି। ଆପଣ ଏହା କେବେ କରୁଛନ୍ତି। ଆଉ ଜଣେ ୟୁଜର କହିଛନ୍ତି, ମୁଁ ବି ଚାହୁଁଛି 'ରେଡ୍ -୨'। ଏଠାରେ ସୂଚନାଯୋଗ୍ୟ ଯେ, 'ରେଡ୍' ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ରାଜ କୁମାର ଗୁପ୍ତା। ଏଥିରେ ଅଜୟ ଦେବଗନ, ଇଲିଆନା ଡିକ୍ରୁଜ, ସୌରଭ ଶୁକ୍ଳା, ଅମିତ୍ ସିଆଲ ପ୍ରମୁଖ ଅଭିନୟ କରିଥିଲେ। ସତ୍ୟ ଘଟଣା ଉପରେ ଆଧାରିତ ଏହି ଫିଲ୍ମଟି ୨୦୧୮ରେ ମୁକ୍ତିଲାଭ କରିଥିଲା, ଯାହାକି ବହୁତ ଭଲ ବ୍ୟବସାୟ କରିଥିଲା।

# କରୋନା ଲାଗି ପୋଲିସର ହ୍ୟାଣ୍ଡ ୱାଶିଂ ଡ୍ୟାନ୍ସ

**ଥିରୁଭାନନ୍ତପୁରମ୍:** କରୋନା ଭୂତାଣୁ ସଂକ୍ରମଣ ଯୋଗୁ ପୃଥିବୀର ୧୬୫ ଦେଶରେ ସଙ୍କଟ ଦେଖାଦେଇଛି। ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏହି ମର୍ମରେ କେରଳ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରିବା ପାଇଁ ଏକ ହ୍ୟାଣ୍ଡ ୱାଶିଂ ଡ୍ୟାନ୍ସ ଏବେ ଫେସବୁକ୍‌ରେ ଅପଲୋଡ୍ କରାଯାଇଛି। ଏହାକୁ ଇତିମଧ୍ୟରେ ୮ ଲକ୍ଷରୁ ଅଧିକ ୟୁଜର ଦେଖିସାରିଛନ୍ତି। ଏହାକୁ ୨୮,୦୦୦ରୁ ଅଧିକ ଥର ଶେୟାର କରାଯାଇଛି। ଏନେଇ ୨,୦୦୦ରୁ ଅଧିକ କମେଣ୍ଟ ଦିଆଯାଇଛି। ଏକ ମିନିଟ୍ ୨୫ ସେକେଣ୍ଡର ଏହି ଭିଡ଼ିଓରେ ପୋଲିସ କର୍ମଚାରୀ ମୁହଁରେ ମାସ୍କ ପିନ୍ଧି ଡ୍ୟାନ୍ସ କରୁଥିବାର ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, କେରଳରେ ୨୪ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି।



# କରୋନା ପାଇଁ ବୋନସ୍

**ନ୍ୟୁୟର୍କ:** କରୋନାରୁ ରକ୍ଷାପାଇବା ପାଇଁ ଘରେ କାମ କଲେ ମିଳିବ ବୋନସ୍ । ବିଭିନ୍ନ ଦେଶରେ ଏବେ କେତେକ କମ୍ପାନୀ ଏପରି ଅଫର ଦେଉଛନ୍ତି। ଏବେ ଏମିତି ଏକ ଅଫର ଦେଇଛି ଫେସ୍‌ବୁକ୍ । ଘରେ କାମ କରିବାରେ ଯେଉଁ କର୍ମଚାରୀମାନେ ସାହାଯ୍ୟ କରିବେ ସେମାନଙ୍କୁ ଫେସବୁକ୍ ୭୪ହଜାର ଟଙ୍କାର ବୋନସ୍ ଦେବା ପାଇଁ ଘୋଷଣା କରିଛି। ସିଏନ୍‌ବିସିର ରିପୋର୍ଟ ଅନୁସାରେ କମ୍ପାନୀର ସିଇଓ ମାର୍କ ଜୁକର୍‌ବର୍ଗ ତାଙ୍କର ଜଣେ କର୍ମଚାରୀଙ୍କୁ ପଠାଇଥିବା ଏକ ଇ-ମେଲ୍‌ରୁ ଏହା ଜଣାପଡ଼ିଛି । ଫେସ୍‌ବୁକରେ ଏବେ ପ୍ରାୟ ୪୫ହଜାର ଫୁଲ୍‌ଟାଇମ୍ ଷ୍ଟାଫ୍ ଅଛନ୍ତି । ଏହା ବ୍ୟତୀତ ହଜାର ହଜାର ସଂଖ୍ୟାରେ ଚୁକ୍ତିଭିତ୍ତିକ କର୍ମଚାରୀ ମଧ୍ୟ କାର୍ଯ୍ୟ କରୁଛନ୍ତି। ତେବେ ସେମାନଙ୍କୁ ବୋନସ୍ ମିଳିବ କି ନାହିଁ ସେସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ । ଫେସବୁକ୍ ଭଳି କରୋନା ପାଇଁ ୱାର୍କ ଡେ ନାମକ ସଫ୍ଟୱେର କମ୍ପାନୀ ବି ତା'ର କର୍ମଚାରୀମାନଙ୍କୁ ଦୁଇ ସପ୍ତାହର ଅତିରିକ୍ତ ଦରମା ବୋନସ୍ ଆକାରରେ ଦେବାକୁ ଘୋଷଣା କରିଛି।





# ଭେସେଲରେ ଯିବେ ଏକ ତୃତୀୟାଂଶ ଯାତ୍ରୀ

**ପୁରୀ ଅଫିସ,୧୮।୩**

ଦିନକୁଦିନ ଆମ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଓଡ଼ିଶାରେ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟବାସୀ ଚିନ୍ତିତ ହୋଇପଡ଼ିଛନ୍ତି। ଏହି ପ୍ରାଣଘାତୀ ଭାଇରସ୍ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ବାହାରି ନ ଥିବାବେଳେ କେବଳ ସତର୍କତା ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଗୋଟିଏ ଜାଗାରେ ଏକତ୍ର ହେବାକୁ ବାରଣ କରାଯାଉଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସାମାଜିକ ଦୂରତ୍ୱ ରକ୍ଷା କରିବା। ରାଜ୍ୟ ସରକାର ଏଥିପାଇଁ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ପୁରୀ ଜିଲା ପ୍ରଶାସନ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିଛି। ଚିଲିକାରେ ଚଳାଚଳ କରୁଥିବା ଭେସେଲ, ଟୁରିଷ୍ଟ ବୋଟ୍ ଉପରେ ମଧ୍ୟ କଟକଣା ଲଗାଯାଇଛି। ପରିବହନ କ୍ଷମତା ଏକ ତୃତୀୟାଂଶକୁ ହ୍ରାସ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶ ଅନୁଯାୟୀ ଶପିଂମଲ୍ ବନ୍ଦ କରାଯାଇଛି। କିନ୍ତୁ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ ନିମନ୍ତେ ସମ୍ପୃକ୍ତ ଶପିଂ ମଲ୍‌ଗୁଡ଼ିକୁ ଅନୁମତି ଦିଆଯାଇଛି। ସେହିପରି ବାର୍ ଏବଂ ବିୟର ପାର୍ଲରକୁ ବନ୍ଦ ରଖାଯାଇଛି।

ଚିଲିକାରେ ଭେସେଲ ସେବା ରହିଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ଏହି ଭେସେଲ ସାତପଡ଼ାରୁ ଜହ୍ନିକୁଦା ମଧ୍ୟରେ ଚଳାଚଳ କରିଥାଏ। ବର୍ତ୍ତମାନ କରୋନା ମୁକାବିଲା ନେଇ ଏଥିରେ କଟକଣା ଲଗାଇଛି ସିଡିଏ। ଯାତ୍ରୀ ପରିବହନ କ୍ଷମତା ଯାହା ରହିଛି ତାହାର ଏକ ତୃତୀୟାଂଶ ଯାତ୍ରୀ ଯିବାଆସିବା କରିବେ। ସେହିପରି ଟୁରିଷ୍ଟ ବୋଟ୍‌ରେ ମଧ୍ୟ ସମାନ କଟକଣା ରହିବ। କିନ୍ତୁ ଭେସେଲ ଏବଂ ଟୁରିଷ୍ଟ ବୋଟରେ ଯାତାୟାତ କରୁଥିବା ଯାତ୍ରୀଙ୍କ ମଧ୍ୟରେ ସାମାଜିକ ଦୂରତା ରଖାଯିବ। ପରସ୍ପର ମଧ୍ୟରେ ଅତି କମ୍‌ରେ ୧ ମିଟର ଦୂରତା ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ବାହାରୁ ଜିଲାର ନିଜ ଘରକୁ ଫେରୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖାଯିବା ସହ ପଞ୍ଚାୟତସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି।




## କଡ଼ାକଡ଼ି ହେଲା ସାମାଜିକ ଦୂରତ୍ୱ ରକ୍ଷା

- ଟୁରିଷ୍ଟ ବୋଟ୍‌ରେ ବି ଲାଗିଲା କଟକଣା
- ୧ ମିଟର ଦୂରତା ରଖିବା ଲାଗି ନିର୍ଦ୍ଦେଶ

### ଗୋଟିଏ ସ୍ଥାନରେ ରେଜିଷ୍ଟ୍ରେଶନ ବନ୍ଦ

କରୋନା ମୁକାବିଲା ନେଇ ଦିନକୁ ଦିନ ନୂଆ ନୂଆ କଟକଣା ଜାରି କରାଯାଉଛି। ପୂର୍ବରୁ ଯେ କୌଣସି ହସ୍ପିଟାଲରେ ବହିଃବିଭାଗ ରୋଗୀ ଗୋଟିଏ ଜାଗାରେ ନାମ ପଞ୍ଜୀକରଣ କରିଥା'ନ୍ତି। ଅନେକ ସମୟରେ ଏଥିପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳିଥାଏ। କିନ୍ତୁ ଏହାକୁ ଏବେ ବନ୍ଦ କରିଦେଇଛି ପୁରୀ ଜିଲା ପ୍ରଶାସନ। ଜିଲା ସଦର ମୁଖ୍ୟ ଚିକିତ୍ସାଳୟ, ସଂକ୍ରାମକ ରୋଗ ଚିକିତ୍ସାଳୟରେ ସମ୍ପୃକ୍ତ ବିଭାଗରେ ରୋଗୀ ନାମ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ବିଭାଗରେ ଏହି ବ୍ୟବସ୍ଥା କରାଯାଇଛି। ରୋଗୀମାନଙ୍କ ମଧ୍ୟରେ ୧ ମିଟର ବ୍ୟବଧାନ ରଖିବାକୁ ପରାମର୍ଶ ଦିଆଯାଇଛି।

### ୮ ଘଣ୍ଟାରେ ମାସ୍କ ବଦଳାଇବାକୁ ପରାମର୍ଶ

କରୋନା ମୁକାବିଲା ନେଇ ଜିଲାପାଳ ବଲୱନ୍ତ ସିଂ ସଫେଇ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବେ ଅନୁରୋଧ କରିଛନ୍ତି। ସଫେଇ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କହିଛନ୍ତି, ଯେତେବେଳେ ଆପଣ ଘରକୁ ଯିବେ ଭଲ ଭାବେ ସାବୁନରେ ହାତ ଧୋଇବେ। ପରିବାର ସଦସ୍ୟଙ୍କୁ ମଧ୍ୟ ଶିଖାଇବେ। ବରିଷ୍ଠ ସଦସ୍ୟଙ୍କୁ ଘରୁ ବାହାରକୁ ନ ଯିବା ଲାଗି ପରାମର୍ଶ ଦେବେ। ଅତ୍ୟନ୍ତ ଜରୁରୀ ଥିଲେ ଘରର ଯୁବ ସଦସ୍ୟଙ୍କୁ ବାହାରକୁ ପଠାଇବେ। କର୍ମକ୍ଷେତ୍ରରେ ଥିବା ବେଳେ ଯେଉଁ ମାସ୍କ ପିନ୍ଧୁଛନ୍ତି ତାହାକୁ ୮ ଘଣ୍ଟାରେ ବଦଳାଇବା ଦରକାର। ଯଦି ଡ୍ୟୁଟିରେ ଅଛନ୍ତି ତେବେ ରୁମାଲ ବ୍ୟବହାର କରନ୍ତୁ। ପରେ ଏହାକୁ ସାବୁନରେ ଭଲ ଭାବେ ଧୋଇ ବ୍ୟବହାର କରିପାରିବେ। ଏତଦ୍‌ବ୍ୟତୀତ ସାମାଜିକ ଦୂରତା ରକ୍ଷା କରିବେ। ଯଦି କିଛି ଫ୍ଲୁ ଜନିତ ସମସ୍ୟା ରହିଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସଫେଇ କର୍ମଚାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# ଭଉଣୀଙ୍କ ନାମ ପଞ୍ଜୀକୃତ କଲେ ମୁଖ୍ୟମନ୍ତ୍ରୀ

## ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

କରୋନା ସତର୍କତା ନେଇ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ବିଦେଶାଗତଙ୍କ ନାମ ପଞ୍ଜୀକରଣ କରିବାକୁ ଘୋଷଣା କରାଯାଇଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କ ନାମ ପଞ୍ଜୀକୃତ ହୋଇଛି। ବିଦେଶରୁ ଆସିଥିବାରୁ ଗୀତାଙ୍କ ନାମ ମୁଖ୍ୟମନ୍ତ୍ରୀ ପୋର୍ଟାଲରେ ନାମ ପଞ୍ଜୀକୃତ କରିଛନ୍ତି। ଏ ନେଇ ବୁଧବାର ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଜଣାଇଛନ୍ତି। ବିଦେଶରୁ ଆସୁଥିବା ସମସ୍ତ ବ୍ୟକ୍ତି ନିଜର ନାମ ପଞ୍ଜୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏହାଦ୍ୱାରା ଭୂତାଣୁ ସଂକ୍ରମଣକୁ ରୋକାଯାଇପାରିବ।

ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ମୋଦି ରିଟୁଇଟ କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଏକ ବଡ଼ ଉଦାହରଣ ସୃଷ୍ଟି କରିଛନ୍ତି। ଅନ୍ୟମାନେ ନବୀନଙ୍କ ଏହି ପଦକ୍ଷେପକୁ ଅନୁସରଣ କରିବେ ବୋଲି ସେ ଆଶା କରିଛନ୍ତି। କରୋନା ଭଳି ମହାମାରୀକୁ ରୋକିବା ପାଇଁ ଆମେ ସମସ୍ତେ ମିଳିମିଶି ମୁକାବିଲା କରିବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି।

# ରାତି ୭ଟା ୪୫ରେ ଶ୍ରୀମନ୍ଦିର ବନ୍ଦ

**ପୁରୀ ଅଫିସ,୧୮।୩**

କରୋନା କଟକଣାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହେଉଛି। ବେଳାଭୂମିର ଉଠା ବ୍ୟବସାୟୀ ହୁଅନ୍ତୁ ଅବା ପର୍ଯ୍ୟଟକଙ୍କ ଉପରେ ନିର୍ଭର କରୁଥିବା ସହରର ବିଭିନ୍ନ କ୍ଷୁଦ୍ର ବ୍ୟବସାୟୀ ସମସ୍ତେ ଏକପ୍ରକାର ହାତ ବାନ୍ଧି ବସିଛନ୍ତି। ତେବେ କରୋନା କଟକଣାର ସବୁଠୁ ଅଧିକ ପ୍ରଭାବ ଶ୍ରୀମନ୍ଦିର ଉପରେ ପଡ଼ିଛି। ଅଳ୍ପ ସଂଖ୍ୟାରେ ଭକ୍ତ ଆସୁଥିବାରୁ ନୀତିକାନ୍ତି ତ୍ୱରାନ୍ୱିତ ହୋଇଥିଲା। ଫଳରେ ବୁଧବାର ସଅଳ ହୋଇଛି ରାତ୍ର ପହୁଡ଼। ରାତି ୭ଟା ୪୫ରେ ବନ୍ଦ ହୋଇଛି ଶ୍ରୀମନ୍ଦିର ସିଂହଦ୍ୱାର। କେବଳ ପହୁଡ଼ ନୁହେଁ, ହୁଣ୍ଡିରେ ବି ପଡ଼ିଥିଲା କରୋନା କଟକଣା ମାଡ଼। ହୁଣ୍ଡିରୁ ମାତ୍ର ୩୧ ହଜାର ୯୮ ଟଙ୍କା ଏବଂ ୧ ଗ୍ରାମ୍ ରୂପା ବାହାରିଛି। ହୁଣ୍ଡିରୁ ଏତେ କମ୍ ଟଙ୍କା ଗତ ୮/୧୦ ବର୍ଷ ମଧ୍ୟରେ ବାହାରି ନ ଥିବା ଏବଂ ରାତି ୮ଟା ପୂର୍ବରୁ କେବେ ପହୁଡ଼ ହେବାର ନଜିର ନ ଥିବା ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

ସୋମବାରଠାରୁ ଜିଲାରେ କରୋନା କଟକଣା କଡ଼ାକଡ଼ି କରାଯାଇଛି। ଜିଲାର ପ୍ରବେଶ ପଥରେ ପର୍ଯ୍ୟଟକ ଗାଡ଼ି ଯାଞ୍ଚ କରାଯାଉଛି। ଅତ୍ୟାବଶ୍ୟକ ନ ଥିଲେ ଜିଲା ବାହାର ଲୋକଙ୍କୁ ପୁରୀକୁ ପ୍ରବେଶ କରାଯାଉ ନାହିଁ। ପର୍ଯ୍ୟଟକଙ୍କୁ ଫେରାଇ ଦିଆଯାଉଥିବାରୁ ଏହାର ପ୍ରଭାବ ଶ୍ରୀମନ୍ଦିର ଉପରେ ପଡୁଛି। ଶ୍ରଦ୍ଧାଳୁଙ୍କ ସଂଖ୍ୟା କମୁଥିବାରୁ ଗତ ଦୁଇଦିନଠାରୁ ବୁଧବାର ହୁଣ୍ଡି ଅର୍ଥ ପୂରା କମିଯାଇଥିଲା। କଟକଣାର ପ୍ରଥମ ଦିନ ଅର୍ଥାତ୍ ସୋମବାର ଶ୍ରୀମନ୍ଦିର ହୁଣ୍ଡିରୁ ୯୮,୮୭୨ ଟଙ୍କା ଓ ମଙ୍ଗଳବାର ୭୨,୫୩୭ ଟଙ୍କା ବାହାରିଥିଲା। ତେବେ ଭକ୍ତ ନ ଥିବାରୁ ନୀତିକାନ୍ତି ସଅଳ ସରିଥିଲା। ଫଳରେ ରାତି ୭ଟା ୪୫ରେ ଶ୍ରୀମନ୍ଦିରରେ ପହୁଡ଼ ହୋଇଥିଲା। ଶୀଘ୍ର ରାତ୍ର ପହୁଡ଼ର ଏହା ରେକର୍ଡ କୁହାଯାଇପାରେ ବୋଲି କହିଛନ୍ତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ। କରୋନା ପାଇଁ ଏମିତି ବିଭିନ୍ନ କ୍ଷେତ୍ରରେ ବ୍ୟତିକ୍ରମ ଘଟୁଥିବା ବେଳେ ଆଗାମୀ ଦିନରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ଆହୁରି କମିପାରେ ବୋଲି ଆଶଙ୍କା କରାଯାଉଛି।

# ଭାଇରାଲ ହେଉଛି କରୋନା ଗୀତ

## ଏକାଧିକ ହିନ୍ଦୀ ଫିଲ୍ମ ନିର୍ମାଣ ଯୋଜନାକୁ ସମାଲୋଚନା

**ଭୁବନେଶ୍ୱର,୧୮।୩(ବ୍ୟୁରୋ):** ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଛି ମହାମାରୀ କରୋନା। ସବୁଠି ଘାରିଛି ଏହି ଭୂତାଣୁ ସଂକ୍ରମଣର ଭୟ। ବୁଧବାର ସୁଦ୍ଧା ବିଶ୍ୱର ୧୬୭ ଦେଶକୁ ବ୍ୟାପିଥିବା ଏହି ଭୂତାଣୁ ବିରୋଧରେ ଜାରି ରହିଛି ଲଢେଇ। ଏପରିସ୍ଥଳେ କିଏ କରୋନାକୁ ମହିଳାଙ୍କ ସହ ତୁଳନା କରୁଛି ତ କିଏ ଏହା ଉପରେ କମେଡି ଫିଲ୍ମ ତିଆରି କରିବାକୁ ଯାଉଛି। କରୋନାକୁ ନେଇ ଏକାଧିକ ଗୀତ ଏବେ ଭାଇରାଲ ହେବାରେ ଲାଗିଛି। ତେବେ ଏଭଳି ଏକ ଗୀତ ଗାଇଥିବା ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ ସାଗର ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛନ୍ତି। ସେ ତାଙ୍କ ଗୀତରେ କରୋନାକୁ ଝିଅମାନଙ୍କ ସହ ତୁଳନା କରି ଫସିବା ସହ ସୋସିଆଲ ମିଡ଼ିଆରେ ବେଶ୍ ଟ୍ରୋଲ୍ ହୋଇଛନ୍ତି। ଏପଟେ କରୋନା ସଂକ୍ରମଣକୁ ନେଇ ଏକ ହିନ୍ଦୀ ଫିଲ୍ମ 'କରୋନା ପ୍ୟାର୍ ହେ' କରିବାକୁ ଏରୋସ୍ ଇଣ୍ଟରନ୍ୟାଶନାଲ ଘୋଷଣା କରିଥିବାବେଳେ ଏହା ଏକ ପ୍ରେମକାହାଣୀ ବୋଲି କୁହାଯାଇଛି। ହେଲେ ଫିଲ୍ମର ଟାଇଟଲକୁ ନେଇ ବହୁ ବିବାଦ ଉଠିଥିବାବେଳେ ପ୍ରଯୋଜକ ରାକେଶ ରୋଶନ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଏଭଳି ଏକ ଫିଲ୍ମ କରିବା ଦୁର୍ଭାଗ୍ୟଜନକ ବୋଲି ରାକେଶ କହିଛନ୍ତି। ସେହିଭଳି ଆଉଜଣେ ପ୍ରଯୋଜକ 'ଡେଡ୍‌ଲି କରୋନା' ନାମରେ ଫିଲ୍ମ କରିବେ ବୋଲି ଘୋଷଣା କରିଛନ୍ତି।

ଏପଟେ ସୋସିଆଲ ମିଡ଼ିଆରେ କରୋନାକୁ ନେଇ ଏକାଧିକ ଗୀତ ଓ ମିମ୍ ବୁଲୁଛି, ଯାହାମଧ୍ୟରୁ କିଛି ସଚେତନଭିତ୍ତିକ ହୋଇଥିବାବେଳେ ଆଉକିଛି ଭ୍ରମାତ୍ମକ। ଫେସ୍‌ବୁକ୍, ଟିକ୍‌ଟକ୍ ଓ ୟୁଟ୍ୟୁବ୍ ଭଳି ସୋସିଆଲ ପ୍ଲାଟ୍‌ଫର୍ମରେ ଏବେ ଏହି ଗୀତସବୁ ଭାଇରାଲ ହେବାରେ ଲାଗିଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ଓଲିଉଡ୍, ବଲିଉଡ୍ ଓ ହଲିଉଡ୍ କଳାକାରମାନେ କରୋନାକୁ ନେଇ ବିଭିନ୍ନ ସଚେତନ ଓ ସତର୍କତାମୂଳକ ବାର୍ତ୍ତା ଦେଉଛନ୍ତି। ଓଡ଼ିଶାର କୁନି ପିଲାଙ୍କଠାରୁ ବଡ଼ବଡ଼ କଣ୍ଠଶିଳ୍ପୀମାନେ ମଧ୍ୟ ସୋସିଆଲ ମିଡ଼ିଆରେ ସଚେତନ କରିବାର ପ୍ରୟାସ ଜାରି ରଖିଛନ୍ତି। ଭାଇରାଲ ହୋଇଥିବା ଏକ ଗୀତ ମଧ୍ୟରେ ରହିଛି 'କରୋନାକୁ ଡରୋନା...'। କରୋନାକୁ ଭୟ ନ କରି ଲଢେଇ କରିବା ପାଇଁ ଏହି ଗୀତରେ ବାର୍ତ୍ତା ଦିଆଯାଇଛି। ଥଣ୍ଡା, କାଶ ହେଲେ ତୁରନ୍ତ ନିଜର ଚିକିତ୍ସା କରିବା ପାଇଁ କୁହାଯାଇଛି। କେବଳ ସେତିକି ନୁହେଁ, କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ମହାପ୍ରଭୁଙ୍କ ନିକଟରେ ନିବେଦନପୂର୍ବକ ଏକ ଭଜନ ଶୁଣିବାକୁ ମିଳିଛି। କଣ୍ଠଶିଳ୍ପ ବୁବୁନ୍ କୁମାର 'କରୋନା ଦାଉରୁ ରଖ ହେ ଜଗନ୍ନାଥ' ଗୀତ ଗାଇ ଏବେ ସୋସିଆଲ୍ ମିଡ଼ିଆରେ ଚର୍ଚ୍ଚିତ ହୋଇଛନ୍ତି। ଲୋକଙ୍କ ମନରେ ଭକ୍ତିଭାବ ସୃଷ୍ଟି କରି କରୋନା ଭୟ ଦୂର କରିବାକୁ ଏଥିରେ ପ୍ରୟାସ କରାଯାଇଛି।

ସେହିଭଳି ହାସ୍ୟ ଅଭିନେତା ପପୁ ପମ୍ ପମ୍ ମଧ୍ୟ କରୋନାକୁ ନେଇ ସଚେତନଭିତ୍ତିକ ଗୀତ ଗାଇ ହିଟ୍ ହୋଇଛନ୍ତି। 'କୋଉଠି ସାଇତି ରଖିଥିଲା ଚାଇନା ଭାଇରସ୍, ମାର୍‌ଡାଲା', 'କରୋନା ଆଇଲା ଲୋ' ଶୀର୍ଷକ ଗୀତକୁ ପପୁ ନିଜ କମେଡି ତଡ଼କା ସହ ଗାଇ ସତର୍କ କରିଛନ୍ତି। କେବଳ ଓଡ଼ିଆରେ ନୁହେଁ ଏବେ ସୋସିଆଲ୍ ମିଡ଼ିଆରେ କରୋନା ଭାଇରସ୍‌କୁ ନେଇ ହିନ୍ଦୀ ଗୀତ ଓ ଗଜଲ୍ ମଧ୍ୟ ପ୍ରସ୍ତୁତ ହୋଇଛି।




# କ୍ଷମା ମାଗିଲେ ହ୍ୟୁମନ୍



**ଭୁବନେଶ୍ୱର,୧୮।୩(ବ୍ୟୁରୋ):** କଣ୍ଠଶିଳ୍ପୀ ହ୍ୟୁମନ୍ ସାଗର୍ 'ଝିଅ ନୁହେଁ ତୁ କରୋନା ଭାଇରସ୍' ଗୀତ ଗାଇ ବିବାଦ ଘେରକୁ ଆସିଥିବାବେଳେ ସେ ଗାଇଥିବା ଆଉ ଏକ ଗୀତ 'ପ୍ରେମ ତୋର କରୋନା ଚାଇନା ବୋମା' ଗୀତ ଏବେ ୟୁଟ୍ୟୁବ୍‌ରୁ ଡିଲିଟ୍ ହୋଇଯାଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ମହଲରୁ ହ୍ୟୁମାନ୍ ସାଗରଙ୍କ ଏହି ଗୀତକୁ ବିରୋଧ ଓ ସମାଲୋଚନା କରାଯାଇଥିବାବେଳେ ଅନେକ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ଏହା ଅତ୍ୟନ୍ତ ନିମ୍ନମାନର ମନୋରଞ୍ଜନ ବୋଲି ଓଡ଼ିଶା ମହିଳା ଅଧିକାର ମଞ୍ଚ କହିଛି। ସେହିଭଳି ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି। ସେହିଭଳି ସୋସିଆଲ ମିଡ଼ିଆରେ ମଧ୍ୟ ଟ୍ରୋଲ୍ ହୋଇଛନ୍ତି ହ୍ୟୁମାନ୍। ସବୁଆଡୁ ବିରୋଧ ପରେ ଶେଷରେ ହ୍ୟୁମାନ୍ ସୋସିଆଲ ମିଡ଼ିଆରେ ଏନେଇ ମୁହଁ ଖୋଲିବା ସହ କ୍ଷମା ମାଗିଛନ୍ତି। ଏକ ଭିଡ଼ିଓରେ ସେ କହିଛନ୍ତି, ରାଜ୍ୟବାସୀ ତାଙ୍କ ପଛରେ ନ ପଡି କରୋନା ବିପର୍ଯ୍ୟୟର ମୁକାବିଲା ପାଇଁ ଉଦ୍ୟମ କରନ୍ତୁ। କରୋନା ସଂକ୍ରମଣ ନ ହେବା ପାଇଁ ସମସ୍ତେ ଉଦ୍ୟମ କରିବା ସହ ସଚେତନତା ଓ ସତର୍କତା ଅବଲମ୍ବନ କରନ୍ତୁ। ଏହାବାଦ୍ ନାରୀ ଜାତି ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଥିବା ସେ ଏହି ଭିଡ଼ିରେ କହିଛନ୍ତି। ତେବେ ପୂର୍ବରୁ ଗୀତକୁ ନେଇ ଟ୍ରୋଲ୍ ହୋଇଥିବା ଏହି କଣ୍ଠଶିଳ୍ପୀ ପୁଣିଥରେ ନିଜର ଏହି ଭିଡ଼ିଓ ପାଇଁ ଟ୍ରୋଲ୍ ହୋଇଛନ୍ତି।

# ଗୁଜବ ପ୍ରଚାର କରି ବନ୍ଧା ହେଲେ ଯୁବକ

**ତାଳଚେର,୧୮।୩(ନି.ପ୍ର):** କରୋନା ଭାଇରସ ସଂକ୍ରମଣ ସମ୍ପର୍କରେ ଭୁଲ ତଥ୍ୟ ଓ ମିଥ୍ୟା ଖବର ସାମାଜିକ ଗଣମାଧ୍ୟମରେ ପ୍ରଚାର କରିବା ଅଭିଯୋଗରେ ଜଣଙ୍କୁ କଲିୟାରୀ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତାଳଚେର ବ୍ଲକ ବଡସିଙ୍ଗଡା ଗ୍ରାମର ରିଙ୍କୁ କୁମାର ଓରଫ ଜୟକୃଷ୍ଣ ସାହୁ। ପୋଲିସ କହିଛି, ବଁଅରପାଳ ଥାନା ଅଞ୍ଚଳର ଜଣେ ଯୁବକ କରୋନାରେ ଆକ୍ରାନ୍ତ ହୋଇ ନୂଆଦିଲ୍ଲୀର ଏକ ହସ୍ପିଟାଲରେ ମୃତ୍ୟୁ ହୋଇଥିବା ନେଇ ଜୟକୃଷ୍ଣ ଫେସବୁକରେ ପ୍ରଚାର କରିଥିଲେ। କଲିୟାରୀ ପୋଲିସ ଘଟଣାର ଅନୁସନ୍ଧାନ କରିବା ସହ ଜୟକୃଷ୍ଣଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ନଂ. ୭୩/୨୦ ମାମଲା ରୁଜୁ ହୋଇଛି।




ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ସ୍ୟାଣ୍ଡ ଆନିମେଶନରେ କରୋନା ସଚେତନତା ବାର୍ତ୍ତା।

# ଗ୍ରାମାଞ୍ଚଳରେ ସଚେତନତା ଜୋର୍‌ଦାର କରିବାକୁ ପରାମର୍ଶ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

- ପ୍ରତି ପଞ୍ଚାୟତରେ ସବୁ ବ୍ୟବସ୍ଥା ରହିଥିବା ଗୋଟିଏ ଘର ରଖାଯିବ
- ଏଥିଲାଗି ପଞ୍ଚାୟତ ପିଛା ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ

କରୋନା ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ଜୋର୍‌ଦାର ପ୍ରୟାସ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ସରକାରୀ ଏବଂ ଘରୋଇ ସଂସ୍ଥା ମଧ୍ୟ ବନ୍ଦ କରାଗଲାଣି। ଏଭଳି ସ୍ଥିତିରେ ଜିଲା ଏବଂ ଗ୍ରାମାଞ୍ଚଳରେ ଅଧିକ ସଚେତନତା ଲାଗି ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ସହରାଞ୍ଚଳରେ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ଦେଖିବାକୁ ମିଳିବାପରେ ଜିଲା ଏବଂ ଗ୍ରାମାଞ୍ଚଳ ଉପରେ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଲୋକଙ୍କ ସୁବିଧା ଲାଗି ପଞ୍ଚାୟତଗୁଡ଼ିକ ପାଇଁ ୫ ଲକ୍ଷ ଟଙ୍କା ଲେଖା ଅନୁମୋଦନ କରାଯାଇଛି। ବୁଧବାର ଲୋକସେବା ଭବନଠାରେ ତ୍ରିପାଠୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଭିଡିଓ କନଫରେନ୍ସିଂ(ଭିସି) ଜରିଆରେ ୩୦ଟି ଜିଲାର ଜିଲାପାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ୩୧୪ ବ୍ଲକର ବିଡିଓମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଜିଲା ଏବଂ ଗ୍ରାମାଞ୍ଚଳରେ କରୋନା ସଚେତନତା ଜୋରଦାର କରିବାକୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ତ୍ରିପାଠୀ କହିଛନ୍ତି ଯେ, ଲୋକମାନଙ୍କ ଭିତରେ ସଚେତନତା ଆସିଲେ କରୋନାକୁ ହରାଇବା ସହଜ ହୋଇପାରିବ। କରୋନା ସମ୍ପର୍କିତ ରାଜ୍ୟ ସରକାରଙ୍କ ବିଭିନ୍ନ ପରାମର୍ଶ, ନିର୍ଦ୍ଦେଶାବଳୀ ସମ୍ପର୍କରେ ଲୋକଙ୍କୁ ବ୍ୟାପକ ସଚେତନ କରିବାକୁ ୫-ଟି ସଚିବ ଭି-କାର୍ତ୍ତିକେୟନ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ହିତାଧିକାରୀଙ୍କୁ ୩ ମାସର ଆଗୁଆ ଭତ୍ତା, ପେନସନ୍ ଓ ରାଶନ ସାମଗ୍ରୀ ସହଜରେ ପ୍ରଦାନ କରାଯାଇପାରିବ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଏହାଛଡ଼ା ଅଙ୍ଗନୱାଡିରେ ପିଲାଙ୍କ ନିକଟରେ ଆଗୁଆ ଶୁଖିଲା ଖାଦ୍ୟ ପହଞ୍ଚାଇବା ଏବଂ ଏଏନ୍‌ଏମ୍ ଓ ଆଶାକର୍ମୀମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଅତ୍ୟାବଶ୍ୟକ ଔଷଧ ପହଞ୍ଚାଇବାକୁ ଅଧିକାରୀଙ୍କୁ କୁହାଯାଇଛି।

# ସ୍କୁଲ ଛୁଟି ବଢ଼ାଇଛି ଅଭିଭାବକଙ୍କ ଚିନ୍ତା

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ଚାଇନାର ଉହାନରୁ ସୃଷ୍ଟି ହୋଇଥିବା କରୋନା ଭୂତାଣୁ ଏବେ ଭାରତ ସମେତ ୧୬୩ ରାଷ୍ଟ୍ରକୁ ଗ୍ରାସ କରିସାରିଲାଣି। ଓଡ଼ିଶାରେ କରୋନାର ପ୍ରଭାବ ଦେଖିବାକୁ ମିଳିଛି। ଇତିମଧ୍ୟରେ ରାଜ୍ୟ ସରକାର ୩୧ ମାର୍ଚ୍ଚ ଯାଏ ସ୍କୁଲ ଛୁଟି କରିଦେଇଛନ୍ତି। ଘରୁ ବାହାରିବା ଅଧିକାଂଶଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିବା ବେଳେ ଲୋକେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଉଚିତ ମଣୁଛନ୍ତି। ସେହିଭଳି ମ୍ୟୁଜିୟମ୍, ସିନେମା ହଲ୍, ବାର୍, ରେଷ୍ଟୁରାଣ୍ଟ, ଶପିଂ ମଲ୍ ସବୁ ବନ୍ଦ ଥିବାରୁ ଘରେ ରହି ଲୋକେ ବୋର୍ ହୋଇଗଲେଣି। ତେବେ ସବୁଠାରୁ ମାତାପିତାଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛନ୍ତି ପିଲାମାନେ। ଘରେ ଅଧିକ ସମୟ ରହିବାକୁ ପଡୁଥିବାରୁ ସେମାନେ ଟେଲିଭିଜନ୍ ଦେଖିବା, ଭିଡିଓ ଗେମ୍ସ ଖେଳିବା, ମୋବାଇଲ ଦେଖିବାରେ ସମୟ କଟାଉଛନ୍ତି। ଦୀର୍ଘ ସମୟ ବସି ଏସବୁ କରୁଥିବାରୁ ମାତାପିତା ସେଥିରୁ ବିରତ ରହିବାକୁ କହିବାରୁ ପିଲେ ଚିଡ଼ିଚିଡ଼ା ହୋଇଯାଉଥିବା ଦେଖିବାକୁ ମିଳୁଛି।



କରୋନା ଭୟରେ କିଛିଦିନ ମଧ୍ୟରେ ଇଣ୍ଟରନେଟ୍ ବ୍ୟବହାର ୭୦ ପ୍ରତିଶତ ବଢ଼ିଯାଇଥିବା ବେଳେ ଲୋକେ ୱେବ୍ ସିରିଜ୍, ଟେଲିଭିଜନ ଓ ଫିଲ୍ମ ଦେଖି ସମୟ ଅତିବାହିତ କରୁଛନ୍ତି। ବୟସ୍କଙ୍କ ପାଇଁ ନେଟ୍‌ଫ୍ଲିକ୍ସ, ଆମାଜନ୍ ପ୍ରାଇମ୍ ଏବଂ ହଟ୍‌ଷ୍ଟାର୍ ଭଳି ଡିଜିଟାଲ ପ୍ଲାଟ୍‌ଫର୍ମ ସାହାରା ପାଲଟିଥିବା ବେଳେ ଛୋଟ ପିଲାଙ୍କ ପାଇଁ ଏବେ ଘରେ ରହି ସମୟ କାଟିବା କଷ୍ଟ ହୋଇଯାଇଛି। ଅଧିକାଂଶଙ୍କ ପରୀକ୍ଷା ଶେଷ ହୋଇଥିବାରୁ ପାଠପଢ଼ାର ଚିନ୍ତାନାହିଁ। ତେଣେ ମାତାପିତା ଓ ଅଭିଭାବକ ପିଲାଙ୍କୁ ବାହାରକୁ ବୁଲିବାକୁ ଦେଉନାହାନ୍ତି। ଫଳରେ ପିଲାମାନେ ଭିଡିଓ ଗେମ୍ସ, ପେଣ୍ଟିଂ, ଇଣ୍ଟରନେଟ୍ ବ୍ରାଉଜିଂ, ଟେଲିଭିଜନରେ କାର୍ଟୁନ୍ ଓ ୟୁଟ୍ୟୁବ୍ ଭିଡିଓ ଦେଖି ସମୟ କଟାଉଛନ୍ତି। ଖରାଛୁଟି ହେଲେ ସାଧାରଣତଃ ପିଲାମାନେ ମାମୁ ଘରକୁ କିମ୍ବା ଦର୍ଶନୀୟ ସ୍ଥାନ ବୁଲିବାକୁ ଯାଇଥାଆନ୍ତି। ଭ୍ରମଣ ଉପରେ କଟକଣା ଲାଗିଥିବାରୁ ସେମାନେ ଘରେ ରହି ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ଛୁଆଙ୍କ ଅଳିଅର୍ଦ୍ଦଳି ସହଜରେ ସହିପାରୁ ନ ଥିବା ମାତାପିତା ଓ ପରିବାରବର୍ଗ ସେମାନଙ୍କ ଉପରେ ବିରକ୍ତ ହୋଇ ଯାଉଥିବା ଦେଖିବାକୁ ମିଳୁଛି। କେତେ ଜଣ ମା' ପିଲାଙ୍କ ଛୁଟି କଟାଇବା ସମୟକୁ ନେଇ ନାନାଦି କଥା କହିଛନ୍ତି।



"ଘରେ ରହିବା ମାନେ ମା'ବାପାଙ୍କ ପାଇଁ ଅଧିକ ଟେନ୍‌ସନ୍। ମୋ ପିଲାମାନେ ଘରେ ରହିବା ମାତ୍ରେ ସବୁବେଳେ କିଛି ନା କିଛି କରୁଥାନ୍ତି। ତାଙ୍କୁ ସମ୍ଭାଳିବା ବେଳେବେଳେ କଷ୍ଟ ହୋଇପଡ଼େ। ଏବେ ସବୁବେଳେ ଘରେ ରହୁଥିବାରୁ ମୁଁ ତାଙ୍କୁ ୟୁଟ୍ୟୁବ୍‌ରେ ପେଣ୍ଟିଂ ଓ କଲରିଂ ଭିଡ଼ିଓ ଦେଖିବାକୁ କହୁଛି। ଦେଖିସାରିବା ପରେ ନିଜେ ନିଜେ ଅଭ୍ୟାସ ବି କରୁଛନ୍ତି, ଯାହାକି ତାଙ୍କ କ୍ରିଏଟିଭିଟିକୁ ବଢାଉଛି। ସ୍କୁଲ୍ ବନ୍ଦ ହେବା ପୂର୍ବରୁ ସେମାନଙ୍କୁ ଉପର କ୍ଲାସ୍‌ର ବହି ମଧ ମିଳିଯାଇଛି। ନୂଆ ବହି ଯୋଗୁ ଏବେ ଘରେ ରହି ପଢିବାକୁ ସେମାନଙ୍କୁ ଭଲଲାଗୁଛି।

– ବେବୀରାଣୀ ସାହୁ



"ମୋ ଝିଅ ଫିଲ୍ମରେ ଆକ୍ଟିଂ କରେ। ଏବେ ଶୁଟିଂ ବନ୍ଦ ହୋଇଯାଇଥିବାରୁ ସେ ସବୁବେଳେ ଘରେ ରହୁଛି। ସ୍କୁଲ୍ ବି ଛୁଟି। ତେଣୁ ଘରେ ରହି ପାଠ ପଢ଼ିବାର ସୁଯୋଗ ମିଳିଛି। ଅନ୍ୟ ସମୟରେ ଶୁଟିଂରେ ବ୍ୟସ୍ତ ରହୁଥିବାରୁ ପଢ଼ିବାକୁ ସମୟ ପାଏନା। ଏବେ ସେ ଆସନ୍ତା ପରୀକ୍ଷା ପାଇଁ ପାଠ ପଢୁଛି। ଅଧିକାଂଶଙ୍କ ପାଇଁ ବର୍ତ୍ତମାନ ସମୟରେ ୨୪ଘଣ୍ଟା ଘରେ ରହିବା କଷ୍ଟକର ହୋଇଥିବା ବେଳେ ମୋ ଝିଅ ପାଇଁ କିନ୍ତୁ ଏହା ପଢ଼ିବାର ଭଲ ସୁଯୋଗ ଦେଇଛି।

– ରଶ୍ମି ମହାନ୍ତି



"ମୋର ଦୁଇଝିଅ ଅଛନ୍ତି। ବଡ଼ଝିଅ ପେଣ୍ଟିଂ କରିବାକୁ ଭଲପାଏ। ତେଣୁ ସେ ଏବେ ଫାଙ୍କା ସମୟରେ ବସି ପେଣ୍ଟିଂ କରୁଛି। ଏହାବ୍ୟତୀତ ଟେଲିଭିଜନରେ ଆଲ୍ଲାଦିନ ଶୋ' ତାର ଫେଭରାଇଟ୍। ପରୀକ୍ଷା ସରିଥିବାରୁ ପଢିବାକୁ କହିବାକୁ ଭଲଲାଗୁନି। ପିଲାମାନେ ସେମାନଙ୍କ ମନ ମୁତାବକ କାମ କରି ସମୟ କାଟୁଛନ୍ତି। ସାନ ଝିଅ ମୋର କାର୍ଟୁନ୍ ଛଡା ଆଉକିଛି ଦେଖେନା।

– ଶଶିକଳା ସାହୁ



"କରୋନା ଭୟ ଯୋଗୁ ଏବେ ମୋ ପୁଅକୁ ମୁଁ ବାହାରକୁ ଛାଡୁନି। ସେ ପାର୍କ ଯିବାକୁ ପସନ୍ଦ କରେ ଓ ୪ଟା ହେଲେ ଘର ବାହାରେ ସାଇକେଲ ଚଲାଏ। ହେଲେ ଏବେ ସବୁକିଛି ବନ୍ଦ ହୋଇଯାଇଛି। ସ୍କୁଲ୍‌ରୁ ଏବେ ବହି ମଧ ମିଳିନି। ତେଣୁ ଘରେ ବସି କାର୍ଟୁନ ଦେଖିବା ଏବେ ତାର ଫେଭରାଇଟ୍ ହବି। ଏହାବ୍ୟତୀତ ଭିଡିଓ ଗେମ୍ ଖେଳୁଛି। ଚାହିଁଲେ ବି ଏବେ ମନାକରି ହେଉନି।

– ଲିପିକା ଦାସ



ଈଶ୍ୱରଙ୍କଠାରେ ବିଶ୍ୱାସ ସ୍ଥାପନ କର। ସବୁବେଳେ ତାଙ୍କ ଉପରେ ନିର୍ଭର କର। କେବଳ ଈଶ୍ୱର ବ୍ୟତୀତ ଅନ୍ୟ କାହାରି ନିକଟରେ ସାହାଯ୍ୟ ଭିକ୍ଷା କରନାହିଁ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ମା' ବିରଜାଙ୍କ ଦର୍ଶନ ବନ୍ଦ

**ଯାଜପୁର ଟାଉନ,୧୮।୩ (ଡିଏନଏ):** ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସାଧାରଣ ଦର୍ଶନ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ଉପଜିଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି ନାରାୟଣ ଚନ୍ଦ୍ର ଧଳ ସେବାୟତଙ୍କ ସହ ଏକ ଜରୁରୀ ବୈଠକ ଡାକି ଏପ୍ରିଲ ୧୫ ପର୍ଯ୍ୟନ୍ତ ମା' ବିରଜାଙ୍କ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମାତ୍ର ସେବାୟତ ପାଳିଆମାନେ ମା'ଙ୍କ ପୂଜାର୍ଚ୍ଚନା କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ମନ୍ଦିର ସେବା ପୂଜାରେ କୌଣସି ପରିବର୍ତ୍ତନ ହେବ ନାହିଁ। ଯେଉଁ ସେବାୟତଙ୍କ ପାଳି ଥିବ ସେହିଦିନ ସେମାନେ ମନ୍ଦିରକୁ ଆସିବେ। କୌଣସି ଯାତ୍ରୀ କିମ୍ବା ଭକ୍ତଙ୍କ ପାଇଁ ସାଧାରଣ ଦର୍ଶନ ଖୋଲା ରହିବ ନାହିଁ। ଗାଡ଼ି ଯୋଗେ ଆସୁଥିବା ଯାତ୍ରୀଙ୍କୁ ଷଠିପୁର, କୁଆଖିଆ ଆଦି ସ୍ଥାନରୁ ଫେରାଇ ଦେବାର ବ୍ୟବସ୍ଥା କରାଯାଇଛି।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ କୋର୍ଟ ଚାଲାଣ

**କୋରେଇ,୧୮।୩(ସ୍ୱ.ପ୍ର):** ପାଣିକୋଇଲି ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ବୁଧବାର ଅଭିଯୁକ୍ତ ଉକ୍ତ ଗ୍ରାମର ଚନ୍ଦ୍ରକାନ୍ତ ମହାପାତ୍ର ଓରଫ ପିଣ୍ଟୁ(୨୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୧୫ ତାରିଖ ରାତିରେ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ହାଟସାହି ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ପିଣ୍ଟୁ ବଳାତ୍କାର କରିଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୬/୨୦) ରୁଜୁ କରି ପିଣ୍ଟୁଙ୍କୁ କୋର୍ଟ ଚାଲାଣ କରିଛି।

### ଟିପ୍ପର, ଟ୍ରାକ୍ଟର, ୨ଟି କମ୍ପ୍ରେସର ଜବତ

**ଧର୍ମଶାଳା/ଜେନାପୁର,୧୮।୩(ଡିଏନଏ):** ଧର୍ମଶାଳା ତହସିଲର କଠୁଣୀ କଳାପଥର ପାହାଡ଼ରୁ ବେଆଇନଭାବେ ଉତ୍ତୋଳନ କରି ପରିବହନ କରୁଥିବାବେଳେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଜେନାପୁର ପୋଲିସ ସହାୟତାରେ ଏହି ଚଢ଼ାଉ କରାଯାଇ ୨ଟି କମ୍ପ୍ରେସର ଓ ଗୋଟିଏ ଟ୍ରାକ୍ଟରକୁ ଜବତ କରାଯିବା ସହ ରାସ୍ତାରେ ଯାଉଥିବା ଏକ ଟିପ୍ପରକୁ ଜବତ କରାଯାଇଥିଲା। ଜବତ ଗାଡ଼ିରୁ ୬୦ ହଜାର ଟଙ୍କା ଜୋରିମାନା ଆଦାୟ ହୋଇଛି ବୋଲି ତହସିଲଦାର ସୂଚନା ଦେଇଛନ୍ତି।

### ମଦ ଜବତ, ଜଣେ ଗିରଫ

**ଜେନାପୁର,୧୮।୩(ଡ଼ିଏନଏ):** ଯାଜପୁର ଅବକାରୀ ଓ ମୋବାଇଲ ସ୍କ୍ୱାଡ ମିଳିତଭାବେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଦେଶୀ ମହୁଲି ବିକ୍ରି ଅଭିଯୋଗରେ ଗଡ଼ମଧୁପୁର ପଞ୍ଚାୟତ ଅଧୀନ ରଗଡ଼ିପଣି ଗ୍ରାମର ମହେଶ୍ୱର ପ୍ରଧାନ (୨୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ତାଙ୍କ ନିକଟରୁ ୧୦ ଲିଟର ମଦ ଜବତ କରିଛି। ମହେଶ୍ୱର ତାଙ୍କ ଗ୍ରାମ ରାସ୍ତାରେ ଏକ ଜାରରେ ମହୁଲି ନେଇ ଯାଉଥିବାବେଳେ ପୂର୍ବରୁ ଜଗି ରହିଥିବା ଯାଜପୁର ଅବକାରୀ ଓ ମୋବାଇଲ ସ୍କ୍ୱାଡ ତାଙ୍କୁ ଧରିଥିଲା। ଏନେଇ ଏକ ମାମଲା (ନଂ ୧୧୮/୨୦) ରୁଜୁ ହୋଇଛି।

### ଘୁଞ୍ଚିଲା ବାରବାଟି ବିଶ୍ୱଶାନ୍ତି ମହାଯଜ୍ଞ

**ଚଣ୍ଡିଖୋଲ,୧୮।୩(ଡ଼ି.ଏନ.ଏ):** ବଡ଼ଚଣା ବ୍ଲକ ପଲେଇସ୍ଥିତ ବାରବାଟି ପଡ଼ିଆରେ ବିଶ୍ୱଶାନ୍ତି ମହାଯଜ୍ଞ ଆସନ୍ତା ୨ତାରିଖରୁ ଆରମ୍ଭ ହେବାର ଥିଲା। ସରକାର ଓ ଜିଲା ପ୍ରଶାସନ ତରଫରୁ କରୋନା ପାଇଁ କୌଣସି ସ୍ଥାନରେ ଜନସାଧାରଣ ଏକତ୍ରିତ ନ ହେବା ପାଇଁ ଘୋଷଣା କରିବା ପରେ ବାରବାଟୀ ଆଞ୍ଚଳିକ ସାଂସ୍କୃତିକ ଗୋଷ୍ଠୀକେନ୍ଦ୍ର ତରଫରୁ ଆୟୋଜିତ ହେଉଥିବା ଏହି ମହାଯଜ୍ଞକୁ ଅନିର୍ଦ୍ଦିଷ୍ଟକାଳ ଘୁଞ୍ଚାଇବା ପାଇଁ ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି। ଏହି ଯଜ୍ଞରେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଜନସମାଗମ ହେଉଥିବା ଯୋଗୁ ଏହାକୁ କିଛିଦିନ ପାଇଁ ସ୍ଥଗିତ ରଖାଯାଇଛି। ପ୍ରଶାସନିକ ନିଷ୍ପତ୍ତିକୁ ସମ୍ମାନ ଜଣାଇ ବିଶ୍ୱ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବାରବାଟି ବିଶ୍ୱଶାନ୍ତି ମହାଯଜ୍ଞକୁ କମିଟିର କର୍ମକର୍ତ୍ତା ଓ ସଭ୍ୟମାନେ ସମର୍ଥନ ଜଣାଇଥିବା ନେଇ କମିଟି ସଭାପତି ବ୍ରଜମୋହନ ସାମଲ ଓ ସମ୍ପାଦକ ରମାକାନ୍ତ ସାମଲ ଏକ ପ୍ରେସ ଇସ୍ତାହାର ଜରିଆରେ ସୂଚନା ଦେଇଛନ୍ତି।

# ୬ ମାସ ବିତିଲା, ଚିହ୍ନଟ ହୋଇପାରିଲାନି ଜମି

**ଯାଜପୁର ଅଫିସ,୧୮।୩**

ଯାଜପୁର ଜିଲା ରସୁଲପୁର ବ୍ଲକର ଗୋପାଳପୁର ଗ୍ରାମ ହସ୍ତତନ୍ତ ଶିଳ୍ପ ପାଇଁ ବେଶ ପ୍ରସିଦ୍ଧି ଲାଭ କରିଛି। ତେଣୁ ଗୋପାଳପୁର ଗ୍ରାମକୁ ହସ୍ତତନ୍ତ ଶିଳ୍ପ ଗ୍ରାମଭାବେ ପ୍ରତିଷ୍ଠା କରିବାକୁ ସେପ୍ଟେମ୍ବର ୧୩ରେ ନିଷ୍ପତ୍ତି ହୋଇଥିଲା। ଏହି ପ୍ରସ୍ତାବର ୬ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ହସ୍ତଶିଳ୍ପ ଗ୍ରାମ୍ୟ ମାନ୍ୟତା ଏବଂ ପର୍ଯ୍ୟଟନ ସହ ଏକତ୍ରୀକରଣ ପ୍ରସ୍ତାବ ଏଯାବତ୍ କାଗଜକଲମରେ ସୀମିତ ରହିଛି। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଗୋପାଳପୁର ଆଇବି ନିକଟରେ ଆବଶ୍ୟକ ୪ ଏକର ସରକାରୀ ଜମି ମହଜୁଦ ଥାଇ ବି ପ୍ରସ୍ତାବ ଉପରେ କୌଣସି ଅଗ୍ରଗତି ହୋଇପାରି ନାହିଁ। ଏହି ମର୍ମରେ ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକ ଉକ୍ତ ୪ ଏକର ସରକାରୀ ଜମିକୁ ଅଧିଗ୍ରହଣ କରିବା ସହ ରସୁଲପୁର ବିଡିଓଙ୍କୁ ପ୍ରବେଶ ପଥ ସଂଯୋଗ, ପାନୀୟ ଜଳ ସୁବିଧା, ପାର୍କିଂ, ବିଦ୍ୟୁତୀକରଣ ଆଦି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଯାଜପୁର ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

୨୦୧୯ ସେପ୍ଟେମ୍ବରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୋପାଳପୁରର ହସ୍ତତନ୍ତ କୁଟୀର ଶିଳ୍ପକୁ ଉତ୍ସାହିତ କରିବା ସହ ଏହାର ବିପଣନ ବ୍ୟବସ୍ଥା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ଯୋଗଦେଇ ବୟନ ଶିଳ୍ପ ଓ ହସ୍ତତନ୍ତର ଉତ୍ପାଦିତ ସାମଗ୍ରୀ ବିକ୍ରୟ, ନୂତନ ଡିଜାଇନର କପଡ଼ା ଓ ସାମଗ୍ରୀ ପ୍ରସ୍ତୁତ, ବୁଣାକାରଙ୍କ ଉନ୍ନତି, ହସ୍ତତନ୍ତର ବିକାଶ ଦିଗରେ ପ୍ରାୟ ୩ ଏକର ଜାଗାରେ ଭିତ୍ତିଭୂମିର ନିର୍ମାଣ, ଟସର ଇତ୍ୟାଦି କଞ୍ଚାମାଲ ପାଇଁ ଅର୍ଜୁନ ଓ ଅଶନ ଗଛର ବୃକ୍ଷରୋପଣ, ବିପଣନ ସ୍ଥାନରେ ସୁଦୃଶ୍ୟ ନାମଫଳକ ବ୍ୟବସ୍ଥା ସହ ଏହାକୁ ଆକର୍ଷଣୀୟ ଭାବେ ସଜାଇବାକୁ ଅନୁରୋଧ କରିଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରି ଭିତ୍ତିଭୂମି ଯାହା ଅଛି, ବର୍ତ୍ତମାନ ସେଥିରେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ତେବେ ଉପସ୍ଥିତ ତହସିଲଦାରଙ୍କୁ ହସ୍ତତନ୍ତ ଶିଳ୍ପ ଗ୍ରାମ ପ୍ରତିଷ୍ଠା ପାଇଁ ପ୍ରାୟ ୩ ଏକର ଜାଗା ଚିହ୍ନଟ ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ସ୍ଥାନରେ ସୌନ୍ଦର୍ଯ୍ୟକରଣ, ରହିବା ସ୍ଥଳ, ପ୍ରଦର୍ଶନ ସ୍ଥଳ ଇତ୍ୟାଦିର ବ୍ୟବସ୍ଥା ରହିବ ବୋଲି ପ୍ରକାଶ କରିଥିଲେ। ଗୋପାଳପୁର ଗ୍ରାମରେ ୯୧୯ଟି ପରିବାରର ୧୬୩୭ ଜଣ ବୁଣାକାର ଅଛନ୍ତି। ୫-ଟି ଆଇନ ଜରିଆରେ ଏହି ପ୍ରସ୍ତାବ ରହିଥିବାରୁ ହସ୍ତଶିଳ୍ପ ଓ ବୁଣାକାର ପରିବାରଙ୍କ ମଧ୍ୟରେ ଯୋଜନାର କାର୍ଯ୍ୟକାରିତା ଉପରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ହେଲେ କିଛିମାସ ପରେ ବୁଣାକାର ପରିବାରଙ୍କ ଉତ୍କଣ୍ଠା ମଉଳି ଯାଇଛି। ଏ ସଂକ୍ରାନ୍ତରେ ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା ୨୫୧୨/୧୬।୩।୨୦୨୦ରେ ଦର୍ଶାଇଛନ୍ତି ଯେ, ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ସେ ଗୋପାଳପୁର ଯାଇଥିଲେ। ସେଠାରେ ରସୁଲପୁର ବିଡିଓ ଓ ତହସିଲଦାରଙ୍କ ସମେତ ବୟନଶିଳ୍ପ ଉପନିର୍ଦ୍ଦେଶକଙ୍କ ସହିତ ଗୋପାଳପୁର ଗ୍ରାମକୁ ହସ୍ତତନ୍ତ ଶିଳ୍ପ ଗ୍ରାମ ମାନ୍ୟତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମାଖଣ୍ଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁର ମୌଜାରେ ୪ ଏକର ଅଣବ୍ୟବହୃତ ସରକାରୀ ଜମି ରହିଥିବା ରେକର୍ଡରେ ଜଣାପଡିଥିଲା। ତେଣୁ ଉକ୍ତ ଜମିକୁ ତୁରନ୍ତ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବାକୁ ସେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

**ଗୋପାଳପୁରକୁ ହସ୍ତତନ୍ତ ଶିଳ୍ପ ଗ୍ରାମ ମାନ୍ୟତା ପ୍ରସଙ୍ଗ**



- ପ୍ରସ୍ତାବର ୬ମାସ ପରେ ବି ଅଗ୍ରଗତି ନୈରାଶ୍ୟଜନକ
- କମୁଛି ହସ୍ତଶିଳ୍ପ ଓ ବୁଣାକାର ପରିବାରଙ୍କ ଉତ୍କଣ୍ଠା

### ବାଲିଘାଟ ମାପଚୁପବେଳେ ତହସିଲଦାରଙ୍କୁ ଗାଳିଗୁଲଜ ଘଟଣା: ୨ କୋର୍ଟ ଚାଲାଣ

**ରସୁଲପୁର,୧୮।୩(ଡିଏନଏ)**

ରସୁଲପୁର ବ୍ଲକ ଜାବରା ନିଲାମ ବାଲିଘାଟର ପରିସରରକୁ ମାପଚୁପ୍ କରିବାକୁ ଯାଇ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ହଟହଟା ହେବାକୁ ପଡିଥିଲା। ମାପଚୁପ୍ ଆରମ୍ଭ ହେବା କ୍ଷଣି ସ୍ଥାନୀୟ ଅଞ୍ଚଳର କିଛି ଲୋକେ ଏହାକୁ ବିରୋଧ କରିବା ସହ ତହସିଲଦାରଙ୍କୁ ଗାଳିଗୁଲଜ କରିଥିଲେ ଏବଂ ମାପଚୁପ୍ କରାଇ ଦେଇ ନ ଥିଲେ। ତହସିଲ ପ୍ରଶାସନ ପକ୍ଷରୁ ନିୟୋଜିତ କର୍ମଚାରୀ ମାପଚୁପ୍‌କୁ ଅଧାରୁ ଛାଡି ଫେରି ଆସିଥିଲେ। ଏ ନେଇ ଥାନାରେ ତହସିଲଦାର କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା (ନଂ-୮୭/୨୦) ରୁଜୁ ହୋଇଥିଲା। ଏହି ମାମଲାରେ ୧୦ଜଣଙ୍କ ନାଁରେ ଅଭିଯୋଗ ରହିଥିବାବେଳେ ପୋଲିସ ଜାବରା ଗ୍ରାମର ସୁରେଶ ଜେନା(୨୩), ବିକଳ ମଲିକ(୪୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରରେ ସିଡିପିଓଙ୍କ ତଦନ୍ତ

**ରସୁଲପୁର,୧୮।୩(ଡିଏନଏ)**

**ଅଧା ଗଢ଼ା ଠାକୁର ଘରେ ଅଙ୍ଗନୱାଡି କେନ୍ଦ୍ର ଚାଲିବା ଘଟଣା**



ଘଟଣାସ୍ଥଳରେ ସିଡିପିଓ ପହଞ୍ଚି ତଦନ୍ତ କରୁଛନ୍ତି।

ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ର-୪ରେ ବ୍ୟାପକ ଅବ୍ୟବସ୍ଥା ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରକଳ୍ପ ଅଧିକାରିଣୀଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ସକାଳ ୧୧ଟାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ) ଦିପ୍ତିମୟୀ ନାୟକ କେନ୍ଦ୍ରରେ ପହଞ୍ଚି କେନ୍ଦ୍ରର ସ୍ଥିତି ଦେଖି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ କେନ୍ଦ୍ରକୁ ଆସୁଥିବା ପିଲାଙ୍କ ଅଭିଭାବକଙ୍କୁ ଡାକି ଆଲୋଚନା କରିଥିଲେ। ତଦନ୍ତ ସମୟରେ କେନ୍ଦ୍ରରେ ହେଉଥିବା ଅନେକ ଅବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଇ ସରକାରଙ୍କୁ ଅବଗତ କରାଯିବ ବୋଲି କୁହାଯାଇଛି। ତେବେ ସେପର୍ଯ୍ୟନ୍ତ ଠାକୁର ଘରେ କେନ୍ଦ୍ର ଚାଲିବ। ମାତ୍ର ପରିବେଶକୁ ସଫାସୁତରା ରଖିବା, ଫାଙ୍କା ଦ୍ୱାରରେ ପରଦା ଟାଙ୍ଗିବା, କେନ୍ଦ୍ରର ଚଟାଣକୁ ଲିପାପୋଛା କରିବାକୁ ପରାମର୍ଶ ଦେଇଥିଲେ। ପିଲାଙ୍କୁ ୟୁନିଫର୍ମ ପିନ୍ଧାଇ ବିଦ୍ୟାଳୟକୁ ଛାଡିବେ ବୋଲି ମା'ମାନଙ୍କ ଉଦ୍ଦେଶ୍ୟରେ ସୂଚନା ଦେଇଥିଲେ। ଏପ୍ରିଲ ୨୫ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲାଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ଏହି କେନ୍ଦ୍ରର ଶିକ୍ଷୟିତ୍ରୀ ଛୁଟିରେ ଥିବାରୁ ତାଙ୍କ କେନ୍ଦ୍ରର ରିପୋର୍ଟ ପ୍ରଦାନ ଦାୟିତ୍ୱ ରାଉତରାପୁର ଅଙ୍ଗନୱାଡି କେନ୍ଦ୍ର-୧ର ଶିକ୍ଷୟିତ୍ରୀଙ୍କୁ ଦିଆଯାଇଛି। କେନ୍ଦ୍ର ପରିଚାଳନାରେ ଆଗକୁ କୌଣସି ତ୍ରୁଟି ଘଟିଲେ ସେ ଦିଗରେ ତୁରନ୍ତ ତାଙ୍କୁ ଜଣାଇବାକୁ ସିଡିପିଓ ନାୟକ ପରାମର୍ଶ ଦେଇଛନ୍ତି।

### ବେଆଇନ ନଦୀବନ୍ଧ ଗଡ଼ାରେ ଖୁଣ୍ଟ ପୋତିଲା ପ୍ରଶାସନ

**ବିଞ୍ଝାରପୁର,୧୮।୩(ଡି.ଏନ.ଏ)**

ବିଞ୍ଝାରପୁର ତହସିଲ ସଂଲଗ୍ନ ଖରସ୍ରୋତା ନଦୀ ଅବବାହିକାରୁ ବେଆଇନ ଭାବେ ବାଲି ଲୁଟ ହେଉଥିବା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ବାଲିମାଫିଆଙ୍କ ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଣ୍ଟା ଭିଡିଥିବା ଦେଖାଦେଇଛି। ମଙ୍ଗଳବାର ପୂର୍ବାହ୍ନରେ ତହସିଲଦାର ଅସ୍ମିତା ଦାଶ, ଅତିରିକ୍ତ ତହସିଲଦାର ଆର୍ଯ୍ୟଦୀପ୍ତ ସାମନ୍ତରାୟ ପୋଲିସ ସହାୟତାରେ ଏହି ତହସିଲ ଅନ୍ତର୍ଗତ ଖରସ୍ରୋତା ନଦୀ ସଂଲଗ୍ନ ବିଭିନ୍ନ ବେଆଇନ ବାଲିଘାଟରେ ଚଢ଼ାଉ କରି ୩ଟି ଟ୍ରାକ୍ଟର ଜବତ କରିବା ସହିତ ବେଆଇନ ବାଲିଘାଟ ନଦୀବନ୍ଧ ଗଡାକୁ ମେଶିନ ସାହାଯ୍ୟରେ ଖୋଲି ଖୁଣ୍ଟି ବସାଇ ଦେଇଥିବା ଜଣାପଡିଛି। ତେବେ ଜବତ ଟ୍ରାକ୍ଟର ମାଲିକଙ୍କ ନିକଟରୁ ୩୬ହଜାର ଟଙ୍କା ଜରିମାନା ଆଦାୟ କରି ପ୍ରଶାସନ ଟ୍ରାକ୍ଟରଗୁଡିକୁ ଛାଡିଦେଇଛି।

# ଏସ୍‌ପିଙ୍କୁ ଭେଟିଲା ଜିଲା ଦଳିତ ସଂଗଠନ

**କୋରେଇ,୧୮।୩(ସ୍ୱ.ପ୍ର)**

**ଦଳିତଙ୍କୁ ଆକ୍ରମଣ ମାମଲା**

କାରେଇ ଥାନା ଧନେଶ୍ୱର ପଞ୍ଚାୟତର ପଣ୍ଡୁଲା (ମୃତ୍ୟୁଞ୍ଜୟପୁର) ଗ୍ରାମରେ ଗତ ୧୧ ତାରିଖ ଦୁଇ ଦଳିତ ବସ୍ତିରେ ହମ୍ପସ ନିର୍ମାଣକୁ କେନ୍ଦ୍ର କରି ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସବର୍ଣ୍ଣମାନେ ଦଳିତ ସାହିରେ ପଶି ମାରପିଟ କରିବାରୁ ୩ଜଣ ଆହତ ହୋଇଥିଲେ। ଅଭିଯୋଗ ପରେ ପୋଲିସ ୨ଟି ମାମଲା ରୁଜୁ କରିଥିଲେ ହେଁ ସର୍ତ୍ତମୂଳକ ଜାମିନରେ ଉଭୟ ପକ୍ଷଙ୍କୁ ଛାଡିଥିଲା। ପଣ୍ଡୁଲା ଆକ୍ରମଣ ମାମଲାରେ କୋରାଇ ପୋଲିସର ଅନ୍ତରପାନ୍ତର ନୀତିର ପ୍ରତିବାଦରେ ଜିଲା ଦଳିତ ଓ ଆଦିବାସୀ ସେବା ସଂଘ ପକ୍ଷରୁ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଏସପିଙ୍କୁ ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି। ଏହା ପ୍ରତିବାଦରେ ଜିଲା ଦଳିତ ସଙ୍ଘ ପକ୍ଷରୁ ପୁନଃ ତଦନ୍ତ ଦାବି ହୋଇଛି। ଅଭିଯୋଗକୁ ଗ୍ରହଣ କରି ଉକ୍ତ ମାମଲାକୁ ଯାଜପୁରରୋଡ ଏସଡିପିଓ ଚିନ୍ମୟ କୁମାର ନାୟକଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି।



ଏସ୍‌ପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଦଳିତ ସଂଘର ସଦସ୍ୟ।

# ବିଦେଶ ଫେରନ୍ତା ୨୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ରସୁଲପୁର,୧୮।୩(ଡିଏନଏ)**

ରସୁଲପୁର ବ୍ଲକ ଅଧୀନ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗଠିତ ରାପିଡ ରେସନ୍ସ ଟିମ୍(ଆରଆରଟି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଦୁଇଦିନ ଧରି ବିଦେଶ ଓ ବାହାର ରାଜ୍ୟରୁ ଏହି ବ୍ଲକ ଅଞ୍ଚଳକୁ ଆସିଥିବା ୨୬ଜଣଙ୍କୁ ଭେଟିଛି ଆଆରଟି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ କୋଭିଡ-୧୯ ଲକ୍ଷଣ ନ ଥିବା ଜଣାପଡିଥିଲା। ଡାକ୍ତରଖାନା ପକ୍ଷରୁ ଏହି ଦଳ ମଙ୍ଗଳବାର ରାହାମ୍ବା ପଞ୍ଚାୟତର ହାଜିବାଗ, କୁରାଂଶ, ମିର୍ଜାପୁର, ମୁଗୁପାଳ, କରଜଂଗା ଆଦି ସ୍ଥାନକୁ ଯାଇ ବିଦେଶ ଓ ବାହାର ରାଜ୍ୟରୁ ଏହି ଅଞ୍ଚଳକୁ ଆସିଥିବା ୧୩ଜଣଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଉକ୍ତ ବ୍ୟକ୍ତିଙ୍କ ମଧ୍ୟରୁ ଜାପାନରୁ ୨ଜଣ ଆସିଥିବାବେଳେ ଅନ୍ୟ ସମସ୍ତେ ଭାରତର ମହାରାଷ୍ଟ୍ର, ହାଇଦ୍ରାବାଦ, ବାଙ୍ଗାଲୋରରୁ ଆସିଥିବା ଜଣାପଡିଥିଲା। ଏହି ଦଳ ବଡକଇଁଚି ପଞ୍ଚାୟତର କଇଁଚି ଶାସନ, ଗୋପିନାଥପୁର, ନରସିଂହପୁର ପଞ୍ଚାୟତର ହରିପୁର, ରାଜେନ୍ଦ୍ରପୁର ପଞ୍ଚାୟତର କରଜଂଗା, ଅତଲାପୁର ପ୍ରଭୃତି ସ୍ଥାନରୁ ଆଉ ୧୩ଜଣଙ୍କୁ ଭେଟିଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଦୁବାଇ ଓ ସାଉଥ ଆଫ୍ରିକାରୁ ଆସିଥିବାବେଳେ ଅନ୍ୟ ୯ଜଣ ହାଇଦ୍ରାବାଦ, ମହାରାଷ୍ଟ୍ର, ବାଙ୍ଗାଲୋର ପ୍ରଭୃତି ସ୍ଥାନରୁ ଆସିଛନ୍ତି ବୋଲି ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଧୀର ସାହୁଙ୍କଠାରୁ ସୂଚନା ମିଳିଛି। ଡାକ୍ତର ସେମାନଙ୍କୁ ଆବଶ୍ୟକ ସଚେତନତା ବାର୍ତ୍ତା ଦେବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରିବାକୁ ଜନସ୍ୱାସ୍ଥ୍ୟ ଅଧିକାରୀ ହରପ୍ରିୟା ସେନାପତି ପ୍ରକାଶ କରିଥିଲେ।

### ନନ୍ଦିପୁର ପ୍ୟାକ୍ସରେ ଦୁର୍ନୀତି ଅଭିଯୋଗ

**ଯାଜପୁର ଅଫିସ,୧୮।୩**

ଯାଜପୁର ଜିଲା ଦଶରଥପୁର ବ୍ଲକ ନନ୍ଦିପୁର ସେବା ସମବାୟ ସମିତି(ପ୍ୟାକ୍ସ)ରେ ବ୍ୟାପକ ଦୁର୍ନୀତି ଅଭିଯୋଗର ତଦନ୍ତ କରି ସପ୍ତାହକ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଯାଜପୁର ସହକାରୀ ସମବାୟ ସମୂହ ନିବନ୍ଧକ (ଏଆରସିଏସ)ଙ୍କୁ ନିର୍ଦ୍ଦେଶ ହୋଇଛି। ଓଡ଼ିଶା ଭିଜିଲାନ୍ସ କଟକ ଡିଭିଜନର ପତ୍ରସଂଖ୍ୟା ୯୦୧/୪।୨।୨୦୨୦ ଏବଂ

# ତଦନ୍ତ ନିର୍ଦ୍ଦେଶ ଦେଲେ ଉପସଚିବ

ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଉପସଚିବଙ୍କ ପତ୍ରସଂଖ୍ୟା ୧୮୪୪/୬।୩।୨୦୨୦କୁ ଆଧାର କରି ସମବାୟ ସମିତି ନିବନ୍ଧକ କାର୍ଯ୍ୟାଳୟର ଉପନିବନ୍ଧକ ପକ୍ଷରୁ ପତ୍ରସଂଖ୍ୟା ୮୦୦୧/୧୮।୩।୨୦୨୦ରେ ଏଆରସିଏସଙ୍କୁ ନିର୍ଦ୍ଦେଶ ହୋଇଛି। ସୂଚନାଯୋଗ୍ୟ ଯେ, ନନ୍ଦିପୁର ସେବା ସମବାୟ ସମିତିର କେତେଜଣ ଚାଷୀ ଗତ ଫେବୃୟାରୀରେ ୨୦୧୫-୧୬ ଓ ୨୦୧୬-୧୭ ବର୍ଷରେ ବୀମା ଅର୍ଥ ହଡ଼ପ ଏବଂ ଜାଲ ଋଣ ମଞ୍ଜୁର ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ, ୫-ଟିସଚିବ, ରାଜ୍ୟ ସମବାୟ ସଚିବ, ଭିଜିଲାନ୍ସ ଯାଜପୁର, ସମ୍ପାଦକ ସମବାୟ ବ୍ୟାଙ୍କ କଟକ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ଯାଜପୁର ଏଆରସିଏସ୍‌ଙ୍କୁ ଗତ ୨୯।୨।୨୦୨୦ରେ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ହୋଇଥିଲା। ହେଲେ ଉକ୍ତ ତଦନ୍ତର କୌଣସି ଅଗ୍ରଗତି ନ ହେବାରୁ ପୁଣି ଥରେ ତଦନ୍ତ ନିର୍ଦ୍ଦେଶ ହୋଇଛି।

### ମହାବୀର କବାଡ଼ି ଟୁର୍ନାମେଣ୍ଟ: ଯାଜପୁର ଚାମ୍ପିୟନ

**କୋରେଇ,୧୮।୩(ସ୍ୱ.ପ୍ର)**

ମାଳଆନନ୍ଦପୁର ପଞ୍ଚାୟତ ନମଟିକିରୀ ଗ୍ରାମର ମହାବୀର କବାଡ଼ି କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ବାର୍ଷିକ ଏକ ଦିବସୀୟ ଦିବାରାତ୍ର କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପାଣିକୋଇଲିର ଗଣପତି କବାଡ଼ି କ୍ଲବକୁ ପରାସ୍ତ କରି ଯାଜପୁର ଟାଉନ୍‌ର ମା' ବିରଜା କବାଡ଼ି କ୍ଲବ ଚଳିତ ବର୍ଷ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହି ଟୁର୍ନାମେଣ୍ଟର ମୋଟ ୫ଟି କ୍ଲବ ଯଥା ନମଟିକିରିର ମହାବୀର କବାଡ଼ି କ୍ଲବ, ପାଣିକୋଇଲିର ବାବା ଅବିନାଶ କବାଡ଼ି କ୍ଲବ, କାଙ୍କଲାର ଥାନପତି କବାଡ଼ି କ୍ଲବ, ପାଣିକୋଇଲିର ଗଣପତି କବାଡ଼ି କ୍ଲବ ଓ ଯାଜପୁରର ମା' ବିରଜା କବାଡ଼ି କ୍ଲବ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଯାଜପୁରର ମା' ବିରଜା କ୍ଲବ ଓ ପାଣିକୋଇଲିର ଗଣପତି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯାଜପୁର ୩୩ ପଏଣ୍ଟ ସ୍କୋର କରିଥିବାବେଳେ ପାଣିକୋଇଲି ୨୬ ପଏଣ୍ଟ ସ୍କୋର କରି ୭ ପଏଣ୍ଟରେ ପରାଜିତ ହୋଇଥିଲା। ମା' ବିରଜା କ୍ଲବକୁ ଚାମ୍ପିୟନ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ପଙ୍କଜ ସାହୁ, ରାମ ପ୍ରକାଶ ସାହୁ, କରୁଣାକର ମାଝୀ, ବିଶ୍ୱପ୍ରକାଶ ସାହୁ ଖେଳ ପରିଚାଳନା କରିଥିବାବେଳେ ପୁପୁନ୍ ମଲ୍ଲିକ ସ୍କୋରର ଦାୟିତ୍ୱ ସମ୍ପାଦନା କରିଥିଲେ। ମହାବୀର କ୍ଲବର ଦସ୍ୟୁ ଦଳେଇ, ସନାତନ ଦଳେଇ, ସିପି ଦଳେଇ, ସିବୁଲ ଦଳେଇ, ସୁଶାନ୍ତ ଦଳେଇ, ରମେଶ ଦଳେଇ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଖୋଲା ଛାତ ତଳେ ଗଢ଼ା ହେଉଛି ଶିଶୁଙ୍କ ଭବିଷ୍ୟତ

**କୋରେଇ,୧୮।୩(ଡିଏନଏ)**

କୋରେଇ ଅଞ୍ଚଳର ବହୁ ଅଙ୍ଗନୱାଡି କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଆବଶ୍ୟକ ଭିତ୍ତିଭୂମି ଅଭାବରୁ କୁନିକୁନି ପିଲା ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି। ୧୫ରୁ ଊର୍ଦ୍ଧ୍ୱ ଭଙ୍ଗା ଘରେ ବିପଦପୂର୍ଣ୍ଣ ଭାବେ କୁନି ପିଲାଙ୍କୁ ପଢ଼ା ଯାଉଥିବା ଦେଖିବାକୁ ମିଳିଛି। ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଛୋଟ ପିଲାଙ୍କ ପାଠପଢ଼ା ଓ ଉନ୍ନତି ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ପିଲାଙ୍କ ନିକଟରେ ତାହାର ସୁଫଳ ପହଞ୍ଚି ପାରୁ ନ ଥିବା ପରିଲକ୍ଷିତ ହେଉଛି। ଅନେକ ସ୍ଥାନରେ କୁନିକୁନି ପିଲା ଗଛ ତଳେ ପାଠ ପଢୁଥିବାବେଳେ ଆଉ କେଉଁଠାରେ ଘର ଥାଇ ବି ତାହା ଭାଙ୍ଗିରୁଜି ଯାଇଥିବାରୁ ପିଲା ବାରଣ୍ଡା ନଚେତ ଖୋଲା ଛାତ ତଳେ ପାଠ ପଢିବାକୁ ବାଧ ହେଉଛନ୍ତି। କୋରେଇ ମହିଳା ଶିଶୁ ବିଭାଗ ଅଧୀନରେ ଥିବା ଧନେଶ୍ୱର (୧) ଅଙ୍ଗନୱାଡି କେନ୍ଦ୍ର ସରକାରଙ୍କ ତରଫରୁ ୨୦୦୬ ମସିହାରେ ସ୍ଥାପିତ ହୋଇଥିଲାବେଳେ ଏହି କେନ୍ଦ୍ରଟି ଶ୍ରୀ ଗୌରାଙ୍ଗ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଏକ ପରିତ୍ୟକ୍ତ କୋଠରୀରେ ଚାଲୁଛି। ଏହି କୋଠରୀର କାନ୍ଥ ଫାଟି ଯାଇଛି। ଉପର ଆଜବେଷ୍ଟସ ଭାଙ୍ଗି ଖସି ପଡ଼ିଛି। ଫଳରେ ୨୯ ଜଣ କୁନିକୁନି ଛାତ୍ରୀଛାତ୍ର ଖୋଲା ଛାତ ତଳେ ବର୍ଷା, ଖରା, ଶୀତ ଦାଉ ସହି ପାଠ ପଢିବାକୁ ବାଧ ହେଉଛନ୍ତି। ଏହି କେନ୍ଦ୍ରର ଆଖପାଖ ଅଞ୍ଚଳରେ ଥିବା ଅନ୍ୟ କେନ୍ଦ୍ରଗୁଡିକର ସ୍ୱତନ୍ତ୍ର ଗୃହ ନିର୍ମାଣ ହୋଇଥିଲାବେଳେ ଏହି କେନ୍ଦ୍ର ପ୍ରତି କୋରେଇ ଶିଶୁ ବିଭାଗ କର୍ତ୍ତୃପକ୍ଷ କିମ୍ବା ସରକାର ଦୃଷ୍ଟି ନ ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ କୋରେଇ ମହିଳା ଶିଶୁ ବିକାଶ ଅଧିକାରିଣୀ ସ୍ନେହଲତା ସାହୁଙ୍କୁ ଯୋଗାଯୋଗ କରିବାରୁ, ଉକ୍ତ ଅଙ୍ଗନୱାଡି କେନ୍ଦ୍ର ସମ୍ପର୍କରେ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି। ଭଲଘରଟିଏ ଦେବା ପାଇଁ କହିବା ସତ୍ତ୍ୱେ ବିଇଓ ଶୁଣୁନାହାନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ୨୦୦୧ ମସିହାରେ ଅଙ୍ଗନୱାଡି କେନ୍ଦ୍ର ଅଧା ନିର୍ମାଣ ହୋଇଥିଲାବେଳେ ତାହାକୁ ଭାଙ୍ଗି ଚାନ୍ଦିନି ତିଆରି କରାଗଲା। ସରକାରୀ ଖାତାରେ ଅଙ୍ଗନୱାଡି କେନ୍ଦ୍ରର ଗୃହ ଅଛି ବୋଲି ରେକର୍ଡରେ ଦର୍ଶାଯାଇଥିବାବେଳେ ଏଯାବତ୍ ଗୃହ ହୋଇପାରି ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅଙ୍ଗନୱାଡି କର୍ମୀ ଜୟନ୍ତୀ ମଳିକଙ୍କ କହିବା ଅନୁଯାୟୀ, ଘରର ଛପର ନାହିଁ। ଖୁଣ୍ଟ ଝୁଲନ୍ତା ଅବସ୍ଥାରେ ରହିଥିବାବେଳେ କାନ୍ଥ ଫାଟି ଆଁ କରିଛି। ପିଲାମାନେ ବର୍ଷାରେ ଭିଜୁଥିଲେ ସୁଦ୍ଧା ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ସିଡିପିଓଙ୍କ ପର୍ଯ୍ୟନ୍ତ ସମସ୍ତେ ଅବଗତ ଥାଇ ବି ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ସେମାନେ ଭୟରେ ପାଠ ପଢାଉଥିବା କହିଛନ୍ତି।

**ଧନେଶ୍ୱର (୧) ଅଙ୍ଗନୱାଡି କେନ୍ଦ୍ର**



ପରିତ୍ୟକ୍ତ ଘରେ କୁନିକୁନି ପିଲା ପାଠ ପଢୁଛନ୍ତି।

- ଏକ ସ୍କୁଲର ପରିତ୍ୟକ୍ତ ଘରେ ଚାଲିଛି କେନ୍ଦ୍ର
- ବିପଦପୂର୍ଣ୍ଣ ହୋଇଛି ଜୀବନ

## ସଂକ୍ଷେପରେ

### ସରକାରୀ ଜମିରେ କୋଠା ନିର୍ମାଣ ଅଭିଯୋଗ

**ରାଜନଗର, ୧୮।୩(ଡି.ଏନ.ଏ.):** ରାଜନଗର ତହସିଲ ଅନ୍ତର୍ଗତ ମଲିଆବୁଦା ମୌଜାରେ ଥିବା ସରକାରୀ ଜମିରେ ଗାଁର ଜଣେ ବ୍ୟକ୍ତି କାଠା ନିର୍ମାଣ କରୁଛନ୍ତି। ସରକାରୀ ଜମି ଜୋର ଜବରଦସ୍ତ ଅବରୋଧ କରି କୋଠା ନିର୍ମାଣ ହେତୁ ଗ୍ରାମବାସୀ ଚଳପ୍ରଚଳରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ପ୍ରତିବାଦ କଲେ ସେ ଗ୍ରାମବାସୀଙ୍କ କଥା ଶୁଣୁ ନ ଥିବା ସେମାନେ ରାଜନଗର ତହସିଲଦାରଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏଥିସହ ଗ୍ରାମର କିଛି ଲୋକ ଗାଁରେ ଥିବା ପାଣିନାଳକୁ ମାଟି ପକାଇ ଜବରଦଖଲ କରିଛନ୍ତି। ଫଳରେ ଗାଁରୁ ଓ ଚାଷଜମିରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଏ ନେଇ ପଦକ୍ଷେପ ନେବାକୁ ତରଣୀସେନ ରାଉତ, ଅନ୍ତର୍ଯ୍ୟାମୀ ବାରିକ, ମାନସ କୁମାର ବାରିକ ପ୍ରମୁଖ ତହସିଲଦାରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

### ଅଶ୍ଳୀଳ ଭିଡିଓରେ ଭାଇରାଲ: ୪ ଅଟକ

**ନାଉଗାଁ, ୧୮।୩ (ସ୍ୱ.ପ୍ର.):** ନାଉଗାଁ ଥାନା ମାରେଡା ଗ୍ରାମର ଜଣେ ଯୁବତୀଙ୍କ ଭିଡିଓରେ ଅଶ୍ଳୀଳ ଭାବେ ଭାଇରାଲ କରିବା ଅଭିଯୋଗରେ ବୁଧବାର ପୋଲିସ ୪ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଭିଡିଓର ସତ୍ୟାସତ୍ୟ ଜାଣିବା ପାଇଁ ଯୁବତୀଙ୍କୁ ଥାନା ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ନିଆଯାଇଥିଲା। ଅଭିଯୋଗ ଆଧାରରେ ପୋଲିସ ୫୦/୨୦ ନଂ.ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### କରୋନା ସଚେତନତା

**କେନ୍ଦ୍ରାପଡା ଅଫିସ, ୧୮।୩:** କରୋନାକୁ ଭୟ ନକରି ସଚେତନ ରହିବା ପାଇଁ ଦିବ୍ୟ ଜୀବନ ସଂଘର ଅଧକ୍ଷା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ଗତ ୫ ତାରିଖରୁ କେନ୍ଦ୍ରାପଡା ଜିଲାର ବିଭିନ୍ନ ସ୍ଥାନ ପରିଭ୍ରମଣ କରୁଛନ୍ତି। ସାବୁନରେ ହାତ ଧୋଇବା, ଘରେ ନିମ୍ବପତ୍ର ଓ ଦେଶୀଗାଈର ଗୋବର ଘସିରେ ଧୂଆଁ ଦେବା, ସୂର୍ଯ୍ୟ ନମସ୍କାର ଏବଂ ସୂର୍ଯ୍ୟ କିରଣରେ ୩୦ ମିନିଟ ପର୍ଯ୍ୟନ୍ତ ଠିଆ ହୋଇ ପ୍ରାର୍ଥନା କରିବା, ସିଝାପାଣି ପିଇବା ଏବଂ ଗରମ ଚିକିତ୍ସାରେ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଆଶ୍ରମର କର୍ମକର୍ତ୍ତା ଶରତ ଚନ୍ଦ୍ର ପାତ୍ର, ସୁଷମା ମହାପାତ୍ର, ମଞ୍ଜୁଲତା ଦାସ, ରମାକାନ୍ତ ଦାସ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଏହି ଭୂତାଣୁ ସଂକ୍ରମଣରୁ ସୁରକ୍ଷା ପାଇଁ ବାଲିଆ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମା ଯୋଗ ଦେଇଥିଲେ। କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ଅଧ୍ୟକ୍ଷତାରେ କରୋନା ସମ୍ପର୍କିତ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭୂତାଣୁ ସଂକ୍ରମଣ ନିରୋଧ ନିୟମ ପାଳନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ବିଡିଓ ସୁଧୀର କୁମାର ସିଂଙ୍କ ସମେତ ବ୍ଲକ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ସାମିଲ ହୋଇଥିଲେ।

# ଭିନ୍ନକ୍ଷମଙ୍କ ପାଇଁ ରାହା ଦେଖାଉଛି ପୁନର୍ବାସ

**କେନ୍ଦ୍ରାପଡ଼ା ଅଫିସ, ୧୮।୩**



ଫିଜିଓଥେରାପି ମାଧ୍ୟମରେ ଚିକିତ୍ସା କରାଯାଉଛି।

ଭିନ୍ନକ୍ଷମଙ୍କୁ ସମାଜ ସ୍ରୋତରେ ସାମିଲ ପାଇଁ ସହରର ମାଧପୁରରେ ୨୦୧୦ ମସିହାରୁ ଥିବା ପୁନର୍ବାସ ଅନୁଷ୍ଠାନ କାର୍ଯ୍ୟ କରୁଛି। ଅନବରତ ସେବା ଯୋଗାଇ ଦେଇ ଭିନ୍ନକ୍ଷମଙ୍କ ପାଇଁ ଏହି ଅନୁଷ୍ଠାନ ଆଶାର ଆଲୋକବର୍ତ୍ତିକା ସାଜିଛି। ତେବେ ସ୍ୱଳ୍ପ ମୂଲ୍ୟରେ ଗୁରୁବାର ବ୍ୟତୀତ ସପ୍ତାହର ଅନ୍ୟ ଦିବସରେ ପାରାଲିସିସ, ମେରୁଦଣ୍ଡ ଆଘାତ, ବେକ ଯନ୍ତ୍ରଣା (ସ୍ପଣ୍ଡିଲାଇଟ୍ସ), ଅଣ୍ଟାବ୍ୟଥା, କାନ୍ଧ ଯନ୍ତ୍ରଣା, ମାଂସପେଶୀ ଯନ୍ତ୍ରଣା, ସାଇଟିକା, ହାଡ଼ଭଙ୍ଗା ଓ କ୍ଷୟଜନିତ ଯନ୍ତ୍ରଣା, ଛୋଟ ପିଲାଙ୍କ ସେରିବ୍ରାଲ ପାଲସି ଓ ସ୍ନାୟୁବିକ ରୋଗର ସଫଳ ଫିଜିଓଥେରାପି ଏଠାରେ କରାଯାଇଥାଏ। ଫିଜିଓଥେରାପି ଚିକିତ୍ସା ସେବା ସହିତ ବିଭିନ୍ନ ସମୟରେ ଭିନ୍ନକ୍ଷମଙ୍କ ନିମନ୍ତେ କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର, ମସ୍ତିଷ୍କ ପକ୍ଷାଘାତ, ଶିଶୁଙ୍କ ନିମନ୍ତେ ସ୍ୱତନ୍ତ୍ର ଥେରାପି ଶିବିର, ଦୃଷ୍ଟି, ଶ୍ରବଣ ଓ ବାକ୍ ବାଧିତଙ୍କ ପରୀକ୍ଷା ଶିବିର ଆୟୋଜିତ ହୋଇଥାଏ। ଗତ ୧୦ ବର୍ଷ ମଧ୍ୟରେ ୩ ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇ ବଞ୍ଚିବାର ରାହା ଯୋଗାଇ ଦେଇଛନ୍ତି ବୋଲି ମତ ପ୍ରକାଶ ପାଇଛି। ପୁନର୍ବାସ ସମ୍ପର୍କରେ ଚିକିତ୍ସିତ ହେଉଥିବା ସହରର ବଣିଆମାଳ ଗ୍ରାମର ପ୍ରମୋଦ ସାହୁ କୁହନ୍ତି ଯେ, ତାଙ୍କର ମେରୁଦଣ୍ଡ ଆଘାତ ଯନ୍ତ୍ରଣା ଦୀର୍ଘଦିନଠାରୁ ହେଉଥିଲା। ଏଠାରୁ ଓଲଟପୁର ଯାଇ ଫିଜିଓଥେରାପି କରିବା ବ୍ୟୟସାପେକ୍ଷ। ଗୋଟିଏ ଥର ପାଇଁ ଅନ୍ୟ ଫିଜିଓ ସେଣ୍ଟରରେ ୩୦୦ରୁ ୪୦୦ ଟଙ୍କା ଫି ନିଆଯାଉଥିବା ବେଳେ ଏଠାରେ ମାତ୍ର ୭୦ ଟଙ୍କାରେ ସେବା ମିଳିପାରୁଛି। ପୁନର୍ବାସରେ ବହୁ ପ୍ରଶିକ୍ଷିତ ଥେରାପିଷ୍ଟଙ୍କୁ ନିୟୋଜିତ କରାଯାଇଥିବାରୁ ଆମ ପରି ଲୋକଙ୍କ ବହୁ ଉପକାରରେ ଆସୁଛି।



ରାଜ୍ୟ ଓ କେନ୍ଦ୍ର ସରକାର ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଭିନ୍ନକ୍ଷମ ଦିବସ ଓ ସଚେତନତା କାର୍ଯ୍ୟକ୍ରମ ହେଉଛି। ତେବେ ଭିନ୍ନକ୍ଷମଙ୍କ ପାଇଁ ନୂଆ ଜୀବନ ଦେଉଛି ପୁନର୍ବାସ ଅନୁଷ୍ଠାନ। ଏହି ଅନୁଷ୍ଠାନ ଭିନ୍ନକ୍ଷମଙ୍କ ବଞ୍ଚିବା ପାଇଁ ପଥ ଦେଖାଉଛି। ଫିଜିଓଥେରାପି ସହ ପୁନର୍ବାସ ସମାଚାର ପ୍ରତି ଦୁଇ ମାସରେ ଥରେ ପ୍ରକାଶ କରି ଭିନ୍ନକ୍ଷମଙ୍କୁ ସଚେତନ କରାଉଛି। ଏହି ପତ୍ରିକାରେ ଜୀବନର ମୂଲ୍ୟ ପ୍ରଦର୍ଶନ ସହ ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ଯୋଜନା ଓ ସଫଳତାର କାହାଣୀ ପ୍ରକାଶ ପାଉଛି। ସେହିପରି ପ୍ରତିବର୍ଷ ୩ ଜଣ ଜିଲାରୁ ଅନ୍ତର୍ଜାତୀୟସ୍ତରର ଭିନ୍ନକ୍ଷମ ସଫଳ ପ୍ରତିଭାଙ୍କୁ ପୁନର୍ବାସ ସମର୍ଥ ପୁରସ୍କାର ପ୍ରଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି।

**– ସାବିର ଖାନ୍, ବୁଦ୍ଧିଜୀବୀ**

## ସେମାନେ କୁହନ୍ତି...



ମେରୁଦଣ୍ଡ ଆଘାତ ଯନ୍ତ୍ରଣା ଦୀର୍ଘଦିନଠାରୁ ହେଉଥିଲା। ଏଠାରୁ ଓଲଟପୁର ଯାଇ ଫିଜିଓଥେରାପି କରିବା ବ୍ୟୟସାପେକ୍ଷ। ଗୋଟିଏ ଥର ପାଇଁ ଅନ୍ୟ ଫିଜିଓ ସେଣ୍ଟରରେ ୩୦୦ରୁ ୪୦୦ ଟଙ୍କା ଫି ନିଆଯାଉଥିବା ବେଳେ ଏଠାରେ ମାତ୍ର ୭୦ ଟଙ୍କାରେ ସେବା ମିଳିପାରୁଛି। ପୁନର୍ବାସରେ ବହୁ ପ୍ରଶିକ୍ଷିତ ଥେରାପିଷ୍ଟଙ୍କୁ ନିୟୋଜିତ କରାଯାଇଥିବାରୁ ଆମ ପରି ଲୋକଙ୍କ ବହୁ ଉପକାରରେ ଆସୁଛି।

**– ଚିତ୍ତରଞ୍ଜନ ଦାସ,ଭରତପୁର, କେନ୍ଦ୍ରାପଡା**



ଅନୁଷ୍ଠାନର ବହୁ ଉଦ୍ୟମ ଭିନ୍ନକ୍ଷମଙ୍କ ପାଇଁ ସହାୟକ ହୋଇଛି। ଆର୍ଥିକ ଦୁର୍ଗତିରେ ଥିବା ଭିନ୍ନକ୍ଷମଙ୍କ ପାଇଁ ମାଗଣା ସେବା ଯୋଗାଇ ଦେଉଛନ୍ତି। ଇତିମଧ୍ୟରେ ଅନୁଷ୍ଠାନ ପକ୍ଷରୁ ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ ୨୦୧୬ର ସଂକ୍ଷିପ୍ତ ଓଡ଼ିଆ ରୂପାନ୍ତର ପୁସ୍ତକ ପ୍ରକାଶ ସହିତ ମସ୍ତିଷ୍କ ପକ୍ଷାଘାତ, ଅଟିଜିମ, ମାନସିକ ମନ୍ଥର ଶିଶୁଙ୍କ ସମ୍ପର୍କରେ ଜାଣିବା କଥା ପରି ୫ଟି ପୁସ୍ତକ ପ୍ରକାଶିତ ହୋଇଛି। ରାଜ୍ୟ ସରକାରଙ୍କ ସହାୟତାରେ ମସ୍ତିଷ୍କ ପକ୍ଷାଘାତ ରୋଗୀଙ୍କ ପାଇଁ ଚିକିତ୍ସା ଶିବିର ଆୟୋଜନ ସହ ଭିନ୍ନକ୍ଷମଙ୍କ ବିଭିନ୍ନ ପ୍ରେରଣାଦାୟୀ କାର୍ଯ୍ୟରେ ଏହି ଅନୁଷ୍ଠାନ ନିୟୋଜିତ ଅଛି। ରାଜ୍ୟସ୍ତରରେ ଅନୁଷ୍ଠାନର ବହୁ ସୁନାମ ରହିଛି।

**– ପ୍ରଭାସ ଚନ୍ଦ୍ର ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ**



ଜୀବନଠାରୁ ଅମୂଲ୍ୟ ସମ୍ପଦ ଦୁନିଆରେ କିଛି ନାହିଁ। ତେବେ କେତେକ ପରିସ୍ଥିତି ଓ ବିପର୍ଯ୍ୟୟ ଯୋଗୁ ଜୀବନ ପ୍ରବାହ ସ୍ରୋତର ପ୍ରତିକୂଳରେ ଆସିଥାଏ। ସମାଜ ମଧ୍ୟରେ ଭିନ୍ନକ୍ଷମ ଜଣେ ବୋଲି ବିଶ୍ୱାସ କରାଇବା ପାଇଁ ସେବା ଓ ଚିକିତ୍ସାକୁ ମାଧ୍ୟମ କରାଯାଇଛି। ଲାଭ ଓ ଲୋଭ ନରଖି ଫିଜିଓଥେରାପି ଚିକିତ୍ସା ସହ ପରାମର୍ଶ କେନ୍ଦ୍ର ଭାବେ ପୁନର୍ବାସ କାର୍ଯ୍ୟ କରୁଛି। ଜିଲାରେ ଆବଶ୍ୟକ ବିଶେଷଜ୍ଞ ନଥିବାରୁ ଭିନ୍ନକ୍ଷମଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଓ ପ୍ରମାଣପତ୍ର ମିଳୁନାହିଁ। ଏଥିସହ ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ର୍ୟାମ୍ପ ବ୍ୟବସ୍ଥା କରାଯାଉ।

**– ବନସ୍ମିତା ନାୟକ, ସମ୍ପାଦିକା ପୁନର୍ବାସ**

## ରାଜନଗରରେ କରୋନା ଭୟ: ନିରୀକ୍ଷଣରେ ୯ ଯୁବକ

**ରାଜନଗର, ୧୮।୩(ଡି.ଏନ.ଏ.)**

କରୋନା ଭାଇରସ କବଳରେ ସମଗ୍ର ବିଶ୍ୱବାସୀ ଆତଙ୍କିତ। ରାଜ୍ୟ ସରକାର ଏହାକୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରିବା ସହ କରୋନାକୁ କିପରି ସଚେତନ ହୋଇ ମୁକାବିଲା କରିହେବ ସେ ନେଇ ସଚେତନତା ସୃଷ୍ଟି କରୁଛନ୍ତି। ରାଜନଗରକୁ ବିଦେଶରୁ ଫେରିଥିବା ୭ଜଣ ଓ ରାଜସ୍ଥାନ, ବମ୍ବେରୁ ଫେରିଥିବା ୨ଜଣଙ୍କୁ ସ୍ୱତନ୍ତ୍ର ନିରୀକ୍ଷଣରେ ରଖାଯାଇଛି। ରାଜନଗର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସେମାନଙ୍କୁ ୧୪ଦିନ ପାଇଁ ହୋମ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ସେମାନେ କୌଣସି ଜନଗହଳି ସ୍ଥାନକୁ ନଯିବାକୁ, ବାହାର ଲୋକ ଓ ପରିବାର ଲୋକଙ୍କ ସହ ମିଳାମିଶା ନକରିବା ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ବୋଟରୁ ତେଲ ଚୋରି ଅଭିଯୋଗ: ୪ ଗିରଫ

**ପାରାଦୀପ, ୧୮।୩ (ସ୍ୱ.ପ୍ର.)**

ପାରାଦୀପ ଆଦର୍ଶ ଥାନା ଅଧୀନ ବିଜୟଚନ୍ଦ୍ରପୁର କାଉଡିଆ ନଦୀରେ ଥିବା ବାବୁ ଖାଁଙ୍କ ଏକ ମାଛଧରା ବୋଟରୁ ୧୦୦ ଲିଟର ତେଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ୪୨/୨୦ ନଂ.ରେ ଏକ ମାମଲା ରୁଜୁ କରି ପୋଲିସ ୪ ଜଣଙ୍କୁ ଗିରଫ କରି ସେମାନେ ହେଲେ ଜଗା ହାଲଦାର, ଶଙ୍କର ରାୟ, ବିନୋଦ ମଣ୍ଡଳ ଓ ସଞ୍ଜୟ ମାଇତି।

## ୧୩୪ ଜଣଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ ନଜର, ୧୪ ବିଦେଶ ଫେରନ୍ତା

**ଡେରାବିଶ, ୧୮।୩(ସ୍ୱ.ପ୍ର.)**

କରୋନାକୁ ପ୍ରତିହତ କରିବା ଏବଂ ଏଥିରୁ ରକ୍ଷା ପାଇବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି। ମାର୍ଚ୍ଚ ମାସ ୪ ତାରିଖ ପରେ ଦେଶ ବାହାରୁ ଆସୁଥିବା ଲୋକମାନଙ୍କ ପଞ୍ଜିକରଣ ସହିତ ରାଜ୍ୟ ବାହାରୁ ଆସୁଥିବା ଲୋକମାନଙ୍କ ଉପରେ ବିଶେଷ ଭାବେ ନଜର ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଏହି ପରିପ୍ରେକ୍ଷିରେ ଡେରାବିଶ ବ୍ଲକ ଅଞ୍ଚଳରେ ବୁଧବାର ସୁଦ୍ଧା ବିଦେଶରୁ ଓ ରାଜ୍ୟ ବାହାରୁ ଆସିଥିବା ମୋଟ ୧୩୪ଜଣଙ୍କ ଉପରେ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ତୀକ୍ଷ୍ଣ ନଜର ରଖିଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଏମାନଙ୍କ ମଧ୍ୟରୁ ବିଦେଶରୁ ୧୪ ଜଣ ଆସିଥିବା ବେଳେ ଅନ୍ୟ ୧୨୦ ରାଜ୍ୟ ବାହାରୁ ଆସିଥିବା ଜଣାଯାଇଛି। ତେବେ ବିଦେଶରୁ ଆସିଥିବା ଲୋକମାନଙ୍କ ମଧ୍ୟରେ ତ୍ରିପୁରାରିପୁର ସବ ସେଣ୍ଟର ଅଧୀନରେ ସର୍ବାଧିକ ୭ଜଣ ରହିଥିବା ବେଳେ ଗୋଲରାହାଟ ସବ ସେଣ୍ଟର ଅଧୀନରେ ୩, ବାଲିସାହିର ୧, କୁଶିଆପାଳ ସବସେଣ୍ଟରରେ ୧, କୁରୁଜଙ୍ଗା ସବ ସେଣ୍ଟରରେ ୧,ନେତୁଆରରେ ଜଣେ ଅଛନ୍ତି।

## ବିଦ୍ୟୁତ୍ ତାର ଚୋରିବେଳେ ଚୋରକୁ ଧରିଲେ ଗ୍ରାମବାସୀ

**ଡେରାବିଶ, ୧୮।୩(ସ୍ୱ.ପ୍ର.)**



ଗିରଫ ପିଣ୍ଟୁ।

ନିକିରାଇ ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ତ୍ରିପୁରାରୀପୁରସ୍ଥିତ ସାଇ ମନ୍ଦିର ନିକଟରେ ବିଦ୍ୟୁତ୍ ବିଭାଗର ୧୧ କେଭି ତାରକୁ ମଙ୍ଗଳବାର ରାତିରେ ୨ଜଣ ଦୁର୍ବୃତ୍ତ ଚୋରାଇ ନେବାକୁ ଉଦ୍ୟମ କରୁଥିଲେ। କୌଣସି ସୂତ୍ରରୁ ଗ୍ରାମବାସୀ ଏହା ଜାଣିପାରି ଉକ୍ତ ସ୍ଥାନରେ ପହଞ୍ଚି ଜଣେ ଚୋରକୁ ଧରିଥିବାବେଳେ ଅନ୍ୟ ଜଣେ କୌଶଳକ୍ରମେ ଖସିଯାଇଥିବା ଜଣାଯାଇଛି। ପୋଲିସ ପହଞ୍ଚିବା ପରେ ଗ୍ରାମବାସୀ ଚୋରକୁ ହସ୍ତାନ୍ତର କରିଥିଲେ। ପୋଲିସ ଚୋରକୁ ଗିରଫ କରି ଟ୍ରଲିରେ ଲଦା ହୋଇଥିବା ତାରକୁ ଜବତ କରିଛି। ଗିରଫ ଅଭିଯୁକ୍ତ ପିଣ୍ଟୁ ସେଠୀ, ଘର ନିକଟସ୍ଥ ଛୋଟି ଅଞ୍ଚଳରେ ବୋଲି ଜଣାଯାଇଛି। ଅପରପକ୍ଷରେ ଫେରାର ହୋଇଯାଇଥିବା ବ୍ୟକ୍ତିଙ୍କ ନାମ ଗଗନ ସେଠୀ ବୋଲି ଜଣାଯାଇଛି। ତେବେ ଏହି ଘଟଣା ବାବଦରେ ଇନ୍ଦୁପୁର ବିଦ୍ୟୁତ୍ ସେକଶନର ସେସୁ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳପୁର ପଞ୍ଚାୟତରେ ବିଦ୍ୟୁତ୍ ବିଭାଗ ତତ୍ତ୍ୱାବଧାନରେ ୧୧କେଭି ତାର ଟଣା କାର୍ଯ୍ୟ ଜାରି ରହିଛି। ଗୁପ୍ତା କେବୁଲ ଏହି କାର୍ଯ୍ୟ କରିବାର ଟେଣ୍ଡର ପାଇଥିଲେ ମଧ୍ୟ ସେ ଅନ୍ୟ ଜଣେ ପେଟି କଣ୍ଟ୍ରାକ୍ଟର ଜରିଆରେ ଏହି କାର୍ଯ୍ୟ କରାଉଛନ୍ତି। ମଙ୍ଗଳବାର କାର୍ଯ୍ୟ ସରିଲା ପରେ ତ୍ରିପୁରାରିପୁର ସାଇ ମନ୍ଦିର ନିକଟରେ ତାର ଓ ଅନ୍ୟାନ୍ୟ ସାମଗ୍ରୀ ରଖାଯାଇଥିବା ବେଳେ ବିଳମ୍ବିତ ରାତିରେ ଦୁଇ ଦୁର୍ବୃତ୍ତ ଉକ୍ତ ତାରକୁ ଏକ ଟ୍ରଲିରେ ଭର୍ତ୍ତି କରି ଚୋରାଇ ନେବାକୁ ଉଦ୍ୟମ କରିଥିଲେ। କେହି ଜଣେ ଏହା ଦେଖି ଗ୍ରାମବାସୀଙ୍କୁ କହିଦେବା ପରେ ସମସ୍ତେ ଘଟଣାସ୍ଥଳରେ ପହଞ୍ଚି ଚୋରା ତାରକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ପିଣ୍ଟୁଙ୍କୁ ମାଡି ବସିଥିଲେ। ଅନ୍ୟତମ ଅଭିଯୁକ୍ତ କୌଶଳକ୍ରମେ ସେଠାରୁ ଫେରାର ହୋଇଯାଇଛି। ତେବେ ଅଭିଯୁକ୍ତ ୨ଜଣ ତାର ଟଣା କାର୍ଯ୍ୟ କରୁଥିବା ବେଳେ ଟ୍ରଲିରେ ଚୋରାଇ ଥିବା ତାରର ମୂଲ୍ୟ ୫୬ ହଜାର ଟଙ୍କାର ଥିଲା ବୋଲି ଯନ୍ତ୍ରୀ ଥାନାରେ ଦେଇଥିବା ଅଭିଯୋଗ ରେ ଦର୍ଶାଇଛନ୍ତି। ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିବା ସହିତ ଅନ୍ୟତମ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିବା ଥାନା ଅଧିକାରୀ କାବୁଲି ବାରିକଙ୍କ ସୂତ୍ରରୁ ଜଣାଯାଇଛି।

## ରାଜପଥରେ ଟ୍ରକ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ : ଜଣେ ଗୁରୁତର

**ମାର୍ଶାଘାଇ, ୧୮।3 (ଡି.ଏନ.ଏ.)**



ଗୁରୁତର ହଲିମ ଖାଁ।

ମାର୍ଶାଘାଇ ଥାନା ଅନ୍ତର୍ଗତ ପାଞ୍ଚ ନମ୍ବର(କ) ଜାତୀୟ ରାଜପଥ ଯଦୁପୁର ଛକ ନିକଟରେ ଦୁର୍ବୃତ୍ତମାନେ କେତେକ ଟ୍ରକ ମାଲିକଙ୍କୁ ମରଣାନ୍ତକ ଆକ୍ରମଣକରି ଟଙ୍କା ଛଡାଇ ନେଇଛନ୍ତି। ଏହି ଆକ୍ରମଣରେ ଜଣେ ଟ୍ରକ୍ ମାଲିକ ଗୁରୁତର ହୋଇଥିବାବେଳେ ଅନ୍ୟମାନେ ଆହତ ହୋଇଛନ୍ତି। ଏ ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି। ଗୁରୁତର ଟ୍ରକ ମାଲିକ ହେଲେ ମହମଦ ହଲିମ ଖାଁ।

ପ୍ରକାଶ ଯେ, କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ମାଧପୁର ଅଞ୍ଚଳର ଟ୍ରକ ମାଲିକ ମିର ଖୁରସିଦ, ସେକ୍ ଲିଆକ ଉଦ୍ଦିନ, ସେକ୍ ଅଜାର, ମହମଦ ହଲିମ ଖାଁ ପ୍ରମୁଖ ପାରାଦୀପ ଟ୍ରକ ସଂଘର ସଦସ୍ୟମାନେ ମଙ୍ଗଳବାର ରାତିରେ ଗାଡି ଜାମ ହେଉଥିବାରୁ ତଦାରଖ ପାଇଁ ରାଜପଥରେ ବୁଲୁଥିଲେ। ହଠାତ୍ ରାତ୍ର ପ୍ରାୟ ଗୋଟାଏ ସମୟରେ ସେହି ରାସ୍ତାରେ ଆସୁଥିବା ଏକ କାର ସମେତ ଦୁଇଟି ବାଇକରେ ୬ଜଣ ଆସି ସେମାନଙ୍କୁ ଆକ୍ରମଣ କରିଥିଲେ। ସେମାନେ ଗାଡି ଭିତରୁ ଭୁଜାଲି ଠେଙ୍ଗା ଆଦି ବାହାର କରି ମରଣାନ୍ତକ ଆକ୍ରମଣ କରିବା ସହିତ ସେମାନଙ୍କ ନିକଟରେ ଥିବା ପ୍ରାୟ ୨୦ହଜାର ଟଙ୍କା ଛଡାଇ ନେଇ ଯାଇଥିଲେ। ପାଟିକଲେ ଗୁଳି ଫୁଟାଇ ମାରିଦେବାକୁ ଧମକ ଦେଇଥିଲେ। ତେବେ ସେମାନଙ୍କ ମିଳିତ ଆକ୍ରମଣରେ ମହମଦ ହଲିମ ଖାଁ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି। ଏ ନେଇ ମିର ଖୁରସିଦ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରେ ମହାକାଳପଡା ଥାନା ରାଜଗଡ ଗ୍ରାମର ପ୍ରମୋଦ କୁମାର ପ୍ରତିହାରୀ ଓ ତାଙ୍କ ଡ୍ରାଇଭର ଜ୍ୟୋତିଙ୍କ ସମେତ ଅନ୍ୟ ଚାରିଜଣଙ୍କ ନାମ ରହିଛି। ମାର୍ଶାଘାଇ ପୋଲିସ କେସ ନମ୍ବର ୬୫/୨୦, ଦଫା ୨୯୪ ,୩୪୧ ,୩୨୩ ,୩୨୪ ,୩୨୬ ,୩୦୭ ,୩୭୯ ,୫୦୬ ,୧୪୭ ,୧୪୮ ,୧୪୯ ଆଇପିସିରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ଏସଆଇ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପାରାଦୀପକୁ ଲୁହାପଥର ଚାଲାଣ ନେଇ ମାର୍ଶାଘାଇ ଥାନା ଅଞ୍ଚଳରେ ରାଜପଥ ସମ୍ପୂର୍ଣ୍ଣ ଜାମ ହୋଇଥିବା ବେଳେ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଥିବା ଅଭିଯୋଗ ହେଉଛି। ଗାଡିଗୁଡିକ ଲାଇନକାଟି ପ୍ରତିଯୋଗିତାମୂଳକ ଭାବେ ମାଡି ଚାଲିଥିବାରୁ ବିଭିନ୍ନ ସମୟରେ ଟ୍ରକ ଡ୍ରାଇଭର, ଦଲାଲ ଓ ମାଲିକମାନଙ୍କ ମଧରେ ଆକ୍ରମଣ ପ୍ରତି ଆକ୍ରମଣ ହେବା ସହିତ ରାହାଜାନି ଘଟୁଥିବାର ନଜିର ରହିଛି।

## ମଦ ଦୋକାନ ଭଙ୍ଗାରୁଜା ଘଟଣାରେ ମାମଲା ରୁଜୁ

**ରାଜନଗର,୧୮।୩(ଡି.ଏନ.ଏ.)**

ଗୁପ୍ତିଠାରେ ଥିବା ସରକାରୀ ଠିପିବନ୍ଦ ମଦଦୋକାନକୁ ଉଚ୍ଛେଦ ପାଇଁ ଚଳିତମାସ ୧୬ ତାରିଖରେ ସାତଭାୟାବାସୀଙ୍କ ପକ୍ଷରୁ ଅନଶନ କରାଯିବା ସହିତ ଉତ୍ତ୍ୟକ୍ତ ଶତାଧିକ ମହିଳାମାନେ ମଦଦୋକାନ ଭିତରେ ପ୍ରବେଶ କରି ଭଙ୍ଗାରୁଜା କରିଥିଲେ। ଏହି ଭଙ୍ଗାରୁଜା ଘଟଣାରେ ମଦଦୋକାନୀ ମାଲିକ ପ୍ରତାପ ଦାସଙ୍କ ଅଭିଯୋଗ କ୍ରମେ ନଂ ୮୧/୨୦ରେ ଦଫା ୪୫୧, ୩୭୯, ୪୨୭ରେ ମାମଲା ରୁଜୁ କରିଛି। ଏଠାରେ ସୂଚନାଯୋଗ୍ୟ ବଗପାଟିଆକୁ ସଂଯୋଗ କରୁଥିବା ମା'ପଞ୍ଚୁବରାହୀ ପୀଠ ଠାରୁ ଗୁପ୍ତି ବଜାର ପର୍ଯ୍ୟନ୍ତ ରହିଥିବା ରାସ୍ତାର ଆରମ୍ଭରେ ଏହି ଠିପିବନ୍ଦ ସରକାରୀ ମଦଦୋକାନ ଖୋଲାଯାଇଛି। ଏହାକୁ ପ୍ରତିବାଦ କରି ସାତଭାୟାବାସୀ ମଦଦୋକାନ ସ୍ଥାନାନ୍ତରିତ କରି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ମଦ ଦୋକାନ ନ ଉଠିବାରୁ ୧୬ ତାରିଖ ମଦ ଦୋକାନ ଉଚ୍ଛେଦ ଦାବି କରି ସାତଭାୟାବାସୀ ଅନଶନ କରିବା ସହିତ ଦୋକାନ ଭଙ୍ଗାରୁଜା କରିଥିଲେ।

## ପଟ୍ଟାମୁଣ୍ଡାଇ ଥାନାରେ ସଚେତନତା

**ପଟ୍ଟାମୁଣ୍ଡାଇ, ୧୮।୩ (ସ୍ୱ.ପ୍ର.)**


ସମଗ୍ର ବିଶ୍ୱରେ ମାରାତ୍ମକ କରୋନା କାୟା ବିସ୍ତାର କରିଥିବା ବେଳେ ଭାରତ ତଥା ଓଡିଶାରେ ଲୋକଙ୍କ ମଧରେ ଆତଙ୍କ ସୃଷ୍ଟି କରିଛି। ଏହି କରୋନାରୁ ବର୍ତ୍ତିବା ପାଇଁ ସଚେତନତା ହିଁ ଏକ ମାତ୍ର ମାଧ୍ୟମ ବୋଲି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ବୈଠକରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାପଡା ଜିଲା ପରିଷଦ ଅଧକ୍ଷ ମାନସ ରଞ୍ଜନ ପରିଡା, କେନ୍ଦ୍ରାପଡା ବ୍ଲକ ଅଧକ୍ଷ ଅନାମ ବନ୍ଧୁ ଧଳ, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧକ୍ଷା ଜ୍ୟୋତିର୍ମୟୀ ବେହେରା, ଉପାଧକ୍ଷ ସୁଶାନ୍ତ ଦାସ, ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ନିରାକାର ପରିଡା ପ୍ରମୁଖ ଯୋଗ ଦେଇ କରୋନାକୁ ସଚେତନତା ମାଧମରେ ରୋକାଯାଇ ପାରିବ ବୋଲି କହିଥିଲେ। ଆମେ ସଚେତନ ରହିବା ସହିତ ଅନ୍ୟମାନଙ୍କୁ ସଚେତନ କରିପାରିଲେ ମହାମାରୀ କରୋନାକୁ ରୋକାଯାଇ ପାରିବ ବୋଲି ବକ୍ତାମାନେ ଦୃଢତାର ସହିତ କହିଥିଲେ। ପଟ୍ଟାମୁଣ୍ଡାଇ ଚିକିତ୍ସା କେନ୍ଦ୍ର ପିଏଚଇଓ ଶ୍ରୀଧର ମଲିକ ଯୋଗ ଦେଇ କରୋନା ପ୍ରସାରିତ ନ ହେବା ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏହି ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକର ୩୦ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ଖବରଦାତା ତଥା ପୌରପରିଷଦର ପୂର୍ବତନ କାଉନ୍‌ସିଲର୍‌ମାନେ ଯୋଗ ଦେଇଥିଲେ। ବୈଠକରେ ଆଇଏଚଆରସି କେନ୍ଦ୍ରାପଡା ଜିଲା ସଭାପତି ପ୍ରତାପ ପାଢୀ, କିଶୋର ଜେନା, ସମିତି ସଭ୍ୟ ଶ୍ରୀକାନ୍ତ ସାହୁ, ଡାମରପୁର ସରପଞ୍ଚ ନିରଞ୍ଜନ ମାଝୀ, ସୁବାସ ଖଟୁଆ, ପ୍ରଭାତ ପ୍ରଧାନ, ପ୍ରଭାତ ସେଠୀ, ବିଜେଡି ବ୍ଲକ୍ ସଭାପତି କିଶୋର ସାହୁ, ରବୀନ୍ଦ୍ର ବେହେରା, ଗଗନ ବାରିକ, ନଗର ବିଜେଡି ଯୁବ ସଭାପତି ମିଟୁ ମନୋଜ ନାୟକ, ସମିତି ସଭ୍ୟା ବବିତା ମଲିକ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର , ରାଜ୍ୟ ସରକାର ତଥା ରାଜ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି ବୋଲି ଆଇଆଇସି କହିଥିଲେ।

## ନଦୀବନ୍ଧ ରାସ୍ତା ମରାମତି ଆରମ୍ଭ

**ରଘୁନାଥପୁର, ୧୮।୩ (ଡି.ଏନ୍.ଏ.)**

୪ ଜିଲାକୁ ସଂଯୋଗ କରୁଥିବା ନଦୀବନ୍ଧ ରାସ୍ତା ମରାମତି କାମ ଦୀର୍ଘଦିନ ପରେ ଆରମ୍ଭ ହେବା ନେଇ ଦ୍ୱୀପାଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଅଞ୍ଚଳବାସୀ ଉକ୍ତ ରାସ୍ତା ମରାମତି ପାଇଁ ବହୁଦିନ ହେବ ଦାବି କରିଆସୁଥିବା ବେଳେ ଗିକିଛିଦିନ ତଳେ ଆଖପାଖ ୪ଟି ବ୍ଲକ ଅଞ୍ଚଳର ଲୋକେ ତାରପୁର ବାଇପାସ୍‌ଠାରେ ରାସ୍ତାରୋକୋ କରିଥିଲେ। ମହାନଦୀ ଜଳସମ୍ପଦ ବିଭାଗ ଅଧୀନରେ ଥିବା କିଶନନଗର ତହସିଲ ଅଧୀନ ମାହାଳ ହାଟଠାରୁ ସାନନୟନପୁର ପର୍ଯ୍ୟନ୍ତ ରାସ୍ତା ମରାମତି ଲାଗି ୪୩ ଲକ୍ଷ ଅନଦାନ ଯୋଗାଇଆଯାଇଛି। ଓଟିକଣ୍ଟା ଜେଇ ମହେନ୍ଦ୍ର କୁମାର ସାହୁ ଓ ଦାୟିତ୍ୱରେ ଥିବା ଏସ୍‌ଡିଓ ମନୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ରାସ୍ତା ମରାମତି ସମୟରେ ଠିକ୍ ଭାବେ ମେଟାଲିଂ ଓ ରୋଲିଂ କରାଯିବା ପାଇଁ ଏସ୍‌ଡିଓ ବେହେରା ଉପସ୍ଥିତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## କରୋନା ସନ୍ଦିଗ୍ଧଙ୍କ ପାଇଁ ଜିଲାସ୍ତରୀୟ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ସିଡିଏମ୍‌ଓ, ଜିଲାପାଳ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ।

**କେନ୍ଦ୍ରାପଡା ଅଫିସ, ୧୮।୩**

ବିଶ୍ୱ ମହାମାରୀ କରୋନା ଭୂତାଣୁ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ୭ ସିଏସି ଓ ୪୫ ପିଏଚସିକୁ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ଡାକ୍ତରଖାନାରେ ନଜରବନ୍ଦୀ ଗୃହର ଶଯ୍ୟା ପାଇଁ ବ୍ୟବସ୍ଥା ହୋଇଛି। ସ୍ୱାସ୍ଥ୍ୟ ସେବା ସହ ବିଶୁଦ୍ଧ ପାନୀୟ ଜଳଯୋଗାଣ, ପାଇଖାନା, ସ୍ୱତନ୍ତ୍ର ହାତଧୁଆ ବ୍ୟବସ୍ଥା ହୋଇଥିବା ଜିଲାପାଳଙ୍କ କାର୍ଯ୍ୟାଳୟରେ କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସମୀକ୍ଷା ବୈଠକରେ ସୂଚନା ମିଳିଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଏହି ବୈଠକରେ ସିଡିଏମଓ ଡା. ଉର୍ମିଳା ମିଶ୍ରଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକାରୀ ଯୋଗ ଦେଇଥିଲେ। ଏଠାରେ କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ୟାକୁ ତୁରନ୍ତ ସୁଧାର ଆଣିବା ପାଇଁ ପୂର୍ତ୍ତବିଭାଗ ଅଧିକାରୀଙ୍କୁ ଜିଲାପାଳ ସମର୍ଥ ବର୍ମା ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଭୂତାଣୁ ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି।

## କରୋନା ପାଇଁ ଆଳି ବ୍ଲକରେ ହେବ ସଚେତନତା ଶିବିର

**ଆଳି,୧୮।୩**

ସାରା ବିଶ୍ୱରେ କରୋନା ଭୂତାଣୁ ବ୍ୟାପି ଚାଲିଥିବାରୁ ଏଥିପ୍ରତି ଆଳି ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତାମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ଚଳିତ ମାସ ୧୯ ତାରିଖରେ ବ୍ଲକର ୩୪ ପଞ୍ଚାୟତ କାର୍ଯ୍ୟାଳୟରେ ସଚେତନତା ଶିବିର ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବା ବେଳେ ୨୦ ତାରିଖରେ ଆଳି ପଞ୍ଚାୟତ ସମିତି ସଭାଗୃହ ପରିସରରେ ପଞ୍ଚାୟତ ସମିତି ଅଧକ୍ଷା, ସମିତିସଭ୍ୟମାନଙ୍କୁ ନେଇ ଅନୁଷ୍ଠିତ ହେବ ବୋଲି ଆଳି ବିଡିଓ ତପନ କୁମାର ସେନାପତି ସୂଚନା ଦେଇଛନ୍ତି। ଏଥିସହିତ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ଆଇସୋଲେଶନ ସେଣ୍ଟର ଚୟନ କରାଯାଇଛି। ଏହି ସେଣ୍ଟରଗୁଡିକ ହେଉଛି ଅରଗଳ ପଞ୍ଚାୟତର ଏନଆରଡିଏମ ହାଇସ୍କୁଲ, ଅରେହିକଣା ପଞ୍ଚାୟତର ଅରେହିକଣା ପ୍ରାଇମେରୀ ସ୍କୁଲ, ଅଟାଳ ପଞ୍ଚାୟତର ଉତ୍କଳମଣି ଉଚ୍ଚ ବିଦ୍ୟାପୀଠ, ବଡାମ୍ବିଳା ପଞ୍ଚାୟତର ନମୌଜା ହାଇସ୍କୁଲ, ବାଳକାଟିର ବାଳକାଟି ପଞ୍ଚାୟତ ହାଇସ୍କୁଲ, ବାଟିପଡାର ବାଟିପଡା ହାଇସ୍କୁଲ, ଭୁଇଁପୁରର ଭୁଇଁପୁର ଉପ୍ରା ବିଦ୍ୟାଳୟ, ଚଣ୍ଡିଆଗଡିର ଚଣ୍ଡିଆଗଡି ହାଇସ୍କୁଲ, ଦଣ୍ଡିପୁରର ଆଠପାଟଣା ବୀଣାପାଣି ହାଇସ୍କୁଲ, ଦେମାଳର ଆଳି ହାଇସ୍କୁଲ, ଦେସାହିର ଦଧିବାମନଜୀଉ ବିଦ୍ୟାପୀଠ, ଡିମିରିପାଳର ସାଧୁଚରଣ ହାଇସ୍କୁଲ,ଏରଡଙ୍ଗର ଜନକଲ୍ୟାଣ ନୋଡାଲ ହାଇସ୍କୁଲ, ଏକମାଣିଆର ଏକମାଣିଆ ହାଇସ୍କୁଲ, ଗୋବିନ୍ଦପୁରର ଗୋବିନ୍ଦପୁର ନୋଡାଲ ବିଦ୍ୟାଭବନ, ଜୁଆଣିଆର ଜିଆଣିଆ ବାଳିକା ଉଚ୍ଚ ବିଦ୍ୟାଳୟ, କଳସପୁରର ଦାମୋଦର ହାଇସ୍କୁଲ, କେଉଁଆପାଳର ଗୋପବନ୍ଧୁ ସରକାରୀ ହାଇସ୍କୁଲ, କୋଳିଡିହର ଚନ୍ଦନନଗର ହାଇସ୍କୁଲ, ମହୁର ମହୁ ହାଇସ୍କୁଲ, ମାଣିକପାଟଣାର ବିଏନଆରଜିଏସକେ ଗୃହ, ମେଣ୍ଟପୁରର ମାଇନର କମ୍ୟୁନିଟି ସେଣ୍ଟର, ନରେନ୍ଦ୍ରପୁରର ପନ୍ଦରଶୀଳା ହାଇସ୍କୁଲ, ନିଆଳର ସହଦେବ ନୋଡାଲ ହାଇସ୍କୁଲ।

# ଦଣ୍ଡନୃତ୍ୟକୁ ମଞ୍ଚକୁ ଆଣିବା ମୋ ପାଇଁ ବଡ଼ ସଫଳତା

ଧରିତ୍ରୀ ଆଳାପ



ନାଟ୍ୟଶ୍ରୀ ଗଦାଧର ବାରିକ ଜଣେ ବହୁମୁଖୀ ପ୍ରତିଭା। ଏକାଧାରରେ ସେ ଜଣେ ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ, କୋରିଓଗ୍ରାଫର। କଳାକ୍ଷେତ୍ରରେ ନିଜକୁ ସମର୍ପିତ କରିଥିବା ଗଦାଧର ବହୁ ଯୁବ କଳାକାର ସୃଷ୍ଟି କରି ପାରିଛନ୍ତି। କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରି ଅନ୍ତର୍ଜାତୀୟସ୍ତରରେ ଏକାଧିକ ଥର ପୁରସ୍କୃତ ହୋଇଛନ୍ତି । ନାଟକ କ୍ଷେତ୍ରରେ ତାଙ୍କର ୩୦ ବର୍ଷର ଅଭିଜ୍ଞତା ରହିଛି। ଏବେ ବି ସେ ସାଧନା ଜାରି ରଖିଛନ୍ତି। ବୌଦ୍ଧ ଜିଲା ଚିଲେଶ୍ୱର ପଞ୍ଚାୟତ ବୁରୁବୁଡା ଗ୍ରାମର ମା' କୌଶଲ୍ୟା ଓ ବାପା ଲୋକନାଥ ବାରିକଙ୍କ ସୁପୁତ୍ର ଗଦାଧରଙ୍କ ସହ ଧରିତ୍ରୀର ଆଳାପ ।



**ଆପଣ କେବେ ମଞ୍ଚକୁ ଉଠିଲେ ?**

▶ ସେତେବେଳେ ମୁଁ ତୃତୀୟ ଶ୍ରେଣୀ ଛାତ୍ର। ଗାଁ ରାମଲୀଳାରେ ଶ୍ରୀରାମ ଭୂମିକାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ହାଇସ୍କୁଲରେ ପଢ଼ିଲା ବେଳେ ପ୍ରଥମ ନାଟକ 'କାଞ୍ଚି ଅଭିଯାନ'ରେ ମାୟା ନାମ୍ନୀ ଏକ ନାରୀ ଭୂମିକାରେ ଅଭିନୟ କରିଥିଲି।

**ନାଟକ ଓ ଲୋକନୃତ୍ୟ କ୍ଷେତ୍ରରେ କାହାକୁ ଗୁରୁ ବୋଲି ମାନନ୍ତି ?**

▶ ନାଟକ କ୍ଷେତ୍ରରେ ମୋର ପ୍ରଥମ ଗୁରୁ ଆମ ସ୍କୁଲର ତତ୍କାଳୀନ ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ମେହେର। ପରେ ଏରା ଦତ୍ତ ଓ ସନତ କୁମାର ବିଶିଙ୍କଠାରୁ ତାଲିମ ପାଇଛି। ନୃତ୍ୟଗୁରୁ ଭିକାରୀ ଚରଣ ନାଏକ, ଲୋକନୃତ୍ୟ ଗୁରୁ ଆମ ଗାଁର ଢୁଲିଆ କୁମରମଣି ବେହେରାଙ୍କଠାରୁ ମୁଁ ନୃତ୍ୟ ଶିକ୍ଷା କରିଛି।

**ଏହି ଧାରା କେବେଠୁ ଆରମ୍ଭ ହୋଇଛି ?**

▶ ୧୯୭୦ରୁ ମୁଁ ମଞ୍ଚ ନାଟକ କରିଆସିଛି। ୧୯୮୯ରୁ ସୋନପୁରରେ ଅନେକ ପଥପ୍ରାନ୍ତ ନାଟକ କରିଛି। ଏମିତି ୩୦ ବର୍ଷ କଟି ସାରିଛି। ୧୯୭୧ରେ ତୋଫାନ ଡାକୁ ନାଟକ ପାଇଁ ପ୍ରଥମେ ନିର୍ଦ୍ଦେଶନା ଦେଇଥିଲି, ଯାହା ଆଜି ପର୍ଯ୍ୟନ୍ତ ଚାଲି ଆସିଛି।

**ଜଣେ କଳାକାର ଭାବେ ଆପଣ କେଉଁଠୁ ପରିଚୟ ପାଇଲେ?**

▶ ସୋନପୁର ମାଟିରୁ ହିଁ ମୋତେ ଜଣେ କଳାକାରର ପରିଚୟ ମିଳିଛି। ନୃତ୍ୟ ଓ ନାଟକ ମୋ ଜୀବନ। ରିହର୍ସାଲ ସମୟରେ ମୁଁ ସବୁ ଭୁଲିଯାଏ। ନୂଆ କିଛି କରିବା ପାଇଁ ସବୁ ସମୟରେ ଚେଷ୍ଟା କରେ।

**ପାରମ୍ପରିକ ଲୋକନୃତ୍ୟ ଉପରେ ଆପଣଙ୍କ ଗବେଷଣା କ'ଣ?**

▶ ଦଣ୍ଡନୃତ୍ୟ ଉପରେ ଗବେଷଣା କରିଛି। ସେହି ନୃତ୍ୟକୁ ମଞ୍ଚକୁ ଆଣିବା ମୋ ପାଇଁ ଏକ ବଡ଼ ସଫଳତା।

**ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ, ସେ ବିଷୟରେ କହିବେ ?**

▶ ଗୁରୁ ଭିକାରୀ ଚରଣ ନାଟ୍ୟ ସମ୍ମାନ-ବୌଦ୍ଧ, ପଞ୍ଚମ ବେଦ ନାଟ୍ୟ ସମ୍ମାନ-ଭୁବନେଶ୍ୱର ସର୍ବଭାରତୀୟସ୍ତରର ନାଟ୍ୟ ସମ୍ମାନ, ନାଟ୍ୟଭୀଷ୍ମ ସମ୍ମାନ-କନ୍ଧମାଳ, ନାଟ୍ୟସମ୍ମାନ-ମଦଗଲ୍‌ପୁରୀ, ନାଟ୍ୟଶ୍ରୀ ସମ୍ମାନ-ଆଲ୍ଲାହାବାଦ୍, ନାଟ୍ୟ ସମ୍ମାନ-ବନାରସ, ରମ୍ଭା ନାଟ୍ୟ ସମ୍ମାନ-ଗୌହାଟୀ, ନାଟ୍ୟ ସମ୍ମାନ ହାପୁଡ ଦିଲ୍ଲୀ-ଗାଜିଆବାଦ, ଗିରିଡା ନାଟ୍ୟ ସମ୍ମାନ-ବିହାର, ମୋଗଲସରାଇ ନାଟ୍ୟ ସମ୍ମାନ-ଆଗ୍ରା, ମଠଖାଇ ନାଟ୍ୟ ସମ୍ମାନ-ବଲାଙ୍ଗୀର ଆଦି ପାଇଛି।

**ନାଟକ ଓ ନୃତ୍ୟ କ୍ଷେତ୍ରରେ ଆପଣଙ୍କ କୃତି ?**

▶ ମୋ ନିର୍ଦ୍ଦେଶିତ ନାଟକ 'ମାନ୍ୟବର ଗାଡ଼ଭାଲୁ' ଅଲ ଇଣ୍ଡିଆ ରେଡିଓ ,ବଲାଙ୍ଗୀର ଦ୍ୱାରା ୬୦୦ରୁ ଊର୍ଦ୍ଧ୍ୱ ଥର ପ୍ରସାରଣ ହୋଇଛି। ଭରତ ଚନ୍ଦ୍ର ମିଶ୍ରଙ୍କ ରଚିତ ଓ ମୋ ନିର୍ଦ୍ଦେଶିତ ଗୀତିନାଟ୍ୟ ରାଧା ମାଜିଷ୍ଟ୍ରେଟ୍ କୃଷ୍ଣ ମୁଦାଲା ବେଶ ସଫଳତା ପାଇଥିଲା। ୨୦ ବର୍ଷ ତଳେ ଏହି ଗୀତିନାଟ୍ୟ ପ୍ରଦର୍ଶନ କରି ୪୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିକୁ ପ୍ରଦାନ କରି ପାରିଥିଲୁ। ସୁରେଶ ଚନ୍ଦ୍ର ସାହୁଙ୍କ ରଚନା ଓ ମୋ ନିର୍ଦ୍ଦେଶିତ ନାଟକ ମେରା ଭାରତ ମହାନ୍, କଂସର ଆତ୍ମା ଓ ସୃଷ୍ଟି ସର୍ବଭାରତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଥିଲା।

**କେଉଁ ନାଟକ ଆପଣଙ୍କୁ ଦେଶ ବିଦେଶରେ ପରିଚିତ କରିଛି ?**

▶ ୬୦୦ରୁ ଊର୍ଦ୍ଧ୍ୱ ନାଟକ ପାଇଁ ନିର୍ଦ୍ଦେଶନା ଦେବା ସହ ଅଭିନୟ କରିଛି। ବିଶ୍ୱ ସନ୍ଥ ଭୀମ, ସୃଷ୍ଟି, ଆଶ୍ରା, ପଘା, ଜୀବ ପରମ ସମ୍ବାଦ ଆଦି ନାଟକ ରଚନା କରିଛି। ମୋ ଦ୍ୱାରା ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର ଶଶିସେଣା ଓ ପଘା ଦେଶ ବିଦେଶରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଶଶିସେଣା ପାଇଁ ପ୍ୟାରିସ୍‌ରେ ଓ ପଘା ପାଇଁ ବାର୍ସିଲୋନାରେ ସମ୍ବର୍ଦ୍ଧିତ ହୋଇଛି। ଉତ୍ତର ପ୍ରଦେଶର ଶାହାଜାହାନପୁରରେ ୨୨ଟି ହିନ୍ଦୀ ନାଟକ ଓ ଆମର ଗୋଟିଏ ଓଡ଼ିଆ ନାଟକ ମଞ୍ଚସ୍ଥ ହୋଇଥିଲା। ଆମ ନାଟକ ୭ଟି ପୁରସ୍କାର ପାଇଥିଲା। ସେହିପରି ଦୂରଦର୍ଶନରେ ପ୍ରସାରିତ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ମାଟିର ସଙ୍ଗୀତ, ମନ୍ଦିରମାଳିନୀ ସୋନପୁର ଓ ସୁବର୍ଣ୍ଣ ସୁରଭି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲା। ସିଡୀ ଚଳଚ୍ଚିତ୍ର ନାବ୍‌କେଲୀ, ସାଇଲେନ୍ସ ପ୍ଲିଜ୍ ଓ ପ୍ରଥମ ଭେଟ୍ କୁ ଦର୍ଶକ ଗ୍ରହଣ କରିଥିଲେ।

**ଦୂରଦର୍ଶନରେ ଆପଣଙ୍କ ନିର୍ଦ୍ଦେଶିତ ଲୋକନୃତ୍ୟ କ'ଣ?**

▶ ଶବର-ଶବରୁଣୀ, ବୀଣାକାର-କାରୁଆଣୀ, ପତର ସଉରା-ସଉରାଣୀ, କରମସାନୀ ନୃତ୍ୟ, ଶିବପାର୍ବତୀ ନୃତ୍ୟ, ସମ୍ପ୍ରଦା ନୃତ୍ୟ, ଭାଇ ଦରବାର, ଡାଲଖାଇ ନୃତ୍ୟ ଓ ଚୁଟ୍‌କୁଟା କୃଷି ସମ୍ବନ୍ଧୀୟ ଲାଇଫ୍ ଟେଲିକାଷ୍ଟର ନିର୍ଦ୍ଦେଶନା ଦେଇଛି। ଏହା ଦୂରଦର୍ଶନରେ ପ୍ରସାରିତ ହୋଇଛି।

**ଚଳଚ୍ଚିତ୍ରରେ ଅଭିନୟ ସମ୍ପର୍କରେ କିଛି କହିବେ ?**

▶ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଶଲାବୁଢ଼ାରେ ଖଳ ନାୟକ ଲୋଚନ ଚରିତ୍ରରେ ଅଭିନୟ କରି ଅନ୍ତର୍ଜାତୀୟ ସମ୍ମାନ ପାଇଛି। ସେହିପରି ଆଦିମ ବିଚାରରେ ମାଷ୍ଟ୍ରେ ଆଜ୍ଞା ଚରିତ୍ର ପାଇଁ ବି ଅନ୍ତର୍ଜାତୀୟ ସମ୍ମାନ ମିଳିଛି। ନିକଟରେ ମୁକ୍ତିଲାଭ କରିଥିବା ଶଲାବୁଢ଼ାର ବଦ୍‌ଲାରେ ମୁଁ ମଙ୍ଗଲୁ ଚରିତ୍ରରେ ଅଭିନୟ କରିଛି। ସେହିପରି ତରଙ୍ଗ ଟିଭିରେ ପ୍ରସାରିତ ଦୁର୍ଗା ସିରିୟଲରେ ମୁଁ ରଘୁ ଅଜା ଭୂମିକାରେ ଅଭିନୟ କରୁଛି।

-ମୃତ୍ୟୁଞ୍ଜୟ ଶତପଥୀ

---



# ତିନିଫୁଟିଆ ମହାରାଜା ଦୋସା

ଖାଦ୍ୟ ରୁଚି

ସମ୍ବଲପୁର ଜିଲା ରେଙ୍ଗାଲି ବାଇପାସ ଛକ ନିକଟରେ ହଟ୍‌ସ୍ପାଇସ ରେସ୍ତୋରାଁ ରହିଛି। ୧୦ ନମ୍ବର ରାଜପଥ (ବିଜୁ ଏକ୍ସପ୍ରେସ) ପାର୍ଶ୍ୱରେ ଏହା ରହିଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଗ୍ରାହକମାନେ ଏଠାକୁ ଆସିଥାନ୍ତି। ଗ୍ରାହକମାନଙ୍କ ରୁଚି ଅନୁସାରେ ଏଠାରେ ଡିଶ୍ ପ୍ରସ୍ତୁତ ହୋଇଥାଏ। ଏହି କ୍ରମରେ ତିନିଫୁଟିଆ ମହାରାଜା ଦୋସା ରେସ୍ତୋରାଁର ପ୍ରମୁଖ ଡିଶ୍ ମଧ୍ୟରେ ଅନ୍ୟତମ। ଏହାର ଲମ୍ବ ୩ ଫୁଟ ଥିବାବେଳେ ମୂଲ୍ୟ ରହିଛି ୯୯ ଟଙ୍କା। ଏହାକୁ ୨ଜଣ ଗ୍ରାହକ ଖାଇଥାନ୍ତି। ଯଦି ଜଣେ ଗ୍ରାହକ ଏହାକୁ ଜଳଖିଆ ଓ ସନ୍ଧ୍ୟାରେ ଖାଇବେ ତେବେ ତାଙ୍କୁ ମଧ୍ୟାହ୍ନ କିମ୍ବା ରାତ୍ରି ଭୋଜନର ଆବଶ୍ୟକତା କ୍ୱଚିତ ହୋଇଥାଏ ବୋଲି କହନ୍ତି ରେସ୍ତୋରାଁର ସେଫ୍ ଜ୍ଞାନରଞ୍ଜନ ପଣ୍ଡା।

## ଆବଶ୍ୟକ ସାମଗ୍ରୀ

- ବିରି: ୨୦ ଗ୍ରାମ
- ଚାଉଳ: ୬୦ ଗ୍ରାମ
- ମେଥିଦାନା: ୨ ଗ୍ରାମ
- ବୁଟ ଡାଲି: ୫ ଗ୍ରାମ
- ଲୁଣ: ସ୍ୱାଦ ଅନୁସାରେ
- ଚିନି: ସ୍ୱାଦ ଅନୁସାରେ
- ହରଡ ଡାଲି: ୨୦ ଗ୍ରାମ
- କୋଳଥ ଡାଲି: ୧୦ ଗ୍ରାମ
- ବାଇଗଣ: ୨୦ ଗ୍ରାମ
- ଟମୋଟା: ୫୦ ଗ୍ରାମ
- ଚଣାଡାଲି: ୨୦ ଗ୍ରାମ
- ବାଦାମ: ୨୦ ଗ୍ରାମ
- ନଡିଆ: ୫୦ ଗ୍ରାମ
- ଦହି: ୨୦ ଗ୍ରାମ
- କଞ୍ଚା ଓ ଶୁଖିଲା ଲଙ୍କା: ୫ ଗ୍ରାମ
- ଆମ୍ବଅଦା ଓ ଅଦା: ୨୦ ଗ୍ରାମ
- ପଞ୍ଚଫୁଟଣ: ୫ ଗ୍ରାମ
- ଆଳୁ: ୧୦୦ ଗ୍ରାମ
- ପିଆଜ: ୧୦ ଗ୍ରାମ
- ଗ୍ରୀନ ମଟର: ୨୦ ଗ୍ରାମ
- ପନିର: ୨୦ ଗ୍ରାମ
- ରସୁଣ: ୪ ଗ୍ରାମ

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବିରି, ଚାଉଳ, କୋଳଥଡାଲି ପାଣିରେ ଧୁଆ ଯାଇ ଗୁଣ୍ଡ କରାଯାଏ। ଗୁଣ୍ଡ ପରେ ଅଳ୍ପ ପାଣି ଦେଇ ତାକୁ ବହଳିଆ କରାଯାଇ ସ୍ୱଚ୍ଛ ପାତ୍ରରେ ଢାଙ୍କୁଣି ଘୋଡ଼ାଇ ୪ଘଣ୍ଟା ପର୍ଯ୍ୟନ୍ତ ଫୋମ୍ ଫର୍ମେଶନ ହେବା ପର୍ଯ୍ୟନ୍ତ ରଖାଯାଇଥାଏ। ଏହାପରେ ଅଳ୍ପ ଆଞ୍ଚରେ ତାୱା ଗରମ ହେବା ପରେ ପୂର୍ବରୁ ବିରି, ଚାଉଳ ଓ କୋଳଥ ଡାଲିରେ ପ୍ରସ୍ତୁତ ହୋଇଥିବା ପିଠଉକୁ ଅଣ୍ଡାକୃତି ଆକାରରେ ୩ ଫୁଟ ଲମ୍ବା କରାଯାଇଥାଏ। ପରେ ଆଞ୍ଚକୁ ସାମାନ୍ୟ ଅଧିକ କରାଯାଏ। ତା ଉପରେ ଡାଲି, ବୁଟଡାଲି, କୋଳଥଡାଲି, ପଞ୍ଚଫୁଟଣ, ଲଙ୍କା ୨ଟା, କଟା ହୋଇଥିବା ପିଆଜ, ଆଳୁ, ବାଦାମ, ପନିର ମିଶ୍ରଣରେ ପ୍ରସ୍ତୁତ ହୋଇଥିବା ଆଳୁ ମସଲା ଦିଆଯାଏ। ୨ ମିନିଟ୍ ପରେ ଦୋସା ପ୍ରସ୍ତୁତ ହୋଇଥାଏ। ଏକ ପ୍ଲେଟରେ୍ ରଖାଯାଇଥିବା କଦଳୀ ପତ୍ର ଉପରେ ଦୋସାକୁ ରଖାଯାଏ। ଦୋସା ଚତୁଃପାର୍ଶ୍ୱରେ ହରଡ, କୋଳଥଡାଲି, ବାଇଗଣ, ମୁନଗା, ପିଆଜ, ଭୃସୁଙ୍ଗପତ୍ର, ଶୁଖିଲା ଲଙ୍କା, ସୋରିଷ, ଟମାଟୋ, ଜିରାଗୁଣ୍ଡ, ଧନିଆପତ୍ରରେ ପ୍ରସ୍ତୁତ ହୋଇଥିବା ସାମ୍ବର ଏବଂ ରସୁଣ, ଅଦା, ଟମାଟୋ, ଶୁଖିଲା ଲଙ୍କାରେ ତିଆରି ହୋଇଥିବା ରସୁଣ ଚଟଣି ଓ ଚଣାଡାଲି, ବାଦାମ, ନଡିଆ, ଦହି, ଆମ୍ବଅଦା, ଚିନି, ପଞ୍ଚଫୁଟଣରେ ପ୍ରସ୍ତୁତ ହୋଇଥିବା ନଡିଆ ଚଟଣିକୁ ତିନୋଟି ପାତ୍ରରେ ରଖି ଗାର୍ନିସିଂ କରାଯାଇ ଗ୍ରାହକମାନଙ୍କୁ ପରଷା ଯାଇଥାଏ।

ପ୍ରସ୍ତୁତି: ବି. ଶଙ୍କର



ସେଫ୍ ଜ୍ଞାନରଞ୍ଜନ ପଣ୍ଡା

---

# ସକାଳେ ସୂର୍ଯ୍ୟ ନମସ୍କାର, ପ୍ରାଣାୟାମ

ଫିଟନେସ୍

ନିଜର ୟୁନିକ୍ ଭଏସ୍ ପାଇଁ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଓଲିଉଡ ଜଗତରେ ବେଶ ପରିଚିତ। ଗତ କିଛିବର୍ଷ ହେବ ତାଙ୍କର ଅନେକ ଗୀତକୁ ଶ୍ରୋତା ପସନ୍ଦ କରିବା ସହ ହିଟ୍‌ର ମୋହର ମାରିଛନ୍ତି। ୨୦୧୮ ମସିହାରେ ସତ୍ୟଜିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ ହାସଲ କରିଥିଲେ। ତେବେ ନିଜର ଫିଟନେସ୍ ପାଇଁ ସେ ବିଶେଷ ଧାନ ଦିଅନ୍ତି ବୋଲି କୁହନ୍ତି।



ସତ୍ୟଜିତ୍ ପ୍ରଧାନ

ସକାଳୁ ଉଠିବା ପରେ କିଛି ସମୟ ଯୋଗ, ପ୍ରାଣାୟମରେ ସମୟ ବିତାଏ। ଯୋଗ, ପ୍ରାଣାୟାମ ଦ୍ୱାରା କେବଳ ଶରୀର ଫିଟ୍ ରୁହେନି, ସୁସ୍ଥ ମାନସିକତା ଜାଗ୍ରତ ହୁଏ। ମୃଦୁ ପାନୀୟ ଆଦୌ ପିଏ ନାହିଁ। ସକାଳଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ଉଷୁମ ପାଣି ପିଇବାକୁ ପ୍ରାଧାନ୍ୟ ଦିଏ। ବ୍ରେକଫାଷ୍ଟରେ ଗଜା ବୁଟ ଓ ଛତୁଆ ନିୟମିତ ଖାଇଥାଏ।

## ମିଠା ଠାରୁ ଦୂରରେ ରୁହେ

ମିଠା ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। ମୁଁ ବି ମିଠା ଜାତୀୟ ଖାଦ୍ୟ ଖାଇବାକୁ ଭଲ ପାଏ। ହେଲେ ନିଜକୁ ଫିଟ ରଖିବା ପାଇଁ ମନସ୍ଥ କରିବା ଦିନଠାରୁ ମିଠାଠାରୁ ଦୂରରେ ରହୁଛି। କଟକିଆ ହୋଇଥିବାରୁ ଦହିବରାକୁ ଆଡେଇ ପାରେନି। ଯେଉଁଠି ସୁଯୋଗ ମିଳେ, ଦହିବରା ଖାଏ।

## ପ୍ରୋଗ୍ରାମ ଥିଲେ ଭେଜ୍ ଖାଏ

କୌଣସି ଓବିଂ କିମ୍ବା ଷ୍ଟେଜ ସୋ ପ୍ରୋଗ୍ରାମକୁ ଯିବାକୁ ଥିଲେ ଘରେ ଭଲ ଭାବେ ଖାଇ ଦେଇ ଯାଏ। ସେଠାରେ ଭୋକ ଲାଗିଲେ ମସଲାଯୁକ୍ତ ଖାଦ୍ୟ ଜମା ଖାଏନି। ଭେଜ ଖାଇବାକୁ ଭଲ ପାଏ। ରୁଟି, ସନ୍ତୁଳା ହେଲେ ବି କୌଣସି ଆପତ୍ତି କରେନାହିଁ।

-କୁମାରଶ୍ରୀ ସାହୁ

---

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

latecityselfie@gmail.com



କୃପାସିନ୍ଧୁ



ସୂର୍ଯ୍ୟକାନ୍ତ



ସନ୍ତୋଷ



ସାଲୋନୀ



ସୌମ୍ୟଜିତ



ସଞ୍ଜୟ



ପ୍ରଫୁଲ୍ଲ



ବିଲାଲରାଜା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ହାର୍ଡକୋର ମାଓବାଦୀଙ୍କ ସମେତ ୮ଜଣଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୮।୩(ଡି.ଏନ.ଏ.)**

ମାଲକାନଗିରି ଏସପିଙ୍କ ନିକଟରେ ବୁଧବାର ଜଣେ ହାର୍ଡକୋର ମାଓବାଦୀ ଶାମ୍ବା ଖରାଙ୍କ ସମେତ ୮ଜଣ ଆତ୍ମସମର୍ପଣ କରିଛନ୍ତି। ଶାମ୍ବାଙ୍କ ଘର ସ୍ୱାଭିମାନ ଅଞ୍ଚଳର ପାପରମେଟଲା ଥାନା ଅନ୍ତର୍ଗତ ଲୁଛାପାଣି ଗ୍ରାମରେ। ଶାମ୍ବାଙ୍କ ସହ ଆତ୍ମସମର୍ପଣ କରିଥିବା ବ୍ୟକ୍ତିମାନେ ମିଲିସିଆ ସଦସ୍ୟ ବୋଲି ଜଣାପଡ଼ିଛି। ଶାମ୍ବା କୋରାପୁଟ ଓ ମାଲକାନଗିରି ଜିଲାରେ ପୂର୍ବରୁ ପୋଲିସ ସହ ହୋଇଥିବା କେତେକ ଗୁଳିବିନିମୟ, ଲ୍ୟାଣ୍ଡମାଇନ ବିସ୍ଫୋରଣ, ଆନ୍ଧ୍ରପ୍ରଦେଶ ବିଧାୟକ କେ.ଏସ୍. ରାଓ ଏବଂ ପୂର୍ବତନ ବିଧାୟକ ସିଭେରି ସୋମା ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେ ୨୦୧୭ରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ।



ଆତ୍ମସମର୍ପଣ କରିଥିବା ୮ ମାଓବାଦୀ।

ଆତ୍ମସମର୍ପଣ ବେଳକୁ ଶାମ୍ବା ଆନ୍ଧ୍ର-ଓଡ଼ିଶା ସୀମାନ୍ତ ସ୍ୱତନ୍ତ୍ର ଜୋନାଲ କମିଟି ମିଲିଟାରୀ ପ୍ଲାଟୁନ ନଂ.-୧ରେ ପାର୍ଟି ମେମ୍ବର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ସରକାର ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ତାଙ୍କ ସହ ଆତ୍ମସମର୍ପଣ କରିଥିବା ମିଲିସିଆ ସଦସ୍ୟମାନେ ହେଲେ ସ୍ୱାଭିମାନ ଅଞ୍ଚଳ ସିମିଳିପଦର ଗ୍ରାମର ଭାସ୍କର ଖିଲ, ଜୋଗି ଖରା, ତ୍ରିନାଥ ଖିଲ, ରାଧାବା ଖିଲ, ଖଡ୍ରୁ ହନ୍ତାଳ, ତାରାବେଡ଼ା ଗ୍ରାମର ରଘୁରାମ ହନ୍ତାଳ ଓ ଗୌଡ଼ପୁଟ ଗ୍ରାମର ନିନ୍ଦି ପାଙ୍ଗି। ଗୁରୁପ୍ରିୟା ସେତୁ ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ହେଉଛି। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସେମାନେ ଆତ୍ମସମର୍ପଣ କରିଛନ୍ତି ବୋଲି ମାଲକାନଗିରି ଏସପି ଋଷିକେଶ ଡି. ଖିଲାରି କହିଛନ୍ତି। ସେମାନଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସହାୟତା ମିଳିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଏସପି କହିଛନ୍ତି। ଏହି ସମ୍ମିଳନୀରେ ବିଏସ୍ଏଫ୍‌ର କମାଣ୍ଡାଣ୍ଟ ଏ.କେ. ଆର୍ଯ୍ୟ ଉପସ୍ଥିତ ଥିଲେ।

# ଆଜିଠୁ ମାଟ୍ରିକ ଖାତା ମୂଲ୍ୟାୟନ

- ୬୧ କେନ୍ଦ୍ରରେ ନିୟୋଜିତ ହେବେ ୧୬ ହଜାର ପରୀକ୍ଷକ
- କାର୍ଯ୍ୟକାରୀ ହେବ କରୋନା ଗାଇଡ୍ ଲାଇନ

**କଟକ ଅଫିସ,୧୮।୩:** ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଦ୍ୱାରା ଆୟୋଜିତ ଦଶମ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାୟନ ଗୁରୁବାରଠାରୁ ଆରମ୍ଭ ହେବ। ୬୧ଟି କେନ୍ଦ୍ରରେ ପ୍ରାୟ ୧୬ହଜାର ପରୀକ୍ଷକ ନିୟୋଜିତ ହୋଇଛନ୍ତି। ଖାତା ମୂଲ୍ୟାୟନ ପାଇଁ ସମସ୍ତ କେନ୍ଦ୍ରଗୁଡ଼ିକରେ ବୁଧବାର ସନ୍ଧ୍ୟା ସୁଦ୍ଧା ପରୀକ୍ଷକମାନେ ପହଞ୍ଚି ସାରିଛନ୍ତି। ଏଥର କରୋନା ଆଶଙ୍କା ଯୋଗୁ ସ୍ୱାସ୍ଥ୍ୟ ବିଭାଗର ଗାଇଡ ଲାଇନ ଅନୁଯାୟୀ ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ରାମାଶିଷ ହାଜରା କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଗାଇଡ୍‌ଲାଇନ ଅନୁଯାୟୀ ପ୍ରତ୍ୟେକ ପରୀକ୍ଷକଙ୍କ ମଧ୍ୟରେ ଏକ ମିଟରର ଦୂରତା ରଖାଯିବ। ଖାତା ମୂଲ୍ୟାୟନ ପୂର୍ବରୁ ଡିସ୍‌ଇନ୍‌ଫେକ୍ଟାଣ୍ଟରେ ସମସ୍ତ ଚେୟାର ଟେବୁଲ ପୋଛାଯିବ। ଏହାବ୍ୟତୀତ କେନ୍ଦ୍ରର ପର୍ଯ୍ୟାପ୍ତ ସାନିଟାଇଜର ଓ ସାବୁନ ମହଜୁଦ ରଖାଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ପରୀକ୍ଷକଙ୍କୁ ୩ଟି ଗ୍ରୁପରେ ବିଭକ୍ତ କରାଯାଇ ପୃଥକ ଭାବେ ୩ପର୍ଯ୍ୟାୟରେ କେନ୍ଦ୍ରକୁ ପ୍ରବେଶ ଓ ପ୍ରସ୍ଥାନ କରିବେ। ପ୍ରଥମ ଗ୍ରୁପ ପୂର୍ବାହ୍ନ ୮ଟା୩୦ରେ ପ୍ରବେଶ କରି ଅପରାହ୍ନ ୨ଟା୩୦ରେ ବାହାରିବେ। ସେହିପରି ଦ୍ୱିତୀୟ ଗ୍ରୁପ ପୂର୍ବାହ୍ନ ୯ଟା୩୦ରେ ପ୍ରବେଶ କରି ଅପରାହ୍ନ ୩ଟା୩୦ ବାହାରିବେ ଓ ତୃତୀୟ ଗ୍ରୁପ ୧୦ଟା୩୦ରେ ପହଞ୍ଚି ଅପରାହ୍ନ ୪ଟା୩୦ରେ ବାହାରିବେ। ଏ ସବୁ ବ୍ୟବସ୍ଥା ବ୍ୟତୀତ ଯଦି କେହି ଅସୁସ୍ଥ ଅନୁଭବ କରିବେ ତାଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚାଇ ଚିକିତ୍ସା କରା ଯିବ। ଏଥର ୫ଲକ୍ଷ ୬୦ହଜାର ୯୦୫ଜଣ ପରୀକ୍ଷା ଦେଇଛନ୍ତି।

## ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ବିଜ୍ଞାପନ ସଂଖ୍ୟା: ୬୩୨ / ଉଦ୍ୟାନ ତା୧୬।୦୩।୨୦୨୦

### ଆମ୍ବ ଓ ଲିଚୁ ଫଳର ନିଲାମ ନୋଟିସ

**No. L-114:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଧୀନରେ ଥିବା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୁଆଁର ଫାର୍ମର ୮୪୮ଗୋଟି ଫଳନ୍ତି ଆମ୍ବଗଛର ଫଳ ଓ ୩୭ଟି ଲିଚୁ ଗଛର ଫଳ, ତରମାକାନ୍ତ ଫାର୍ମର ୮୦ଗୋଟି ଆମ୍ବ ଗଛର ଫଳ ନିଲାମ ଜରିଆରେ ବିକ୍ରୟ କରାଯିବ। ନିଲାମ ତା୦୭।୦୪।୨୦୨୦ରିଖ ଦିନ ସ୍ଥିର କରାଯାଇଛି। ଆଗ୍ରହୀ ନିଲାମଧାରୀ ଯେକୌଣସି ସରକାରୀ କାର୍ଯ୍ୟଦିବସରେ କୁଆଁର ଫାର୍ମ, ତରମାକାନ୍ତ ଫାର୍ମର ଫଳ ବଗିଚା ପରିଦର୍ଶନ କରିପାରିବେ। ବିଭିନ୍ନ ଫାର୍ମ ଓ ନର୍ସରୀ ପାଇଁ ପୃଥକ୍ ପୃଥକ୍ ଭାବେ ଟେଣ୍ଡର ଫର୍ମ ଓ ନିଲାମ ସମ୍ବନ୍ଧୀୟ ନିୟମାବଳୀ ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟରୁ ୨୦ ଟଙ୍କା ବିନିମୟରେ ପ୍ରତ୍ୟେକ କାର୍ଯ୍ୟଦିବସରେ ପାଇପାରିବେ। ପ୍ରାର୍ଥୀମାନେ ଭିନ୍ନ ଭିନ୍ନ ଫାର୍ମ ଓ ନର୍ସରୀ ପାଇଁ ଭିନ୍ନ ଭିନ୍ନ ଟେଣ୍ଡର ଫର୍ମ ଜଉମୁଦ ଦିଆ ଲଫାପାରେ ତା୦୬।୦୪।୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି ଡାକ ଅଥବା କୋରିଅର ଡାକ ସେବା ଯୋଗେ ଦାଖଲ କରିବା ଆବଶ୍ୟକ। ପ୍ରତ୍ୟେକ ନିଲାମଧାରୀ ଫାର୍ମ ଓ ନର୍ସରୀ ଅନୁଯାୟୀ ନିଲାମ ମୂଲ୍ୟ ପ୍ରଦାନ କରିବେ। ପ୍ରତ୍ୟେକ ଟେଣ୍ଡର ଫର୍ମ ପାଇଁ ପୃଥକ୍ ପୃଥକ୍ ଭାବେ ଅମାନତ ରାଶି ନିମ୍ନମତେ ଦାଖଲ କରିବେ।

| କ୍ର. ନଂ. | ଫାର୍ମର ନାମ | ନିଲାମ ଦିଆଯିବା ଗଛ ସଂଖ୍ୟା | ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କେନ୍ଦୁଝର ଶାଖା ଜରିଆରେ | ମନ୍ତବ୍ୟ |
|---|---|---|---|---|
| ୧ | କୁଆଁର ଫାର୍ମ | ୮୪୮ ଆମ୍ବ ଓ ୩୭ ଲିଚୁ | ନିଲାମ ଡାକିଥିବା ମୂଲ୍ୟର ୧୦ ଶତକଡ଼ା (ଉଦାହରଣ– ଯଦି ଆପଣ ୧(ଏକ) ଲକ୍ଷ ଟଙ୍କାର ନିଲାମ ଡାକିଅଛନ୍ତି, ତେବେ ୧୦,୦୦୦.୦୦ ଟଙ୍କାର ଅମାନତ ମୂଲ୍ୟର ବ୍ୟାଙ୍କ୍ ଡ୍ରାଫ୍ଟ ଦାଖଲ କରିବେ।) | ନିଲାମଧାରୀ ଫାର୍ମ ଅନୁଯାୟୀ ନିଲାମ ମୂଲ୍ୟ ପ୍ରଦାନ କରିବେ |
| ୨ | ତରମାକାନ୍ତ ଫାର୍ମ | ୮୦ ଆମ୍ବ ଗଛ | | |

ଉକ୍ତ ତା୦୭।୦୪।୨୦୨୦ରିଖ ପୂର୍ବାହ୍ନ ୧୧.୩୦ ସମୟରେ ଉଦ୍ୟାନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ନିଲାମ କମିଟିର ସଭ୍ୟବୃନ୍ଦ ଓ ପ୍ରାର୍ଥୀମାନଙ୍କ ସମ୍ମୁଖରେ ଜଉମୁଦ ଦିଆ ଲଫାପାଗୁଡ଼ିକ ଖୋଲାଯିବ। ଭିନ୍ନ ଭିନ୍ନ ଫାର୍ମ ପାଇଁ ଭିନ୍ନ ଭିନ୍ନ ଭାବେ ନିଲାମ ପ୍ରକ୍ରିୟା ଏକ ସମୟରେ ସମ୍ପାଦନ କରାଯିବ। ଅସଫଳ ପ୍ରାର୍ଥୀଙ୍କର ଅମାନତ ଜମାରାଶି ବାବଦକୁ ଜମା କରିଥିବା ବ୍ୟାଙ୍କ ଡ୍ରାଫ୍ଟଟି ସେହି ନିଲାମ ସ୍ଥାନରେ ଫେରସ୍ତ କରି ଦିଆଯିବ। ନିଲାମରେ ସଫଳ ପ୍ରାର୍ଥୀଙ୍କୁ ସେହିଦିନ ନିଲାମ ମୂଲ୍ୟର ସମ୍ପୂର୍ଣ୍ଣ ମୂଲ୍ୟ ଅପରାହ୍ନ ୫ଘଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼ିବ। ନିଲାମ ଧାର୍ଯ୍ୟ ହୋଇଗଲା ପରେ ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଯଦି ଫଳ ବଗିଚାର କୌଣସି କ୍ଷୟକ୍ଷତି ହୁଏ, ତେବେ ସେଥିପାଇଁ ନିମ୍ନ ସ୍ୱାକ୍ଷରକାରୀ ଦାୟୀ ହେବେ ନାହିଁ। କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ନିଲାମକୁ ରଦ୍ଦ କରିପାରିବେ।

ସ୍ୱା./– ଓମ୍ ପ୍ରକାଶ ରଥ
ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝର

OIPR-01405/11/0001/1920

## ରକ୍ତ କର୍କଟ ପୀଡ଼ିତ ଛାତ୍ରଙ୍କ ଆକୁଳ ଅଭିବ୍ୟକ୍ତି

# ସ୍କୁଲ ଯିବି, ପାଠ ପଢ଼ିବି

**ଅମରପାଲି, ୧୮।୩ (ଡି.ଏନ.ଏ)**

ସ୍କୁଲ ଯିବି, ସାଙ୍ଗ ସାଥିଙ୍କ ସହ ପାଠ ପଢ଼ିବି। ଖେଳାବୁଲା କରିବାକୁ ଇଚ୍ଛା ହେଉଛି। ମାତ୍ର ଅସୁସ୍ଥତା ଯୋଗୁ ସ୍କୁଲ ଯାଇ ପାରୁନି କି ସାଙ୍ଗ ସାଥିଙ୍କ ସହ ଖେଳାବୁଲା କରିପାରୁନି। ଭଲ ହୋଇଗଲେ ପୁଣି ସ୍କୁଲ ଯାଇ ପାଠ ପଢ଼ିବି। ଏହାଥିଲା ଜଣେ ରକ୍ତକର୍କଟ ପୀଡ଼ିତ ଛାତ୍ରଙ୍କ ଆକୁଳ ଅଭିବ୍ୟକ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଗୁଦଗୁଦା ଗ୍ରାମର ଭଗବାନ ମିର୍ଦ୍ଧା। ଝିଅ ,୧୪ବର୍ଷର ପୁଅ ଶମ୍ଭୁ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ପରିବାର। ବଡଭଉଣୀ ଦୀପାଞ୍ଜଳି ମିର୍ଦ୍ଧା ବଡମାଲ କଲେଜରେ ଯୁକ୍ତଦୁଇ ଓ ଶମ୍ଭୁ ନିକଟସ୍ଥ ଅମରପାଲି ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ୨୦୧୯ ଜୁଲାଇ ମାସରେ ହଠାତ ଅସୁସ୍ଥ ହୋଇ ପଡିଲେ ଶମ୍ଭୁ। ଭଗବାନ ତାଙ୍କୁ ବୀରମହାରାଜପୁର ଓ ପରେ ବୁର୍ଲା ମେଡିକାଲରେ ଚିକିତ୍ସା କରାଇଲେ। ବୁର୍ଲାରେ ୮ ଦିନର ଚିକିତ୍ସା ପରେ ସେ ରକ୍ତକର୍କଟରେ ପୀଡିତ ବୋଲି ଡାକ୍ତରୀ ପରୀକ୍ଷାରୁ ଜଣାପଡିଥିଲା। ପୁଅର ଏଭଳି ଦୁରାରୋଗ୍ୟ ସମ୍ପର୍କରେ ଖବର ପାଇଲା ପରେ ଭାଙ୍ଗି ପଡିଲେ ଭଗବାନ। ତାଙ୍କୁ କଟକ ନେଇ ସେଠାରେ ୩ମାସ ଚିକିତ୍ସା କରାଇଲେ। ମାସକୁ ୮ଟି ଲେଖାଏ କେମୋ ମଧ ଦିଆଯାଇଥିଲା। କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ଭଗବାନ ପୁଅର ଚିକିତ୍ସା ପାଇଁ ସୁନା ରୁପା ଗହଣା ଯାହାଥିଲା ବିକି ଖର୍ଚ୍ଚ କଲାପରେ ଧାରଉଧାର କରି ଚିକିତ୍ସା କରୁଛନ୍ତି। ତାଙ୍କ ପରିବାରର ଜମିବାଡି କିଛିନାହିଁ। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅଧିକ ଚିକିତ୍ସା ହୋଇ ପାରୁନାହିଁ। ଏପରି କି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି କିମ୍ବା ରେଡକ୍ରସ ବିଭାଗରୁ କୌଣସି ଆର୍ଥିକ ସହାୟତା ମିଳିପାରୁ ନାହିଁ। ଏବେ ଶମ୍ଭୁଙ୍କ ଚିକିତ୍ସା କେମିତି ହେବ ସେ ନେଇ ଚିନ୍ତାରେ ଅଛନ୍ତି ପରିବାର ଲୋକେ।



ବାପା ମାଆ ସହ ରକ୍ତକର୍କଟ ଆକ୍ରାନ୍ତ ଶମ୍ଭୁ ।

## INSTITUTE ON MANAGEMENT OF AGRICULTURAL EXTENSION (IMAGE)

**(AN AUTONOMOUS INSTITUTE OF GOVERNMENT OF ODISHA)**
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879
E-mail : imagebbsr@rediffmail.com

No.CAD-1139

**INDICATIVE ADVERTISEMENT FOR CATERING SERVICE**

Sealed tenders are invited from bonafide Caterer / Food supplier / Hoteliers and restaurant owners engaged in outdoor catering services for providing catering services to IMAGE for the year 2020-21.

The detailed Terms of Reference (TOR) with schedule of items to be served can be obtained from the office of U/s on any working day on office hour from 21.03.2020 to 07.04.2020 on payment of Rs.1000/- either in cash or D.D. drawn in favour of Director, IMAGE, Siripur, Bhubaneswar-3 payable at SBI OUAT Campus Branch, BBSR-3

Sealed tenders may be submitted to the U/S super scribing on the sealed envelope "Tender for Catering Service" either by hand or by postal receivable up to 2.00 P.M on 07.04.2020. The tenders will be opened in presence of the tenderers or their authorized representatives who wish to be present at 4.00 P.M on the same date i.e. on 07.04.2020. The tender papers should be accompanied by MR towards security deposit of Rs.30,000/- (refundable) duly deposited in the O/o- U/S on or before 07.04.2020 in shape of D.D in favour of Director, IMAGE, Siripur, Bhubaneswar-3 payable at SBI, OUAT Campus Branch, BBSR-3.

The security deposit will be refunded to unsuccessful bidders. The successful tenderer has to execute an agreement in the prescribed format with the U/S and deposit additional security money as may be prescribed.

The U/S reserves the authority to reject /cancel any or all the tender papers without assigning any reason thereof.

**Director, IMAGE**
**OIPR-28009/11/0003/1920**

## ଓଡ଼ିଶା ସରକାର
# କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

**ସଂଖ୍ୟା-LA-UIIP-KLD-264** **ତା. 29.02.2020**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା-ହୀରାପୁର, ଥାନା-ଜୟପାଟଣା, ତହସିଲ-ଜୟପାଟଣା, ଜିଲ୍ଲା-କଳାହାଣ୍ଡି**ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କଳାହାଣ୍ଡି ଜିଲ୍ଲାର ଉପର ଇନ୍ଦ୍ରାବତୀ ଉଠାଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଖନନ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୩୪୮, ତା.୧୧।୦୮।୨୦୧୯ରିଖ**ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା-ହୀରାପୁର, ଥାନା- ଜୟପାଟଣା, ଜିଲ୍ଲା-କଳାହାଣ୍ଡି**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଏବଂ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ **www.kalahandi.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ- 'କ'**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ: ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହୀରାପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ. ୦.୩୫ | ଏଥି ସହିତ ସଂଲଗ୍ନ କରାଗଲା |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ କୌଣସି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ନୁହେଁ।

**ତଫସିଲ- 'ଖ'**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ: ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ:- ୨୨।୧୦।୨୦୧୯**

ରାଜ୍ୟପାଳଙ୍କ ଆଦେଶକ୍ରମେ
ଡ. ଗାଭାଲି ପରାଗ ହରଶାଦ
ଜିଲ୍ଲାପାଳ, କଳାହାଣ୍ଡି

**ଭୂମି ଅନୁସୂଚୀ**
**ମୌଜା: ହୀରାପୁର, ତହସିଲ: ଜୟପାଟଣା, ଥାନା: ଜୟପାଟଣା, ଜିଲ୍ଲା: କଳାହାଣ୍ଡି**
**ଉପର ଇନ୍ଦ୍ରାବତୀ ପ୍ରକଳ୍ପର ଉଠା ଜଳସେଚନ କେନାଲ ନିର୍ମାଣ ନିମନ୍ତେ**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| କଳାହାଣ୍ଡି | ଜୟପାଟଣା | ହୀରାପୁର | ଗ୍ରାମାଞ୍ଚଳ | ୧୪୧ | ୬୩୮<br>୬୩୫<br>୬୩୭ | ଆଟ ମାମୁଲି<br>ଆଟ ମାମୁଲି<br>ମାଳ ମାମୁଲି | ୧.୯୦<br>୪.୭୬<br>୦.୫୪ | ୦.୨୨<br>୦.୦୬<br>୦.୦୭ | ଝରିଆ ସିଂହ ଦିଶାରୀ, ପି: ବିରବଳ ଦିଶାରୀ, ଜା: ଭତରା, ସା: ନିଜଗାଁ |
| | | | | | | | ଏ.୭.୨୦ | ଏ.୦.୩୫ | |
| ମୌଜାର ମୋଟ ରୟତି ଜମି ୩ ପ୍ଲଟ୍‌କୁ ମୋଟ ରକବା ଏ.୭.୨୦ରୁ ଅଧିସୂଚିତ ରକବା ଏ.୦.୩୫ | | | | | | | | | |

ଡ. ଗାଭାଲି ପରାଗ ହରଶାଦ
ଜିଲ୍ଲାପାଳ, କଳାହାଣ୍ଡି

## ଓଡ଼ିଶା ସରକାର
# କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

**ସଂଖ୍ୟା.LA-UIIP-KLD-257** **ତା.୨୯।୦୨।୨୦୨୦**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଚାଚିଗୁଡା, ଥାନା-ଜୟପାଟଣା, ତହସିଲ-ଜୟପାଟଣା, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କଳାହାଣ୍ଡି ଜିଲ୍ଲାର ଉପର ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଖନନ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୩୫୪, ତା୧୧।୦୮।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ଚାଚିଗୁଡା, ଥାନା-ଜୟପାଟଣା, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ **www.kalahandi.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ, ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଚାଚିଗୁଡ଼ା | ଗ୍ରାମଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏ.୧.୨୪ | ଏଥିସହିତ ସଂଲଗ୍ନ କରାଗଲା |

- **ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ କୌଣସି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ନୁହେଁ।**

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ, ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ :- ୨୨।୧୦।୨୦୧୯**

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଡ. ଗାଭାଲି ପରାଗ ହରଶାଦ
ଜିଲ୍ଲାପାଳ, କଳାହାଣ୍ଡି

**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା : ଚାଚିଗୁଡ଼ା, ତହସିଲ : ଜୟପାଟଣା, ଥାନା-ଜୟପାଟଣା, ଜିଲ୍ଲା-କଳାହାଣ୍ଡି**
**ଉପର ଇନ୍ଦ୍ରାବତୀ ପ୍ରକଳ୍ପର ଉଠା ଜଳସେଚନ କେନାଲ ନିର୍ମାଣ ନିମନ୍ତେ**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| କଳାହାଣ୍ଡି | ଜୟପାଟଣା | ଚାଚିଗୁଡ଼ା | ଗ୍ରାମାଞ୍ଚଳ | ୧୯ | ୮୩<br>୮୭ | ଆଟ ମାମୁଲି<br>ବାହାଲ ମାମୁଲି | ୧.୯୬<br>୧.୧୭ | ୦.୧୮<br>୦.୧୯ | ଚକ୍ର ଭତରା, ଦିଆନ ଭତରା, ପି: ରଘୁ ଭତରା, ଜା:ଭତରା, ବା: ନିଜଗାଁ |
| କଳାହାଣ୍ଡି | ଜୟପାଟଣା | ଚାଚିଗୁଡ଼ା | ଗ୍ରାମାଞ୍ଚଳ | ୨୦ | ୨୧ | ବାହାଲ ମାମୁଲି | ୨.୦୨ | ୦.୭୫ | ଛିନୁ ଭତରା, ପି: ରୁଷି ଭତରା, ହରି ଭତରା, ପି: ବଖରିଆ ଭତରା, ଜା: ଭତରା, ବା: ନିଜଗାଁ |
| କଳାହାଣ୍ଡି | ଜୟପାଟଣା | ଚାଚିଗୁଡ଼ା | ଗ୍ରାମାଞ୍ଚଳ | ୩୯ | ୮୯ | ମାଳ ମାମୁଲି | ୪.୬୭ | ୦.୧୨ | ରଥ ଭତରା, ପି: ଜଗନ୍ନାଥ ଭତରା, ନାକ ଭତରା, ପି: କୋଷ୍ଣା ଭତରା, କୈକେୟୀ ବେୱା, ସ୍ୱା: କୋଷ୍ଣା ଭତରା, ଜା: ଭତରା, ବା: ନିଜଗାଁ |
| | | | | | | | ଏ.୯.୮୧ | ଏ.୧.୨୪ | |
| ମୌଜାର ମୋଟ ରୟତି ଜମି ୪ ପ୍ଲଟ୍‌କୁ ମୋଟ ରକବା ଏ.୯.୮୧ ରୁ ଅଧିସୂଚିତ ରକବା ଏ.୧.୨୪ | | | | | | | | | |

ଡ. ଗାଭାଲି ପରାଗ ହରଶାଦ
ଜିଲ୍ଲାପାଳ, କଳାହାଣ୍ଡି

# ଅତୀତରୁ..

➡ ୧୯୬୩ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ମାଣିକ ଯୋଡ଼ି'। ଧୀରେନ୍ଦ୍ର ନାଥ ବିଶ୍ୱାଳ ଚିତ୍ରଟିର ପ୍ରଯୋଜନା କରିଥିଲେ ଏବଂ ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ବାଳକୃଷ୍ଣ ଦାଶ। ସାମୁଏଲ ସାହୁ (ବାବି) ଏବଂ ଡା. ସୁଖଲତା ଦାସ ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

➡ 'ଉଡ଼ି ଉଡ଼ି ଉଡ଼ି ଯାରେ ଉଡ଼ି ହେ ମୋର ଗୁଡି, ଫୁଲେଇ ରାଣୀ ସଜଫୁଲ ଗୁଲୁଗୁଲିଆ, ପରଦେଶୀ ବନ୍ଧୁ ତମେ ଯିବ ଉଡ଼ି ଉଡ଼ିକି, ହେ ମୋ ହରିଣୀ ମଥାର ମଣି' ଆଦି ଗୀତ ସେ ସମୟରେ ସନେପ୍ରେମୀଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏପରି କି ଏବେ ମଧ୍ୟ ଅନେକେ ଏହି ସୁମଧୁର ଗୀତକୁ ଗୁଣୁଗୁଣେଇ ଥାଆନ୍ତି। ଅକ୍ଷୟ ମହାନ୍ତିଙ୍କ ସ୍ୱର ସଂଯୋଜନାରେ ଏହି ଗୀତଗୁଡ଼ିକ 'କିଏ କାହାର' ସିନେମାରେ ଦୃଶ୍ୟାୟିତ ହୋଇଥିଲା। ସାମୁଏଲ ସାହୁ (ବାବି), ରାମଚନ୍ଦ୍ର ପ୍ରତିହାରୀ, ଶରତ ପୂଜାରୀ, ଲୀଳା ଦୁଲାରୀ ଭାନୁମତି, ସୌଦାମିନୀ, ଗୀତା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

➡ ସନ୍ଦୀପ ଫିଲ୍ମସ ପ୍ରା.ଲି., କଲିକତା ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମେଘମୁକ୍ତି'। ଲଡୁଗୋପାଳ କାଜେରିଆ ଏହାର ପ୍ରଯୋଜନା କରିଥିଲେ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଥିଲେ ବିନୁ ବର୍ଦ୍ଧନ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ଶାନ୍ତନୁ ମହାପାତ୍ର। ଏହି ଫିଲ୍ମରେ ଅଜିତ୍ ଦାସ, ଶ୍ରୀରାମ ପଣ୍ଡା, ଜ୍ୟୋସ୍ନା ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଥିଲେ।



ବରୁଣ-ସାରା

# ବ | ଲି | ଉ | ଡ୍ | ହା | ଲ | ଚା | ଲ

▶ ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ରିମେକ୍ ଫିଲ୍ମ 'କୁଲି ନଂ. ୱାନ୍'ର ଡବିଂ ଶେଷ ହୋଇଛି। ଚଳିତ ବର୍ଷ ମେ' ୧ରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ବରୁଣ ଧାୱନ ଏବଂ ସାରା ଅଲ୍ଲୀ ଖାଁ।

▶ ଚଳିତବର୍ଷ ଏପ୍ରିଲରେ ରିଚା ଚଡ୍ଢା ଘରସଂସାର କରିବାକୁ ଯାଉଛନ୍ତି। ପ୍ରେମିକ ଅଲ୍ଲୀ ଫୈଜଲଙ୍କୁ ସେ ପତି ଭାବେ ବରଣ କରିବେ। ମ୍ୟାରେଜ୍ ରେଜିଷ୍ଟ୍ରେଶନ ପାଇଁ ଦୁହେଁ ନିକଟରେ ବମ୍ବେ ହାଇକୋର୍ଟରେ ଆବେଦନ କରିଛନ୍ତି। 'ଫୁକରି' ଫିଲ୍ମରେ ରିଚା-ଅଲ୍ଲୀ ଅଭିନୟ କରିଥିଲେ ଏବଂ ସେବେଠାରୁ ଦୁହେଁ ପ୍ରେମରେ ପଡ଼ିଯାଇଥିଲେ।

▶ ରେହା ଚକ୍ରବର୍ତ୍ତୀଙ୍କ ଡାଇମଣ୍ଡ ରିଂକୁ ନେଇ ଚର୍ଚ୍ଚା। ନିକଟରେ ତାଙ୍କ ପ୍ରେମିକ ସୁଶାନ୍ତ ସିଂ ରାଜପୁତଙ୍କ ଜନ୍ମଦିନ ଅବସରରେ ସେ ଏହି ଦାମୀ ଡାଇମଣ୍ଡ ରିଂ ଉପହାର ଦେଇଛନ୍ତି।

▶ ଲଣ୍ଡନରେ ଦୁଇ ସପ୍ତାହ ଧରି ଭ୍ୟାକେଶନ କାଟିସାରି ଆଲିୟା ବମ୍ବେ ଫେରିଛନ୍ତି। ହେଲେ ଏୟାରପୋର୍ଟରେ ରଣବୀର କପୁରଙ୍କ ସହ ନିକଟରେ ମ୍ୟାରେଜ୍‌କୁ ନେଇ ସେ କହିଛନ୍ତି ଯେ, 'ଏ ଉଡ଼ନ୍ତି ଉଡ଼ନ୍ତି ଖବର ହୈ'।



ଅମ୍ରିତା

# ନବାଗତା ଅମ୍ରିତା

ଆଉ ଜଣେ ବଙ୍ଗୀୟ ସୁନ୍ଦରୀ ଓଡ଼ିଆ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେ ହେଲେ ଅମ୍ରିତା। ତାଙ୍କୁ ଏଭଳି ବ୍ରେକ୍ ଦେଇଛନ୍ତି ପ୍ରଯୋଜକ ସଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକ। ଖାସ୍ କଥା ହେଲା, ଓଡ଼ିଆ ସିନେମାରୁ ହିଁ ଅମ୍ରିତା ତାଙ୍କର ଅଭିନୟ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି। ଆଉ ଚଳଚ୍ଚିତ୍ରଟି ହେଲା 'ହୀରାଲାଲ୍ ମୋତିଲାଲ୍'। ମୁନ୍ ଟିଭି ମୁଭିଜ୍ ବ୍ୟାନରରେ ଏହାର ଏକ୍‌ଜିକ୍ୟୁଟିଭ ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ପ୍ରଣୟ ଜେଠୀ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଅଶ୍ୱିନୀ ଗଡ଼ନାୟକ। ଖାଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ବାଳକୃଷ୍ଣ, ଅମର, ଗୁଣ୍ଟୁ, କାଳିଆ, ସୁମନ, ବାବୁ ପ୍ରଧାନ, ବ୍ରଜ ସିଂ, ହାଡ୍ଡୁ, ଦେବୁ ବ୍ରହ୍ମା, ହରି ବାବୁ ପ୍ରଧାନ, ଜୀବନ ପଣ୍ଡା, ସଲିଲ ମିତ୍ର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଖାସ୍ କଥା ହେଲା ଏଥିରେ ଛଅ ଜଣ ନୂଆ ନାୟିକା-ଅମ୍ରିତା, ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀଙ୍କୁ ଦେଖିବାକୁ ମିଳିବ। ସମ୍ପୂର୍ଣ୍ଣ କମେଡିଭିତ୍ତିକ ଏହି ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି କହିଛନ୍ତି ପ୍ରଯୋଜକ ସଚୀକାନ୍ତ।



ଦେବାଶିଷ-କାବ୍ୟା

# କଥା ରଖିଥିଲେ କିଆରା

ବଡ଼ ପରଦାରେ ଅଭିନୟ କରିବା ପୂର୍ବରୁ କିଆରା ଆଡ୍‌ୱାନିଙ୍କ ପ୍ରକୃତ ନାମ କ'ଣ ଥିଲା ଜାଣନ୍ତି? ଆଲିୟା ଆଡ୍‌ୱାନି। ତାଙ୍କ ଅଭିନୀତ ପ୍ରଥମ ସିନେମା 'ଫୁଗ୍‌ଲି'ର ଶୁଟିଂ ସମୟରେ ତାଙ୍କର ଭେଟ ହୋଇଥିଲା ସଲ୍‌ମାନ ଖାଁଙ୍କ ସହ। ସେତେବେଳେ ସଲ୍ଲୁ ମିଆଁ ତାଙ୍କୁ ନିଜ ନାମ ବଦଳାଇ କିଆରା ରଖିବାକୁ ପରାମର୍ଶ ଦେଇଥିଲେ। ଆଉ ତା'ପରେ ସେ ବିଳମ୍ବ ନ କରି ନିଜ ନାମକୁ ଆଲିୟାରୁ କିଆରାକୁ ପରିବର୍ତ୍ତନ କରିଥିଲେ। ବଲିଉଡ୍‌ର ବିଶିଷ୍ଟ ଅଭିନେତା ସୟିଦ ଜାଫ୍ରିଙ୍କର ସେ ହେଉଛନ୍ତି ନାତୁଣୀ। କିଆରାଙ୍କ ବାପା ଜଗଦୀପ ଆଡ୍‌ୱାନି ଜଣେ ବିଜ୍‌ନେସ୍‌ମ୍ୟାନ ଏବଂ ମା' ଜେନେଭିଭେ ଜାଫ୍ରି ହେଉଛନ୍ତି ଜଣେ ଶିକ୍ଷୟିତ୍ରୀ। ଖାସ୍ କଥା ହେଲା, ଜେନେଭିଭେ ଏବଂ ସଲମାନ୍‌ଙ୍କ ମଧ୍ୟରେ ଥିବା ବନ୍ଧୁତା କିଆରାଙ୍କୁ ବେଶ୍ ମାଇଲେଜ ଦେଇଥିଲା। କିଆରାଙ୍କ ପ୍ରଥମ ସିନେମା ପ୍ରମୋଶନର ସମସ୍ତ ଦାୟିତ୍ୱ ସଲମାନ ହିଁ ନେଇଥିଲେ। ଅନୁପମ ଖେର୍‌ଙ୍କ ଆକ୍ଟିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ସେ ଆକ୍ଟିଂରେ ଡିଗ୍ରୀ ହାସଲ କରିଛନ୍ତି। 'ଫୁଗ୍‌ଲି'ର କୋ-ଷ୍ଟାର ମୋହିତ ମରୱାଙ୍କ ସହ ତାଙ୍କର ଆଫେୟାର୍ସ ଅଛି ବୋଲି ଆଲୋଚନା ହୁଏ। କିଆରାଙ୍କ ଅଭିନୀତ ହିଟ୍ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ଏମ୍‌ଏସ୍ ଧୋନୀ', 'ମେଶିନ୍' ଏବଂ 'କଲଙ୍କ'। ପ୍ରତିଦିନର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଭିତରେ ସେ ନିୟମିତ ଜିମ୍ ଯାଇଥାଆନ୍ତି। ସଚିନ ତେନ୍ଦୁଲକରଙ୍କର ସେ ହେଉଛନ୍ତି ଜଣେ ବଡ଼ ପ୍ରଶଂସକ।



ଶୁଭେନ୍ଦୁ-ସୁମନପ୍ରିୟା

## ନୂଆ ସିନେମା

# କୁକୁଡ଼ା ଚୋର

କୁକୁଡ଼ା ଚୋରିକୁ ନେଇ କ'ଣ ଏକ ସିନେମା ନିର୍ମାଣ କରାଯାଇପାରେ? ହେଲେ ସେପରି ଏକ କୌତୂହଳପୂର୍ଣ୍ଣ ତଥା ସତ୍ୟ ଘଟଣାକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଚଳଚ୍ଚିତ୍ରଟିଏ, ଯାହାର ଟାଇଟଲ ରହିଛି 'କୁକୁଡ଼ା ଚୋର'। କୋରାପୁଟର ଏକ ଗାଁରେ କୁକୁଡ଼ା ଚୋରିକୁ ନେଇ ଏପରି ଏକ ଘଟଣା ଘଟିଥିଲା, ଯାହାକୁ ନେଇ ସୁନ୍ଦର କାହାଣୀଟିଏ ପ୍ରସ୍ତୁତ କରିଥିଲେ ଜୀବନ ପଣ୍ଡା। ତାକୁ ଆଧାର କରି କୋରାପୁଟର ଆଞ୍ଚଳିକ ଭାଷାରେ ସିନେମାଟିଏ ନିର୍ମାଣ କରିବାକୁ ଆଗେଇ ଆସିଥିଲେ ପ୍ରଯୋଜକ ଶୁଭେନ୍ଦୁ ପାଢ଼ୀ। ରୋମାଞ୍ଚଭରା ଏହି ସିନେମାରେ ଲଭ୍, ଇମୋଶନ ମଧ୍ୟ ରହିଛି। ଚିତ୍ରଟିର ସଂଳାପ ରଚନା କରିଛନ୍ତି ଡ. ରାଜେନ୍ଦ୍ର ପାଢ଼ୀ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମିତା ସୁନା। ଆନନ୍ଦ କୁମାରଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଶୁଭେନ୍ଦୁ ପାଢ଼ୀ, ଅରୁଣ ପଟ୍ଟନାୟକ, ରାଜା ପଟ୍ଟନାୟକ, ସୁମନପ୍ରିୟା, ପ୍ରଜ୍ଞା ପ୍ରଧାନ, ଆର୍ଚ୍ଚି ପ୍ରଧାନ, ମୋହନ ରାଓ ଏବଂ ମହେଶ ରାଓ ପ୍ରମୁଖ କଳାକାର। ଫିଲ୍ମଟି ଚଳିତ ମାସରେ ରିଲିଜ୍ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରକାଶ।

## ରିଲିଜ୍ ଅପେକ୍ଷାରେ

# ଶହୀଦ ରଘୁ ସର୍ଦ୍ଦାର

ଆମ ରାଜ୍ୟର ଅନ୍ୟତମ ନାମୀ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଶହୀଦ ରଘୁ ସର୍ଦ୍ଦାର। ତାଙ୍କ ଜୀବନର ବୀରତ୍ୱ ଗାଥାକୁ ସିନେମାରେ ସଜାଇଛନ୍ତି ନବାଗତ ପ୍ରଯୋଜକ ଡା. ବିଶ୍ୱନାଥ ପଟ୍ଟନାୟକ। ଚିତ୍ରଟିର ଟାଇଟଲ ରହିଛି 'ଶହୀଦ ରଘୁ ସର୍ଦ୍ଦାର। ଏପରି ଏକ ଐତିହାସିକ କାହାଣୀକୁ ସଂଳାପର ରୂପ ଦେଇଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପାତ୍ର। 'ଏହି ଭୂମିକା ଆକ୍ଟିଂ କ୍ୟାରିୟରରେ ମୋ ପାଇଁ ଏକ ଚ୍ୟାଲେଞ୍ଜ୍ ପରି ଥିଲା। ମୋତେ ଦିଆଯାଇଥିବା ଦାୟିତ୍ୱ ମୁଁ ତୁଲାଇଛି, ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ବୋଲି କହନ୍ତି ଦେବାଶିଷ। ଏହି ଫିଲ୍ମରେ ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି କାବ୍ୟା। ଏମାନଙ୍କ ବ୍ୟତୀତ ଜିନା, ଟ୍ୱିଙ୍କିଲ୍, ରୁଦ୍ର, ସନ୍ତୋଷ, ପିଣ୍ଟୁ ନନ୍ଦ, ଅକ୍ଷୟ ବସ୍ତିଆ, ସୁଧାକର ବସନ୍ତ ଏବଂ ରାଜୀବ ମହାନ୍ତି ଅଭିନୟ କରିଛନ୍ତି। ଅରୁଣ ମନ୍ତ୍ରୀ, ବିଜୟ ମଲ୍ଲ ଏବଂ ରଞ୍ଜନ ଦାଶଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଳା। ଅପରପକ୍ଷରେ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ଏହାର ନିର୍ଦ୍ଦେଶକ ରାଜୀବ ମହାନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି, ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।



ଜୁହି

# ଲୁଚାଇଥିଲେ ଜୁହି

ଜୁହି ଚାୱଲାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'କୟାମତ୍ ସେ କୟାମତ ତକ୍'ରୁ। କେବଳ ସେତିକି ନୁହେଁ, ଏହି ଫିଲ୍ମରୁ ଆମୀର ଖାଁ ପ୍ରଥମ ଥର ପାଇଁ ନାୟକ ସାଜିଥିଲେ। ଟିନ୍ ଏଜ୍ ଲଭ୍‌ଷ୍ଟୋରିକୁ ନେଇ ପ୍ରସ୍ତୁତ ଫିଲ୍ମଟି ସୁପରଡୁପର ହିଟ୍ ହୋଇଥିଲା। ତା'ପରେ ଜୁହି ଗୋଟିଏ ପରେ ଗୋଟିଏ ହିଟ୍ ସିନେମାରେ ଅଭିନୟ କରିଥିଲେ। ୧୯୯୬ରେ ସେ ପ୍ରଯୋଜକ ଜୟ ମେହେତାଙ୍କୁ ବିବାହ କରିଥିଲେ। ସେ ସମୟରେ ଯଦିଓ ଦୁହିଙ୍କ ପ୍ରେମ ସମ୍ପର୍କକୁ ନେଇ ବେଶ୍ ଆଲୋଚନା ହୋଇଥିଲା, ହେଲେ ଜୁହି କେବେ ଏହାକୁ ସ୍ୱୀକାର କରି ନ ଥିଲେ। ତାହାର କାରଣ କ'ଣ ଥିଲା ସେ ନେଇ ନିକଟରେ ସେ ମୁହଁ ଖୋଲିଛନ୍ତି। 'ସେତେବେଳେ ମୋ କ୍ୟାରିୟର ପିକ୍‌ଅପ୍‌ରେ ଥିଲା। ଯଦି ମୁଁ ସେ ସମୟରେ ଏ ବିଷୟରେ ସୂଚନା ଦେଇଥାଆନ୍ତି ହୁଏତ ତାହାର ପ୍ରଭାବ ମୋ କ୍ୟାରିୟର ଉପରେ ପଡ଼ିଥାଆନ୍ତା। ଯାହାହେଉ ପରେ ସେପରି କିଛି ହୋଇ ନ ଥିଲା। ତା'ପରେ କେତୋଟି ସିନେମାରେ ରୋଲ୍ କରିବା ପରେ ମୁଁ ପରିବାର ପ୍ରତି ଅଧିକ ସମୟ ଦେଇଥିଲି ବୋଲି କହନ୍ତି ଜୁହି।'

## ଅପେରା ହାଲଚାଲ

# ରାତିତମାମ କାନ୍ଦିଥିଲେ ମୁନା

ଅପେରା ଜଗତର ଆଗଧାଡ଼ିର ଅନ୍ୟତମ ନାୟକ ମୁନା। ଦୀର୍ଘ ୧୪ବର୍ଷ ଧରି ସେ ଅଭିନୟ ଜାରି ରଖିଛନ୍ତି। ପତ୍ନୀ ତଥା ଅଭିନେତ୍ରୀ ନମିତାଙ୍କ ସହ ସେ ଏବେ ଧଉଳି ଗଣନାଟ୍ୟରେ ନିଜର ଆକ୍ଟିଂ କ୍ୟାରିୟର ଜାରି ରଖିଛନ୍ତି। ଅଭିନୟ ଜୀବନର ଏକ ଅଭୁଲା ସ୍ମୃତିକୁ ବଖାଣି ମୁନା କହନ୍ତି, 'ସେତେବେଳେ ମୁଁ କୋଣାର୍କ ଗଣନାଟ୍ୟରେ ଥାଏ। କେନ୍ଦୁଝରର ଏକ ସ୍ଥାନରେ ଅପେରା ପରିବେଷଣ କରୁଥାଏ ଏହି ପାର୍ଟି। ସନ୍ଧ୍ୟାବେଳେ ହଠାତ୍ ଘରୁ ଖବର ଆସିଲା-ମୋ ମା' ଚାଲିଗଲେ। ଖବରଟି ଶୁଣିବା ପରେ ମୁଁ ସ୍ତବ୍ଧ ହୋଇଯାଇଥିଲି। ଗୋଟିଏ ପଟେ ମା'ଙ୍କ ମୃତ୍ୟୁ ଖବର, ଅନ୍ୟପଟେ ସେଦିନ ନାଟକ ପାଇଁ ସମ୍ପୂର୍ଣ୍ଣ ଟିକେଟ ବୁକ୍ ହୋଇସାରିଥାଏ। କ'ଣ କରିବି ? ମ୍ୟାନେଜରଙ୍କ ନିକଟରୁ ଯାଇ କହିଲି। ମ୍ୟାନେଜର ଅର୍ଗାନାଇଜରଙ୍କ ସହ କଥା ହେଲେ, ହେଲେ ସେମାନେ ନାଟକ ବଦଳାଇବାକୁ ରାଜି ହେଲେନାହିଁ। ତେଣୁ ବାଧହୋଇ ରାତି ତମାମ ଅଭିନୟ କରିବାକୁ ନିଜକୁ ପ୍ରସ୍ତୁତ କରିନେଲି। ମନରେ କୋହ। ସଂଯୋଗବଶତଃ ସେଦିନ ଭୂମିକାରେ ମୋର ଅଧିକ ପ୍ୟାଥେଟିକ ସିନ୍ ଥିଲା। ତେଣୁ କାନ୍ଦି କାନ୍ଦି ରାତି ପାହି ଯାଇଥିଲା। ସକାଳୁ ନାଟକ ଶେଷ ହେବା ପରେ ଘରକୁ ଯାଇଥିଲି। ମା'ଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଶେଷ କରି ପୁଣି କେନ୍ଦୁଝର ଫେରିଥିଲି।



ମୁନା-ନମିତା



"ଜାତୀୟ ଇ-କମର୍ସ ନୀତି ଆଣିବା ନେଇ ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ଏହା କେବେ ଆସିବ ସେ ନେଇ କୌଣସି ସମୟ ସୀମା ଧାର୍ଯ୍ୟ ହୋଇନାହିଁ।"
– ପୀୟୁଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



"ସାରା ଦେଶରେ ରହିଥିବା ଗ୍ରାମଗୁଡ଼ିକୁ ଇଣ୍ଟରନେଟ ସେବା ଯୋଗାଣ ଦିଗରେ ଏବେ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ଏଥିରେ ପ୍ରାୟ ୭ ଲକ୍ଷ କୋଟି ଟଙ୍କାର ନିବେଶ ହୋଇପାରେ।"
– ରବି ଶଙ୍କର ପ୍ରସାଦ, ଟେଲିକମ୍ ମନ୍ତ୍ରୀ

# ବଢୁଛି ମାନ୍ଦାବସ୍ଥା ଆଶଙ୍କା

## ୦.୯% ରହିପାରେ ବିଶ୍ୱର ବିକାଶ ହାର

ନୂଆଦିଲ୍ଲୀ,୧୮–୩

କରୋନାର ପ୍ରଭାବରେ ସାରା ବିଶ୍ୱ ଏବେ ମାନ୍ଦାବସ୍ଥା ଆଡକୁ ବଢୁଥିବା ବଜାର ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ବର୍ତ୍ତମାନ ଅଶୋଧିତ ତୈଳ ଦର, ଶେୟାର ବଜାର, ସୁନା, ରୁପା ଉପରେ ପ୍ରଭାବ, ବିଭିନ୍ନ ଶିଳ୍ପର ବ୍ୟବସାୟିକ କ୍ଷତି ଦେଖିବାକୁ ମିଳୁଛି। କରୋନା ପାଇଁ ମାନ୍ଦାବସ୍ଥା ଆଶଙ୍କା ଦିନକୁ ଦିନ ବଢୁଥିବା ମୋର୍ଗାନ ଷ୍ଟାନଲୀ, ଗୋଲ୍ଡ ମ୍ୟାନ ସ୍ୟାକ୍ସର ଅର୍ଥନୀତିଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଏହି ବିଶେଷଜ୍ଞଙ୍କ କହିବା ଅନୁସାରେ ଚଳିତ ବର୍ଷ ବିଶ୍ୱ ସ୍ତରର ଅଭିବୃଦ୍ଧି ୦.୯%କୁ ଖସିଯିବ ବୋଲି ମୋର୍ଗାନ ଷ୍ଟାନଲି ଅର୍ଥନୀତିଜ୍ଞ ପ୍ୟାନେଲ କହିଛି। ଏହି ପ୍ୟାନେଲର ମୁଖ୍ୟ ଭାବେ ଚେତନ ଆହ୍ୟା କାର୍ଯ୍ୟ କରୁଛନ୍ତି।

ସେହିଭଳି ଜାନ ହାଟଜିୟସଙ୍କ ନେତୃତ୍ୱରେ ଗୋଲ୍ଡ ମ୍ୟାନ ସ୍ୟାଚ୍ ଟିମ୍ କହିଛି ଯେ, ଅଭିବୃଦ୍ଧି ପ୍ରାୟ ୧.୨% ସ୍ତରକୁ ଖସିଯିବ। ଆସନ୍ତା ବର୍ଷ ଦ୍ୱିତୀୟାର୍ଦ୍ଧରେ ବିଶ୍ୱ ଅଭିବୃଦ୍ଧି ପୁଣି ଥରେ ସ୍ଥିତାବସ୍ଥାକୁ ଫେରିବ ବୋଲି ବିଶେଷଜ୍ଞ ଆଶାବାଦୀ ରହିଛନ୍ତି। ବର୍ତ୍ତମାନର ସ୍ଥିତି ୨୦୦୧ ଏବଂ ୧୯୯୦ ମାନ୍ଦାବସ୍ଥାଠାରୁ ଆହୁରି ଖରାପ ହେଉଛି। ୨୦୦୯ ମାନ୍ଦାବସ୍ଥା ଭଳି ଏହା ମାରାତ୍ମକ ରୂପ ନେବ ନାହିଁ ଏହି ସମୟରେ ବିଶ୍ୱର ବିକାଶ ହାର ୦.୮%କୁ ଖସିଯାଇଥିଲା। ଭାଇରସକୁ ନିୟନ୍ତ୍ରଣ କରିବା ଲାଗି ବିଶ୍ୱ ସ୍ତରର ସରକାରଗୁଡିକ କାର୍ଯ୍ୟ କରିବା ଆବଶ୍ୟକ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଏହା ପରେ ଆର୍ଥିକ ବିକାଶ ହାର ତ୍ୱରାନ୍ୱିତ କରିବା ଲାଗି ପ୍ୟାକେଜ ପ୍ରଦାନ ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି। ମୋର୍ଗାନ ଷ୍ଟାନଲି ଅର୍ଥ ବିଶେଷଜ୍ଞଙ୍କ କହିବା ମୁତାବକ କରୋନା ଯୋଗୁ



ବିଶ୍ୱ ଅର୍ଥ ବ୍ୟବସ୍ଥା ଗଭୀର ଝଟକା ଲାଗିବ। ଭାଇରସ ପ୍ରଭାବ କିଭଳି ରହିଛି ତାହା ଅନ୍ଦାଜା ଲଗାଇବା ଏବେ କଷ୍ଟକର ବ୍ୟାପାର ହୋଇଛି। ଏହା ବାଦ ଫ୍ୟାକ୍ଟ୍ରି, ଷ୍ଟୋର, ରେଷ୍ଟୁରାଣ୍ଟ ଏବଂ ଅନ୍ୟ କେନ୍ଦ୍ର ଉପରେ ପ୍ରଭାବ କ'ଣ ରହିଛି ତାକୁ ମଧ୍ୟ ତ୍ୱରିତ ଭାବେ ଆକଳନ କରାଯାଇ ପାରିବ ନାହିଁ। ଏହାବାଦ ବଜାର ସ୍ଥିତି ମଧ୍ୟ ସାଂଘାତିକ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଚାଇନା ଅର୍ଥନୀତି ୫%କୁ ଖସିଥିବାବେଳେ ଆମେରିକା ୪% ଏହି ସ୍ଥିତିରେ ସୁଧାର ଆସିବା କଷ୍ଟକର ବୋଲି ବିଶେଷଜ୍ଞ କହିଛନ୍ତି।

## ଏଡିବି ଘୋଷଣା କଲା ୬.୫ ବିଲିୟନ ଡଲାର ପ୍ୟାକେଜ

ନୂଆଦିଲ୍ଲୀ,୧୮–୩





ଅର୍ଥ ବ୍ୟବସ୍ଥା ତଥା ବାଣିଜ୍ୟ ଏବଂ କାରବାର ଉପରେ କରୋନା ପ୍ରଭାବକୁ କମ୍ କରିବା ଲାଗି ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ ପକ୍ଷରୁ ୬.୫ ବିଲିୟନ ଡଲାରର ପ୍ୟାକେଜ ଘୋଷଣା କରାଯାଇଛି। ଏହା ପ୍ରାଥମିକ ପ୍ୟାକେଜ ବୋଲି ଜଣାପଡିଛି। ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକ ଲାଗି ଏଭଳି ପ୍ୟାକେଜ ଘୋଷଣା ହୋଇଥିବା ଜଣାପଡିଛି।

## ୬୦% ଟ୍ରେନ ଟିକେଟ ବାତିଲ

ନୂଆଦିଲ୍ଲୀ,୧୮–୩



କରୋନା ଯୋଗୁ ଚଳିତ ବର୍ଷ ମାର୍ଚ୍ଚ ମାସରେ ୬୦% ଟିକେଟ ବାତିଲ କରାଯାଇଥିବା ରେଲୱେର ଜଣେ ବରିଷ୍ଠ ଅଧିକାରୀ ବୁଧବାର ସଂସଦୀୟ କମିଟିକୁ ସୂଚନା ଦେଇଛନ୍ତି। ଭାଇରସ ପ୍ରଭାବ ବଢୁଥିବାରୁ ଲୋକମାନେ ପୂର୍ବରୁ ବୁକିଂ କରିଥିବା ଟିକେଟ ପ୍ରବଳ ହାରରେ ବାତିଲ କରି ଦେଉଛନ୍ତି। ଏହାପରେ ବିଭିନ୍ନ ରେଳ ଜୋନରେ ଯାତ୍ରୀ କମୁଥିବାରୁ ସେହି ଆଧାରରେ କିଛି ଟ୍ରେନକୁ ବାତିଲ କରିବା ନେଇ ନିଷ୍ପତ୍ତି ହେଉଛି ବୋଲି ରେଳପଥ ପକ୍ଷରୁ ସୂଚନା ରହିଛି।

## ଏନ୍‌ଏସ୍‌ଇ କର୍ମଚାରୀଙ୍କୁ ୱାର୍କ ଫ୍ରମ ହୋମ ବିକଳ୍ପ

ନୂଆଦିଲ୍ଲୀ,୧୮–୩

ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ପକ୍ଷରୁ ଏହାର କର୍ମଚାରୀଙ୍କୁ ଘରୁ କାମ କରିବା ବିକଳ୍ପ ପ୍ରଦାନ କରାଯାଇଛି। କରୋନା ପ୍ରଭାବ ଯୋଗୁ ଏଭଳି ନିଷ୍ପତ୍ତି ହୋଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଟ୍ରେଡିଂ ପ୍ଲାଟଫର୍ମରେ କାମ କରୁଥିବା କର୍ମଚାରୀମାନେ ଅଫିସ ଆସିବାକୁ କୁହାଯାଇଛି। କର୍ମଚାରୀଙ୍କ ସୁରକ୍ଷା ଏବଂ କାମ ଯେଭଳି ଭଲ ଚାଲି ପାରିବ ଉଭୟ ଦିଗକୁ ଧ୍ୟାନରେ ରଖାଯାଇଥିବା ଏନ୍ ଏସ୍‌ଇ ପକ୍ଷରୁ ସୂଚନା ରହିଛି।

## ଅନ୍ତର୍ଜାତୀୟ ଉଡାଣ ବାତିଲ କଲା ଭିସ୍ତାରା

ନୂଆଦିଲ୍ଲୀ,୧୮–୩





କରୋନା ପ୍ରଭାବକୁ ନଜରରେ ରଖି ବିମାନ କମ୍ପାନୀଗୁଡିକ ଅନ୍ତର୍ଜାତୀୟ ଉଡାଣକୁ ବାତିଲ କରୁଛନ୍ତି। ମଙ୍ଗଳବାର ଗୋଏୟାର ଏଭଳି ନିଷ୍ପତ୍ତି ନେଇଥିବା ବେଳେ ବୁଧବାର ଏହି ଧାରାରେ ଭିସ୍ତାରା ଯୋଡି ହୋଇଛି। ଚଳିତ ମାସ ୨୦ରୁ ମାର୍ଚ୍ଚ ୩୧ ଯାଏ ଏହି କମ୍ପାନୀର ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିବ ବୋଲି ଜଣାପଡିଛି। କରୋନା ସ୍ଥିତି ଉପରେ ନଜର ରଖି ଏଭଳି ପଦକ୍ଷେପ ନିଆଯାଇଥିବାବେଳେ ଘରୋଇ ଉଡାଣକୁ ମଧ୍ୟ ସାମୟିକ ଲାଗି ବ୍ୟବସ୍ଥିତ କରାଯିବାକୁ ନିଷ୍ପତ୍ତି ହୋଇଥିବା ଭିସ୍ତାରା ପକ୍ଷରୁ ସୂଚନା ରହିଛି।

## ୧୭୦୯ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ,୧୮–୩



କରୋନା ପ୍ରଭାବରେ ଭାରତୀୟ ଶେୟାର ବଜାର କାରବାର ଲଗାତର ଭାବେ ହ୍ରାସ ପାଇ ଚାଲିଛି। ବୁଧବାର ସେନ୍‌ସେକ୍ସରେ ସୂଚକାଙ୍କ ୧୭୦୯ ପଏଣ୍ଟ ଖସିଥିବା ବେଳେ ନିଫ୍ଟି ୮୫୦୦ ପଏଣ୍ଟ ତଳକୁ ଖସି ଆସିଛି। ବୁଧବାର ନିଫ୍ଟି କାରବାର ୫୦୦ ପଏଣ୍ଟ ଖସିଥିବା ଦେଖାଯାଇଛି। ଦିନ ମଧ୍ୟରେ ସେନ୍‌ସେକ୍ସ ୨୪୮୮.୭୨ ପଏଣ୍ଟ ଖସିଥିବାବେଳେ କାରବାର ଶେଷ ବେଳକୁ ୧୭୦୯.୫୮ ପଏଣ୍ଟ ବା ୫.୫୯% ନିମ୍ନରେ ରହି ୨୮,୮୬୯.୫୧ ସ୍ତରକୁ ଖସି ଆସିଛି। ୨୦୧୭ ପରଠାରୁ ପ୍ରଥମଥର ଲାଗି ସେନ୍‌ସେକ୍ସ ୨୯ ହଜାର ତଳକୁ କାରବାର ଖସିଛି। ସେହିଭଳି ନିଫ୍ଟି କାରବାର ୪୯୮.୨୫ ପଏଣ୍ଟ ବା ୫.୫୬% ଖସିବା ଯୋଗୁ ଏହା ୮,୪୬୮.୮୦ ପଏଣ୍ଟ ସ୍ତରକୁ ଖସିଛି। ଏଜିଆର୍ ଦେୟ ନେଇ ଟେଲିକମ୍ କମ୍ପାନୀଗୁଡିକୁ ସୁପ୍ରିମ କୋର୍ଟ ତାଗିଦ କରିବା ପରେ ବ୍ୟାଙ୍କିଙ୍ଗ ଏବଂ ଟେଲିକମ୍ ଷ୍ଟକ ଗଭୀର ଭାବେ ପ୍ରଭାବିତ ହୋଇଛି। ଭାରତୀୟ ଶେୟାର ବଜାର ୩ ବର୍ଷର ତଳକୁ ଖସିଥିବା ବେଳେ ଏସିଆ ଏବଂ ୟୁରୋପ ଶେୟାର ବଜାରଗୁଡିକର ସ୍ଥିତି ମଧ୍ୟ ଠିକ୍ ନାହିଁ।

## ଭାରତର ଅଭିବୃଦ୍ଧି କମାଇଲା ଏସ୍ ଆଣ୍ଡ ପି

ନୂଆଦିଲ୍ଲୀ,୧୮–୩





ଗ୍ଲୋବାଲ ରେଟିଂ ଏଜେନ୍ସି ଷ୍ଟାଣ୍ଡାର୍ଡ ଆଣ୍ଡ ପୋଅର୍ସ (ଏସ୍ ଆଣ୍ଡ ପି) ବୁଧବାର ଭାରତରେ ବିକାଶ ଅନୁମାନକୁ ୨୦୨୦ ଲାଗି ୫.୨%କୁ ଖସାଇ ଦେଇଛି। କରୋନା ପ୍ରଭାବ ଯୋଗୁ ବିଶ୍ୱ ଅର୍ଥନୀତି ବର୍ତ୍ତମାନ ମାନ୍ଦାବସ୍ଥା ଆଡକୁ ଯାଉଥିବାରୁ ଏସ୍ ଆଣ୍ଡ ପି ଏଭଳି ଆକଳନ କରିଛି। ୨୦୨୦ କ୍ୟାଲେଣ୍ଡର ବର୍ଷରେ ଭାରତର ବିକାଶ ହାର ୫.୭% ରହିବ ବୋଲି ପୂର୍ବରୁ ଏହି ଏଜେନ୍ସି ପୂର୍ବାନୁମାନ କରିଥିଲା। ଏହି ସମୟରେ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଭିବୃଦ୍ଧି ୩%ରୁ କମ୍ ରହିବ ବୋଲି ଏହା ରିପୋର୍ଟରେ ଉଲ୍ଲେଖ କରିଛି। ଭାଇରସ ବ୍ୟାପିବା ଯୋଗୁ ୪୦୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ସ୍ଥାୟୀ ଆୟ କ୍ଷତି ହେବାର ଆଶଙ୍କା କରାଯାଇଛି। ଏହି ସମୟରେ ଚାଇନାର ବିକାଶ ହାର ୨.୯% ଖସିବ ବୋଲି ଏହା ପୂର୍ବାନୁମାନ କରିଥିବା ବେଳେ ଜାପାନ ୧.୨% ବିକାଶ ହାର ହାସଲ କରିବ ବୋଲି କୁହାଯାଇଛି। ସୋମବାର ମୁଡିସ ଇନଭେଷ୍ଟର୍ସ ସର୍ଭିସ ଭାରତର ବିକାଶ ଅନୁମାନକୁ ୫.୪%ରୁ ୫.୩%କୁ ଖସିଆସିଛି।

# ଗୋପାଳପୁର ବନ୍ଦରରେ ପ୍ରତିଷେଧମୂଳକ ପଦକ୍ଷେପ

ଗୋପାଳପୁର,୧୮ –୩



କୋଭିଡ୍-୧୯ ପ୍ରଭାବକୁ ରୋକିବା ଲାଗି ଗୋପାଳପୁର ପୋର୍ଟସ୍ ଲିମିଟେଡ୍ (ଜିପିଏଲ୍) ତରଫରୁ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଜାହାଜ ମହାନିର୍ଦ୍ଦେଶାଳୟ ଓ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବେଶ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ମୁତାବକ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ରହିଛି। ସମସ୍ତ ସ୍ଥାନୀୟ ଓ ବିଦେଶୀ ଜାହାଜ ଏବଂ ଜାହାଜରେ ଥିବା କ୍ରୁ ସଦସ୍ୟମାନଙ୍କ ନିୟମିତ ନିରୀକ୍ଷଣ ଓ ପରୀକ୍ଷା ଲାଗି ଏକ ସ୍ୱୟଂସମ୍ପୂର୍ଣ୍ଣ ପରୀକ୍ଷା ବ୍ୟବସ୍ଥା ସ୍ଥାପନ କରାଯାଇଛି। ଚାଇନା, କୋରିଆ, ଜାପାନ, ଇଟାଲିରୁ ଆସିଥିବା ଯେକୌଣସି ପ୍ରକାର ଜାହାଜକୁ ୧୪ ଦିନ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନ୍ ବା ସଙ୍ଗରୋଧ କରାଯାଉଛି। ୧୪ ଦିନ କ୍ୱାରାଣ୍ଟାଇନ୍ କରିବା ପରେ ଜାହାଜର କ୍ରୁ ସଦସ୍ୟ ବିଭିନ୍ନ ପ୍ରକାର ଲକ୍ଷଣ ପାଇଁ ଯାଞ୍ଚ କରାଯାଇଛି ଓ ଆବଶ୍ୟକ ହେଲେ ପରୀକ୍ଷା କରାଯାଉଛି। କୋଭିଡ୍-୧୯ ବ୍ୟାପିବାକୁ ରୋକିବା ଲାଗି ଅନ୍ୟ ଦେଶଗୁଡ଼ିକରୁ ଆସୁଥିବା ଜାହଜଗୁଡ଼ିକରେ ଥିବା କ୍ରୁ ସଦସ୍ୟମାନଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ଥିବା ସଂକ୍ରାନ୍ତରେ ଜାହାଜ ମାଷ୍ଟରଙ୍କ ଠାରୁ ବନ୍ଦରରେ ଜାହାଜ ପହଞ୍ଚିବାର ୨୪ ଘଣ୍ଟା ପୂର୍ବରୁ ପ୍ରାକ୍ ସୂଚନା ମଗାଯାଉଛି। ବନ୍ଦର ତରଫରୁ ନିଜସ୍ୱ ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ (ଏସ୍‌ଓପି) ବିକଶିତ କରାଯାଇଛି। ଏହା ଅନ୍ତର୍ଜାତୀୟ ମାରିଟାଇମ ସଂଗଠନ (ଆଇଏମ୍‌ଓ) ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ)ର 'ମାରିଟାଇମ ଡିକ୍ଲାରେଶନ ହେଲ୍‌ଥ'ରେ ଦିଆଯାଇଥିବା ପରାମର୍ଶକୁ ପାଳନ କରୁଛି। ଏକ ସଙ୍ଗରୋଧ ବା ଆଇସୋଲେଶନ ୱାର୍ଡ ଗଠନ କରାଯାଇଛି। ସ୍ପର୍ଶ ବିହୀନ ଇନଫ୍ରାରେଡ୍ ତାପମାତ୍ରା ଗନ, ଏନ-୯୫ ଫେସ ମାସ୍କ, ଡିସପୋଜେବଲ ଗ୍ଲୋଭସ ଓ କ୍ୟାପ୍, ସମ୍ପୂର୍ଣ୍ଣ ବ୍ୟବସ୍ଥା ସହିତ ୩ ଜଣ ପାରା ମେଡିକାଲ ଷ୍ଟାଫ୍ ଥିବା ଏକ ଆମ୍ବୁଲାନ୍ସ ଚବିଶ ଘଣ୍ଟା ପାଇଁ ପ୍ରସ୍ତୁତ ରହିଛି। ପରିଚାଳନା ଷ୍ଟାଫମାନଙ୍କ ଲାଗି ଜାହାଜ ବୋର୍ଡିଂ ହେଉଥିବା ଅଞ୍ଚଳରେ ନିୟମିତ ଭାବେ ଡି-କଣ୍ଟାମିନେଶନ ଲିକ୍ୱିଡ (ସୋଡିୟମ ହାଇପୋକ୍ଲୋରାଇଡ୍) ସିଞ୍ଚନ ସହ ଅନ୍ୟ ବ୍ୟବସ୍ଥା କରାଯାଇଥିବା ସୂଚନା ରହିଛି।

# ବିଏସ୍-୬ ଯାନ ବିକ୍ରିରେ ହୋଣ୍ଡାର ସଫଳତା



**ନୂଆଦିଲ୍ଲୀ,୧୮–୩:** ଭାରତରେ ବିଏସ୍-୬ ଦୁଇ ଚକିଆ ଯାନ ବିକ୍ରି କ୍ଷେତ୍ରରେ ହୋଣ୍ଡା ମୋଟର ସାଇକେଲ ସ୍କୁଟର ଇଣ୍ଡିଆ ଲିମିଟେଡ ସଫଳତା ହାସଲ କରିଛି। କମ୍ପାନୀ ବର୍ତ୍ତମାନ ସୁଦ୍ଧା ୫.୫ ଲକ୍ଷରୁ ଅଧିକ ୟୁନିଟ ବିଏସ୍-୬ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିବା କହିଛି। ପ୍ରଥମ ୨ ଚକିଆ ଯାନ କମ୍ପାନୀ ଏହି ସଫଳତା ହାସଲ କରିଥିବା କହିଛି। କମ୍ପାନୀ ବର୍ତ୍ତମାନ ୬ଟି ବିଏସ୍-୬ ମଡେଲ ବଜାରରେ ଉପଲବ୍ଧ କରାଉଛି। ଏହା ମଧ୍ୟରେ ୟୁନିକର୍ନ ବିଏସ୍-୬, ଆକ୍ଟିଭା ୧୨୫, ଏସ୍‌ପି-୧୨୫, ଆକ୍ଟିଭା ୬ଜି, ଡିଓ ବିସ୍-୬ ଭଳି ମଡେଲ ସାମିଲ ରହିଛି। ବିଏସ୍-୬ ମଡେଲ ଏବଂ ଏହା ଉପରେ ପ୍ରଦାନ କରାଯାଉଥିବା ୱାରେଣ୍ଟିକୁ ଗ୍ରାହକମାନେ ପସନ୍ଦ କରୁଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

# ହ୍ୟୁଣ୍ଡାଇ ଆଣିଲା ନୂଆ କ୍ରେଟା

ନୂଆଦିଲ୍ଲୀ,୧୮–୩





ହ୍ୟୁଣ୍ଡାଇ ମୋଟର୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ କ୍ରେଟା ମଡେଲ ବଜାରକୁ ଆସିଛି। କମ୍ପାନୀର ଏହି ଦ୍ୱିତୀୟ ପିଢୀ ମଡେଲରେ ଗ୍ରାହକମାନେ ଭବିଷ୍ୟପନ୍ଥୀ ଡିଜାଇନ, ପାୱାରପ୍ୟାକ୍ ପରଫରମାନ୍ସ, ଆରାମ ସହ ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଲାଭ କରିପାରିବେ। ଏହି ଯାନଟିରେ ଟ୍ରିଓ ବିମ୍ ଏଲ୍‌ଇଡି ହେଡ୍ ଲ୍ୟାମ୍ପ, ଭଏସ୍ ଭିତ୍ତିକ ସ୍ମାର୍ଟ ପାନୋରାମିକ ସନ୍‌ରୁଫ, ୨୬.୦୩ ସେମିର ଏଚ୍‌ଡି ଇନଫୋଟେନମେଣ୍ଟ, ପ୍ରିମିୟମ ଇଣ୍ଟେରିୟର, ଡ୍ରାଇଭ ମୋଡ ସିଲେକ୍ଟ, ଟ୍ରାକଶନ କଣ୍ଟ୍ରୋଲ ମୋଡ, ବୋସ୍ ପ୍ରିମିୟମ ସାଉଣ୍ଡ ସିଷ୍ଟମ, ପ୍ୟାଡେଲ ସିଫ୍ଟର, ଇଲେକ୍ଟ୍ରିକ ପାର୍କିଂ ବ୍ରେକ, ଅଟୋ ହୋଲ୍ଡ ଭଳି ସୁବିଧା ରହିଛି। ଏହାବାଦ ଆଡଭାନ୍ସ ବ୍ଲୁ ଲିଙ୍କ, ୫୦ରୁ ଊର୍ଦ୍ଧ୍ୱ ଫିଚର, ହେଲୋ ବ୍ଲୁ ଲିଙ୍କ, ୱେକ ଅପ୍ ୱାର୍ଡ ରହିଛି। ମଡେଲଟି ୫ଟି ପାୱାରଟ୍ରେନ ସହ ଆସିଛି। ଭାରତୀୟ ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ଧ୍ୟାନରେ ରଖି ନୂଆ କ୍ରେଟାକୁ ପ୍ରସ୍ତୁତ କରାଯାଇଥିବା ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ସିଇଓ ଏସ୍.ଏସ୍.କିମ୍ କହିଛନ୍ତି। ଏଥିରେ ଗ୍ରାହକ ଅତୁଳନୀୟ ଡ୍ରାଇଭିଂ ଅଭିଜ୍ଞତା ଲାଭ କରିପାରିବେ ବୋଲି ସେ ମତ ରଖିଛନ୍ତି।

**GOVERNMENT OF ODISHA**
**INFORMATION & PUBLIC RELATIONS DEPARTMENT**
**File No.IPR-IMU-RTI-0003-2019/4354 /IPR**
**Dated:18.03.2020**

**NOTIFICATION**

No.Z-22 :- Consequent upon Promulgation of the Right to Information (Amendment) Act, 2019 and the rules framed thereunder i.e., Right to Information Rules, 2019 by the Department of Personnel & Pensions, Ministry of Personnel, PG & Pensions, Government of India, the State Government have been pleased to cancel the advertisement No.7303/ IPR dated.24.06.2019 issued by this Department for filling up of three posts of State Information Commissioner in the Odisha Information Commission.
In this regard, fresh advertisement will be published shortly.

**By order of the Governor**
**Sd./- Director, I&PR**
OIPR-15001/11/0162/1920

**DISTRICT MINERAL FOUNDATION, KEONJHAR**
**(2nd Floor, DRDA Building, Keonjhar-758001)**
**e-mail-dmfkeonjhar@gmail.com**

**NOTICE**

**No.553 /DMF** **Dt.18.03.2020**

The advertisement published vide this office advertisement No.398/DMF. Dtd.27.02.2020 inviting applications from eligible Doctors to hold walk-in-interview on 22.03.2020 for selection of Doctors for engagement of Doctors in different health institutions of this district has been postponed in view of pandemic situation arising out of CONVID-19 (Corona Virus).
The next date of conducting walk-in-interview will be intimated in due time.

**Sd./-**
**Chairperson-cum-Chairman & Managing Trustee**
**District Mineral Foundation, Keonjhar**

**INVITATION FOR BIDS (IFB)**
**PANCHAYAT SAMITI, NAYAGARH**
**No.588** **Tender Call Notice No.05/2019-20** **Dt.18.03.2020**

1. The Block Development Officer, Nayagarh on behalf of Governor of Odisha Invites percentage rates bids for the construction of works as detailed below in the Table from ELIGIBLE contractors registered with the State Govt. and Contractors of equivalent grade/Class registered with Central Govt.for execution of Civil works on production of definite proof from the appropriate Authority which agreement is to be drawn in P1 form. The bidders may submit bids for the following works.

| Sl. No. | Name of the work | Value of works | Bid security EMD 1% (in Rs.) | Cost of tender paper | Period of completion | Class of Contractors |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Retaining wall on the west side of Balangibandha, Nayagarh | 4146268.00 | 41500.00 | 6000.00 | 3 (Three) Calendar months | "B" & "A" Class |

2. Bids document consisting of plans, specification, the schedule of quantities and the set of terms and conditions of contract and other necessary documents can be obtained from Dt.19.03.2020 to Dt.03.04.2020 and last date of receipt of tender paper on or before Dt.04.04.2020 upto 5.00 P.M. in the DROPPING BOX at the office of the undersigned during the office hour every day except Sunday and public holidays till last date of sale and receipt of the tender papers. Interested bidder may obtain further information at the same address.

**Sd./- Block Development Officer**
**Nayagarh**


**DISTRICT PROJECT OFFICE,**
**SAMAGRA SHIKSHYA, BHADRAK**
**Phone : 06784-240504 (O) / Fax : 06874-240523**
**Email - dpcbhadrakssa.opepa@nic.in**
**No.759** **Dt.16.03.2020**

**TENDER CALL NOTICE**

**FOR PRINTING & SUPPLY OF TEACHERS IDENTITY CARD**

Sealed tender under two part bid system are invited from interested registered firms having valid PAN, GST, TIN, DIC/ NSIC/MSME certificate for printing & supply of Teachers Identity Card for all Elementary Teachers of Bhadrak District during the year 2019-20. The tender paper (bid documents) containing detailed specifications with terms and conditions in two part bid system i.e. Technical Bid (Annexure-A) and Financial Bid (Annexure-B) can be downloaded from the website i.e. **www.bhadrak.nic.in**. The last date for receipt of tender paper is **Dt.25.03.2020 by 1 P.M.** and will be opened on the same day i.e. on **Dt.25.03.2020 at 4 P.M.** in the presence of the bidder or their authorized representative who may be present. The authority reserves the right to reject any or all tender without assigning any reason thereof.

**By the order of the Collector-cum-Chairman, SS Bhadrak**
**Sd./-District Project Coordinator**
**RTE-SS, Bhadrak**



"୨୦୦୭-୦୮ ବର୍ଡର-ଗାଭାସ୍କର ଟ୍ରଫିରେ ଘଟିଥିବା ମଙ୍କିଗେଟ୍ ସ୍କାଣ୍ଡାଲ ମୋ ଅଧିନାୟକତ୍ୱ କ୍ୟାରିୟରର ସବୁଠାରୁ ଖରାପ ସମୟ ଥିଲା ।

-ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର୍




"କ୍ରିକେଟ୍ ଅପେକ୍ଷା କରୋନା ଭାଇରସ୍‌କୁ ବହୁତ ଗମ୍ଭୀରତାର ସହ ନେବା ଆବଶ୍ୟକ। ସବୁ ଖେଳକୁ ବାତିଲ କରାଯିବା ସଠିକ୍ ନିଷ୍ପତ୍ତି ।

-ଟିମ୍ ପେନ୍, ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକ

## ସଂକ୍ଷେପରେ

### ପୂର୍ବତନ ଚାମ୍ପିୟନ ବକ୍ସରଙ୍କ ମୃତ୍ୟୁ



ଲସ ଏଞ୍ଜେଲ୍ସ,୧୮।୩- ଦୁଇ ଥର ବିଶ୍ୱ ଚାମ୍ପିୟନ ବକ୍ସର ରୋଜର ମେଓ୍ୱେଦରଙ୍କ ବୁଧବାର ପରଲୋକ ଘଟିଛି। ୫୮ ବର୍ଷୀୟ ବକ୍ସର ରିଙ୍ଗରୁ ଅବସର ନେବା ପରେ ଟ୍ରେନର ଭାବେ କାର୍ଯ୍ୟ କରିଥିଲେ। ସେ କିମ୍ବଦନ୍ତୀ ବକ୍ସର ଫ୍ଲଏଡ ମେଓ୍ୱେଦରଙ୍କ ଅଙ୍କଲ ଥିଲେ। ରିଙ୍ଗ ବାହାରେ ହେଉ କି ଭିତରେ ମୋ ଜୀବନରେ ଅଙ୍କଲଙ୍କ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଜଣେ ଚାମ୍ପିୟନ ଓ ଶ୍ରେଷ୍ଠ ଟେନର ଥିଲେ। ଦୁର୍ଭାଗ୍ୟବଶତଃ, କିଛି ବର୍ଷ ହେଲା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା ବୋଲି ଫ୍ଲଏଡ କହିଛନ୍ତି। ଫ୍ଲଏଡଙ୍କ ଟ୍ରେନର ଥିଲେ ରୋଜର। ତାଙ୍କ ନେତୃତ୍ୱରେ ଫ୍ଲଏଡ ନିଜ ଜାଜ୍ୱଲ୍ୟମୟ କ୍ୟାରିୟରରେ ବହୁ ସଫଳତା ପାଇଛନ୍ତି। ରୋଜରଙ୍କ ଡାଇବେଟିସ ସମସ୍ୟା ଥିଲା। ସେ ସୁପର ଓ୍ୱେଟ ଓ ସୁପର ଲାଇଟଓ୍ୱେଟ ଟାଇଟଲ ହାସଲ କରିଥିଲେ। ୨୦ ବର୍ଷର କ୍ୟାରିୟରରେ ସେ ୫୯ ମ୍ୟାଚ୍ ଜିତିଥିଲେ। ଜୁଲିଓ ସିଜର ଚାଭେଜ ଓ ପରନେଲ ହ୍ୱିଟେକରଙ୍କୁ ହରାଇବା ତାଙ୍କ କ୍ୟାରିୟର ଉଲ୍ଲେଖନୀୟ ଘଟଣା ଥିଲା।

### ଏନ୍ଏଚ୍ଏସ୍ ପାଇଁ ହୋଟେଲ ଉପଲବ୍ଧ କଲା ଚେଲସି

ଲଣ୍ଡନ,୧୮।୩- ଚେଲସି କ୍ଲବ ତା'ର ଷ୍ଟାମଫର୍ଡ ବ୍ରିଜ ଷ୍ଟାଡିୟମରେ ଥିବା ମିଲେନିୟମ ହୋଟେଲକୁ ନ୍ୟାଶନାଲ ହେଲ୍‌ଥ ସର୍ଭିସେସ (ଏନ୍ଏଚ୍ଏସ୍) ଲାଗି ଉପଲବ୍ଧ କରିବ। ସେଠାରେ କରୋନାରେ ପୀଡ଼ିତ ଷ୍ଟାଫଙ୍କ ଚିକିତ୍ସା ପାଇଁ ସୁବିଧା କରାଯିବ ବୋଲି ପ୍ରିମିୟର ଲିଗ କ୍ଲବ ପକ୍ଷରୁ କୁହାଯିବ। ହୋଟେଲରେ ଚିକିତ୍ସା ନିମନ୍ତେ ସମସ୍ତ ସୁବିଧା ଯୋଗାଇବା ଲାଗି ଚେଲସି ମାଲିକ ରୋମାନ ଆବ୍ରାମୋଭିଚ୍ ଖର୍ଚ୍ଚ କରିବେ। ଦରକାର ପଡ଼ିଲେ, ହୋଟେଲର ସମସ୍ତ ରୁମ୍ ଏଥିରେ ବ୍ୟବହାର ହେବ। ବହୁ ମେଡିକାଲ ଷ୍ଟାଫ ଲମ୍ବା ଶିଫ୍ଟରେ କାର୍ଯ୍ୟ କରିବେ ବୋଲି ଚେଲସି ପକ୍ଷରୁ କୁହାଯାଇଛି। ହୋଟେଲକୁ ଦୁଇ ମାସ ପାଇଁ ଏହି କାର୍ଯ୍ୟରେ ବ୍ୟବହାର କରାଯିବ। ଏହାପରେ ଆବଶ୍ୟକ ପଡ଼ିଲେ ସମୟ ସୀମା ବୃଦ୍ଧି କରାଯାଇପାରେ। ପ୍ରିମିୟର ଲିଗ୍ କରୋନା ଭାଇରସ ଯୋଗୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ବିଶ୍ୱରେ ଏହି ଭାଇରସ ଯୋଗୁ ୧୯୮.୩୦୦ ଲୋକ ଆକ୍ରାନ୍ତ ଥିବାବେଳେ ମୃତ୍ୟୁ ସଂଖ୍ୟା ୮.୪ ହଜାର ପହଞ୍ଚିଲାଣି। କେବଳ ୟୁନାଇଟେଡ୍ କିଙ୍ଗଡମରେ ୧୯୫୦ କରେନା ଆକ୍ରାନ୍ତ ଥିବାବେଳେ ୭୧ ଜଣଙ୍କ ମୃତ୍ୟୁ ହୋଇସାରିଛି।

### ଶୀର୍ଷରେ ସୌରଭ, ପ୍ରତାପ


ନୂଆଦିଲ୍ଲୀ, ୧୮।୩ (ପି.ଟି.)- ଦୁଇ ଭାରତୀୟ ଶୁଟର୍ ସୌରଭ ଚୌଧାରୀ ଓ ଐଶ୍ୱରୀ ପ୍ରତାପ ଏଠାରେ ଚାଲିଥିବା ଅଲିମ୍ପିକ ଟିମ୍ ଶୁଟିଂ ସିଲେକ୍ସନ ଟ୍ରାଏଲ୍ସ ଯୋଗ୍ୟତା ପର୍ଯ୍ୟାୟରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସୌରଭ ୧୦ ମିଟର ଏୟାର ରାଇଫଲ୍ ଏବଂ ପ୍ରତାପ ୫୦ ମିଟର ରାଇଫଲ୍ ୩ ପୋଜିସନ ଇଭେଣ୍ଟର ଶୀର୍ଷରେ ରହିଛନ୍ତି। ପୂର୍ବରୁ ଅଲିମ୍ପିକ କୋଟା ହାସଲ କରିଥିବା ସୌରଭ ୧୦ ମିଟର ଏୟାର ରାଇଫଲ୍ ମହିଳା ଓ ପୁରୁଷ ମିଳିତ ଯୋଗ୍ୟତା ପର୍ଯ୍ୟାୟରେ ୫୮୮ ସ୍କୋର କରିଛନ୍ତି। ଅନ୍ୟତମ ଅଲିମ୍ପିକ ଟିକେଟ୍ ହାସଲକାରୀ ଭାରତୀୟ ଶୁଟର୍ ଅଭିଶେକ ବର୍ମା (୫୮୫) ଓ ଅନୁରାଜ ସିଂ (୫୭୯) ଯଥାକ୍ରମେ ତାଲିକାରେ ପଛକୁ ରହିଛନ୍ତି। ମନୁ ଭାକର (୫୭୪) ଓ ଯଶସ୍ୱିନୀ ସିଂ ଦେଶଓ୍ୱାଲ (୫୭୦)ଙ୍କୁ ଯଥାକ୍ରମେ ୮ମ ଓ ୯ମ ସ୍ଥାନ ମିଳିଛି।

# ଓଡ଼ିଶା ଏଫସି ଛାଡ଼ିଲେ ଗମ୍ବାଉ

ଭୁବନେଶ୍ୱର, ୧୮।୩(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ରେ ପ୍ରଥମ ପଦାର୍ପଣରେ ପ୍ରଦର୍ଶନର ଛାପ ଛାଡ଼ିଥିବା ଓଡ଼ିଶା ଏଫସି କୋଚ୍ ଜୋସେପ ଗମ୍ବାଉ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ପାରିବାରିକ ସମସ୍ୟା ଯୋଗୁ ସେ କୋଚ୍ ପଦ ଛାଡ଼ିଥିବା ଓଡ଼ିଶା ଏଫସି ପକ୍ଷରୁ ପ୍ରକାଶ କରାଯାଇଛି। ଏ ସମ୍ପର୍କରେ କ୍ଲବ ସଭାପତି ରୋହନ ଶର୍ମା କହିଛନ୍ତି ଯେ, " ତାଙ୍କ ଜୀବନରେ ଏପରି ସମୟ ଆସିଛି ଯାହାକୁ ଫୁଟବଲଠାରୁ ଗୁରୁତ୍ୱପୂର୍ଣ୍ଣ। ତେବେ କ୍ଲବ ପାଇଁ ଯାହା କିଛି କରିଛନ୍ତି ସେଥିପାଇଁ ମୁଁ କୋଚ୍ ଗମ୍ବାଉ ଏବଂ ତାଙ୍କ କୋଚିଂ ଷ୍ଟାଫଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି। ସେମାନେ ଯେଉଁଆଡ଼େ ଗଲେ ମଧ୍ୟ ଓଡ଼ିଶା ପ୍ରତି ନିଶ୍ଚିତ ଆନ୍ତରିକତା ରହିବ''। ଏପରି ନିଷ୍ପତ୍ତି କଷ୍ଟକର ଥିଲା ବୋଲି ଗମ୍ବାଉ ପ୍ରକାଶ କରିଛନ୍ତି। ''ଏପରି ଏକ ନିଷ୍ପତ୍ତି ନେବା ମୋ ପାଇଁ ସହଜ ନ ଥିଲା। ଓଡ଼ିଶାରେ ମୁଁ ମୋ ଭୂମିକାକୁ ମନଭରି ଉପଭୋଗ କରିଛି। ଦଳକୁ ଯେପରିଭାବେ ପ୍ରସ୍ତୁତ କରିଛି ସେଥିପାଇଁ ମୁଁ ଗର୍ବିତ ମଧ୍ୟ। ତେବେ ମୁଁ ଯେପରିଭାବେ ଆରମ୍ଭ କରିଥିଲି ସେପରି ଶେଷ କରିପାରୁ ନ ଥିବାରୁ ବହୁତ ଦୁଃଖିତ। ମୁଁ ସର୍ବଦା ଓଡ଼ିଶା ଏଫସିର ସଫଳତା କାମନା କରିବି'' ବୋଲି ଗମ୍ବାଉ କହିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ସ୍ପେନର ଗମ୍ବାଉ ୨୦୧୮ ଜୁଲାଇରେ ଦିଲ୍ଲୀ ଡାଇନାମସ କ୍ଲବ ସହିତ ଯୋଗ ଦେଇଥିଲେ। ୨୦୧୯ ମେ ପର୍ଯ୍ୟନ୍ତ ସେ ଏହି ଦଳକୁ ପ୍ରଶିକ୍ଷଣ ଦେଇଥିଲେ। ଏହାପରେ ଦିଲ୍ଲୀ ଡାଇନାମସ ଓଡ଼ିଶା ଏଫସିରେ ପରିଣତ ହୋଇଥିଲା। ମୁଖ୍ୟ କୋଚ୍ ଭାବେ ଗମ୍ବାଉ ୨୦୧୯ ଅଗଷ୍ଟରୁ ଏପର୍ଯ୍ୟନ୍ତ ଓଡ଼ିଶା ଏଫସିକୁ ଗାଇଡ୍ କରି ଆସୁଥିଲେ। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଏଫସି ନିଜର ପ୍ରଥମ ସିଜନରେ ହିଁ ଚମତ୍କାର ପ୍ରଦର୍ଶନ କରିଥିଲା। ଅନେକ ଦିନ ପର୍ଯ୍ୟନ୍ତ ପଏଣ୍ଟ ଟେବୁଲର ଶୀର୍ଷ ୪ରେ ରହିବାପରେ ଶେଷରେ ଦଳ ୬ଷ୍ଠ ସ୍ଥାନରେ ରହି ସିଜନ ଶେଷ କରିଥିଲା। ଦଳ ୧୮ଟି ମ୍ୟାଚ ଖେଳିଥିବାବେଳେ ୭ଟି



"ଏପରି ଏକ ନିଷ୍ପତ୍ତି ମୋ ପାଇଁ ସହଜ ନ ଥିଲା। ଓଡ଼ିଶାରେ ମୁଁ ମୋ ଭୂମିକାକୁ ମନଭରି ଉପଭୋଗ କରିଛି। ଦଳକୁ ଯେପରିଭାବେ ପ୍ରସ୍ତୁତ କରିଛି ସେଥିପାଇଁ ମୁଁ ଗର୍ବିତ ମଧ୍ୟ। ତେବେ ମୁଁ ଯେଉଁପରି ଆରମ୍ଭ କରିଥିଲି ସେପରି ଶେଷ କରିପାରୁ ନ ଥିବାରୁ ଦୁଃଖିତ। ସର୍ବଦା ଓଡ଼ିଶା ଏଫସିର ସଫଳତା କାମନା କରିବି''

-ଜୋସେପ୍ ଗମ୍ବାଉ

ବିଜୟୀ ହୋଇଥିଲା ଏବଂ ୭ ମ୍ୟାଚରେ ପରାଜୟ ବରଣ କରିଥିଲା। ଅବଶିଷ୍ଟ ୪ଟି ମ୍ୟାଚ ଡ୍ର ରଖି ୨୫ ପଏଣ୍ଟ ପାଇଥିଲା ଏହି ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍। ଦଳ ୨୮ଟି ଗୋଲ ଦେଇଥିବାବେଳେ ୩୧ ଗୋଲ ବରଣ କରିଥିଲା।

ଇଣ୍ଡିଆନ ସୁପରଲିଗ୍‌ରେ ଦିଲ୍ଲୀ ଡାଇନାମସ-ଓଡ଼ିଶା ଏଫସିର ରେକର୍ଡ ଦେଖିଲେ ୫ମ କୋଚ୍‌ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଗମ୍ବାଉ। ୨୦୧୪ ଅଗଷ୍ଟରୁ ଡିସେମ୍ବର ପର୍ଯ୍ୟନ୍ତ ନେଦରଲାଣ୍ଡ୍‌ସର ହାର୍ମ ଭାନ୍ ଭେଲଡୋଭେନ ପ୍ରଥମ କୋଚ୍‌ଭାବେ କାର୍ଯ୍ୟ କରିଥିଲେ। ବ୍ରାଜିଲର ରବର୍ଟ କାର୍ଲୋସ ୨୦୧୫ ଜୁଲାଇରୁ ଡିସେମ୍ବର, ଇଟାଲୀର ଜିଆନଲୁକା ଜାମ୍ବ୍ରୋଟା ୨୦୧୬ ଜୁଲାଇରୁ ଡିସେମ୍ବର, ସ୍ପେନର ମିଗୁଏଲ ଆଞ୍ଜେଲ ପର୍ତ୍ତୁଗାଲ ୨୦୧୭ ଜୁଲାଇରୁ ୨୦୧୮ ମେ ପର୍ଯ୍ୟନ୍ତ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ୨୦୧୯ ଅଗଷ୍ଟରୁ ସିଜନ ଶେଷ ପର୍ଯ୍ୟନ୍ତ ଗମ୍ବାଉଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଏଫସିର ବିଜୟ ହାର ଥିଲା ୩୮.୮୯।

## ବଳାତ୍କାର ଅଭିଯୋଗ ପରେ ବକ୍ସିଂ କୋଚ୍ ଗିରଫ

ନୂଆଦିଲ୍ଲୀ,୧୮।୩- ମହିଳା ଟ୍ରେନିଙ୍କୁ ବଳାତ୍କାର ଅଭିଯୋଗ ଆସିବା ପରେ ହରିୟାଣା ବକ୍ସିଂ କୋଚ୍‌ଙ୍କୁ ଗିରଫ କରାଯାଇଛି। ଫେବୃୟାରୀରେ ଓ୍ୱେଷ୍ଟ ବେଙ୍ଗଲ କ୍ଲାସିକ ବକ୍ସିଂ ଚାମ୍ପିୟନଶିପ୍ ପାଇଁ କୋଲକାତା ଗସ୍ତ କରୁଥିବାବେଳେ ଏହି ଘଟଣା ଘଟିଥିବା ଅଭିଯୋଗ କରିଛନ୍ତି ମହିଳା ଟ୍ରେନି। ପ୍ରଥମେ ଟ୍ରେନ ଯାତ୍ରାବେଳେ ଓ ପରେ କୋଲକାତାରେ ଦଳ ରହୁଥିବାବେଳେ କୋଚ୍ ତାଙ୍କୁ ମାଡ଼ ମାରିଥିଲେ। ପୋଲିସ ଦ୍ୱାରା ଗିରଫ ହୋଇଥିବା ସନ୍ଦୀପ ମଲିକ ହରିୟାଣା ପାଇଁ ପ୍ରତିନିଧିତ୍ୱ କରି ୨୦୦୯ରେ ଜାତୀୟସ୍ତରୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୫୭ କେଜି ଓଜନ ବର୍ଗରେ ଖେଳୁଥିଲେ। ସୋନେପତ୍‌ର ଏକ ବକ୍ସିଂ ଏକାଡେମୀକୁ ସନ୍ଦୀପ କୁମାର ପରିଚାଳନା କରନ୍ତି। ତାଙ୍କୁ ସୋମବାର ଏକାଡେମୀରୁ ଗିରଫ କରାଯାଇଛି। ଏକ ଯୌନ ଉତ୍ପୀଡ଼ନ ମାମଲା ନୂଆଦିଲ୍ଲୀ ପୋଲିସ ଷ୍ଟେଶନରେ ପଞ୍ଜିକୃତ କରାଯାଇଛି। ଦୋଷୀଙ୍କୁ ସୋମବାର ସୋନେପତ୍‌ରୁ ଗିରଫ କରାଯାଇଛି।

# କାଉଣ୍ଟି ଖେଳିବେ ହନୁମା



ନୂଆଦିଲ୍ଲୀ, ୧୮।୩ (ପି.ଟି.)

ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି କରିଥିବା ମାରାତ୍ମକ କରୋନା ଭାଇରସ୍ ଲାଗି ପ୍ରାୟ ସମସ୍ତ ଖେଳ ବାତିଲ ହୋଇସାରିଛି। ଏହି ଅବସରରେ ଖେଳାଳିମାନେ ଘରେ ରହି ସମୟ ଅତିବାହିତ କରୁଛନ୍ତି। ଭାରତୀୟ କ୍ରିକେଟର୍ ହନୁମା ବିହାରୀ ଆଗାମୀ ଗ୍ରୀଷ୍ମ ସିଜନରେ ଇଂଲଣ୍ଡରେ କାଉଣ୍ଟି କ୍ରିକେଟ୍ ଖେଳି ସଦୁପଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଧିରେ ଧିରେ ଭାରତୀୟ ଟେଷ୍ଟ ଦଳର ଜଣେ ପ୍ରମୁଖ ସଦସ୍ୟ ବନିବାକୁ ଯାଉଥିବା ୨୬ ବର୍ଷୀୟ ହନୁମା ଏକ ପ୍ରମୁଖ କାଉଣ୍ଟି ଦଳ ସହ ତାଙ୍କ ଦକ୍ଷତା ପରଖିବାକୁ ଚାହୁଁଛନ୍ତି। ତେବେ ତାଙ୍କର ଏହି ଲକ୍ଷ୍ୟପଥରେ କରୋନା ଭାଇରସ୍ ବାଧା ସୃଷ୍ଟି କରିଛି। ଆଗାମୀ ଦିନରେ ଯେତେବେଳେ ଏହି ପରିସ୍ଥିତି ନିୟନ୍ତ୍ରଣକୁ ଆସିବ ଏବଂ ଗସ୍ତରେ ଲାଗିଥିବା ପ୍ରତିବନ୍ଧକ କୋହଳ ହୋଇଯିବ ସେତେବେଳ ପର୍ଯ୍ୟନ୍ତ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ହନୁମା ଏକ ସାକ୍ଷାତକାରରେ କହିଛନ୍ତି। 'ଚଳିତ ସିଜନରେ ମୋତେ ୪ଟି କାଉଣ୍ଟି ମ୍ୟାଚ୍ ଖେଳିବାର ଥିଲା। ଯେତେବେଳେ ସମସ୍ତ କାଗଜପତ୍ର କାମ ଶେଷ ହୋଇଯିବ ସେତେବେଳେ କାଉଣ୍ଟି ଟିମ୍‌ର ନାମ ପ୍ରକାଶ କରିବି। କରୋନା ଭାଇରସ୍ ଲାଗି ବର୍ତ୍ତମାନ ଏହାକୁ ରୋକାଯାଇଛି। କିନ୍ତୁ ଆଶାବାଦୀ ରହିଛି ଯେତେବେଳେ ସ୍ଥିତି ନିୟନ୍ତ୍ରଣକୁ ଆସିବ ଏହି ସବୁ ମ୍ୟାଚ୍ ଖେଳିପାରିବି। ଏଥିରେ ମୋତେ ବହୁତ କିଛି ଶିଖିବାକୁ ମିଳିବ' ବୋଲି ଆନ୍ଧ୍ରପ୍ରଦେଶର ଏହି ଅଲ୍‌ରାଉଣ୍ଡର କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତକିଛି ବର୍ଷ ହେବ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାର ଟପ୍ କ୍ରିକେଟର୍ ଯେଉଁମାନେ କି ଆଇପିଏଲ୍ ଖେଳୁ ନ ଥିବେ ସେମାନଙ୍କୁ ସମର ସିଜନରେ କାଉଣ୍ଟି କ୍ରିକେଟ୍ ଖେଳିବାକୁ ଅନୁମତି ପ୍ରଦାନ କରୁଛି। ପୂର୍ବରୁ ଚେତେଶ୍ୱର ପୂଜାରା, ଇଶାନ୍ତ ଶର୍ମା, ରବିଚନ୍ଦ୍ରନ ଅଶ୍ୱିନ ଓ ଅଜିଙ୍କ୍ୟା ରାହାନେଙ୍କ ପରି ଟେଷ୍ଟ ସ୍ପେଶାଲିଷ୍ଟଙ୍କୁ କାଉଣ୍ଟି ଖେଳିବାକୁ ଅନୁମତି ଦେଇଥିଲା। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିବା ହନୁମା ୯ ଟେଷ୍ଟ ମ୍ୟାଚ୍‌ରୁ ୫୫୨ ରନ୍ ସଂଗ୍ରହ କରିଛନ୍ତି। ସଂଯୋଗକ୍ରମେ ଏହି ସମସ୍ତ ମ୍ୟାଚ୍ ସେ ବିଦେଶରେ ଖେଳିଛନ୍ତି।

# ବାଙ୍ଗରଙ୍କୁ ବ୍ୟାଟିଂ ପରାମର୍ଶଦାତା ନିଯୁକ୍ତ କରିପାରେ ବିସିବି

ଢାକା,୧୮।୩

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ବର୍ତ୍ତମାନ ଭାରତୀୟ ଦଳର ପୂର୍ବତନ ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗରଙ୍କୁ ଟେଷ୍ଟ ଦଳର ବ୍ୟାଟିଂ ପରାମର୍ଶଦାତା ପଦବୀରେ ନିଯୁକ୍ତି ଦେବା ପାଇଁ ଇଚ୍ଛା ପ୍ରକଟ କରିଛି। ୪୭ ବର୍ଷୀୟ ପୂର୍ବତନ ଭାରତୀୟ ଖେଳାଳି ଏହି ଦାୟିତ୍ୱ ପାଇଁ ଉପଲବ୍ଧ ହେବେ ବୋଲି ବିସିବି ଆଶା ପ୍ରକଟ କରିଛି। ଆସନ୍ତା ଜୁନ୍‌ରେ ବାଂଲାଦେଶ ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍ ଆୟୋଜନ କରିବ। ଆମେ ବାଙ୍ଗରଙ୍କ ସହ ଆଲୋଚନା କରିଛୁ। କିନ୍ତୁ ଏପର୍ଯ୍ୟନ୍ତ କିଛି ଧାର୍ଯ୍ୟ ହୋଇପାରିନାହିଁ। ସମାନ ପଦବୀ ଲାଗି ଆମେ ଅନ୍ୟମାନଙ୍କ ସହ ମଧ୍ୟ କଥାହେଉଛୁ ବୋଲି ବିସିବି ମୁଖ୍ୟ କାର୍ଯ୍ୟକାରୀ ନିଜାମୁଦ୍ଦିନ ଚୌଧାରୀ କହିଛନ୍ତି। ବାଙ୍ଗର ୨୦୧୪ରୁ ୨୦୧୯ ବିଶ୍ୱକପ୍ ପର୍ଯ୍ୟନ୍ତ ଭାରତୀୟ ଦଳ ସହ କାର୍ଯ୍ୟ କରିଥିଲେ।



୨୦୧୬ରେ ସେ ଜିମ୍ବାଓ୍ୱେ ଓ ୨୦୧୭ରେ ଓ୍ୱେଷ୍ଟଇଣ୍ଡିଜ ଦଳର ଅନ୍ତରୀଣ କୋଚ୍ ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ଯଦି ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଠିକ୍ ହୁଏ ତେବେ ବାଙ୍ଗରଙ୍କ ସହ ୧୧୦ ଦିନ ଲାଗି (୨୦୨୦ ଜୁନ୍‌ରୁ ୨୦୨୧ ଫେବୃୟାରୀ) ଚୁକ୍ତି କରାଯାଇପାରେ ବୋଲି ବିସିବି ସୂତ୍ରରୁ ଜଣାପଡ଼ିଛି।

# ୩ ବର୍ଷ ପରେ ଟପ୍ ୬ରୁ ଖସିଲେ ସିନ୍ଧୁ

ନୂଆଦିଲ୍ଲୀ, ୧୮।୩



ବ୍ୟାଡ୍‌ମିଣ୍ଟନ ଓ୍ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗରେ ଷ୍ଟାର୍ ଭାରତୀୟ ମହିଳା ଖେଳାଳି ପି.ଭି. ସିନ୍ଧୁଙ୍କ ଅବନତି ଦେଖିବାକୁ ମିଳିଛି। ମହିଳା ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ୍‌ରେ ସିନ୍ଧୁ ଗୋଟିଏ ପାହାଚ ତଳକୁ ଖସି ୭ମ ସ୍ଥାନ ଲାଭ କରିଛନ୍ତି। ତିନି ବର୍ଷର ବ୍ୟବଧାନ ପରେ ସିନ୍ଧୁ ପ୍ରଥମ ଥର ଲାଗି ଟପ୍-୬ ବାହାରେ ରହିଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ସିନ୍ଧୁ କ୍ରମାଗତ ଭାବେ ନୈରାଶ୍ୟଜନକ ପ୍ରଦର୍ଶନ କରିଆସୁଛନ୍ତି। ସେହିଭଳି ମଙ୍ଗଳବାର ୩୦ତମ ଜନ୍ମଦିନ ପାଳନ କରିଥିବା ସାଇନା ନେହ୍ୱାଲଙ୍କ ମାନ୍ୟତାରେ କୌଣସି ପରିବର୍ତ୍ତନ ହୋଇନାହିଁ। ପୂର୍ବଭଳି ସେ ୨୦ତମ ସ୍ଥାନରେ ରହିଛନ୍ତି। ସ୍ପେନର

**ବିଡବ୍ଲ୍ୟୁଏଫ୍ ର୍‍ୟାଙ୍କିଙ୍ଗ୍**

କାରୋଲିନା ମାରିନ ଗୋଟିଏ ପାହାଚ ଉପରକୁ ଉଠି ୬ଷ୍ଠ ସ୍ଥାନ ଲାଭ କରିଛନ୍ତି। ତାଇଓ୍ୱାନର ତାଇ ଜୁ ୟିଙ୍ଗ୍ ଏକ ନମ୍ବର ସ୍ଥାନରେ ରହିଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ଭାରତକୁ ନିରାଶ ହେବାକୁ ପଡ଼ିଛି। କୌଣସି ଭାରତୀୟ ସଟ୍‌ଲର ଟପ୍-୧୦ରେ ସ୍ଥାନ ପାଇନାହାନ୍ତି। ବି. ସାଇ ପ୍ରଣୀଥ୍ ୩ଟି ସ୍ଥାନ ହରାଇଛନ୍ତି। ସଦ୍ୟତମ ର୍‍ୟାଙ୍କିଙ୍ଗ୍‌ରେ ସେ ତ୍ରୟୋଦଶ ସ୍ଥାନରେ ରହିଛନ୍ତି। କିଡାମ୍ବୀ ଶ୍ରୀକାନ୍ତଙ୍କୁ ୧୪ତମ ଓ ପାରୁପଲ୍ଲୀ କାଶ୍ୟପ ୨୪ତମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

## ୮ ବର୍ଷ ତଳେ ଶେଷ ଦିନିକିଆ ଖେଳିଥିଲେ ସଚିନ

ନୂଆଦିଲ୍ଲୀ,୧୮।୩

କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଆଜିକୁ ଠିକ୍ ୮ ବର୍ଷ ତଳେ ଅର୍ଥାତ ୨୦୧୨ ମାର୍ଚ୍ଚ ୧୮ ତାରିଖରେ କ୍ୟାରିୟର ଶେଷଥର ପାଇଁ ଟିମ୍ ଇଣ୍ଡିଆର ବ୍ଲୁ ଜର୍ସି ପିନ୍ଧିଥିଲେ। ୨୦୧୨ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଶେରେ ବାଂଲା ଜାତୀୟ ଷ୍ଟାଡିୟମରେ ତେନ୍ଦୁଲକର ଶେଷ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ନିଜ କ୍ୟାରିୟରର ଶେଷ ଦିନିକିଆରେ ସେ ୫୨ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୩୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଭାରତୀୟ ଦଳ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ବିରାଟ କୋହଲି ୧୮୩ ରନ୍ କରିଥିଲେ, ଯାହାକି ତାଙ୍କ ଦିନିକିଆ କ୍ୟାରିୟରର ଶ୍ରେଷ୍ଠ ସ୍କୋର। କ୍ୟାରିୟରରେ ୪୬୩ ଦିନିକିଆ ମ୍ୟାଚ୍ ଖେଳିଥିବା ସଚିନ ୪୯ ଶତକ ଓ ୯୬ ଅର୍ଦ୍ଧଶତକ କରିଥିଲେ। ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ସେ ଦିନିକିଆରେ ଦ୍ୱିଶତକ ଅର୍ଜନ କରିଥିଲେ। ତେବେ ସଚିନ ୨୦୧୩ ନଭେମ୍ବର ୬ ତାରିଖରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ।

# ହିଟ୍‌ଲରଙ୍କ ଶାସନରେ ଅଲିମ୍ପିକ୍ ମଶାଲ ରିଲେ ଆରମ୍ଭ


ଟୋକିଓ, ୧୮।୩(ଏପି)

ବିଶ୍ୱ କ୍ରୀଡ଼ା ସର୍ବଶ୍ରେଷ୍ଠ ମହାକୁମ୍ଭ ଅଲିମ୍ପିକ୍ସ ସହିତ ମଶାଲ ରିଲେ ପାରମ୍ପରିକ ଭାବେ ଯୋଡିହୋଇ ଆସିଛି। ତେବେ ଆଧୁନିକ ଅଲିମ୍ପିକ୍ସ ସହିତ ଏହା ପୂର୍ବରୁ ସାମିଲ ନ ଥିଲା। ଏକଥା ବହୁତ କମ୍ ଲୋକ ଜାଣିଥିବେ। ଜର୍ମାନୀରେ ଆଡଲ୍‌ଫ ହିଟଲରଙ୍କ ଶାସନ କାଳରେ ବର୍ଲିନ ଅଲିମ୍ପିକ୍ସରେ ମଶାଲ ରିଲେ ଆରମ୍ଭ ହୋଇଥିଲା। ୧୯୩୬ ମସିହାରେ ଅନୁଷ୍ଠିତ ଅଲିମ୍ପିକ୍ସର ଏହି ଏକାଦଶ ସଂସ୍କରଣରେ ମଶାଲ ରିଲେ ପ୍ରଥମ କରି ଆରମ୍ଭ କରାଯାଇଥିଲା। ଏହି ନୂଆ ପରମ୍ପରା ଆୟୋଜକ କମିଟି ଅଧ୍ୟକ୍ଷ କାର୍ଲ ଡିମ୍‌ଙ୍କର ମାନସ ସନ୍ତାନ ଥିଲା।

ଆଗାମୀ ଟୋକିଓ ଅଲିମ୍ପିକ୍ସ ମଶାଲ ରିଲେ ଜାପାନରେ ଆସନ୍ତା ୨୬ ତାରିଖରେ ଉତ୍ତରପୂର୍ବାଞ୍ଚଳ ଫୁକୁସିମାରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ୨୦୦୪ ରେ ଟୋନୀ ପେରୋଟେଟ ତାଙ୍କ ପ୍ରକାଶିତ ବହି 'ଦି ନ୍ୟାକେଡ ଅଲିମ୍ପିକ୍ସ' ହିଟ୍‌ଲରଙ୍କ ଶାସନ କାଳରେ ଆରମ୍ଭ ହୋଇଥିବା ଏହି ପରମ୍ପରାକୁ ପ୍ରଶଂସା କରିଛନ୍ତି। ଏବେ ଅବଶ୍ୟ ଏହା ଅଲିମ୍ପିକ୍ସ ପାଇଁ ଏକ ଅଳଙ୍କାର ସଦୃଶ ହୋଇଛି କହିଲେ ଭୁଲ୍ ହେବ ନାହିଁ। ସେତେବେଳେ ଗ୍ରୀସ୍‌ରୁ ଜର୍ମାନୀକୁ ମଶାଲ ଆସିଥିଲା ଓ ଏଥିପାଇଁ ୧୨ ଦିନ ସମୟ ଲାଗିଥିଲା। ବର୍ଲିନ ଷ୍ଟାଡିୟମରେ ଏହାର ଚମକ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ମାଲାରେ ଜର୍ମାନୀ ଆର୍ମ୍ସ ମାନୁଫାକଚରର ବା ଅସ୍ତ୍ର ଉତ୍ପାଦନକାରୀ କମ୍ପାନୀ କ୍ରୁପ୍‌ର ଲୋଗ ରହୁଥିଲା। ୧୯୩୬ ଜୁଲାଇ ୨୦ ତାରିଖରେ ଗ୍ରୀକ୍ ଆଥଲେଟ କନଷ୍ଟାଣ୍ଟିନ କୋଣ୍ଡିଲିସ୍ ପ୍ରଥମେ ମଶାଲ ପ୍ରଜ୍ୱଳନ କରିଥିଲେ। ଏହାପରେ ଏହି ମଶାଲ ଗ୍ରୀସ୍, ବୁଲଗେରିଆ, ୟୁଗୋସ୍ଲୋଭିଆ, ହଙ୍ଗେରୀ, ଅଷ୍ଟ୍ରିଆ, ଚେକୋସ୍ଲୋଭାକିଆ ଦେଇ ଶେଷରେ ଜର୍ମାନୀରେ ପହଞ୍ଚିଥିଲା। ପ୍ରତ୍ୟେକ ଧାବକ ମଶାଲ ଧରି .୬୨ କିଲୋମିଟର ଦୌଡ଼ିଥିଲେ।

ସେତେବେଳ ହିଟ୍‌ଲର ଗ୍ରୀକ୍ ଦେବ ଓ ଦେବୀଙ୍କ ଚିତ୍ରକୁ ପ୍ରଶଂସା କରିଥିଲେ। ପରୋକ୍ଷରେ ଅଲିମ୍ପିକ୍ସ ମାଧ୍ୟମରେ ସେ ଜର୍ମାନୀର ଆଧିପତ୍ୟ, ସ୍ୱୟଂ ସମ୍ପୂର୍ଣ୍ଣତାକୁ ପ୍ରଚାର ଓ ପ୍ରସାର କରିବାକୁ ଚାହିଁଥିଲେ। ମଶାଲ ରିଲେର ପ୍ରତ୍ୟେକ ସୋପାନ, ପଥ, ପୁରାତନ ଗ୍ରୀକ୍ ସଭ୍ୟତାର ଆଥଲେଟଙ୍କ ପ୍ରଚାର ଓ ପ୍ରସାର ସୁଚିନ୍ତିତ ଭାବେ କରାଯାଇଥିଲା। ତେବେ ଅଲିମ୍ପିକ ଜ୍ୟୋତି ପ୍ରଜ୍ୱଳନ ପ୍ରଥମେ ୧୯୧୮ ଆମଷ୍ଟରଡାମ ଗେମ୍ସରେ ଆରମ୍ଭ ହୋଇଥିଲା। ଏହା ପରେ ପୁଣି ୧୯୩୨ ଲସ୍ ଏଞ୍ଜେଲ୍ସରେ ପ୍ରଜ୍ୱଳିତ ହୋଇଥିଲା।

ତେବେ ୧୯୨୮ ଓ ୧୯୩୨ ଜ୍ୟୋତି ବାବଦରେ ଖୁବ୍ କମ୍ ଲୋକ ଜାଣିଥିବେ। ଏହା ଅଲିମ୍ପିଆ ବଦଳରେ ଘଟଣାସ୍ଥଳ ବା ଷ୍ଟାଡିୟମରେ ପ୍ରଜ୍ୱଳିତ ହୋଇଥିଲା ବୋଲି ଇଣ୍ଟରନ୍ୟାଶନାଲ ସୋସାଇଟି ଅଫ୍ ଅଲିମ୍ପିକ୍ ହିଷ୍ଟୋରିଆନ୍ସ ପୂର୍ବତନ ଅଧ୍ୟକ୍ଷ ବିଲ୍ ମାଲୋନ ଇମେଲ କରି ଜଣାଇଛନ୍ତି। ୧୯୩୬ ପର୍ଯ୍ୟନ୍ତ ମଶାଲ ରିଲେ ଆୟୋଜିତ ହୋଇ ନ ଥିଲା। ତେବେ ଏହାପରଠାରୁ ମଶାଲ ରିଲେ ନିୟମିତ ଭାବେ ଆୟୋଜନ ହୋଇ



୧୯୩୬ ବର୍ଲିନ ଅଲିମ୍ପିକ୍ସରେ ଲଷ୍ଟଗାର୍ଟେନଠାରେ ଜ୍ୟୋତି ପ୍ରଜ୍ୱଳନ କରାଯାଉଛି।

ଆସିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅଲିମ୍ପିକ୍ସ ଆୟୋଜନ ହୋଇ ନ ଥିଲା। ଫଳରେ ଟୋକିଓରେ ଆୟୋଜିତ ହେବାକୁ ଥିବା ୧୯୪୦ ଅଲିମ୍ପିକ୍ସ ଗେମ୍ସ ବାତିଲ ହୋଇଥିଲ। ତେବେ ୧୯୪୮ରେ ପୁଣି ଥରେ ଅଲିମ୍ପିକ୍ସ ଆରମ୍ଭ ହୋଇଥିଲା ଓ ଏହାପରେ ମଶାଲ ରାଲିରେ ଆଧୁନିକତା ଆସିବା ସହ ଆହୁରି ଆକର୍ଷଣୀୟ ହୋଇଥିଲା।

ଗ୍ରୀଷ୍ମ ଅଲିମ୍ପିକ ଜ୍ୟୋତି ସବୁବେଳେ ପୁରାତନ ଅଲିମ୍ପିଆରେ ପ୍ରଥମେ ପ୍ରଜ୍ୱଳିତ ହୋଇଥାଏ। କିନ୍ତୁ ଶୀତକାଳୀନ ଅଲିମ୍ପିକ୍ସ ଅଲିମ୍ପିକ୍ସର ମଶାଲ ଏଠାରେ ପ୍ରଜ୍ୱଳିତ ହୋଇ ନ ଥାଏ। ୧୯୫୨ ଓ ୧୯୬୦ ଶୀତକାଳୀନ ଅଲିମ୍ପିକ୍ସର ଜ୍ୟୋତି ମୋର୍ଗେଡାଲରେ ପ୍ରଜ୍ୱଳିତ ହୋଇଥିଲା। ୧୯୫୬ ଶୀତକାଳୀନ ଅଲିମ୍ପିକ୍ସର ଜ୍ୟୋତି ରୋମରେ ପ୍ରଜ୍ୱଳିତ ହୋଇଥିଲା। ଶୀତକାଳୀନ ଅଲିମ୍ପିକ୍ସର ଜ୍ୟୋତି ପ୍ରଜ୍ୱଳନ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ହୋଇଥିଲା।

୧୯୮୪ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ମଶାଲ ରିଲେ ବ୍ୟବସାୟୀକରଣ ହୋଇଥିଲା। ରିଲେ ପ୍ରାୟୋଜକ ଏଟି ଆଣ୍ଡ ଟି କିଲୋମିଟର ଲେଗ୍ ବା ଦୂରତାକୁ ବିକ୍ରି କରିଥିଲା। ମଶାଲ ସହ ଲୋକମାନଙ୍କୁ ଦୌଡ଼ିବା ପାଇଁ ସୁଯୋଗ ମିଳିଥିଲା। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ କୋକା-କୋଲା ପ୍ରାୟୋଜକ ଥିଲା। ଏଥିରେ ଗ୍ରୀସ୍ ଅସନ୍ତୋଷ ଜାହିର କରିଥିଲା। ୨୦୦୮ ବେଜିଂ ଅଲିମ୍ପିକ୍ସରେ ମଧ୍ୟ ସମସ୍ୟା ଦେଖା ଦେଇଥିଲା। ତେଣୁ ମଶାଲ ରିଲେରେ ଏବେ ଗ୍ଲାମର ଦେଖିବାକୁ ମିଳୁଛି। କିନ୍ତୁ ବିଭିନ୍ନ ସମୟରେ ଏହି ରାଲିରେ ବିବାଦ ସହିତ ବହୁତ କିଛି ସକାରାତ୍ମକ ସନ୍ଦେଶ ମଧ୍ୟ ମିଳୁଛି। ମଶାଲ ରାଲି ବେଶି ପୁରୁଣା ହୋଇ ନ ଥିଲେ ମଧ୍ୟ ଏବେ ଏହା ଅଲିମ୍ପିକ୍ସ ପାଇଁ ଅପରିହାର୍ଯ୍ୟ ହୋଇ ପଡିଛି।

## ସଂକ୍ଷେପରେ

### ଧୋନୀଙ୍କୁ ଆଇପିଏଲର ଆବଶ୍ୟକତା ନାହିଁ



ନୂଆଦିଲ୍ଲୀ,୧୮।୩: ଭାରତୀୟ କ୍ରିକେଟ ବିଶେଷଜ୍ଞଙ୍କ ମତରେ ଆଇପିଏଲ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିପାରେ। ମାତ୍ର କରୋନା ଭାଇରସ ଯୋଗୁ ଆଇପିଏଲର ୧୩ତମ ସଂସ୍କରଣ ଅନିଶ୍ଚିତତା ଘେରକୁ ଚାଲି ଯାଇଛି। ଯଦି ଚଳିତ ବର୍ଷ ଆଇପିଏଲ ଅନୁଷ୍ଠିତ ହୋଇ ନ ପାରେ, ତେବେ କ'ଣ ଧୋନୀଙ୍କ ପାଇଁ ଜାତୀୟ ଦଳକୁ ଫେରିବା ବାଟ ବନ୍ଦ ହୋଇଯିବ? ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ତଥା ଭାଷ୍ୟକାର ଆକାଶ ଚୋପ୍ରା। ତାଙ୍କ ମତରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ଲାଗି ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ଆଇପିଏଲର ଆବଶ୍ୟକତା ନାହିଁ। ଧୋନୀଙ୍କୁ ଜଣା କ'ଣ କରୁଛନ୍ତି। ତାଙ୍କ ଭଳି ଖେଳାଳିଙ୍କ ପାଇଁ ଆଇପିଏଲ କଦାପି ଏକ ବାଧା ନୁହେଁ ବୋଲି ଏକ ୟୁଟ୍ୟୁବ ଭିଡିଓରେ ଆକାଶ କହିଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଆଇପିଏଲରେ ଧୋନୀ ଭଲ ସ୍କୋର କଲେ ଭାରତୀୟ ଦଳକୁ ଫେରିପାରିବେ। ମାତ୍ର ଧୋନୀ ଜାତୀୟ ଦଳକୁ ଫେରିବାକୁ ଚାହୁଁଥିଲେ, ପ୍ରଥମେ ନିଜକୁ ଉପଲବ୍ଧ କରିବାକୁ ପଡ଼ିବ। ଚୟନକର୍ତ୍ତା ତାଙ୍କୁ ସିଧାସଳଖ ଦଳରେ ନେବେ। କାରଣ ଅଭିଜ୍ଞତା ସୁପରମାର୍କେଟରେ ମିଳେ ନାହିଁ। ଧୋନୀ ଜଣେ ଖୁବ୍ ଅଭିଜ୍ଞ ଖେଳାଳି। ଯଦି ଭାରତୀୟ ଦଳ ତାଙ୍କୁ ଚୟନ କରିବାକୁ ଚାହେଁ, ଆଇପିଏଲ ହେଉ କିମ୍ବା ନ ହେଉ ସେଥିରେ କିଛି ଫରକ ପଡ଼ିବ ନାହିଁ ବୋଲି ଆକାଶ ଉକ୍ତ ଭିଡିଓରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇପିଏଲ ଚଳିତ ମାସ ୩୦ ତାରିଖରୁ ଆରମ୍ଭ ହେବାର ଥିଲା। ମାତ୍ର କରୋନା ଯୋଗୁ ଏହାକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଛି। ସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଆଇପିଏଲ ଖେଳାଯାଇ ପାରିବନାହିଁ।

# ଅନିଶ୍ଚିତତାରେ ଗ୍ରାଣ୍ଡସ୍ଲାମ ଟେନିସ

ପ୍ୟାରିସ, ୧୮।୩

ବିଶ୍ୱରେ କରୋନା ଭାଇରସ ମହାମାରୀ ରୂପ ନେଇଥିବାବେଳେ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା ପ୍ରଭାବିତ ହୋଇଛି। ଅନେକ ପ୍ରତିଯୋଗିତା ବାତିଲ ହୋଇଥିବାବେଳେ କେତେକ ସ୍ଥଗିତ ରହିଛି ଏବଂ ଆଉ କେତେକ ଟୁର୍ନାମେଣ୍ଟ ପାଇଁ ନୂଆ ତାରିଖ ଧାର୍ଯ୍ୟ କରାଯାଉଛି। ଏଥିରେ ଯୋଡ଼ି ହୋଇ ଯାଇଛି ଗ୍ରାଣ୍ଡସ୍ଲାମ ଟେନିସ। ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ସଫଳତାର ସହ ସମ୍ପନ୍ନ ହୋଇଥିଲେ ହେଁ ଅବଶିଷ୍ଟ ୩ଟି ଗ୍ରାଣ୍ଡସ୍ଲାମ ଉପରେ ଅନିଶ୍ଚିତତାର କଳା ବାଦଲ ଛାଇ ହୋଇ ରହିଛି। ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ୍ ଓପନପାଇଁ ନୂଆ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ୪ର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଘୁଞ୍ଚାଇବାକୁ ଯୋଜନା ହେଉଛି। ୱିମ୍ବେଲଡନକୁ ଯଥା ସମୟରେ କରାଇବା ପାଇଁ ଆୟୋଜକମାନେ ଯଦିଓ ଚିନ୍ତା କରୁଛନ୍ତି ମାତ୍ର ଏହାକୁ ନେଇ ଆଶଙ୍କା ରହିଛି।

**ଫ୍ରେଞ୍ଚ୍ ଓପନ୍**

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଏହା ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ କରିବା ଲାଗି ଚାମ୍ପିୟନଶିପ୍‌ର ଆୟୋଜକମାନେ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ପ୍ରସ୍ତୁତି କାର୍ଯ୍ୟକୁ ଆଗେଇନେବା ସହଜ ନୁହେଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ତେବେ ଅନ୍ୟ ଗ୍ରାଣ୍ଡସ୍ଲାମ ଆୟୋଜନ ଉପରେ ଫ୍ରେଞ୍ଚ୍ ଓପନ ସେପ୍ଟେମ୍ବରରେ ହୋଇ ପାରିବ କି ନାହିଁ ତାହା ସ୍ପଷ୍ଟ ହେବ।

**ୟୁଏସ୍ ଓପନ୍**

ଫ୍ରେଞ୍ଚ୍ ଓପନ ପରେ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଆୟୋଜନ ନେଇ ମଧ୍ୟ ଅନିଶ୍ଚିତତା ଦେଖା ଦେଇଛି। ଏପରିକି ଇଭେଣ୍ଟକୁ ଅଗଷ୍ଟ ଶେଷ ସପ୍ତାହକୁ ଘୁଞ୍ଚାଇବାକୁ ମଧ୍ୟ ଯୋଜନା ହେଉଛି। ଅନ୍ୟ ବଡ଼ ଟୁର୍ନାମେଣ୍ଟର ଆୟୋଜକ, ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ, ଏଟିପି ଓ ଡବ୍ଲ୍ୟୁଟିଏ ଟୁର୍ ସହ ଆଲୋଚନା ପରେ ହିଁ ତାରିଖ ଧାର୍ଯ୍ୟ ହୋଇପାରିବ ବୋଲି ୟୁଏସ୍ ଟେନିସ ଆସୋସିଏଶନ (ୟୁଏସ୍‌ଟିଏ)ପକ୍ଷରୁ କୁହାଯାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏକତରଫା ନିଆଯାଇପାରିବ ନାହିଁ ବୋଲି ୟୁଏସ୍‌ଟିଏ ପକ୍ଷରୁ ବିବୃତିରେ କୁହାଯାଇଛି। ପ୍ରକୃତରେ ୟୁଏସ୍ ଓପନ ନ୍ୟୁୟର୍କର ଫ୍ଲସିଂ ମିଡୋସଠାରେ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ହେବାର ଥିଲା। ଏହାକୁ ଗୋଟିଏ ସପ୍ତାହ ଘୁଞ୍ଚାଇ ଦିଆଯାଇପାରେ। ୟୁଏସ୍‌ଟିଏ ପକ୍ଷରୁ ଚଳିତ ବର୍ଷର ୟୁଏସ୍ ଓପନ ଆୟୋଜନ ପାଇଁ ଯୋଜନା ଚାଲିଛି। ଏବେ କୌଣସି ପରିବର୍ତ୍ତନ ଲାଗି ସମୟ ଆସିନାହିଁ। ଆମେ ସମସ୍ତ ବିକଳ୍ପ ଓ ସମ୍ଭାବନା ଉପରେ ନଜର ରଖିଛୁ ବୋଲି ୟୁଏସ୍‌ଟିଏ ପକ୍ଷରୁ କୁହାଯାଇଛି।




**ୱିମ୍ବେଲଡ଼ନ ଓପନ**

କରୋନା ଆତଙ୍କ ସତ୍ତ୍ୱେ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମକୁ ନିର୍ଦ୍ଧାରିତ ସମୟରେ ଆୟୋଜନ କରିବାକୁ ଆୟୋଜକ ଯୋଜନା କରୁଛନ୍ତି। ୱିମ୍ବେଲଡ଼ନ ଜୁନ ୨୯ରୁ ଆରମ୍ଭ ହୋଇ ଜୁଲାଇ ୧୨ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଯଦି ଭାଇରସ୍ ସଂକ୍ରମଣରେ ମନ୍ଥରତା ଦେଖାଯାଏ ତା'ହେଲେ ୱିମ୍ବେଲଡନ ନିର୍ଦ୍ଧାରିତ ସମୟରେ ଆୟୋଜନ କରାଯାଇପାରିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି। ତେବେ ସର୍ବସାଧାରଣଙ୍କ ନିରାପତ୍ତାକୁ ଅଗ୍ରାଧିକାର ଦିଆଯିବ ବୋଲି ଅଲ ଇଂଲଣ୍ଡ ଲନ୍ ଟେନିସ୍ ଓ କ୍ରୋକ୍ୱେଟ କ୍ଲବ ମୁଖ୍ୟ କାର୍ଯ୍ୟନିର୍ବାହୀ ରିଚାର୍ଡ ଲୁଇସ୍ ସ୍ପଷ୍ଟ କରିଛନ୍ତି। ସର୍ବସାଧାରଣଙ୍କ ସମେତ ଆମର ସଦସ୍ୟ, ଷ୍ଟାଫ୍‌ଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯିବ। ସବୁ ଦୃଷ୍ଟିକୋଣରୁ ବିଚାର କରି ଆମେ ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି।

ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



SURDEEP SURANJAN PARIDA

ଭଗବାନ ତୋ ଜୀବନର ଚଲାପଥକୁ କୁସୁମିତ କରନ୍ତୁ, ତାଙ୍କ ଆଶୀର୍ବାଦ ସଦା ଥାଉ ତୋ ଉପରେ।

ଶୁଭେଚ୍ଛା ସହ:
ପାପା, ମାମା, ମା', ପରିବାରବର୍ଗ ଓ ମାମୁଘରର ସମସ୍ତେ।

ଧ-୧୭୧୮୪

### ସାଇନାଙ୍କ ଅଭିଯୋଗ

ନୂଆଦିଲ୍ଲୀ,୧୮।୩(ପି.ଟି.)

ଭାରତୀୟ ମହିଳା ବ୍ୟାଡମିଣ୍ଟନ ତାରକା ସାଇନା ନେହ୍ୱାଲ ଗତ ସପ୍ତାହରେ ଖେଳାଯାଇଥିବା ଅଲ ଇଂଲଣ୍ଡ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଆୟୋଜନ ନେଇ ପ୍ରଶ୍ନ ଉଠାଇଛନ୍ତି। ଖେଳାଳିଙ୍କ ନିରାପତ୍ତାକୁ ହେୟ କରି ଅର୍ଥକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା ବୋଲି ସେ ଅଭିଯୋଗ ଆଣିଛନ୍ତି। କରୋନା ଭାଇରସ ସାରା ବିଶ୍ୱରେ ଏକ ମହାମାରୀ ରୂପ ନେଇଥିବା ବେଳେ କିପରି ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଖେଳାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ କେବଳ ଅର୍ଥକୁ ଅଧିକ ଗୁରତ୍ୱ ଦିଆଯାଇଥିଲା।

# ବିଶ୍ୱକପ୍ ଚାମ୍ପିୟନ ମାଟୁଡି ଆକ୍ରାନ୍ତ

ରୋମ୍,୧୮।୩



ଜୁଭେଣ୍ଟସ ପକ୍ଷରୁ ଖେଳୁଥିବା ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଦଳର ସଦସ୍ୟ ବ୍ଲାଇସେ ମାଟୁଡି ଓ ହେଲାସ ଭେରୋନା ଖେଳାଳି ମାଟି ଜାକାଗନି ଘାତକ ଭାଇରସ କରୋନାରେ ଆକ୍ରାନ୍ତ। ଉଭୟଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଥିବା ସେମାନଙ୍କ ସିରି ଏ' କ୍ଲବ ସ୍ପଷ୍ଟ କରିଛି। ଇଟାଲିଆନ ଚାମ୍ପିୟନ ଜୁଭେଣ୍ଟସ ପକ୍ଷରୁ କୁହାଯାଇଛି, ୩୨ ବର୍ଷୀୟ ମାଟୁଡିଙ୍କୁ ଏବେ ଘରେ ପର୍ଯ୍ୟବେକ୍ଷଣରେ ରହିଛନ୍ତି। ୨୦୧୮ ଫିଫା ବିଶ୍ୱକପ୍ ଚାମ୍ପିୟନ ମିଡ୍‌ଫିଲ୍ଡର ମାଟୁଡିଙ୍କ ଦଳର ସଦସ୍ୟ ଡାନିଏଲ ରୁଗାନି ପ୍ରଥମେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ଦଳର ସମସ୍ତ ସଦସ୍ୟଙ୍କ ସ୍ୱାବ୍ ଟେଷ୍ଟ କରାଯିବା ସହ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ମୋଟ ୧୩ ସଦସ୍ୟ କରୋନାରେ ଆକ୍ରାନ୍ତ ଥିବା ଅଫିସିଆଲ ରିପୋର୍ଟରେ କୁହାଯାଇଛି। ୨୪ ବର୍ଷୀୟ ଜାକାଗନିଙ୍କ ନିକଟରେ ଲକ୍ଷଣ ଦେଖାଦେବା ପରେ ନିଜନଆଡୁ ରୁଦ୍ଧ ରୁମ୍‌ରେ ରହିଛନ୍ତି। ତାଙ୍କୁ ସମସ୍ତ ମେଡ଼ିକାଲ ସୁବିଧା ଯୋଗାଇ ଦିଆଯାଉଛି। ତାଙ୍କ ସମେତ ସିରି ଏ' ପଏଣ୍ଟ ଟେବୁଲର ଅଷ୍ଟମ ସ୍ଥାନରେ ଥିବା ଭେରୋନା କ୍ଲବର ସମସ୍ତ ଖେଳାଳି ୨୫ ମାର୍ଚ୍ଚ ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷଣରେ ରହିବେ। ଇଟାଲୀରେ କରୋନା ଭାଇରସ୍‌ଜନିତ ମୃତ୍ୟୁସଂଖ୍ୟା ୨.୫ ହଜାର ଥିଲାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୩୧ ହଜାରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ଏହି ଭାଇରସ୍ ଦେଶରେ ୩୫୦ ଲୋକଙ୍କ ଜୀବନ ନେଇଛି।

## 'ଆଥଲେଟଙ୍କ ସ୍ୱାସ୍ଥ୍ୟ, ନିରାପତ୍ତାକୁ ଗୁରୁତ୍ୱ ଦିଆଯିବ'

ଲଉସେନ,୧୮।୩(ଏଏଫ୍‌ପି)

କରୋନା ଭାଇରସ୍ କାରଣରୁ ଅଲିମ୍ପିକ୍ସ ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏ ନେଇ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମୁହଁ ଖୋଲିଛି। ଅଲିମ୍ପିକ୍ସ ଆୟୋଜନ ନେଇ କୌଣସି ଆଦର୍ଶ ସମାଧାନ ନାହିଁ ବୋଲି ଆଇଓସି ସ୍ପଷ୍ଟ କରିଛି। ବିଶ୍ୱର କେତେକ ଆଗଧାଡ଼ିର ଆଥଲେଟ୍ ନିର୍ଦ୍ଧାରିତ ସମୟରେ ଅଲିମ୍ପିକ ଆୟୋଜନ ନେଇ ଚିନ୍ତା ପ୍ରକଟ କରିଥିଲେ। ସ୍ୱାସ୍ଥ୍ୟକୁ ବିପଦରେ ପକାଇ ଜୁଲାଇ ୨୪ରୁ ଅଗଷ୍ଟ ୯ ତାରିଖ ମଧ୍ୟରେ ଆୟୋଜନ ହେବାକୁଥିବା ଏହି ମେଗା ଇଭେଣ୍ଟରେ ଆଥଲେଟମାନେ ଅଂଶଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରିଥିଲେ। ଆଥଲେଟମାନେ ମଧ୍ୟ ଏ ନେଇ ଆଇଓସିକୁ ସମାଲୋଚନା କରିଥିଲେ। ଏକ ଅସାଧାରଣ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଗୋଟିଏ ଅସାଧାରଣ ସମାଧାନର ପନ୍ଥାର ମଧ୍ୟ ଆବଶ୍ୟକତା ରହିଛି ଆଥଲେଟଙ୍କ ସମାଲୋଚନା ପରେ କହିଛନ୍ତି। ଆଥଲେଟଙ୍କ କୌଣସି କ୍ଷତି ନ କରି ଏକ ସମାଧାନର ପନ୍ଥା ବାହାର କରିବାକୁ ଆଇଓସି ବଦ୍ଧ ପରିକର। ଆଥଲେଟଙ୍କ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦିଆଯିବ। ଏ ଭଳି ପରିସ୍ଥିତିରେ କୌଣସ ଆଦର୍ଶ ସମାଧାନ ହୋଇପାରିବ ନାହିଁ ବୋଲି ଆଇଓସି ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ନିର୍ଦ୍ଧାରିତ ସମୟରେ ଅଲିମ୍ପିକ୍ସ ଆୟୋଜନ କରିବାକ ଆଇଓସି କହିବା ପରେ ଅଲିମ୍ପିକ୍ ପୋଲ ଭୋଲ୍ଟ ଚାମ୍ପିୟନ କାଟେରିନା ଷ୍ଟିଫାନିଡି ଓ ବ୍ରିଟିଶ ହେପ୍ଟାଥଲେଟ କାଟାରିନା ଜନସନ- ଥମ୍ପସନ ଚିନ୍ତା ପ୍ରକଟ କରିଥିଲେ।

# ଜୁଲାଇ-ସେପ୍ଟେମ୍ବରରେ ଆଇପିଏଲ୍ ଆୟୋଜନ ନେଇ ଯୋଜନା

ମୁମ୍ବାଇ,୧୮।୩

କରୋନା ଭାଇରସ ସଂକ୍ରମଣ କାରଣରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣକୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ତେବେ ଏହି ହାଇପ୍ରୋଫାଇଲ କ୍ରିକେଟ ଲିଗ୍‌କୁ ଆସନ୍ତା ଜୁଲାଇ-ସେପ୍ଟେମ୍ବରରେ ଆୟୋଜନ କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲକ୍ଷ୍ୟ ରଖିଛି। ପ୍ରଥମେ ପ୍ଲାନ ବି' ଅନୁସାରେ ବୋର୍ଡ ଆଇପିଏଲ୍‌କୁ ସଂକ୍ଷିପ୍ତ କରିବାକୁ ଯୋଜନା କରିଥିଲା। କିନ୍ତୁ ବିସିସିଆଇ ଆଇପିଏଲ୍‌କୁ ଛୋଟ କରିବାକୁ ଚାହୁଁ ନାହିଁ। ପୂରା ୬୦ ମ୍ୟାଚ୍ ବିଶିଷ୍ଟ ସମ୍ପୂର୍ଣ୍ଣ ଲିଗ୍ ଆୟୋଜନ କରିବାକୁ ବିସିସିଆଇ ଲକ୍ଷ୍ୟ ରଖିଛି। ତେଣୁ ଆଇପିଏଲ୍‌କୁ ଜୁଲାଇ-ସେପ୍ଟେମ୍ବରରେ ଆୟୋଜନ କରିବାକୁ ବିସିସିଆଇ ଯୋଜନା କରୁଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ଆଗାମୀ ଦିନରେ ଯଦି ପରିସ୍ଥିତିରେ ଉନ୍ନତି ନ ଘଟେ ତା'ହେଲେ ଆଇପିଏଲ୍‌କୁ ଏହି ଦୁଇ ମାସରେ ଆୟୋଜନ କରାଯାଇପାରେ। ଜୁଲାଇ-ସେପ୍ଟେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ଫ୍ୟୁଚର ଟୁର ପ୍ରୋଗ୍ରାମ ସାମାନ୍ୟ କୋହଳ ରହିଛି। ସେପ୍ଟେମ୍ବରରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଏସିଆ କପ୍, ପାକିସ୍ତାନର ଇଂଲଣ୍ଡ ଗସ୍ତ ଓ ଆୟର୍ଲାଣ୍ଡର ଇଂଲଣ୍ଡ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ୩ଟି କାର୍ଯ୍ୟକ୍ରମକୁ ବାଦ୍ ଦେଲେ ଆଉ କୌଣସି ବଡ଼ ଇଭେଣ୍ଟ ଏହି ଦୁଇ ମାସ ମଧ୍ୟରେ ନାହିଁ। ତେଣୁ ବିସିସିଆଇ ଏହାର ଫାଇଦା ନେବାକୁ ଚାହୁଁଛି। ଇଂଲଣ୍ଡ ଓ ପାକିସ୍ତାନ ଖେଳାଳିମାନେ ଆଇପିଏଲରେ ଅଂଶଗ୍ରହଣ କରିପାରିବେ ନାହିଁ। କିନ୍ତୁ ବାକି ଦେଶରେ ଖେଳାଳିମାନେ ଆଇପିଏଲ୍ ଖେଳିବାର ସମସ୍ୟାର ସମ୍ମୁଖୀନ ହେବେ ନାହିଁ।

ଭାରତ ସେପ୍ଟେମ୍ବରରେ ଏସିଆ କପ୍ ଖେଳିବ। ପୁଣି ଜୁନ/ ଜୁଲାଇରେ ଶ୍ରୀଲଙ୍କା ବପକ୍ଷରେ ୩ଟି ଦିନିକିଆ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏବେ ଏହି କାର୍ଯ୍ୟସୂଚୀରେ କିଭଳି ପରିବର୍ତ୍ତନ କରିହେବ ସେ ନେଇ ବିସିସିଆଇ ଚିନ୍ତା କରୁଛି। ଉଲ୍ଲେଖଥାଉ କି, ୨୦୦୯ରେ ଦକ୍ଷିଣ ଆଫ୍ରିକାରେ ଆଇପିଏଲ ମାତ୍ର ୩୭ ଦିନ ମଧ୍ୟରେ ଖେଳଯାଇଥିଲା। ଆବଶ୍ୟକ ହେଲେ ଆଇପିଏଲକୁ ଆଂଶିକ ଭାବେ ଭାରତରେ ଓ ବିଦେଶରେ ଆୟୋଜନ କରାଯାଇପାରେ। କିମ୍ବା ପୂରା ଟୁର୍ନାମେଣ୍ଟକୁ ବିଦେଶକୁ ସ୍ଥାନାନ୍ତର କରାଯାଇପାରେ। ତେବେ କରୋନା ଭାଇରସ୍‌ର ସଂକ୍ରମଣ ନିୟନ୍ତ୍ରଣ ଉପରେ ସବୁକିଛି ନିର୍ଭର କରୁଛି ବୋଲି କୁହାଯାଉଛି।

# ସେଲ୍ଫ ଆଇସୋଲେଶନରେ ରହିଲେ ଦକ୍ଷିଣ ଆଫ୍ରିକା ଖେଳାଳି

ଜୋହାନ୍ସବର୍ଗ,୧୮।୩(ପି.ଟି.)

ଭାରତ ଗସ୍ତରୁ ସ୍ୱଦେଶ ଫେରିବା ପରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ସେଲ୍ଫ ଆସୋଲେଶନରେ ରହିବାକୁ କୁହାଯାଇଥିଲା। କରୋନା ଭାଇରସ ଆତଙ୍କ କାରଣରୁ ଗସ୍ତ ଅଧାରୁ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ଘରକୁ ଫେରିବାକୁ ପଡିଥିଲା। ସେମାନଙ୍କୁ ୧୪ଦିନ ପର୍ଯ୍ୟନ୍ତ ଆସୋଲେସନରେ ରହିବାକୁ କୁହାଯାଇଥିଲା ବୋଲି କ୍ରିକେଟ ସାଉଥ୍ ଆଫ୍ରିକା ମେଡିକାଲ ଅଫିସର ଡଃ ଶୁଆଇବ ମାନ୍‌ଜରା କହିଛନ୍ତି। ପୁଣି ଯଦି କରୋନା ଭାଇରସ୍‌ର କୌଣସି ଲକ୍ଷଣ ଦେଖାଯାଏ ତାହାଲେ ସେମାନଙ୍କର ପରୀକ୍ଷା କରିବା ପାଇଁ ମଧ୍ୟ କୁହାଯାଇଥିଲା।

ଅତିକମ୍‌ରେ ୧୪ ଦିନ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଖେଳାଳିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଦ୍ୱାରା ଖେଳାଳିମାନେ ନିଜକୁ ରକ୍ଷା କରିବା ସହ ତାଙ୍କ ସେମାନଙ୍କ ପରିବାର, ଚତୁପାର୍ଶ୍ୱରେ ରହୁଥିବା ଲୋକଙ୍କର ମଧ୍ୟ ହିତ ସାଧନ କରିବାରେ ସହାୟ ହୋଇଥିଲେ। ଏହି ସମୟରେ ଯଦି କୌଣସ ଖେଳାଳିଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଇଥାନ୍ତା ତାହାଲେ ନିୟମ ଅନୁସାରେ ସେମାନଙ୍କର ପରୀକ୍ଷା କରାଯାଇଥାନ୍ତା ବୋଲି ସେ କହିଛନ୍ତି।

ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ୩ଟ ଦିନିକିଆ ଖେଳିବାର କାର୍ଯକ୍ରମ ଥିଲା। ଧର୍ମଶାଳାରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ବର୍ଷା ଯୋଗୁ ଧୋଇଯାଇଥିଲା। ଗସ୍ତରେ କେତେକ ଖେଳାଳି ମାସ୍କ ପରିଧାନ କରିଥିଲେ ଓ ଆଉ କେତକ କରି ନ ଥିଲେ। ଘରକୁ ଫେରିବା ପୂର୍ବରୁ ଦକ୍ଷିଣ ଆଫ୍ରିକା ଖେଳାଳିମାନେ କୋଲକାତାରେ ରହିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଜାରି କରିଥିବା ନିର୍ଦ୍ଦେଶାନାମା ଅନୁସାରେ ଖେଳାଳିମାନଙ୍କୁ ଏ ନେଇ ଶିକ୍ଷା ଦିଆଯାଇଛି। କରୋନା ଭାଇରସକୁ କିପରି ସାମ୍ନା କରିବାକୁ ହେବ ତାହା ଖେଳାଳିମାନେ ଭଲଭାବେ ଅବଗତ ହୋଇଛନ୍ତି। ଖେଳାଳିମାନଙ୍କ ସହ ଆମ ବିଶେଷଜ୍ଞମାନେ ସବୁବେଳେ ସମ୍ପର୍କରେ ରହିବେ ବୋଲି ମାନ୍‌ଜରା କହିଛନ୍ତି।

# ଅଲିମ୍ପିକ୍ସ ସ୍ୱପ୍ନରେ ମିଡ୍‌ଫିଲ୍ଡର ରାଜ କୁମାର

ବେଙ୍ଗାଲୁରୁ, ୧୮।୩

ଭାରତୀୟ ହକି ଦଳର ନୂଆ ଚେହେରା ହେଉଛନ୍ତି ରାଜ କୁମାର ପାଲ। ଉତ୍ତର ପ୍ରଦେଶର ଏହି ପ୍ରତିଭା ସମ୍ପନ୍ନ ଖେଳାଳି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବେଲଜିୟମ ବିପକ୍ଷ ହକି ପ୍ରୋ ଲିଗ୍ ମ୍ୟାଚରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ଭାରତୀୟ ସିନିୟର ଦଳ ପକ୍ଷରୁ ଅଧିକ ମ୍ୟାଚ ଖେଳି ନାହାନ୍ତି ସତ, ମାତ୍ର ସୀମିତ ସୁଯୋଗର ସଦ୍‌ବ୍ୟବହାର କରି ୬୦ ମିନିଟ ବିଶିଷ୍ଟ ଏହି ଖେଳରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। କରୋନା ଭାଇରସ ସଂକ୍ରମଣ ଯୋଗୁ ଟୋକିଓ ଅଲିମ୍ପିକ୍ସକୁ ନେଇ ସଂଶୟ ଲାଗି ରହିଥିବାବେଳେ ଖେଳାଳିମାନେ କିନ୍ତୁ ଆଶା ହରାଇ ନାହାନ୍ତି। ଭାରତୀୟ ଦଳରେ ଅନେକ ଅଭିଜ୍ଞ ଖେଳାଳି ଥିଲେ ହେଁ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇବାକୁ ଆଶା ରଖିଛନ୍ତି ଏହି ଆକ୍ରମଣାତ୍ମକ ମିଡ୍‌ଫିଲ୍ଡର।

ଏପର୍ଯ୍ୟନ୍ତ ରାଜ୍ ଯେତିକି ବି ମ୍ୟାଚ ଖେଳିଛନ୍ତି ତାଙ୍କ ପ୍ରଦର୍ଶନରେ ବେଶ୍ ଉତ୍ସାହିତ ଅଛନ୍ତି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍। ରାଜ୍ ରକ୍ଷଣଭାଗରେ ବେଲଜିଆନ ଆକ୍ରମଣକୁ ପ୍ରତିହତ କରିବା ସହ ଅନେକ ସମୟରେ ଆଗକୁ ବଢ଼ି ଭାରତ ପାଇଁ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ''କୋଚ୍ ଯେପରି ଚାହିଁବେ ସେହି ରଣନୀତି ଅନୁସାରେ ଖେଳିବା ମୋର କାର୍ଯ୍ୟ। ବିଶ୍ୱ ଚାମ୍ପିୟନ ଦଳ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିବା ମୋ ଜୀବନର ଏକ ବଡ଼ ମୁହୂର୍ତ୍ତ। ମୁଁ ଦଳର ଚାହିଦା ମୁତାବକ ଖେଳିବା ଉପରେ ସର୍ବଦା ଫୋକସ କରୁଛି'' ବୋଲି ୨୧ ବର୍ଷୀୟ ରାଜ ପ୍ରକାଶ କରିଛନ୍ତି। ସେ ସମ୍ପ୍ରତି ବେଙ୍ଗାଲୁରୁସ୍ଥିତ ସାଇ ପରିସରରେ ଚାଲିଥିବା ସିନିୟର ହକି ଦଳର କୋଚିଂ କ୍ୟାମ୍ପରେ ଅଭ୍ୟାସ ଜାରି ରଖିଛନ୍ତି।

ଘାଜିପୁର ଜିଲ୍ଲାର କରମପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ରାଜ ୨୦୧୦ରେ ଲକ୍ଷ୍ନୌରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଟୁର୍ନାମେଣ୍ଟ ଅବସରରେ ନଜରକୁ ଆସିଥିଲେ। ମେଘବରନ ଷ୍ଟାଡିୟମରେ ମାତ୍ର ୧୦ ବର୍ଷ ବୟସରୁ ସେ କୋଚ୍ ତେଜ ବାହାଦୂର ସିଂଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିଲେ। ଲକ୍ଷ୍ନୌସ୍ଥିତ ସାଇ ସ୍ପୋର୍ଟ୍ସ ହଷ୍ଟେଲରେ ଥିବାବେଳେ ରାଜଙ୍କ ପ୍ରତିଭାକୁ ଚିହ୍ନିଥିଲେ ହକି ଇଣ୍ଡିଆ ହାଇ ପରଫରମାନ୍ସ ଡାଇରେକ୍ଟର ଡେଭିଡ ଜନ୍‌ଙ୍କଦ୍ୱାରା ଚିହ୍ନଟ ହୋଇଥିଲେ। ୨୦୧୮ରେ ସିନିୟର ଜାତୀୟ ପୁରୁଷ ହକି ଚାମ୍ପିୟନଶିପ୍ ଅବସରରେ ରାଜଙ୍କ ସଂସ୍ପର୍ଶରେ ଆସିଥିଲେ ଜନ୍। ''୨୦୧୮ରେ ମୁଁ ପ୍ରଥମଥରପାଇଁ ନ୍ୟାଶନାଲ କ୍ୟାମ୍ପକୁ ଡାକରା ପାଇଥିଲି। ମାତ୍ର ସେଠାରେ ଟ୍ରେନିଂ ଟେକ୍ନିକ୍ ଏବଂ ଗେମ୍-ସେନ୍ସ ସହିତ ଅଭ୍ୟସ୍ତ ହେବାପାଇଁ ମୋତେ ସମୟ ଲାଗିଥିଲା। ମୁଁ ପୂର୍ବରୁ ଖେଳିଥିବା ହକି ଏବଂ ସିନିୟର ଦଳ ଖେଳୁଥିବା ହକି ମଧ୍ୟରେ ଅନେକ ପାର୍ଥକ୍ୟ ଥିଲା। ତେଣୁ ଆରମ୍ଭରେ ମୁଁ ଚାପରେ ରହିଥିଲି। ତେବେ ମୋତେ ନିୟମିତଭାବେ ଉତ୍ତର ପ୍ରଦେଶର ଅନ୍ୟତମ ଫରୱାର୍ଡ ଖେଳାଳି ଲଳିତ ଉପାଧ୍ୟାୟ ମୋତେ ସର୍ବଦା ଉତ୍ସାହିତ କରି ଆସିଥିଲେ। ଚାପର ବଶବର୍ତ୍ତୀ ନ ହୋଇ ଏହାକୁ ସାଧାରଣଭାବେ ନେବାକୁ ସେ ମୋତେ ପରାମର୍ଶ ଦେଇଥିଲେ'' ବୋଲି ରାଜ କହିଛନ୍ତି।



ରାଜ କୁମାର ପାଲ

ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ସିନିୟର ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ ପରେ ରାଜଙ୍କୁ ୨୦୧୯ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ କ୍ୟାମ୍ପକୁ ଡକା ଯାଇଥିଲା। ସେହି ଦିନଠାରୁ ରାଜ ସିନିୟର ଦଳର ସଦସ୍ୟ ରହି ଆସିଛନ୍ତି। ଉଚ୍ଚ ସ୍ତରର ହକି ଖେଳିବା ପାଇଁ କ'ଣ କରିବାକୁ ହେବ ତାହା ମୋତେ କୋଚ୍ ରିଡ୍ ବୁଝାଇଛନ୍ତି। ନିଜ ଫିଟ୍‌ନେସ ପ୍ରତି ସଚେତନ ହେବା ସହ ପଡ଼ିଆ ମଧ୍ୟରେ ବଲ୍‌କୁ ବେଶୀ ସମୟ ନିଜ ପାଖରେ ନ ରଖିବା ଏବଂ ବିଭିନ୍ନ ଟେକ୍ନିକ୍ ସହିତ ଅଭ୍ୟସ୍ତ ହେବାଉପରେ ଅଧିକ ଧ୍ୟାନ ଦେଉଛି ବୋଲି ରାଜ ପ୍ରକାଶ କରିଛନ୍ତି। ଆଗାମୀ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇବା ତାଙ୍କ ସ୍ୱପ୍ନ ରହିଛି ବୋଲି ସେ କହିଛନ୍ତି। ୨୦୧୧ରେ ପିତାଙ୍କ ଦେହାନ୍ତ ଯୋଗୁ ସେ କିଛିଦିନ ହକିରୁ ବ୍ରେକ୍ ନେଇଥିଲେ ବୋଲି ପ୍ରକାଶ କରିଛନ୍ତି। ''୨୦୧୦ରେ ମୁଁ ସାଇ ସ୍ପୋର୍ଟ୍ସ ହଷ୍ଟେଲରେ ଯୋଗଦେଲି। ମାତ୍ର ୨୦୧୧ରେ ପିତାଙ୍କ ଦେହାନ୍ତ ଯୋଗୁ ମା'ଙ୍କ ସହିତ ରହିବା ଜରୁରୀ ଥିଲା। ସେତେବେଳେ ମୋ ଭାଇମାନେ ଘରଠାରୁ ଦୂରରେ ରହୁଥିବାରୁ ମୁଁ ମା'ଙ୍କ ସହିତ ରହିଥିଲି। ପିତା ଚାଲିଯିବାପରେ ଘରର ପରିସ୍ଥିତିକୁ ଦୃଷ୍ଟିରେ ରଖି ହକିପ୍ରତି ଧ୍ୟାନ କେନ୍ଦ୍ରିତ କରିବାକୁ ମୁଁ ଦୃଢ଼ ହୋଇଥିଲି। ଭାଗ୍ୟ ସାଥ୍ ଦେଇଥିଲା। ମୁଁ ୨୦୧୨ରେ ସାଇ ସ୍ପୋର୍ଟ୍ସ ହଷ୍ଟେଲରେ ପୁଣି ଯୋଗ ଦେଇଥିଲି। ମୋ ମା' ମୋତେ ସମର୍ଥନ କରିଥିଲେ। ମୁଁ ଭାରତ ପକ୍ଷରୁ ହକି ଖେଳେ ବୋଲି ପିତା ଚାହୁଁଥିଲେ। ସେ ମୋର ଜଣେ ବଡ଼ ସମର୍ଥକ ଥିଲେ। ଅତୀତରେ ତାଙ୍କର ଉତ୍ସାହପୂର୍ଣ୍ଣ କଥା ଗୁଡ଼ିକ ମୋତେ ଶକ୍ତି ଦେଇଥିଲା। ଏବେ ଭାରତୀୟ ଦଳ ପାଇଁ ଶତପ୍ରତିଶତ ପ୍ରଦର୍ଶନ ଦେବା ମୋର ଲକ୍ଷ୍ୟ। କଠିନ ପରିଶ୍ରମ କରି ଟୋକିଓ ଅଲିମ୍ପିକ୍ସ ଦଳରେ ସ୍ଥାନ ପାଇବା ମୋର ଲକ୍ଷ୍ୟ'' ବୋଲି ଭାବବିହ୍ୱଳ ରାଜ ପ୍ରକାଶ କରିଛନ୍ତି।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା କମଳାମଣୀ ଦେବୀ
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ

ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୫୯୮୬୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରମୋଦ କୁମାର ପଟ୍ଟନାୟକ
ଏଲ୍-୧୩୮, ଡୁମ୍‌ଡୁମା ହାଉସିଂ ବୋର୍ଡ କଲୋନୀ, ଫେଜ୍-୩, ଭୁବନେଶ୍ୱର
ଆବିର୍ଭାବ: ୨୦।୦୮।୧୯୪୯
ତିରୋଧାନ: ୦୮।୦୩।୨୦୨୦

ବାପା, ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା

-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର ସୌମ୍ୟ ଓ ସ୍ମୃତି ଏବଂ ପରିବାରବର୍ଗ।

ଧ-୬୯୧୧୫

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୯/୨୦୨୦ Bhubaneswar, Thursday, March 19/2020

# ସ୍ୱତନ୍ତ୍ର ବର୍ଥ ନିର୍ମାଣ କରିବ ପାରାଦୀପ ବନ୍ଦର

ପାରାଦୀପ, ୧୮।୩ (ସ୍ୱ.ପ୍ର.)

■ଖର୍ଚ୍ଚ ହେବ ୩ ହଜାର କୋଟି

■୨୦ରୁ ୨୫ ନିୟୁତ ମେଟ୍ରିକ ଟନ୍ ପଣ୍ୟ କାରବାର ବୃଦ୍ଧି ଘଟିବ- ବନ୍ଦର ଅଧ୍ୟକ୍ଷ

ଦେଶର ଦ୍ୱିତୀୟ ବୃହତ୍ ବନ୍ଦର ପରିଚୟ ପାଇଥିବା ପାରାଦୀପରେ କ୍ୟାପ୍‌ସାଇଜ୍ ଜାହାଜ ଲାଗିବା ଭଳି ଏକ ସ୍ୱତନ୍ତ୍ର ବର୍ଥ ନିର୍ମାଣ କରାଯିବ। ପ୍ରାୟ ୩ ହଜାର କୋଟି ଟଙ୍କା ବ୍ୟୟରେ ଏହି ୱେଷ୍ଟର୍ନ ବର୍ଥ ନିର୍ମାଣ ହେବ ବୋଲି ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ବୁଧବାର ସୂଚନା ଦେଇଛନ୍ତି। ଏ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଛି। ସରକାରୀ କ୍ଲିୟରାନ୍ସ ମିଳିଲେ ବର୍ଥ ନିର୍ମାଣ କାମ ଆରମ୍ଭ ହେବ। ଆବଶ୍ୟକ ପାଣ୍ଠି ୩ ହଜାର କୋଟି ମଧ୍ୟରୁ ୮ରୁ ୯ଶହ କୋଟି ଟଙ୍କା ପାରାଦୀପ ବନ୍ଦର ଖର୍ଚ୍ଚ କରିବ। ଅବଶିଷ୍ଟ ଅର୍ଥ ଘରୋଇ କମ୍ପାନୀ ଖର୍ଚ୍ଚ କରିବ ବୋଲି ଜଣାପଡ଼ିଛି। ପିପିପି ମୋଡ୍‌ରେ ଏହା କରାଯାଇ ବନ୍ଦରର କଳେବର ବୃଦ୍ଧି କରାଯିବ।

ସୂଚନାଥାଉ କି, କ୍ୟାପ୍‌ସାଇଜ୍ ଜାହାଜରେ ୧ଲକ୍ଷ ମେଟ୍ରିକ୍ ଟନ୍‌ରୁ ଦେଢ଼ଲକ୍ଷ ମେଟ୍ରିକ୍ ଟନ୍ ପଣ୍ୟ ଆସିଥାଏ। ସେଭଳି ଜାହାଜ ପାଇଁ ବନ୍ଦରର ଗଭୀରତା ୧୮ରୁ ୨୫ ମିଟର ଆବଶ୍ୟକ ଥାଏ। ଏବେର ବର୍ଥ ସେତେ ଗଭୀର ନ ଥିବାରୁ କ୍ୟାପ୍‌ସାଇଜ୍ ଜାହାଜ ଲାଗିବା ପାଇଁ ସ୍ୱତନ୍ତ୍ର ବର୍ଥ ନିର୍ମାଣ ହେବ। ସମ୍ପ୍ରତି ଦେଶରେ କ୍ୟାପ୍‌ସାଇଜ ଜାହାଜ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଭଳି ବର୍ଥ ନିର୍ମାଣ ଜରୁରୀ ହୋଇପଡ଼ିଛି ବୋଲି ଅଧ୍ୟକ୍ଷ ରାୟ କହିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ୨୦ରୁ ୨୫ ନିୟୁତ ମେଟ୍ରିକ ଟନ୍ ପଣ୍ୟ କାରବାର ବୃଦ୍ଧି ଘଟିବ ବୋଲି କୁହାଯାଉଛି।

# ମେଡିକାଲରେ ଥଣ୍ଡା ରୋଗୀଙ୍କ ଲମ୍ବାଧାଡ଼ି

ଏରସମା, ୧୮।୩ (ସ୍ୱ.ପ୍ର.)

**ଏରସମାରେ କରୋନା ଆତଙ୍କ**



ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀମାନେ ଲାଇନ୍‌ରେ ଛିଡା ହୋଇଛନ୍ତି।

■ଦୁଇ ଦିନରେ ୩୦୦ରୁ ଊର୍ଦ୍ଧ୍ୱ ଥଣ୍ଡା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

■ଲୋକଙ୍କୁ ସଚେତନ କରୁଛନ୍ତି ଭ୍ରାମ୍ୟମାଣ ଟିମ୍

ଥଣ୍ଡା, କାଶ, ଜ୍ୱର କରୋନା ସଂକ୍ରମଣର ଲକ୍ଷଣ। ଏ ନେଇ ପ୍ରଚାରିତ ହେବା ପରେ ଏରସମା ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଥଣ୍ଡା, ଜ୍ୱର ବା କାଶ ହେଉଥିବା ରୋଗୀମାନେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଲମ୍ବା ଧାଡ଼ି ବାନ୍ଧିଥିବା ଦେଖିବାକୁ ମିଳିଛି। ସୋମବାର ସୁଦ୍ଧା ୨୦୮ ଜଣ ରୋଗୀ ମେଡିକାଲରେ ନାମ ପଞ୍ଜୀକୃତ କରାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ବେଳେ ମଙ୍ଗଳବାର ଏହି ସଂଖ୍ୟା ୩ଶହ ଟପିଯାଇଛି। ଏ ସମ୍ପର୍କରେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଅମିୟ ସ୍ୱାଇଁଙ୍କୁ ପଚାରିବାରୁ ଥଣ୍ଡାରୋଗୀଙ୍କର ଆବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସେମାନେ କିଭଳି ସତର୍କତା ଅବଲମ୍ବନ କରିବା ଦରକାର, ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଉଛି। ଏଥିସହିତ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀ ମଧ୍ୟ ଖୋଲାଯାଇଛି। ବିଶେଷକରି ସାବୁନରେ ହାତ ଧୋଇବାର ଠିକ୍ ଉପାୟ ଓ ଭୟ ଦୂରୀକରଣ ପାଇଁ ପରାମର୍ଶ ଦିଆଯାଉଛି। ଏଥିସହିତ ଭ୍ରାମ୍ୟମାଣ ଚିକିତ୍ସକ ଦଳ ଓ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ୧୬ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଜନ ସଚେତନତା ସୃଷ୍ଟି କରାଯାଉଛି। ଯଦି ସେପରି କେହି ଗୁରୁତର ଚିହ୍ନଟ ହୁଅନ୍ତି, ସେମାନଙ୍କ ପାଇଁ ସ୍ୱତନ୍ତ୍ର ବିଶୋଧନ ପ୍ରକୋଷ୍ଠ ଖୋଲାଯାଇଛି ବୋଲି ଡା. ସ୍ୱାଇଁ ସୂଚନା ଦେଇଛନ୍ତି।

## ଆତ୍ମହତ୍ୟା ଉଦ୍ୟମ, ବୁଝାଶୁଝା କରି ଛାଡ଼ିଲା ପୋଲିସ

**ଜଗତ୍‌ସିଂହପୁର ଅଫିସ, ୧୮।୩:** ପାରିବାରିକ କଳହରୁ ସ୍ଥାନୀୟ ମରିଚାପଦାର କଲାଉଦ୍ଦିନ ଖାନ୍ ବୁଧବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଜଗତ୍‌ସିଂହପୁର ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଥାନାକୁ ନେଇ ବୁଝାଶୁଝା କରିବା ପରେ ଘରେ ଛାଡି ଦେଇଥିବା ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, କଲାଉଦ୍ଦିନ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ କିଛି ଦିନ ହେବ ପାରିବାରିକ କଳହ ଲାଗି ରହିଥିଲା। ଯେଉଁଥି ପାଇଁ କଲାଉଦ୍ଦିନ ବୁଧବାର ନିଜ ଘର ଆଗରେ କିରୋସିନ ରଖି ବସି ରହିଥିଲେ। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିବା ଦେଖି ସେ ଦେହରେ କିରୋସିନ ଢାଳି ଦିଆସିଲ ମାରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଉପସ୍ଥିତ ଲୋକେ ଓ ପୋଲିସ ତାଙ୍କୁ କାବୁ କରି ନେଇଥିଲେ।

## ଘରୋଇ କଳିରୁ ଆତ୍ମହତ୍ୟା

**ପାରାଦୀପ, ୧୮।୩ (ସ୍ୱ.ପ୍ର.):**ପାରାଦୀପ ଲକ୍ ଥାନା ଅଧୀନ ନୂଆଗଡ଼ ଗ୍ରାମର ପବିତ୍ର ମଲ୍ଲିକ(୪୭) ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହରୁ ସେ ଚରମ ନିଷ୍ପତ୍ତି ଦେଇଥିବା ଜଣାପଡ଼ିଛି। ପବିତ୍ର ନିଜ ଘର ଚାଳରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏହାପରେ ସେ ଆତ୍ମହତ୍ୟା କରିଛନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନାଧିକାରୀ ପ୍ରଭାସ ରଞ୍ଜନ ସାହୁ କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ଘରେ ପହଞ୍ଚି ୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲା ମେଡିକାଲ ଟିମ୍

**ରଘୁନାଥପୁର, ୧୮।୩ (ଡି.ଏନ୍.ଏ.)–** କରୋନା ଭାଇରସ୍ ସାରାବିଶ୍ୱରେ ମହାମାରୀ ରୂପ ନେଇଥିବା ବେଳେ ବୁଧବାର ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ୫ ବିଦେଶାଗତଙ୍କ ଘରେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ଏଥିସହ ସେମାନଙ୍କୁ ୧୪ ଦିନ ହୋମ୍ ଆଇସୋଲେଶନରେ ରହିବାକୁ ପରାମର୍ଶ ଦେଇଛନ୍ତି। ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟ କର୍ମଚାରୀ ସମ୍ପୃକ୍ତ ୫ ଜଣଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ତେବେ ସେମାନଙ୍କ ମଧ୍ୟରୁ କାହାକୁ ଥଣ୍ଡା, ଜ୍ୱର ନ ଥିବା ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ସ୍ଥଗିତ

ଦଶପଲ୍ଲା,୧୮।୩(ଡି.ଏନ.ଏ.): କରୋନା ସଂକ୍ରମଣକୁ ରୋକିବା ପାଇଁ ସରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପ୍ରିଲ ୧୫ ପର୍ଯ୍ୟନ୍ତ ସମସ୍ତ ଜାନିଯାତ୍ରା, ପର୍ବପର୍ବାଣୀ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଦଶପଲ୍ଲାର ଐତିହାସିକ ଲଙ୍କାପୋଡି ଯାତ୍ରା ଏପ୍ରିଲ ୧୪ ତାରିଖରେ ହେବାକୁ ଥିବାବେଳେ ଏହାକୁ ସ୍ଥଗିତ ରଖାଯାଇଛି। ସରକାରଙ୍କ କଟକଣାକୁ ଦୃଷ୍ଟିରେ ରଖି ଯାତ୍ରା କମିଟି ଏହି ନିଷ୍ପତ୍ତି ନେଇଥିବା ସମ୍ପାଦକ ପରେଶ କୁମାର ସିଂହ କହିଛନ୍ତି। ସରକାରଙ୍କ ପକ୍ଷରୁ କଟକଣା ଉଠିବା ପରେ ଯାତ୍ରା ପାଇଁ ନୂତନ ଭାବେ ଦିନ ଧାର୍ଯ୍ୟ କରାଯିବ ବୋଲି ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ଅନାସ୍ଥା ପ୍ରସ୍ତାବ ସ୍ୱତନ୍ତ୍ର ବୈଠକ ସ୍ଥଗିତ

ଗଣିଆ,୧୮।୩(ଡି.ଏନ.ଏ.): କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଭିନ୍ନ ପର୍ବପର୍ବାଣି, ନିର୍ବାଚନ, ଉପନିର୍ବାଚନ ଓ ସଭାସମିତି ଉପରେ ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଛି। ଏପରି କି ୫ରୁ ଅଧିକ ଲୋକ ଏକତ୍ର ନ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏପରିସ୍ଥଳେ ଗଣିଆ ବ୍ଲକ କରଡାପଡା ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଆଗାମୀ ୨୦ ତାରିଖରେ ହେବାକୁ ଥିବା ସ୍ୱତନ୍ତ୍ର ବୈଠକକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନୟାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ସ୍ଥଗିତ ରଖାଯାଇଛି। ଏ ସମ୍ପର୍କରେ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ଜଣାଇବା ସହ ଜନସାଧାରଣଙ୍କ ଅବଗତି ନିମନ୍ତେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଲଗାଇବା ପାଇଁ ଉପଜିଲାପାଳଙ୍କ ତରଫରୁ ଗଣିଆ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ପୂର୍ବତନ ସରପଞ୍ଚଙ୍କ ସ୍ମୃତିଚାରଣ

ଭାପୁର,୧୮।୩(ଡି.ଏନ୍.ଏ.): ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ସାମାଜିକ କର୍ମୀ ଚକ୍ରଧର ଜେନା(୧୦୭)ଙ୍କ ବିୟୋଗରେ ବୁଧବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଦଶାହ ଉପଲକ୍ଷେ ତାଙ୍କ ଜନ୍ମସ୍ଥାନ ଆଇଁଶିଆଖୋଲ ଗ୍ରାମରେ ଆୟୋଜିତ ସଭାରେ ଜିତେନ୍ଦ୍ର କୁମାର ରଣସିଂହ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଡ଼. ପବିତ୍ର କୁମାର ସୁବୁଦ୍ଧି, ବାଘୁଆପଲ୍ଲି ସରପଞ୍ଚ ନବକିଶୋର ସ୍ୱାଇଁ, ପୂର୍ବତନ ସରପଞ୍ଚ ମାଟିଆ ସ୍ୱାଇଁ, ଦଣ୍ଡପାଣି ନାୟକ, ଅପର୍ତ୍ତି ପ୍ରଧାନ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ତାଙ୍କ ପୁତ୍ର ଅଧ୍ୟାପକ ସୁମନ୍ତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# କରୋନା ଭୟ: ଗାଁକୁ ଫେରୁଛନ୍ତି ଦାଦନ ଶ୍ରମିକ

ନୟାଗଡ଼ ଅଫିସ, ୧୮।୩

କରୋନା ଭୟରେ ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଦାଦନ ଶ୍ରମିକ ଏବେ ଗାଁକୁ ଫେରୁଛନ୍ତି। ସେହିପରି ଦେଶ ବାହାରେ ବିଭିନ୍ନ ସଂସ୍ଥାନରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ମଧ୍ୟ ଫେରିବାରେ ଲାଗିଛନ୍ତି। ଇଚ୍ଛା ନ ଥିଲେ ମଧ୍ୟ କରୋନା ଭୟ ସେମାନଙ୍କୁ ଗାଁକୁ ଫେରାଇବାକୁ ବାଧ୍ୟ କରାଉଛି। ଏହାକୁ ନେଇ ବିଭିନ୍ନ ସ୍ଥାନରେ ଭୟର ବାତାବରଣ ଦେଖାଦେଇଛି।

### ସ୍ୱାସ୍ଥ୍ୟ ପରୀକ୍ଷା କଲେ ୬୮ କେରଳ ଫେରନ୍ତା

ଦେଶ ଭିତରେ ଓ ବାହାରେ କାର୍ଯ୍ୟରତ ଲୋକେ ଘରକୁ ଫେରୁଥିଲେ ମଧ୍ୟ ଭୟ ଛାଡୁନି। ଏହାକୁ ଦୂର କରିବା ପାଇଁ ଗାଁ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ନେଗେଟିଭ୍ ରିପୋର୍ଟ ମିଳିଲେ ଗାଁରେ ରହିବାକୁ ଅନୁମତି ମିଳୁଛି। ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଖଣ୍ଡପଡ଼ାର ବାହାଡା, ଭାପୁରର ରାଣିପଡା, ଗୁଡୁପାଙ୍ଗି, ବେରୁଆଁବାରି, ଦୁର୍ଦ୍ଦୁରାଝରଣା, ଓଡଗାଁର ରୋହିବାଙ୍କ, ରଣପୁରର ଡମସାହି, ଇଟାମାଟି ନରସିଂହପୁର ଅଞ୍ଚଳର ୬୮ ଜଣ କେରଳ ଫେରନ୍ତା ସ୍ୱାସ୍ଥ୍ୟ ପରୀକ୍ଷା କରି ଘରକୁ ଫେରିଛନ୍ତି। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି। ୪ରୁ ୫ଜଣଙ୍କର ଥଣ୍ଡା ହୋଇଥିବାରୁ ଔଷଧ ଦେଇ ଛାଡି ଦିଆଯାଇଛି। ତେବେ ଘରେ ରହିଲେ ମଧ୍ୟ ଅଲଗା ରହିବାକୁ କୁହାଯାଇଛି। ପରିବାର ଲୋକଙ୍କ ସହ ଦୂରତ୍ୱ ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି ।



ନିରାମୟ ଔଷଧ ବିତରଣ କେନ୍ଦ୍ରରେ ଲଗାଲଗି ହୋଇ ଧାଡ଼ିରେ ଥିବା ଲୋକେ।

### ଚାଲୁରହିଛି ପିଜି ଇଣ୍ଟରନାଲ ପରୀକ୍ଷା

ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପିଜି ଇଣ୍ଟରନାଲ ପରୀକ୍ଷା ଚାଲିଛି। କାଉନସିଲ ପରୀକ୍ଷାକୁ ଛାଡିଦେଲେ ରାଜ୍ୟ ସରକାର ସବୁ ପରୀକ୍ଷାକୁ ବାତିଲ କରିଥିଲେ ମଧ୍ୟ ସରକାରୀ ନିର୍ଦ୍ଦେଶକୁ ଅବମାନନା କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ପରୀକ୍ଷାରେ ଡ୍ୟୁଟି ପଡୁ ନ ଥିଲେ ମଧ୍ୟ କର୍ମଚାରୀଙ୍କୁ କଲେଜରେ ପାଖାପାଖି ବସାଯାଉଥିବା ଅଭିଯୋଗ ରହିଛି। ଜିଲାପାଳ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ଅଧକ୍ଷା ମଞ୍ଜୁଶ୍ରୀ ତ୍ରିପାଠୀ କୁହନ୍ତି, ମେ ମାସରେ ପିଜିର ଫାଇନାଲ ପରୀକ୍ଷା ଥିବାରୁ ବାଧ୍ୟହୋଇ ପିଜି ଇଣ୍ଟରନାଲ ପରୀକ୍ଷା ଚାଲିଛି । ତେବେ ଦୂରତ୍ୱ ରଖାଯାଇ କରାଯାଉଛି।

### ବସ୍‌ରେ ଯାତ୍ରୀଙ୍କ ଭିଡ଼

ନୟାଗଡ ବସ୍‌ଷ୍ଟପରେ ରହୁଥିବା ବସ୍‌ରେ ଯାତ୍ରୀଙ୍କ ଭିଡ ନାହିଁ। ହେଲେ କିଛି ବାଟ ଅତିକ୍ରମ ପରେ ଭିଡ ହେଉଛି। ତେବେ ଏହାର କେହି ଯାଞ୍ଚ କରୁ ନାହାନ୍ତି। ସରକାରଙ୍କ ସଚେତନତା ବାର୍ତ୍ତାକୁ ବସ୍ କର୍ମଚାରୀ ଅଣଦେଖା କରୁଥିବାବେଳେ ସରକାରୀ କର୍ମଚାରୀ ତଦନ୍ତ କରିବାର ଅନାଗ୍ରହ ପ୍ରକାଶ କରିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଛି। ଯଦି କେହି ଯାତ୍ରୀ ପ୍ରତିବାଦ କରୁଛନ୍ତି ତେବେ ତାଙ୍କୁ ଓହ୍ଲାଇ ଯିବାକୁ କୁହାଯାଉଛି।

### ରୋଗ ବାଣ୍ଟୁଛି ସ୍ୱାସ୍ଥ୍ୟ ବିଭାଗ

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ନିରାମୟ ଔଷଧ ବିତରଣ କେନ୍ଦ୍ରରେ ଲଗାଲଗି ହୋଇ ଧାଡିରେ ରୋଗୀ ଓ ସମ୍ପର୍କୀୟ ଔଷଧ ନେଉଛନ୍ତି। କରୋନା ସଚେତନତା ବାର୍ତ୍ତା ବାଣ୍ଟୁଥିବା ସ୍ୱାସ୍ଥ୍ୟ ବିଭାଗ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଦୂରତ୍ୱ ରକ୍ଷା କରିବା ନେଇ ପରାମର୍ଶ ଦେବାକୁ ଭୁଲିଯାଇଛି। ରୋଗୀ ତ ଦୂରତ୍ୱ ରକ୍ଷା କରୁନାହାନ୍ତି। ମେଡିକାଲ କର୍ତ୍ତୃପକ୍ଷ ବି ସଚେତନତା ବାର୍ତ୍ତା ବାଣ୍ଟିବାକୁ ଭୁଲି ଯାଉଛନ୍ତି। ଅନ୍ୟପକ୍ଷେ ଅଧିକ ସଂଖ୍ୟକ ନିରାମୟ କେନ୍ଦ୍ର ମଧ୍ୟ ଖୋଲାଯାଉନି। ଏଭଳିସ୍ଥଳେ ସ୍ୱାସ୍ଥ୍ୟ ବିଭାଗ ରୋଗ ବାଣ୍ଟୁଥିବା ଅଭିଯୋଗ ଉଠିଛି। ଏ ନେଇ ସିଡିଏମଓ ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଲୋକ ଗହଳି ହଟାଇବା ପାଇଁ ଉଦ୍ୟମ ହେଉଛି। ଆମେ ଦୂରତ୍ୱ ରକ୍ଷା କରିବାକୁ ପରାମର୍ଶ ଦେବୁ।

### କରୋନାକୁ ଡରନା

ନୟାଗଡ ରୋଟାରି କ୍ଲବ, ଇନର ହୁଇଲ କ୍ଲବ ଓ ୟୁନିଟେକ୍ କଲେଜ ପକ୍ଷରୁ କରୋନକୁ ଡରନା ସଚେତନତାର ବାର୍ତ୍ତା ପ୍ରଚାର କରାଯାଇଛି । ଏ ଅବସରରେ ଏକ ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ବାଟରେ ଉଠା ଦୋକାନୀ, ଆମ୍ବୁଲାନ୍ସ ଓ ଅଟୋ ଆଦି ଯାନବାହନ ଚାଳକ, ପୌର କର୍ମଚାରୀ, ସିକ୍ୟୁରିଟି ଗାର୍ଡ, ଶ୍ରମିକଙ୍କୁ ଡେଟଲ ଓ ମାସ୍କ ବଣ୍ଟନ କରାଯାଇଥିଲା। ଏପରି କି ହାତ ଭଲକରି ଧୋଇବାକୁ ପରାମର୍ଶ ଦିଆଯାଇଥିଲା। ରୋଟାରିଆନ ପ୍ରମୋଦ ପଟ୍ଟନାୟକ, ପ୍ରବୀର ପୃଷ୍ଟି, ଧୀରେନ୍ଦ୍ର ପଟ୍ଟନାୟକ, ରଣଜିତ୍ ଦାଶ, ଇନର ହୁଇଲ କ୍ଲବ ପକ୍ଷରୁ ନିରୁପମା ପଟ୍ଟନାୟକ, ରୋଜାଲିନ୍ ପାତ୍ର, ସ୍ମିତା ସ୍ୱାଇଁ, ସୌଦାମିନୀ ସ୍ୱାଇଁ ଓ ୟୁନିଟେକ୍ କଲେଜ ଅଧ୍ୟାପିକା ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଲୁଟେରାଙ୍କୁ ଧରି ଛେଚିଲେ

ନୟାଗଡ଼ ଅଫିସ,୧୮।୩

**୨ ଜଣଙ୍କୁ ପୋଲିସ ଜିମା ଦେଲେ**

ନୟାଗଡ଼ ଟାଉନ ଥାନା ବେଲବଣି ଅଞ୍ଚଳରେ ବୁଧବାର ଦୁର୍ବୃତ୍ତଙ୍କ ଲୁଟ୍ ଯୋଜନା ପଣ୍ଡ ହୋଇଛି। ଦୁଇ ଲୁଟେରାଙ୍କୁ ଅଞ୍ଚଳବାସୀ କାବୁ କରି ମାଡ ମାରିବା ସହ ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପ୍ରାପ୍ତ ସୂଚନା ଅନୁସାରେ ଶରଣକୁଳର ଏକ ଦମ୍ପତି ବାଇକ୍ ଯୋଗେ ନୟାଗଡରୁ ଘରକୁ ଫେରୁଥିଲେ। ସନ୍ଧ୍ୟାରେ ବେଲବଣି ନିକଟରେ ୨ ଲୁଟେରା ସେମାନଙ୍କୁ ଅଟକାଇ ମହିଳାଙ୍କ ବେକରୁ ଚେନ ଛିଣ୍ଡାଇ ନେଇଥିଲେ। ଏହି ସମୟରେ ମହିଳା ତଳେପଡି ଆହତ ହୋଇଥିଲେ। ଦମ୍ପତିଙ୍କ ଚିତ୍କାର ଶୁଣି ସ୍ଥାନୀୟ ଅଞ୍ଚଳର ଲୋକମାନେ ଦୁଇ ଲୁଟେରାଙ୍କୁ କାବୁ କରି ନେଇଥିଲେ। ଏ ନେଇ ପୋଲିସକୁ ପଚାରିଲେ କିଛି ସୂଚନା ମିଳି ନ ଥିଲା।

# ଏନ୍‌ଏସି କର୍ତ୍ତୃପକ୍ଷଙ୍କ କରୋନା ସଚେତନତା

ନୟାଗଡ ଅଫିସ/ ଓଡଗାଁ, ୧୮।୩(ସ୍ୱ.ପ୍ର.)

**■ମଧ୍ୟାହ୍ନରେ ବନ୍ଦ, ସନ୍ଧ୍ୟାରେ ଖୋଲା**

ନୟାଗଡ଼ ଜିଲା ଓଡଗାଁ ଏନ୍‌ଏସିରେ ବୁଧବାର ମଧ୍ୟାହ୍ନରେ ଅଧିକାଂଶ ଦୋକାନ ବଜାର ବନ୍ଦ ଥିବାବେଳେ ସନ୍ଧ୍ୟାରେ ଖୋଲା ଥିଲା। ଜିଲା ପ୍ରଶାସନ ଓ ଏନଏସି କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ କରୋନା ସଚେତନତା କ୍ଷେତ୍ରରେ ଏଭଳି ବ୍ୟତିକ୍ରମ ଘଟିଥିଲା। ଜିଲା ପ୍ରଶାସନ ପକ୍ଷରୁ ସୋମବାର ନିଷ୍ପତ୍ତି ଅନୁସାରେ ଲୁଗା ଓ ଡ୍ରେସ ଦୋକାନ, ଗ୍ୟାରେଜ, ମଲ, ପାନ ଓ ଗୁଟ୍‌ଖା ଦୋକାନ, ରାସ୍ତା ପାର୍ଶ୍ୱ ଅସ୍ଥାୟୀ ଦୋକାନ ବୁଧବାର ମଧ୍ୟାହ୍ନରେ ମାଇକ୍‌ଯୋଗେ ପ୍ରଚାର କରି ପୌର ପ୍ରଶାସନ ବନ୍ଦ କରିଥିଲା। ତେବେ ମଙ୍ଗଳବାର ଦୋକାନ ବଜାର ଖୋଲାଯିବାର ନିଷ୍ପତ୍ତି ଆସିବା ପରେ ବୁଧବାର ସନ୍ଧ୍ୟାରେ ପୁଣି ମାଇକ ପ୍ରଚାର କରି ଦୋକାନ ବଜାର ଖୋଲିବାକୁ କୁହାଯାଇଥିଲା।

# ଖଣ୍ଡପଡ଼ା ଏନ୍‌ଏସି ପକ୍ଷରୁ ସଚେତନତା ପଦଯାତ୍ରା



ଖଣ୍ଡପଡ଼ାରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା।

ଖଣ୍ଡପଡା, ୧୮।୩(ସ୍ୱ.ପ୍ର.)

ଖଣ୍ଡପଡା ଏନ୍‌ଏସି କର୍ମଚାରୀମାନେ ବୁଧବାର ସହରର ପ୍ରତ୍ୟେକ ୱାର୍ଡ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସଫେଇ କର୍ମଚାରୀମାନେ ହାତରେ ପ୍ଲାକାର୍ଡ ଧରି ପ୍ରଚାର ଗାଡି ଯୋଗେ ସହର ପରିକ୍ରମା କରିଥିଲେ।

# ୧୪୦୦ଲିଟର ପୋଚ ନଷ୍ଟ, ୩ ଜେଲ ଗଲେ

ନୟାଗଡ଼ ଅଫିସ, ୧୮।୩

ନୟାଗଡ଼ ଅବକାରୀ ବିଭାଗ କର୍ମଚାରୀ ବୁଧବାର ସୁର୍କାବାଡ଼ି, ଆନନ୍ଦାପଲ୍ଲୀ, ଇଟାମାଟିରେ ଚଢ଼ାଉ କରି ୧୪୦୦ ଲିଟର ପୋଚ ନଷ୍ଟ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫମାନେ ହେଲେ ସୁର୍କାବାଡିର ନିରଞ୍ଜନ ମହାପାତ୍ର ଓ ଦିଲୀପ ମଣ୍ଡଳ ଏବଂ ଇଟାମାଟିର କେଦାର ନାଥ। ଏମାନଙ୍କଠାରୁ ୫୫୫ ଲିଟର ଦେଶୀ ମଦ ଜବତ ସହ ୧ କାର୍ ଓ ୧ ବାଇକ୍ ଜବତ କରାଯାଇଛି। ଅବକାରୀ ବିଭାଗ ସୂଚନା ଅନୁସାରେ ସୁର୍କାବାଡି ଜଙ୍ଗଲରେ କର୍ମଚାରୀମାନେ ଚଢାଉ କରି ୧୪୦୦ ଲିଟର ପୋଚ ନଷ୍ଟ କରିଛନ୍ତି। ତେବେ ଏଠାରେ କାହାରିକୁ ଗିରଫ କରାଯାଇ ନାହିଁ। ନିରଞ୍ଜନ ମହାପାତ୍ର ଓଆର୦୨ସିଏ-୦୯୯୨ ନଂ. କାର୍‌ରେ ୫୦୦ ଲିଟର ଦେଶୀ ମଦ ନେଇ ନୟାଗଡ ଯାଉଥିବାବେଳେ ଆନନ୍ଦାପଲ୍ଲୀ ରାସ୍ତାରେ ଧରା ପଡିଥିଲେ। ଅନ୍ୟପକ୍ଷେ କାରକୁ ଏସକର୍ଟ ଦେଇ ଆସୁଥିବା ଦିଲୀପ ମଣ୍ଡଳଙ୍କ ଓଡି୨୫ବି୨୫୮୬ ନଂ. ବାଇକ୍ ସହ ୫୦ ଲିଟର ଦେଶୀମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ସେହିପରି କେଦାର ନାଥଙ୍କଠାରୁ ୫ ଲିଟର ଦେଶୀମଦ ଜବତ କରାଯାଇ ଗିରଫ କରାଯାଇଛି। ସଦର ଅବକାରୀ ବିଭାଗ ଆଇଆଇସି ପବିତ୍ର ମୋହନ ମାଝିଙ୍କ ନେତୃତ୍ୱରେ ୮ଜଣିଆ ଦଳ ଏହି ଚଢ଼ାଉରେ ସାମିଲ ହୋଇଥିଲେ।


ଜବତ କାର୍ ବାଇକ୍ ସହ ଗିରଫ ଅଭିଯୁକ୍ତ।

**କାର୍, ବାଇକ୍ ସହ ୫୫୫ ଲିଟର ମଦ ଜବତ**

# ଚାନ୍ଦା ନ ଦେବାରୁ ଦୁଆରେ ଠାକୁରଙ୍କ ଭୋଗନୀତି ବନ୍ଦ

ଖଣ୍ଡପଡ଼ା,୧୮।୩(ସ୍ୱ.ପ୍ର.:

ଖଣ୍ଡପଡା ବ୍ଲକ ରାଣୀଛେଲ୍ଲୀ ପଞ୍ଚାୟତର କଳପଙ୍ଗୀ ଗ୍ରାମରେ ଚାନ୍ଦା ଆଦାୟକୁ କେନ୍ଦ୍ର କରି କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦୁଆରେ ଠାକୁରଙ୍କ ଭୋଗ ଖିଆ ନୀତି ବନ୍ଦ ରହିଛି। ଦୋଳପର୍ବ ଅବସରରେ ଗ୍ରାମର ଆରାଧ୍ୟଦେବ ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ଚାଚେରି ଭୋଗଖିଆ ନୀତି ଅନୁଷ୍ଠିତ ହୋଇଥିଲା । ବିଗ୍ରହଙ୍କ ଚଳନ୍ତି ପ୍ରତିମା ବିମାନ ଯୋଗେ ଗ୍ରାମ ପରିକ୍ରମା କରିଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ଦୁଆରେ ଠାକୁରଙ୍କୁ ଭୋଗଲାଗି ହେବାର ପରମ୍ପରା ରହିଆସିଛି । କଳପଙ୍ଗୀ ଗ୍ରାମର ମାୟାଧର ନାୟକଙ୍କ ଘର ଦୁଆରେ ଠାକୁରଙ୍କୁ ଭୋଗଲାଗି କରାଯାଉଥିବା ସମୟରେ ଗ୍ରାମର କେତେକ ଯୁବକ ସେଠାରେ ପହଞ୍ଚି ପାଟିତୁଣ୍ଡ କରିବାରୁ ଭୟରେ ସେବାସୀ ଓ ପୂଜକ ଠାକୁରଙ୍କୁ ଭୋଗଲାଗି ନ କରି ଫେରିଥିଲେ। ସମ୍ପୃକ୍ତ ଯୁବକମାନଙ୍କ ଦାବି ମୁତାବକ ମାୟାଧର ଚାନ୍ଦା ଦେଇ ନ ଥିବାରୁ ଦୁଆରେ ଭୋଗଲାଗି ନୀତି ବନ୍ଦ ହୋଇଥିବା କୁହାଯାଉଛି । ଏ ସମ୍ପର୍କରେ ମାୟାଧର ଓ କେତେଜଣ ସ୍ଥାନୀୟ ବାସିନ୍ଦା ନୟାଗଡ ଜିଲାପାଳ, ଉପଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇବା ସହ ନ୍ୟାୟ ପ୍ରଦାନ ନିମନ୍ତେ ନିବେଦନ କରିଛନ୍ତି।

# ଗରା, ବାଲ୍‌ଟି ରଖି ମହିଳାଙ୍କ ରାସ୍ତାରୋକୋ


ଗରା ମାଠିଆ ରଖି ରାସ୍ତା ଅବରୋଧ କରାଯାଇଛି।

ରଣପୁର,୧୮।୩(ସ୍ୱ.ପ୍ର.)

**୩ନଂ. ୱାର୍ଡରେ ପାନୀୟଜଳ ସଙ୍କଟ**

ନୟାଗଡ଼ ଜିଲା ରଣପୁର ଏନ୍‌ଏସିର ୩ନଂ. ୱାର୍ଡରେ ୨ବର୍ଷ ହେଲା ପାନୀୟଜଳ ସଙ୍କଟ ଲାଗିରହିଛି। ଗ୍ରୀଷ୍ମ ଋତୁରେ ଏହା ଉତ୍କଟ ହେଉଛି। ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ସମସ୍ୟା ଜଟିଳ ରୂପ ଧରିଲାଣି। ଏହାର ସମାଧାନ ଦାବିରେ ବୁଧବାର ସ୍ଥାନୀୟ ମହିଳାମାନେ ସୁନାଖଲା ଚାନ୍ଦପୁର ରାସ୍ତାର ହାଟସାହିଠାରେ ଗରା ବାଲ୍‌ଟି ରଖି ରାସ୍ତାରୋକୋ କରିଥିଲେ। ତେବେ ଆନ୍ଦୋଳନସ୍ଥଳରେ ଜନସ୍ୱାସ୍ଥ୍ୟ ବିଭାଗର କୌଣସି ଅଧିକାରୀ କା କର୍ମଚାରୀ ପହଞ୍ଚି ନ ଥିଲେ। ପରେ ବିଜେଡି ଯୁବନେତା ଲିଙ୍ଗରାଜ ନାୟକ ପହଞ୍ଚି ଆନ୍ଦୋଳନକାରୀ ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ବିଭାଗୀୟ ଠିକାଦାରଙ୍କୁ ଡାକି ୭ଦିନ ମଧ୍ୟରେ ପାଣି ସମସ୍ୟା ସମାଧାନ କରିବାକୁ କହିଥିଲେ। ଫଳରେ ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ସାଢ଼େ ୧୧ଟାରେ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶଥାଉ କି, ରଣପୁର ଏନ୍‌ଏସିର ୧୫ ୱାର୍ଡ ମଧ୍ୟରୁ ଅଧିକାଂଶ ୱାର୍ଡରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ସରକାରୀ ସ୍ତରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପାଣିଟାଙ୍କି, ପାଇପ୍ ବିଛା କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଲୋକଙ୍କୁ ପାନୀୟଜଳ ମିଳୁନି। କେଉଁଠି ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି ତ ଆଉ କେଉଁଠି କାର୍ଯ୍ୟ ଶେଷ ହୋଇଥିଲେ ବି ସଂଯୋଗ ଦିଆଯାଉନି। ତୁରନ୍ତ ଲୋକଙ୍କୁ ପାନୀୟ ଜଳ ନ ଯୋଗାଇଲେ ଅନ୍ୟ ୱାର୍ଡରେ ମଧ୍ୟ ଆନ୍ଦୋଳନ ହେବା ସୂଚନା ମିଳିଛି।


**SBI** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ / भारतीय स्टेट बैंक / State Bank of India
ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ, ନକଟିଗୁଡ଼ା, ଭବାନୀପାଟଣା, କଳାହାଣ୍ଡି-୭୬୬୦୦୧
क्षेत्रीय व्यवसाय कार्यालय, नकटिगुडा, भवानीपाटना, कलाहाण्डि-७६६००१
REGIONAL BUSINESS OFFICE, NAKTIGUDA, BHAWANIPATNA, KALAHANDI-766001

| ଫୋନ୍ ଫାକ୍ସ/दुरभाष फेक्स/Tel Fax | କୋଡ୍ ନଂ./कोड नं/Code No. | ଇ-ମେଲ/ई.मेल/E-mail |
|---|---|---|
| 06670-232992, 231975 | 9528 | agmr4.zober@sbi.co.in |

ପ୍ରାପ୍ତେଷୁ,
ଶ୍ରୀ ରତ୍ନାକର ପ୍ରଧାନ, PF ID-6847811
ପିତା- ବୀର ପ୍ରଧାନ
ଗ୍ରାମ- ବୋଡ଼ିମୁଣ୍ଡି, ଭାୟା- ଟିକାବାଲି, ଜିଲ୍ଲା- କନ୍ଧମାଳ-୭୬୨୦୧୦

ମହାଶୟ,
ଆପଣ ତା୦୪।୦୬।୨୦୧୮ରିଖଠାରୁ ଅଦ୍ୟାବଧି (୯୦ ଦିନରୁ ଅଧିକ ସମୟ) ନିଜ ଦାୟିତ୍ୱରେ ଛୁଟି ଅନୁମୋଦନ ବିନା ଅନୁପସ୍ଥିତ ଥିବା ଆମ କ୍ଷେତ୍ରୀୟ କାର୍ଯ୍ୟାଳୟର ଦୃଷ୍ଟିଗୋଚର ହୋଇଅଛି। କ୍ଷେତ୍ରୀୟ କାର୍ଯ୍ୟାଳୟ ଏ ବିଷୟରେ Eighth Bipartite Settlement (୦୨।୦୬।୨୦୦୫) ଧାରା ୩୩ ଅଧୀନରେ ଚିଠି ସଂଖ୍ୟା- ୨୧୮ ଦିନାଙ୍କ ୨୫।୧୧।୨୦୧୯ ଓ ଚିଠି ସଂଖ୍ୟା-୨୩୫ ଦିନାଙ୍କ ୨୮।୦୧।୨୦୨୦ରେ ଆପଣଙ୍କୁ ପତ୍ର ବିନିମୟରେ ଉକ୍ତ ବିଷୟରେ ଅବଗତ କରିଛନ୍ତି। ଏହା ସତ୍ତ୍ୱେ ଆପଣ ଚିଠି ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରିନାହାନ୍ତି।
Eighth Bipartite Settlement (୦୨।୦୬।୨୦୦୫) ଧାରା ୩୩ ଅଧୀନରେ ଆପଣ ଉକ୍ତ ପତ୍ରର ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟରେ ଯୋଗ ଦେଇନଥିବାରୁ ଆପଣ ଦିନାଙ୍କ ୨୯।୦୨।୨୦୨୦ରୁ ସ୍ୱେଚ୍ଛାକୃତ ଭାବେ ନିଜ ପଦ ଛାଡ଼ିଥିବା ବୋଲି ବିଚାର କରାଯିବା ସହ ବ୍ୟାଙ୍କ ପଞ୍ଜିକାରୁ ଆପଣଙ୍କ ନାମକୁ ହଟାଇ ଦିଆଯାଇଅଛି।
ଏହି ପତ୍ର ପ୍ରାପ୍ତିର ୧୫ ଦିନ ମଧ୍ୟରେ ଆପଣ ନିଜର ୩୦ ଦିନର ଦରମା ତଥା ଭତ୍ତା (allowance) ବ୍ୟାଙ୍କରେ ଜମା କରିବାକୁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ଏଥିରୁ ବିଚ୍ୟୁତ ହେଲେ ବ୍ୟାଙ୍କ ଆପଣଙ୍କ ବିରୁଦ୍ଧରେ କେସ୍ ଫାଇଲ୍ କରିବା ସହ ରାଇଟ୍ ଟୁ ସେଟ୍ ଅଫ୍ (right to set off) ଆଇନ୍ ଅଧୀନରେ ଆପଣଙ୍କ ବକେୟା ପାଉଣାରୁ ଏହି ରାଶି ସିଧାସଳଖ କାଟିବା ପାଇଁ ବାଧ୍ୟ ହେବ।
ସ୍ୱା./- (Appointing Authority), ଭବଦୀୟ, କ୍ଷେତ୍ରୀୟ ପ୍ରବନ୍ଧକ

**OFFICE OF THE DISTRICT MAGISTRATE AND COLLECTOR, SAMBALPUR**
No.2680 /Estt. Dt.17.03.2020
**ADVERTISEMENT FOR RE-ENGAGEMENT OF THE RETIRED REVENUE INSPECTOR/AMIN**
Applications in prescribed form are invited from eligible retired Revenue Inspector/ Amins for contractual re-engagement for filling up of the vacant Revenue Inspector/Amin in Minor Mineral Enforcement Cells in Sambalpur District. The detailed information regarding the recruitment process are available in the Sambalpur District Official Website www.sambalpur.nic.in vide Advertisement No.2669 /Estt. Dated 17.03.2020
By order of the Collector

**ଏସ୍.ଇ. ରେଳପଥ ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନମ୍ବର, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ ଓ ଇ.ଏମ୍.ଡି.: (୧) ଏମ୍‌ଇସିଏଚ୍‌ସିକେପି-୧୯-୨୦-୫୦, ତାରିଖ: ୧୬।୦୩।୨୦୨୦। ସିଡିଓ/ଆର୍‌ଓୟୁଙ୍କ ବ୍ୟବହାର ଲାଗି ୦୨ ବର୍ଷ ଅବଧି ପାଇଁ ଗୋଟିଏ ସଡ଼କ ବାହନ (ଟାଟା ସୁମୋ ଗ୍ରାଣ୍ଡେ, ସ୍କର୍ପିଓ କିମ୍ବା ସମାନଧରଣ) ଭଡ଼ା ସୂତ୍ରରେ ନେବା। ₹୯,୨୯,୦୬୮/-, ₹୧୮,୬୦୦/- (୨) ଏମ୍‌ଇସିଏଚ୍‌ସିକେପି-୧୯-୨୦-୪୯, ତାରିଖ: ୧୧।୦୩।୨୦୨୦। ଦୁଇବର୍ଷ ପାଇଁ ଆର୍‌ଓୟୁଠାରେ ପ୍ଲାଟଫର୍ମ ରିଟର୍ନ/ଷ୍ଟାବଲ୍/ଟର୍ମିନେଟିଂ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ, ପ୍ୟାଡ୍‌ଲକିଂ/ଅନ୍‌ଲକିଂ ଓ ୱାଟରିଂ। ₹୧୨,୫୩,୧୬୨/-, ₹୨୫,୧୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୨,୦୦୦/-। ଟେଣ୍ଡର ଖୋଲାଯିବାର ସ୍ଥାନ: ପ୍ରତ୍ୟେକ ପାଇଁ ସିନିୟର୍ ଡିଏମ୍‌ଇ/ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ। ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: କ୍ର.ସଂ. ୧ ପାଇଁ ତା୦୭।୦୪।୨୦୨୦ରିଖ ୧୫.୦୦ ଘଟିକା ଏବଂ କ୍ର.ସଂ. ୨ ପାଇଁ ତା୦୩।୦୪।୨୦୨୦ରିଖ ୧୫.୦୦ ଘଟିକା। ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: କ୍ର.ସଂ. ୧ ପାଇଁ ତା୦୭।୦୪।୨୦୨୦ରିଖ ୧୫.୧୫ ଘଟିକା ଏବଂ କ୍ର.ସଂ. ୨ ପାଇଁ ତା୦୩।୦୪।୨୦୨୦ରିଖ ୧୫.୧୫ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-1470)

**ପୂର୍ବ ତଟ ରେଳପଥ**
(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-29-19
କାର୍ଯ୍ୟର ବିବରଣୀ: ଦୁଇ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ପୁରୀ ଡିପୋ ଠାରେ ନନ୍ କୋର୍ (Non Core) କାର୍ଯ୍ୟକଳାପ ନିମନ୍ତେ ଚୁକ୍ତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,49,86,794.46, EMD (ଟଙ୍କାରେ): 2,74,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।
(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-30-19
କାର୍ଯ୍ୟର ବିବରଣୀ: ଦୁଇ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭୁବନେଶ୍ୱର ଡିପୋ ଠାରେ ନନ୍ କୋର୍ (Non Core) କାର୍ଯ୍ୟକଳାପ ନିମନ୍ତେ ଚୁକ୍ତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 1,86,65,027.52, EMD (ଟଙ୍କାରେ): 2,43,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 24 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ): ତା.03.04.2020 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ୍
PR-795/K/19-20

**OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
Application for the post of Assistant Managers Grade-II, Banking Assistants Grade-II & System Managers in District Central Cooperative Banks (DCCBs) functioning in the State of Odisha is hereby invited online through the link available in the website https://ibpsonline.ibps.in/rscosocjan20 from the resident of the State of Odisha and the applicant intends to apply should indicate the names of the DCCBs in order of preference (Minimum one & Maximum three). Examination for each post shall be held separately through online test.

**Tentative Schedule of Events:**


| Sl. No. | Events | Tentative Dates |
|---|---|---|
| 1. | Online Registration | 20.03.2020 to 15.04.2020 |
| 2. | Payment of Application Fees | 20.03.2020 to 15.04.2020 |
| 3. | Download of call letters for examination | Will be intimated later |
| 4. | Online Examination | Preliminary examination during May 2020 & Main examination during May 2020 & June 2020. |

**Examination Fees/Intimation Charges :**

| Sl. No. | Category of candidates | Fees |
|---|---|---|
| 1. | Each category of post for UR & SEBC candidates | Rs.1000/- |
| 2. | Each category of post for SC/ST candidates | Rs.600/- |

The eligibility criteria for the posts for Assistant Manager Grade-II, Banking Assistant Grade-II & System Manager and all other details are available in the above website. The candidates may download the details, carefully go through the same and apply for the posts on the basis of their eligibility within the dates specified for online registration alongwith online payment of application fees shown in the portal. The links for the purpose will be available on the specified dates.
Sd./- Registrar
Cooperative Societies, Odisha

## ସଂକ୍ଷେପରେ



### ଅସୁସ୍ଥ ଓଟ ନଷ୍ଟ କରୁଛି ରବି ଫସଲ

**ନୟାଗଡ ଅଫିସ,୧୮।୩:** ରଣପୁର ବ୍ଲକ ଡମସାହି ଓ ମାଳିସାହି ଅଞ୍ଚଳରେ ଏକ ଓଟ ଅସୁସ୍ଥ ହୋଇ ଘୂରିବୁଲୁଛି। ଓଟ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବାବେଳେ କରୋନା ବ୍ୟାପିବା ଆଶଙ୍କା କରି ସାଧାରଣରେ ଭୟ ସଞ୍ଚାର ହୋଇଛି। ଅନ୍ୟପକ୍ଷେ ଓଟଟି ଡମସାହି ଓ ମାଳିସାହି ଅଞ୍ଚଳରେ ରବି, ପନିପରିବା ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଡମସାହିର ଅବନୀ ଦଳବେହେରା ଓ ମାଳିସାହିର ନାଲୁ ଦଳବେହେରାଙ୍କ ସୂଚନା ଅନୁସାରେ ଓଟ ଦ୍ୱାରା ରବି ଫସଲ କ୍ଷୟକ୍ଷତି ନେଇ ବନ ବିଭାଗ କର୍ମଚାରୀଙ୍କୁ ଅବଗତ କରାଯାଇଛି। ହେଲେ ବିଭାଗ ପକ୍ଷରୁ ଓଟକୁ କାବୁ କରାଯାଉନି। ଅନ୍ୟପକ୍ଷରେ ଅସୁସ୍ଥ ହୋଇ ଘୂରି ବୁଲୁଥିବା ଓଟକୁ ଚିକିତ୍ସା ପାଇଁ ପ୍ରାଣୀ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିନି।

### କରୋନା ସଚେତନତା ନିମନ୍ତେ ପଥପ୍ରାନ୍ତ ସଭା

**ଓଡ଼ଗାଁ,୧୮।୩(ସ୍ୱ.ପ୍ର.):** ଓଡ଼ଗାଁ ବ୍ଲକ ପ୍ରଶାସନ ତରଫରୁ କରୋନା ନେଇ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ନ ଥିବାବେଳେ ସ୍ଥାନୀୟ କେତେକ ଅନୁଷ୍ଠାନ ଏ ନେଇ ଉଦ୍ୟମ ଆରମ୍ଭ କରିଛନ୍ତି। ବିଗତ ଦିନରେ ନୟାଗଡ଼ ଦର୍ପଣ ଅନୁଷ୍ଠାନ ବାଣପୁର ଅଞ୍ଚଳରେ ସଚେତନତା ସଭା ଆୟୋଜନ କରିଥିଲା। ସ୍ଥାନୀୟ ରଘୁନାଥ ଷ୍ଟଡି କେୟାର ଓ ଓଡ଼ଗାଁ ପ୍ରେସ ଗ୍ରୁପ ଆନୁକୂଲ୍ୟରେ କରୋନା ଭାଇରସ୍ ସମ୍ବନ୍ଧୀୟ ପଥପ୍ରାନ୍ତ ସଭା କରାଯାଇଛି। ବୁଧବାର ଦଲକ, ଟାଙ୍ଗିଆସାହି, ଆଖୁପଦର ଓ ରାବେରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ସୁଶାନ୍ତ କୁମାର ପାତ୍ର, ପ୍ରେସ ଗ୍ରୁପ ସଦସ୍ୟ ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର, ସାରସ କୁମାର ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସତର୍କତା ଅବଲମ୍ବନ କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ସାବୁନ ପାଣିରେ ବାରମ୍ବାର ହାତ ଧୋଇବା, ଜନ ଗହଳି ସ୍ଥାନକୁ ନ ଯିବା, ପିଲାଙ୍କୁ ବାହାରକୁ ନ ଛାଡିବା, ଛିଙ୍କ, କାଶ, ଜ୍ୱର ଓ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆଦି ସମ୍ପର୍କରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ବଣ୍ଟାଯାଇଥିଲା।

### ପୋଲିସର ଫ୍ଲାଗ୍ ମାର୍ଚ୍ଚ

**ବାଲୁଗାଁ,୧୮।୩(ଡ଼ିଏନଏ)-** କରୋନା ପାଇଁ ବୁଧବାର ପୂର୍ବାହ୍ନରେ ବାଲୁଗାଁ ଥାନା ଅଧିକାରୀ ରମାକାନ୍ତ ମହାଲିକଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ବଜାର ଅଞ୍ଚଳରେ ସଚେତନତା ବାର୍ତ୍ତା ମୂଳକ ଫ୍ଲାଗ୍ ମାର୍ଚ୍ଚ କରିଥିଲେ।

# ବଦଳୁନି ଷଣ୍ଢମରା ଗାଁର ଚିତ୍ର

■ବର୍ଷା ହେଲେ ଅଟକି ରହୁଛି ଆମ୍ବୁଲାନ୍ସ
■ପାନୀୟଜଳ ସମସ୍ୟାର ହେଉନି ସମାଧାନ

**ନୟାଗଡ଼ ଅଫିସ,୧୮।୩**

ବଦଳି ଚାଲିଛି ପରିବେଶ। ହେଲେ ବଦଳିପାରୁନି ଷଣ୍ଢମରା ଗାଁର ଚିତ୍ର। ଗାଁର ସମସ୍ୟା ନେଇ ଲୋକେ ବିଭିନ୍ନ ସମୟରେ ବିଡିଓ, ଜିଲାପାଳ, ଦଶପଲ୍ଲା ବିଧାୟକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନି। ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତରେ ଥିବା ଏହି ଗାଁରେ ଲାଗିରହିଛି ପାନୀୟଜଳ ଓ ରାସ୍ତା ପରି ଅନେକ ସମସ୍ୟା। ବର୍ଷା ହେଲେ ଗାଁ ଭିତରକୁ ଆମ୍ବୁଲାନ୍ସ ଯାଇପାରୁନି। ବାଇକ୍ କିମ୍ବା ସାଇକେଲ ଗଲେ ବି ମଝିରେ ଅଟକି ରହୁଛି। ପାନୀୟ ଜଳ ଗାଁର ମୁଖ୍ୟ ସମସ୍ୟା। ଏଠାରେ ୨ଟି ନଳକୂପ ରହିଛି। ଗୋଟିଏ ନଳକୂପ ଜଳ ପାନୀୟ ଉପଯୋଗୀ ନୁହେଁ। ତେଣୁ ଅନ୍ୟ ନଳକୂପ ନିକଟରେ ପାଣି ପାଇଁ ଲୋକଙ୍କ ଭିଡ ଲାଗେ। ଏହି ନଳକୂପରେ ସୋଲାର ପମ୍ପ ସାହାଯ୍ୟରେ ପାନୀୟଜଳ ଯୋଗାଇବାକୁ ଗ୍ରାମବାସୀ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳୁନି।



ଷଣ୍ଢମରା ଗାଁର ଦୃଶ୍ୟ।

### ବୃଦ୍ଧାବୃଦ୍ଧଙ୍କୁ ଅଣଦେଖା



ସରକାର ବୃଦ୍ଧାବୃଦ୍ଧ, ବିଧବାଙ୍କୁ ଭତ୍ତା ଯୋଗାଇ ଦେଉଛନ୍ତି । ହେଲେ ଏହି ଗାଁର ଅନେକ ଲୋକ ଅଛନ୍ତି ଯେଉଁମାନେ ଭତ୍ତା ପାଇବାକୁ ଯୋଗ୍ୟ ହେଲେ ବି ସେମାନଙ୍କୁ ଅଣଦେଖା କରାଯାଉଛି। ଜମୁ ପ୍ରଧାନ କୁହନ୍ତି, ମୋ ସ୍ୱାମୀ ଆରପାରିକୁ ଚାଲିଯାଇଛନ୍ତି। ଏବେ ମୋର ବୟସ ୬୦ ହେଲାଣି। ଘରେ ମୁରବି ବୋଲି କେହି ନାହାନ୍ତି। ସ୍ୱାମୀ ଥିବା ସମୟରୁ ଦୁଇ ଝିଅ ବାହା ହୋଇସାରିଛନ୍ତି। ହେଲେ ମୋତେ ଭତ୍ତା ମିଳୁନି। ସେହିପରି ଗାଁର ୧୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ରହିଥିଲେ ବି ଏମାନଙ୍କୁ ଭତ୍ତା ଦେବାରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଫଳରେ ପରିଣତ ବୟସରେ ବି ସେମାନେ ଏକପ୍ରକାର ନିର୍ଯାତିତ ହୋଇଚାଲିଛନ୍ତି। କାହାର ପୁଅ ପଚାରୁ ନାହୁଁ ତ ଆଉ କିଏ ଏକୁଟିଆ ରହୁଛି। ପ୍ରଶାସନ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି କରାଯାଇଛି।

### ଗାଁକୁ ରାସ୍ତା ନିର୍ମାଣ ପାଇଁ ଆଗ୍ରହ ନାହିଁ



ଗାଁକୁ ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଆଦି କାର୍ଯ୍ୟକାରୀ ହେଉଛି। ହେଲେ ଆମ ଗାଁ ପାଇଁ ଏହା ସ୍ୱପ୍ନ ହୋଇଛି। ଗାଁଠାରୁ ନୂଆଗାଁ ବ୍ଲକର ଦୂରତା ୩୦ କିମି ଓ ଜିଲା ସଦର ମହକୁମାର ଦୂରତା ୧୫ କିମି। ଆମ ପଞ୍ଚାୟତକୁ ନୟାଗଡ଼ ବ୍ଲକରେ ରଖିଥିଲେ ଭଲ ହୋଇଥାନ୍ତା। ହେଲେ ସେପରି କରାଯାଇ ନାହିଁ ବୋଲି କୁହନ୍ତି ଗାଁ ସଭାପତି ପ୍ରମୋଦ ପ୍ରଧାନ। ସେହିଭଳି ବ୍ଲକଠାରୁ ଗାଁକୁ ପଡିଥିବା ରାସ୍ତାରେ ଯାନବାହନରେ ଯିବାର ସୁବିଧା ନାହିଁ। ପୁଣି ସେହି ରାସ୍ତାରେ ବାଇକ୍ ଓ ସାଇକେଲ ଯୋଗେ ଯିବା ନିରାପଦ ନୁହେଁ। ଫଳରେ ଆମେ ନୟାଗଡ଼ ଦେଇ ନୂଆଗାଁକୁ ଯାଉଛୁ। ଏହି ରାସ୍ତାରେ ଯାନବାହନରେ ଯିବାର ସୁବିଧା ରହିଛି। ଏଣୁ ଉଭୟ ରାସ୍ତାର ପୁନରୁଦ୍ଧାର କରାଯିବା ଦରକାର ବୋଲି ସେ କହିଛନ୍ତି।

### ଜୀବନଧାରଣର ମାନ ଉନ୍ନତ ନୁହେଁ



ଗାଁ ଲୋକଙ୍କ ଜୀବନଧାରଣର ମାନ ଉନ୍ନତ ନୁହେଁ। ଆଦିବାସୀ ଲୋକ ହେତୁ ଗୁନି ମୁଣ୍ଡିଆ ଓ ରାଜଗିରି ପାହାଡ ଆମକୁ ବଞ୍ଚିବାର ରାହା ଦେଇଛି। ତେବେ ସରକାରୀ ଯୋଜନାଗୁଡିକର ସୁଫଳ ମିଳୁନି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆମ ଗାଁରେ ସବୁ ପରିବାର ଉପକୃତ ହୋଇପାରି ନାହାନ୍ତି। ଗାଁରେ ୨୦ ପରିବାରର ୧୦୦ ଲୋକଙ୍କ ମଧ୍ୟରୁ ଅନେକ ଏବେ ବି ଭଙ୍ଗା ଘରେ ପଡି ରହିଛନ୍ତି। ତେବେ ପ୍ରଶାସନ ପାଖରେ ଆମ ପରି ଗରିବ ଲୋକଙ୍କ ସ୍ୱର ପହଞ୍ଚିପାରୁନି। ଆବାସ ଯୋଜନାରେ ଯେଉଁମାନଙ୍କ ଘର ଆଗହେବା କଥା କରାଯାଉନି। ପୁଣି ଗାଁ ଲୋକଙ୍କ ଜମି ପାହାଡିଆ। ଜଳସେଚନ ସୁବିଧା ନାହିଁ। ଗାଁରେ ପୋଖରୀ ନାହିଁ। ଅସ୍ଥାୟୀ ବନ୍ଧରେ ଲୋକେ ସ୍ନାନ କରୁଛନ୍ତି ବୋଲି କହିଛନ୍ତି ଗୌରି ମଲିକ।

### ଗାଁର ବିକାଶ ହେଉନି



ଗାଁରେ ରାସ୍ତା, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ପରି ସମସ୍ୟା ରହିଛି। କେବଳ ବିଦ୍ୟୁତ୍‌କୁ ଛାଡିଦେଲେ ଅନ୍ୟ ସମସ୍ୟାର ସମାଧାନ ହୋଇପାରୁନି। ସର୍ବନିମ୍ନ ସୁବିଧା ପାଇବା ପାଇଁ ବିଭିନ୍ନ ସମୟରେ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ଅବଗତ କରିଛୁ। ସବୁବେଳେ କେବଳ ପ୍ରତିଶ୍ରୁତି ମିଳୁଛି। ହେଲେ ସମସ୍ୟାର ସମାଧାନ ହୋଇ ପାରୁନି। ବର୍ଷାଦିନେ ଗାଁକୁ ସରକାରୀ ଅଧିକାରୀ, କର୍ମଚାରୀ ଅଥବା ରାଜନେତା ଆସି ଅନୁଧ୍ୟାନ କରି ଗଲେ ସମାଧାନ ପାଇଁ ଆଗ୍ରହ ପ୍ରକାଶ କରନ୍ତେ। ତେବେ ବର୍ଷା ଋତୁରେ ଗାଁକୁ କାହାରି ପାଦ ପଡୁନି। ନୟାଗଡ଼ ଓ ନୂଆଗାଁରୁ ଗାଁକୁ ପଡିଥିବା ରାସ୍ତାରେ ଚାଲିକରି ଯିବା କଷ୍ଟ। ତଥାପି ଗାଁକୁ ଛାଡି ହେଉନି। ଗାଁର ଅବସ୍ଥାକୁ ଅବଲୋକନ କଲେ ସରକାରଙ୍କ ଗାଁର ବିକାଶ ଡିଣ୍ଡିମରେ ସତ୍ୟତା ନ ଥିବା ଜଣାପଡୁଛି ବୋଲି କୁହନ୍ତି ଗୁରୁବାରୀ ପ୍ରଧାନ।

## କୋଚିଂ ସେଣ୍ଟର ଉପରେ ଚଢାଉ

**ନିରାକାରପୁର,୧୮।୩(ଡି.ଏନ.ଏ.)**

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ସ୍କୁଲ, କଲେଜ ବନ୍ଦ ପାଇଁ ଘୋଷଣା କରାଯାଇଛି। ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରି କେତେକ ବ୍ୟକ୍ତି ଟ୍ୟୁଶନ, କୋଚିଂ ସେଣ୍ଟର ଖୋଲିଥିଲେ। ଏହି ଖବର ପାଇ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ମଧୁସୂଦନ ମଲ୍ଲିକଙ୍କ ସମେତ କର୍ମଚାରୀମାନେ ବୁଧବାର ନିରାକାରପୁର ଅଞ୍ଚଳରେ କୋଚିଂ ସେଣ୍ଟର, ଟ୍ୟୁଶନ ଓ ହଷ୍ଟେଲ ଉପରେ ଚଢାଉ କରିଥିଲେ। ଏହି ସମୟରେ ସେମାନେ କେତେଜଣ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରିଥିଲେ। ଚଢାଉ ଖବର ପାଇ ଅନ୍ୟ କୋଚିଂ ସେଣ୍ଟର ମାଲିକମାନେ ତାଲାପକାଇ ଚାଲିଯାଇଥିଲେ। କର୍ମଚାରୀମାନେ ବାହାର ପଟୁ ତାଲା ପଡିଥିବା ଦେଖି ଫେରିଯାଇଥିଲେ। ଏ ସମ୍ପର୍କରେ ଟାଙ୍ଗୀ ବିଇଓ ମଲ୍ଲିକ କହିଥିଲେ, କୋଚିଂ ସେଣ୍ଟର ଆଦି ଖୋଲିଥିବା ଖବର ପାଇ ଆମେ ଚଢାଉ କରିଥିଲୁ। ହେଲେ ପହଞ୍ଚିବାବେଳକୁ ସେଗୁଡିକ ବନ୍ଦ ହୋଇସାରିଥିଲା। ତେବେ କିଛି ହଷ୍ଟେଲରେ ପହଞ୍ଚି ସେଠାରେ ଥିବା ପିଲାମାନଙ୍କୁ ତୁରନ୍ତ ଘରକୁ ଯିବାପାଇଁ କହିଥିଲୁ। ଏହା ଉପରେ କଡା ନଜର ରଖାଯାଇଛି ବୋଲି ସେ ସୂଚନା ଦେଇଥିଲେ।

# କରୋନା ସନ୍ଦିଗ୍ଧଙ୍କୁ ବାହାରକୁ ନ ଯିବାକୁ ପରାମର୍ଶ

■ଆଳୁ ଦର ୩୦ ଛୁଇଁଲା
■ରାସ୍ତାଘାଟ, ବଜାର ଶୂନଶାନ

**ଖଣ୍ଡପଡ଼ା,୧୮।୩(ସ୍ୱ.ପ୍ର.)**

କଣ୍ଟିଲୋ ଅଞ୍ଚଳ ଜଣେ କରୋନା ସନ୍ଦିଗ୍ଧଙ୍କୁ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଭୀମ ନାଏକ ନାମକ ଯୁବକ ମୁମ୍ବାଇର ଏକ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ଗ୍ରାମକୁ ଫେରିଥିଲେ। ତାଙ୍କୁ ସର୍ଦ୍ଦି, କାଶ ଓ ଜ୍ୱର ହୋଇଥିବାରୁ ସ୍ଥାନୀୟ ପୋଲିସ ଅଧିକାରୀ ଜୟ ପ୍ରକାଶ ପରିଡା ତାଙ୍କୁ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତରଙ୍କ ଅନୁପସ୍ଥିତରେ ଫାର୍ମାସିଷ୍ଟ ମାନସ କୁମାର ସାହୁ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେ ସୁସ୍ଥ ଥିବା ଜାଣିବା ପରେ ଘରେ ପ୍ରାୟ ୧୦ ଦିନ ବିଶ୍ରାମ ନେବା ସହ ବାହାରକୁ ନ ଯିବା ପାଇଁ ପରାମର୍ଶ ଦେଇଛନ୍ତି।

କରୋନାକୁ ନେଇ ସରକାରଙ୍କ ପକ୍ଷରୁ କଟକଣା ଜାରି କରାଯାଇଥିବାରୁ ଏହାର ପ୍ରଭାବ କଣ୍ଟିଲୋ ଅଞ୍ଚଳରେ ଦେଖିବାକୁ ମିଳିଛି। କେତେକ ଅସାଧୁ ପରିବା ବ୍ୟବସାୟୀ ହଠାତ୍ ଆଳୁ କିଲୋ ୩୦ ଟଙ୍କାକୁ ବୃଦ୍ଧି କରିଥିଲେ। କଣ୍ଟିଲୋ ମେଡିକାଲରେ ଭିଡ ପରିଲକ୍ଷିତ ହୋଇଥିବା ବେଳେ ମାସ୍କ ଅଭାବରୁ ରୋଗୀ ସେବା ବ୍ୟାହତ ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ର ନୀଳମାଧବ ପୀଠ ଓ ସିଧାମୂଳା ଗୋକୁଳାନନ୍ଦ ଜୀଉ ପୀଠ ସମେତ ନାରାୟଣୀ ମନ୍ଦିର, ଶ୍ମଶାନଚଣ୍ଡୀ ମନ୍ଦିର ଓ ଦକ୍ଷିଣ ଚଣ୍ଡୀ ମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ କରି ଦିଆଯାଇଛି। ଖଣ୍ଡପଡା ଅଞ୍ଚଳର ବିଭିନ୍ନ ଛକ ବଜାର ଓ ରାସ୍ତାରେ ପୂର୍ବ ଭଳି ଜନସମାଗମ ଦେଖିବାକୁ ମିଳୁନାହିଁ।



ଖଣ୍ଡପଡ଼ା ସହରର ମୁଖ୍ୟ ରାସ୍ତା ଶୂନ୍‌ଶାନ ହୋଇପଡ଼ିଛି।

## ୩ କେନ୍ଦ୍ରରେ ମାଟ୍ରିକ ଖାତା ମୂଲ୍ୟାୟନ ଆରମ୍ଭ

**ଖୋର୍ଦ୍ଧା ଅଫିସ,୧୮।୩**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାଙ୍କନ ବୁଧବାର ଆରମ୍ଭ ହୋଇଛି। ଜିଲାରେ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ ଏବଂ ଖୋର୍ଦ୍ଧା ବିଜେବି ଏବଂ ସରକାରୀ ବାଳିକା ହାଇସ୍କୁଲରେ ଖାତା ଦେଖା ଆରମ୍ଭ ହୋଇଛି ବୋଲି ଜିଲା ଶିକ୍ଷାଧିକାରୀ(ଡିଇଓ) ବନ୍ଦନା ମହାପାତ୍ର କହିଛନ୍ତି। ୩ଟି ସିଫ୍ଟରେ ଖାତା ମୂଲ୍ୟାଙ୍କନ ଲାଗି ବ୍ୟବସ୍ଥା କରାଯାଇଛି। କରୋନା ଭୂତାଣୁ ସଂକ୍ରମଣ ଲାଗି ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସଚେତନ କରାଯାଇଛି। ଖାତା ମୂଲ୍ୟାଙ୍କନ ସମୟରେ ଶିକ୍ଷକଙ୍କ ମଧ୍ୟରେ ୨ ହାତ ଦୂରତା ବ୍ୟବସ୍ଥା କରାଯାଇଛି। ମୂଲ୍ୟାଙ୍କନ କେନ୍ଦ୍ରରେ ହାତ ଧୋଇବା ଲାଗି ହ୍ୟାଣ୍ଡ ୱାସ ରଖାଯାଇଛି। ଖାତା ଦେଖା ସମୟରେ ୪ ଥର ହାତ ଧୋଇବାକୁ କୁହାଯାଇଛି। ଏ ନେଇ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଓ ସୁପରଭାଇଜରମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ମୂଲ୍ୟାଙ୍କନ ସମୟରେ ଆଖି, କାନ ମୁହଁକୁ ମାସ୍କ ଅଥବା ରୁମାଲ ଦ୍ୱାରା ଢାଙ୍କିବା ଲାଗି କୁହାଯାଇଛି। ଛିଙ୍କ ଆସିଲେ, ମୁହଁରେ ରୁମାଲ ଦେଇ ଛିଙ୍କିବେ। ଖାତା ଦେଖା ବେଳେ ବ୍ୟବହୃତ ଟେବୁଲ, ଚେୟାର, ଚଟାଣ ସ୍ୱଚ୍ଛତା ଏବଂ କପଡାରେ ପୋଛିବା ଲାଗି କୁହାଯାଇଛି।

# ଡିଏଚ୍ଏଚ୍ ବୁଲି ସ୍ଥିତି ପରଖିଲେ ଜିଲାପାଳ

**ଖୋର୍ଦ୍ଧା ଅଫିସ,୧୮।୩**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ କରୋନା ଭୂତାଣୁ ସଂକ୍ରମଣ ସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ବୁଧବାର ଅପରାହ୍ନରେ ଜିଲାପାଳ ସିତାଂଶୁ କୁମାର ରାଉତ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ)ରେ ପହଞ୍ଚି ସ୍ଥିତି ପରଖିଛନ୍ତି। କରୋନା ଲାଗି ଡିଏଚ୍ଏଚ୍‌ରେ ସର୍ତକତା ଅବଲମ୍ବନ ଉପରେ ଜିଲାପାଳ ଗୁରୁତ୍ୱ ଦେଇ ସ୍ୱଚ୍ଛତା, ୱାର୍ଡ ପରିଚ୍ଛନ୍ନତା ଲାଗି କହିଥିଲେ। ସମସ୍ତ ୱାର୍ଡ ବୁଲି ଦେଖିଥିଲେ। ଚିକିତ୍ସାଳୟରୁ ବାହାରୁଥିବା ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ଲାଗି କହିଥିଲେ। ସମସ୍ତ କର୍ମଚାରୀ ମାସ୍କ ପରିଧାନ କରିବେ। ବିନା ମାସ୍କରେ କେହି ବି ରୋଗୀ ପରୀକ୍ଷା କରିବେ ନାହିଁ। ଓପିଡିରେ ରୋଗୀଙ୍କ ଗହଳି ହଟାଇବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ଦେଇଥିଲେ। ରୋଗୀ ଧାଡିରେ ଠିଆହେବା ସମୟରେ ପରସ୍ପର ମଧ୍ୟରେ ଦୂରତା ରକ୍ଷା କରିବେ, ରୋଗୀମାନଙ୍କୁ ମାସ୍କ ପିନ୍ଧିବା ଲାଗି ପରାମର୍ଶ ଦେବାକୁ ଜିଲାପାଳ ରାଉତ କହିଥିଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ବିଶ୍ୱ ରଞ୍ଜନ ପତିଙ୍କୁ ପଚାରିବାରେ ଜିଲାପାଳ ବୁଧବାର ଡିଏଚଏଚରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଭିନ୍ନ ପ୍ରସଙ୍ଗ ଉପରେ ଜିଲାପାଳ ସହ ଆଲୋଚନା ହୋଇଥିଲା। କରୋନା ଭୂତାଣୁ ମୁକାବିଲା ଲାଗି ଜିଲାରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଡିଏଚଏଚ ସମେତ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସୋଲେଶନ ୱାର୍ଡ ଏବଂ କ୍ୱାରାଟାଇନ ବ୍ୟବସ୍ଥା ରହିଛି। ଡିଏଚଏଚରେ ମହିଳାପୁରୁଷଙ୍କ ଲାଗି ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ବ୍ୟବସ୍ଥା ରହିଛି। ଦୀର୍ଘଦିନ ଧରି କୌଣସି ବ୍ୟକ୍ତି ଥଣ୍ଡା, କାଶ ଆକ୍ରାନ୍ତ ହୋଇଥିଲେ, ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରକୁ ପରୀକ୍ଷା ଲାଗି ପଠାଯିବ। ବିଦେଶରୁ ଫେରିଥିବା ବ୍ୟକ୍ତି ବିଶେଷଙ୍କ ସ୍ୱତନ୍ତ୍ର ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କୁ ସରକାରୀ ନୀତି ନିୟମ ପାଳନ କରିବା ଲାଗି ତାଗିଦ୍ କରାଯାଇଛି। ସେମାନଙ୍କ ସହିତ ନିୟମିତ ଯୋଗାଯୋଗ ରଖାଯିବ ବୋଲି ସିଡିଏମଓ ପତି କହିଥିଲେ।

# ବଜାରରେ ରୁମାଲର ଚାହିଦା ବୃଦ୍ଧି

**ଖୋର୍ଦ୍ଧା ଅଫିସ,୧୮।୩**

କରୋନା ଆକ୍ରାନ୍ତରୁ ରକ୍ଷା ପାଇବା ଲାଗି ମାସ୍କ ବ୍ୟବହାର ପାଇଁ ତାଗିଦ୍ ପରେ ବଜାରରୁ ଏହା ଉଭାନ୍ ହୋଇଯାଇଥିଲା। ପରେ କଳାବଜାର ଆରମ୍ଭ ହୋଇଥିଲା। ମାସ୍କ ପରେ ଏବେ ବଜାରରେ ରୁମାଲର ଚାହିଦା ବୃଦ୍ଧିପାଇଛି। ମାସ୍କ ପରି ରୁମାଲରେ ନ ଥିବା ଗୁଜବ ହେଉଛି। ଗୋଟିଏ ମାସ୍କର ଦାମ୍ ୫୦ରୁ ୭୦ ଟଙ୍କାରେ ବିକ୍ରି ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଖଣ୍ଡେ ରୁମାଲର ଦାମ ୨୦ରୁ ୩୦ଟଙ୍କା ରହିଥିବା ବେଳେ ଏହାର ଦାମ ହଠାତ୍ ବୃଦ୍ଧି ପାଇଥିବା ଜଣେ ଯୁବକ କହିଛନ୍ତି। ରୁମାଲର ଦାମ ୫୦ ଟଙ୍କାରେ ବିକ୍ରି ହେଉଥିବା ସେ କହିଛନ୍ତି। ଔଷଧ ଦୋକାନରେ ସାନିଟାଇଜେଶନ ଏବଂ ହ୍ୟାଣ୍ଡୱାଶର ବ୍ୟାପକ କଳାବଜାର ଚାଲିଥିବା ଅଭିଯୋଗ ହେଉଛି।

# କରୋନା ମୁକାବିଲା ନେଇ ବ୍ଲକ ପ୍ରଶାସନର ବୈଠକ

**ଖଣ୍ଡପଡା,୧୮।୩(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ କରୋନା ଭୂତାଣୁ ସମ୍ପର୍କରେ ସଚେତନତା ସୃଷ୍ଟି ନେଇ ଏକ ବୈଠକ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ପ୍ରମୋଦ କୁମାର ନାୟକ, ତହସିଲଦାର ପାର୍ଥ ସାରଥି ହାଁସଦା, ଏବିଡିଓ ଦୁର୍ଗାମାଧବ ରଥ, ସହକାରୀ ଯନ୍ତ୍ରୀ ବୃନ୍ଦାବନ ବରିହା, ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ, ବରିଷ୍ଠ ଅଧିକାରିଣୀ ପୁଷ୍ପାଞ୍ଜଳି ପରମଗୁରୁ ପ୍ରମୁଖ ଉପସ୍ଥିତ ରହି କରୋନା ଭୂତାଣୁର ଭୟାବହତା ଓ ଏହାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମେଳା ମହୋତ୍ସବରୁ ଦୂରେଇ ରହିବା, ମାସ୍କ ଓ ହ୍ୟାଣ୍ଡୱାଶ ବ୍ୟବହାର କରିବା, ଜରୁରୀ କାଳୀନ ପରିସ୍ଥିତିରେ ବାହାରକୁ ଗଲାବେଳେ ସତର୍କତା ଅବଲମ୍ବନ କରିବା, କାଶ, ଥଣ୍ଡା କିମ୍ବା ଜ୍ୱର ଆସିଲେ ତତ୍କ୍ଷଣାତ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀମାନଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ପାଇଁ ଅଧିକାରୀମାନେ ସୂଚନା ଦେଇଥିଲେ । ବ୍ଲକର ୨୨ ପଞ୍ଚାୟତରେ କରୋନା ସମ୍ପର୍କରେ ପ୍ରଚାର କରାଯିବ ବୋଲି ବ୍ଲକ ଅଧ୍ୟକ୍ଷ ସୂଚନା ଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧି।

# ଦେଖାଯାଉନି ଘରଚଟିଆଙ୍କ ଧୂଳିଗାଧୁଆ ଦୃଶ୍ୟ

**ବିଶ୍ୱ ଘରଚଟିଆ ଦିବସ**

**ଅଜୟ କୁମାର ମହାରଣା**
**ଖଣ୍ଡପଡା,୧୮।୩:**

ମଣିଷ ଓ ପଶୁପକ୍ଷୀଙ୍କ ସହାବସ୍ଥାନ ପ୍ରକୃତିର ନିଷ୍ପତ୍ତି। ମାତ୍ର ସ୍ରଷ୍ଟାଙ୍କ ଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷର କ୍ରୁରତାରେ ପଶୁପକ୍ଷୀଙ୍କ ଜୀବନ ଏବେ ବିପନ୍ନ। ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ବଣ ଜଙ୍ଗଲ, ଗଛଲତାକୁ ଧ୍ୱଂସ କରି କଂକ୍ରିଟ ସହର ଗଢିବାରେ ଲାଗିଛି। ଫଳରେ ଅନେକ ଜୀବଜନ୍ତୁ ବାସହରା ହେବା ସହ କ୍ରମଶଃ ପଶୁପକ୍ଷୀଙ୍କ ଦ୍ରୁତ ଅବକ୍ଷୟ ହେବାକୁ ବସିଲାଣି। ସେହିପରି ଜଳବାୟୁର ପରିବର୍ତ୍ତନ, କୃଷି କ୍ଷେତ୍ରରେ ମାତ୍ରାଧିକ କୀଟନାଶକ ପ୍ରୟୋଗ, ମୋବାଇଲ ଟାୱାରର ମାଇକ୍ରୋୱେଭ ତରଙ୍ଗ ଯୋଗୁ କେତେକ ଉପକାରୀ ପକ୍ଷୀ ଲୋପ ପାଇବାକୁ ବସିଲେଣି। ସେଥିମଧ୍ୟରେ ଘରଚଟିଆ ଅନ୍ୟତମ। ଗାଁ ଦାଣ୍ଡରେ ଏହି ପକ୍ଷୀଙ୍କ ଧୂଳିଗାଧୁଆ ଦୃଶ୍ୟ ନିଆରା। ହେଲେ ଏହି ଦୃଶ୍ୟ ଆଉ ଦେଖିବାକୁ ମିଳୁନି।

ପ୍ରାକୃତିକ ପରିବେଶରେ ଘୋର ପରିବର୍ତ୍ତନ ଦେଖାଦେଉଛି। ସମ୍ପ୍ରତି କେବଳ ଶୀତ, ବର୍ଷା ଓ ଗ୍ରୀଷ୍ମ ଋତୁ ଅନୁଭବ କରି



ହେଉଥିବା ବେଳେ ଅନ୍ୟ ଋତୁର ଉପସ୍ଥିତି ଜାଣି ହେଉନାହିଁ। ପରିବେଶ ସହ ତାଳଦେଇ ଗାଁ ପରିବେଶ ବଦଳି ଗଲାଣି । ଗାଁ ଦାଣ୍ଡ ଧୂଳି ପରିବର୍ତ୍ତେ କଂକ୍ରିଟ ଚଟାଣ ଓ ପ୍ରାୟ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଳ ଛପର ଗୃହ ଏବେ ପକ୍କା ଘରରେ ପରିଣତ ହୋଇଛି। ଆମମାନଙ୍କ ପିଲାଦିନେ ପ୍ରାୟ ସମସ୍ତଙ୍କର ଚାଳଛପର ଘର ଥିଲା। ଓଳି ତଳକୁ ଚାଳରେ ଗୋଟିଏ ଗୋଟିଏ କଣା ଦୃଶ୍ୟମାନ ହେଉଥିଲା। ସେହି କଣାରେ ଘରଚଟିଆମାନେ ବସାବାନ୍ଧି ରହୁଥିଲେ। ଅତି ଛୋଟ ପକ୍ଷୀଟିଏ ଘରଚଟିଆ। ଏହା ଥରକୁ ୨ କିମ୍ବା ୩ଟି ଅଣ୍ଡା ଦେଇ ବଂଶବିସ୍ତାର କରିଥାଏ। ଦାଣ୍ଡ ଅଗଣାରେ ଦଳ ଦଳ ହୋଇ ଖାଦ୍ୟ ସଂଗ୍ରହ କରୁଥିବା ଏହି ପକ୍ଷୀମାନଙ୍କ କିଚିରିମିଚିରି ଶବ୍ଦ ଭାରି ଭଲ ଲାଗେ। ଗାଁ ଦାଣ୍ଡରେ ଏମାନଙ୍କ ଧୂଳି ଗାଧୁଆ ଦୃଶ୍ୟ ଖୁବ୍ ଆକର୍ଷଣ ଲାଗିଥାଏ। ମାତ୍ର ସମ୍ପ୍ରତି ବାସସ୍ଥଳୀ ସଂକଟ, ଖାଦ୍ୟାଭାବ ଓ ପରିବେଶ ପ୍ରଦୂଷଣ ଆଦି କାରଣରୁ କ୍ଷୁଦ୍ର ପକ୍ଷୀ ଘରଚଟିଆଙ୍କ ବଂଶ ଲୋପ ପାଇବାକୁ ବସିଲାଣି। ଏଣୁ ଗାଁ ଦାଣ୍ଡରେ ଡେଇଁ ଡେଇଁ ଦାନା ଅଣ୍ଡାଳିବା ହେଉ ଅବା ଗ୍ରୀଷ୍ମ ଋତୁରେ ଧୂଳି ଗାଧୁଆ ଦୃଶ୍ୟ ଏବେ ଦେଖିବାକୁ ମିଳୁନି। ଘରଚଟିଆ ମଣିଷର ଖୁବ୍ ଉପକାରୀ। କୃଷକର ପରମ ବନ୍ଧୁ । ଶସ୍ୟରେ ଥିବା ଅପକାରୀ କୀଟ ହିଁ ତାର ଖାଦ୍ୟ । ତେଣୁ ଶସ୍ୟ ସଂରକ୍ଷଣ ହୋଇ ବହୁଦିନ ରହିପାରେ। ଏହି ପକ୍ଷୀ ବର୍ଷାର ଆଗମନ ସମ୍ପର୍କରେ ସୂଚନା ଦେଇଥାନ୍ତି। ଯଦି ସେମାନେ ଦଳ ଦଳ ହୋଇ ଦାଣ୍ଡ ଧୂଳିରେ ଖେଳାଖେଳି କରନ୍ତି ତେବେ କିଛି ସମୟ ପରେ ବର୍ଷା ନିଶ୍ଚିତ ହେବ ବୋଲି ଜଣାପଡିଥାଏ। ସେହିପରି ପକ୍ଷୀଟି ଯଦି ନିଜ ବସାକୁ ବାରମ୍ବାର ପଶେ ଓ ବାହାରେ ତେବେ ଝଡବତାସର ମଧ୍ୟ ସୂଚନା ମିଳୁଥିଲା। ଏହି ପକ୍ଷୀମାନେ ଗାଁ ଗୋହିରି, ଜମିବାଡିରୁ ଉଇ, ଝିଣ୍ଟିକା, ପୋକଜୋକକୁ ଆହାର ଭାବେ ଗ୍ରହଣ କରିଥାନ୍ତି। ମାତ୍ର କୃଷି କାର୍ଯ୍ୟରେ ବ୍ୟାପକ କୀଟନାଶକ ପ୍ରୟୋଗ ହେତୁ ବହୁ କୀଟପତଙ୍ଗ ନଷ୍ଟ ହୋଇ ସେମାନଙ୍କ ପାଇଁ ଖାଦ୍ୟ ସଂକଟ ସୃଷ୍ଟି କରୁଛି। ଏପରି ପକ୍ଷୀର ସୁରକ୍ଷା କରା ନ ଗଲେ ଆଗାମୀ ପିଢି ସେମାନଙ୍କୁ ଦେଖିବାର ସୁଯୋଗ ପାଇପାରିବେ ନାହିଁ।

### ଘରଚଟିଆଙ୍କ ବଂଶବୃଦ୍ଧି ପାଇଁ ଉଦ୍ୟମ

ଘରଚଟିଆଙ୍କ ବଂଶବୃଦ୍ଧି ପାଇଁ ବିଶ୍ୱ ବ୍ୟାପୀ ଉଦ୍ୟମ ଚାଲିଛି । ତେବେ ନାସିକର ବିଶିଷ୍ଟ ପକ୍ଷୀପ୍ରେମୀ ମହମ୍ମଦ ଇ ଦିଲ୍ଲାବରଙ୍କ ନିଷ୍ଠାପର ପ୍ରୟାସ ଯୋଗୁ ଘରଚଟିଆଙ୍କ ଉଦ୍ଦେଶ୍ୟରେ ୨୦୧୦ ମାର୍ଚ୍ଚ ୨୦ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ଘରଚଟିଆ' ଦିବସ ପାଳନ କରାଯାଉଛି। ନୟାଗଡ ଜିଲାର ଜଣେ ଯୁବ ଇଞ୍ଜିନିୟର ହେଉଛନ୍ତି ଆଦିତ୍ୟ କୁମାର ଦାଶ। ବିନା ସରକାରୀ ସାହାଯ୍ୟରେ ସେ 'ଗ୍ରୀନ୍ ଆର୍ଥ' ନାମକ ଏକ ସଂଗଠନ କରି ୨୦୧୭ ମସିହାରୁ ଜିଲାରେ ପ୍ରଥମ କରି ଘରଚଟିଆଙ୍କ ବଂଶ ବୃଦ୍ଧି ପାଇଁ ଉଦ୍ୟମ କରିଥିଲେ। ଆଦିତ୍ୟ ଖଣ୍ଡପଡା ବ୍ଲକର ଶିଖରପୁର, ନୟାଗଡ ବ୍ଲକ ନାଗମୁଣ୍ଡୁଳୀ, ମୁକ୍ତାପୁର, ଜିଲା ସଦରମହକୁମାର ମିଶ୍ର କଲୋନୀ, ଲକ୍ଷ୍ମୀ ବଜାର, ଓଡଗାଁ ବ୍ଲକର ଗୁଡୁପଡା, ସାନକୁଟୁଣୀ, ନୂଆଗାଁ ବ୍ଲକର ଢେଙ୍କଣା, ରଣପୁର ବ୍ଲକ ତଳାରିବନ୍ଧ ଆଦି ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରିଥିଲେ। ଘରଚଟିଆଙ୍କ ସୁରକ୍ଷା ପାଇଁ ମାଟି ହାଣ୍ଡି ଓ କାଠର କୃତ୍ରିମ ବସା ତିଆରି କରି ଘର କାନ୍ଥ ଓ ବିଭିନ୍ନ ସ୍ଥାନରେ ରଖିବାକୁ ପ୍ରବର୍ତ୍ତାଇଥିଲେ। ସେହିପରି ଗଛସାର ଭାବେ ପରିଚିତ କଣ୍ଟିଲୋ ଅଞ୍ଚଳର ପରିବେଶବିତ୍ ଅନ୍ତର୍ଯାମୀ ସାହୁ ନିଜ ପ୍ରଚେଷ୍ଟାରେ ଜିଲା ତଥା ଜିଲା ବାହାରେ ଘରଚଟିଆଙ୍କ ବଂଶ ବିସ୍ତାର ପାଇଁ ପ୍ରୟାସ ଜାରି ରଖିଛନ୍ତି। ସେ ରାସ୍ତା କଡ, ମାଳବନ୍ଧ ଓ ଗ୍ରାମ ଜଙ୍ଗଲରେ ଏହି ପକ୍ଷୀ ବସା ବାନ୍ଧିବା ପାଇଁ ଖଜୁରି, ତାଳ ଓ ଅନ୍ୟାନ୍ୟ ବୃକ୍ଷ ରୋପଣ କରୁଥିବା ପରିଲକ୍ଷିତ ହେଉଛି।